# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ (୧୮ ପୃଷ୍ଠା) | Bhubaneswar, Friday, November 3/2023 | Page 18 | ₹ 7.00

୪୯ଶ ଭାଗ ୩୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 338 | ମୂଲ୍ୟ ₹୭/-




## ସଂକ୍ଷେପରେ

### ଭାରତ ଆସିବେ ବ୍ଲିଙ୍କେନ୍, ଅଷ୍ଟିନ୍



**ନୂଆଦିଲ୍ଲୀ,୨।୧୧:** ନୂଆଦିଲ୍ଲୀରେ ୨ ପ୍ଲସ୍ ୨ ମନ୍ତ୍ରଣାଳୟସ୍ତରୀୟ ଆଲୋଚନା ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଏବଂ ପ୍ରତିରକ୍ଷା ସଚିବ ଲ୍ଲଡ ଅଷ୍ଟିନ୍ ଚଳିତ ମାସରେ ଭାରତ ଗସ୍ତରେ ଆସିବେ। ସେମାନେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ବହିର୍ବ୍ୟାପାର, ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ତେବେ ସେମାନଙ୍କ ଗସ୍ତର ନିର୍ଦ୍ଦିଷ୍ଟ ତାରିଖ ଜଣାପଡ଼ିନାହିଁ।

### ଫେବୃୟାରୀ ୮ରେ ପାକିସ୍ତାନ ନିର୍ବାଚନ

**ଇସ୍ଲାମାବାଦ,୨।୧୧:** ପାକିସ୍ତାନର ସାଧାରଣ ନିର୍ବାଚନ ଆସନ୍ତାବର୍ଷ ଫେବୃୟାରୀ ୮ରେ ଅନୁଷ୍ଠିତ ହେବ। ନିର୍ବାଚନ କମିଶନ ରାଷ୍ଟ୍ରପତି ଅରିଫ୍ ଆଲ୍‌ଭିଙ୍କୁ ଭେଟିବା ପରେ ଗୁରୁବାର ଏହା ଘୋଷଣା କରାଯାଇଛି। କିଛି ସମୟ ପୂର୍ବରୁ କମିଶନଙ୍କ ଓକିଲ ନିର୍ବାଚନ ଫେବୃୟାରୀ ୧୧ରେ ହେବ ବୋଲି ପାକ୍ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କମିଶନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବା ପରେ ତାରିଖ ପରିବର୍ତ୍ତନ ହୋଇଛି। ଜାନୁୟାରୀ ଶେଷ ସପ୍ତାହରେ ନିର୍ବାଚନ ହେବ ବୋଲି ପୂର୍ବରୁ ନିର୍ବାଚନ କମିଶନ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ କହିବାକୁ ମନା କରିଦେଇଥିଲେ। ନିୟମ ଅନୁଯାୟୀ ନ୍ୟାଶନାଲ ଆସେମ୍ବ୍ଲି ଭଙ୍ଗ ହେବାର ୯୦ ଦିନ ମଧ୍ୟରେ ଦେଶରେ ନିର୍ବାଚନ କରାଇବା କଥା। ନଭେମ୍ବର ୭ରେ ଏହି ସମୟସୀମା ଶେଷ ହେଉଛି। ଚଳିତ ବର୍ଷ ମାର୍ଚ୍ଚ-ଏପ୍ରିଲରେ ହୋଇଥିବା ନୂଆ ଜନଗଣନା ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଚାଲିଥିବାରୁ ସାଧାରଣ ନିର୍ବାଚନ ବିଳମ୍ବିତ ହେଉଛି।

### ସ୍କୁଲ ପିଲାଙ୍କୁ ପଢ଼ାଯିବ ନିର୍ବାଚନୀ ପାଠ

**ନୂଆଦିଲ୍ଲୀ,୨।୧୧(ପି.ଟି.):** ସାରା ଦେଶରେ ନିର୍ବାଚନ ସମ୍ପର୍କିତ ସାକ୍ଷରତା ପାଇଁ ବିଦ୍ୟାଳୟସ୍ତରରେ ପିଲାମାନଙ୍କୁ ପାଠ ପଢ଼ାଯିବ। ଏଥିପାଇଁ ନିର୍ବାଚନ କମିଶନ (ଇସି) ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଗୁରୁବାର ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏମ୍‌ଓୟୁ ଅନୁଯାୟୀ ସବୁ ସ୍କୁଲ୍‌ର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାମାନଙ୍କ ପାଠ୍ୟକ୍ରମରେ ସମନ୍ୱିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ସାକ୍ଷରତା ସାମିଲ କରାଯିବ। 'ଶ୍ରେଣୀଗୃହରୁ ମତଦାନ କେନ୍ଦ୍ର' ବିଚାରଧାରା ସ୍କୁଲ୍ ପିଲାମାନଙ୍କୁ ସେମାନଙ୍କ ପ୍ରଥମ ଭୋଟ ପାଇଁ ପ୍ରସ୍ତୁତ କରିବ ବୋଲି ଇସି କହିଛନ୍ତି। ଏଥିପାଇଁ ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନ୍‌ସିଇଆର୍‌ଟି) ପାଠ୍ୟପୁସ୍ତକ ପ୍ରଚଳନ ଓ ଏଥିରେ ସଂଶୋଧନ କରିବ। ଏନେଇ ଏନ୍‌ସିଇଆର୍‌ଟି ରାଜ୍ୟ ଶିକ୍ଷା ବୋର୍ଡ ସମେତ ଅନ୍ୟାନ୍ୟ ଶିକ୍ଷା ବୋର୍ଡକୁ ପରାମର୍ଶ ଦେବ। ୨୦୧୯ ଲୋକ ସଭା ନିର୍ବାଚନରେ ୯୧ କୋଟି ଭୋଟରଙ୍କ ମଧ୍ୟରୁ ୨୯.୭ କୋଟି ଭୋଟ ଦେଇ ନ ଥିଲେ। ୬୭.୪ ପ୍ରତିଶତ ଭୋଟିଂକୁ ନିର୍ବାଚନ କମିଶନ ଏକ ଚ୍ୟାଲେଞ୍ଜ ଭାବେ ନେଇ ଏଥିରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି।

# 'ଏଥିକ୍ସ କମିଟିର ଅନ୍‌ଏଥିକାଲ ପ୍ରଶ୍ନ'

## ବାଚସ୍ପତିଙ୍କୁ ପତ୍ର ଲେଖିଲେ ମହୁଆ ମୋଇତ୍ର



**ନୂଆଦିଲ୍ଲୀ,୨।୧୧**

ପ୍ରଶ୍ନ ପାଇଁ ଲାଞ୍ଚ ପ୍ରସଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ଗୁରୁବାର ପାର୍ଲାମେଣ୍ଟାରି ଏଥିକ୍ସ କମିଟି ଆଗରେ ହାଜର ହୋଇଥିଲେ। କିନ୍ତୁ ଏଥିକ୍ସ (ସଦାଚାର) କମିଟି ତାଙ୍କୁ ଅନ୍‌ଏଥିକାଲ (ଅନୈତିକ) ପ୍ରଶ୍ନ କରିଥିବା ଦର୍ଶାଇ ସେ ଓ ବିରୋଧୀ ଏମ୍‌ପିମାନେ ସେଠାରୁ ଚାଲିଆସିଥିଲେ। ଅନ୍ୟପକ୍ଷେ ମହୁଆ ସହଯୋଗ କରିବା ପରିବର୍ତ୍ତେ ଅଧିକ ପ୍ରଶ୍ନର ଉତ୍ତର ଏଡ଼ାଇବା ପାଇଁ ଅଧାରୁ ଉଠିଆସିଥିବା ଏଥିକ୍ସ କମିଟି ଅଧ୍ୟକ୍ଷ ବିନୋଦ କୁମାର ସୋନ୍‌କର କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦିନସାରା ହାଇଡ୍ରାମା ଦେଖିବାକୁ ମିଳିଥିଲା।

ପଶ୍ଚିମବଙ୍ଗର ଶାସକ ଦଳ ଟିଏମ୍‌ସିର କ୍ରିଷ୍ଣାନଗର ଏମ୍‌ପି ମହୁଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଡୁଆରେ ପକାଇବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ୨ କୋଟି ଟଙ୍କା ଲାଞ୍ଚନେଇ ପାର୍ଲାମେଣ୍ଟରେ ଶିଳ୍ପପତି ଗୌତମ ଆଦାନୀଙ୍କ ଉପରେ ପ୍ରଶ୍ନ କରିଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଥିଲେ। ଏପରି କି ତାଙ୍କ ସଂସଦୀୟ ଲଗ୍‌ଇନ୍ ଆଇଡି ଦୁବାଇରେ ବ୍ୟବହାର କରାଯାଇଥିବା ନେଇ ମଧ୍ୟ ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାଜପା ଏହାକୁ ଜାତୀୟ ସୁରକ୍ଷା ସହ ସାଲିସ ଦର୍ଶାଇ ମହୁଆଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଥିଲା। ବାଚସ୍ପତି ଏହି ପ୍ରସଙ୍ଗରେ ତଦନ୍ତ କରିବାକୁ ଭାଜପା ଏମ୍‌ପି ବିନୋଦ ସୋନ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଏଥିକ୍ସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସଙ୍ଗରେ ସମନ ପାଇ ମହୁଆ ତଥ୍ୟ ସମ୍ବଳିତ ୩ଟି ବ୍ୟାଗ୍ ଧରି ଉକ୍ତ କମିଟି ଆଗରେ ହାଜର ହୋଇଥିଲେ। କମିଟି ପକ୍ଷରୁ ତାଙ୍କୁ କେତେକ ଅବାନ୍ତର ପ୍ରଶ୍ନ କରାଯାଇଥିଲା। ଦର୍ଶନଙ୍କ ସହ ତାଙ୍କର କି ସମ୍ପର୍କ ରହିଛି ବୋଲି ପଚରାଯାଇଥିଲା। ମହୁଆ ପାର୍ଲାମେଣ୍ଟ ୱେବ୍‌ସାଇଟ୍‌ରେ ନିଜ ଆକାଉଣ୍ଟ ଆକ୍‌ସେସ୍ କରିବାକୁ ଦର୍ଶନଙ୍କୁ ଲଗ୍‌ଇନ୍ ଆଇଡି ଦେଇଥିବା ବିଷୟ ସ୍ୱୀକାର କରିଥିଲେ। ୨୦୨୩ରେ ଆପଣ ଦର୍ଶନଙ୍କୁ କେତେଥର ଯୋଗାଯୋଗ କରିଥିଲେ? ଆପଣ କେତେଥର ଦୁବାଇ ଯାଇଥିଲେ ଏବଂ ସେଠରେ କେଉଁ ହୋଟେଲରେ ଅବସ୍ଥାନ କରିଥିଲେ ବୋଲି କମିଟି ପକ୍ଷରୁ ବାରମ୍ବାର ପଚରାଯିବା ପରେ ମହୁଆ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସଦସ୍ୟ ଦାନିଶ୍ ଅଲୀ ଏବଂ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ଗିରିଧାରୀ ଯାଦବଙ୍କ ସହ ସେଠାରୁ ଉଠି ବାହାରକୁ ଚାଲିଆସିଥିଲେ। ବିରୋଧୀ ଏମ୍‌ପିମାନେ କହିଛନ୍ତି, କମିଟି ମହୁଆଙ୍କୁ ବ୍ୟକ୍ତିଗତ, ଅଶାଳୀନ ଏବଂ ଅନୈତିକ ପ୍ରଶ୍ନ କରିଥିଲେ। ଏଭଳି ପ୍ରଶ୍ନ ଶୁଣି ମହୁଆ ବିଚଳିତ ହୋଇଯାଇଥିଲେ। ଏପରି କି ବୈଠକ ଚାଲିଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟ ବାହାରେ ସବୁ କଥା ପ୍ରଘଟ କରିଥିଲେ। ଏହା କେଉଁ ପ୍ରକାର ବୈଠକ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ମହୁଆ ମଧ୍ୟ ସେମାନଙ୍କ ପ୍ରଶ୍ନକୁ ନେଇ କାନ୍ଦି ପକାଇଥିବା କହି ଗଣମାଧ୍ୟମକୁ ନିଜ ଲୁହ ଦେଖାଇଛନ୍ତି। ଏହା ପୂର୍ବରୁ କମିଟି ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତରରେ ମହୁଆ କହିଥିଲେ, ସୁପ୍ରିମକୋର୍ଟ ଓକିଲ ଜୟ ଅନନ୍ତ ଦେହରାଦାଇଙ୍କ ସହ ତାଙ୍କର ତିକ୍ତତାପୂର୍ଣ୍ଣ ବ୍ୟକ୍ତିଗତ ସମ୍ପର୍କକୁ ନେଇ ଉଦ୍ଦେଶ୍ୟମୂଳକ ଭାବେ ପ୍ରଶ୍ନ କରାଯାଉଛି। ଏନେଇ ମହୁଆ ବାଚସ୍ପତିଙ୍କ ନିକଟକୁ ପତ୍ର ଲେଖି ଅଭିଯୋଗ ଆଣିଛନ୍ତି। ଜୟ ଅନନ୍ତ ହେଉଛନ୍ତି ସେହି ଆଇନଜୀବୀ, ଯିଏକି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ମହୁଆଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ।

ଅନ୍ୟପକ୍ଷେ ଏଥିକ୍ସ କମିଟି ମୁଖ୍ୟ ବିନୋଦ କହିଛନ୍ତି, ମହୁଆଙ୍କୁ ପ୍ରଶ୍ନ କରାଯାଉଥିବାବେଳେ ସେ ତଦନ୍ତରେ ସହଯୋଗ କରି ନ ଥିଲେ। ସେ କମିଟି ବିରୋଧରେ ଅପଶବ୍ଦ ବ୍ୟବହାର କରିଥିଲେ। ବିରୋଧୀ ସଦସ୍ୟମାନେ ମଧ୍ୟ କ୍ରୋଧିତ ହୋଇ କକ୍ଷତ୍ୟାଗ କରିଥିଲେ। ପ୍ୟାନେଲ ଏବଂ ମୋ କାର୍ଯ୍ୟଶୈଳୀକୁ ନେଇ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଛି। ଏଥିକ୍ସ କମିଟି ସଦସ୍ୟା ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ମହୁଆଙ୍କୁ ଦର୍ଶନ ହୀରାନନ୍ଦାନୀଙ୍କ ସତ୍ୟପାଠ ଉପରେ ପ୍ରଶ୍ନ କରାଯିବାରୁ ସେ କ୍ରୋଧିତ ହୋଇ ଅହଂକାରପୂର୍ଣ୍ଣ ବ୍ୟବହାର ଦେଖାଇଥିଲେ। କଂଗ୍ରେସ ଏମ୍‌ପି ତଥା ପ୍ୟାନେଲ ସଦସ୍ୟ ଏନ୍. ଉତ୍ତମ କୁମାର କହିଛନ୍ତି, ଏଥିକ୍ସ କମିଟି ଅଧ୍ୟକ୍ଷ ଅନ୍ୟ କାହାର ଇଙ୍ଗିତରେ କାର୍ଯ୍ୟ କରୁଥିବା ମନେହେଉଛି। ଅଧ୍ୟକ୍ଷ ମହୁଆଙ୍କୁ ଆପଣ କେଉଁଆଡ଼େ ଯାଇଥାଆନ୍ତି? କାହାକୁ ଭେଟନ୍ତି? ଆପଣଙ୍କ ବ୍ୟକ୍ତିଗତ ଫୋନ୍ ରେକର୍ଡ ଦେଇପାରିବେ କି ବୋଲି ପ୍ରଶ୍ନ କରିଥିଲେ। ତେବେ ଜଣେ ମହିଳା ଏମ୍‌ପିଙ୍କୁ ବ୍ୟକ୍ତିଗତ ପ୍ରଶ୍ନ କରିବା ଅଧିକାର ଏଥିକ୍ସ କମିଟିର ନାହିଁ ବୋଲି ଗିରିଧାରୀ କହିଛନ୍ତି। ନିଶିକାନ୍ତଙ୍କ ମତରେ ମହୁଆ ଏଥିକ୍ସ କମିଟି ସମ୍ପର୍କରେ ଭୁଲ୍ ଧାରଣା ସୃଷ୍ଟି ପାଇଁ ଉଦ୍ୟମ କରୁଛନ୍ତି। ତାଙ୍କୁ କୌଣସି ଶକ୍ତି ରକ୍ଷା କରିପାରିବ ନାହିଁ।

# ଇଡି ଅଫିସ୍‌କୁ ଗଲେନି କେଜ୍‌ରିୱାଲ



**ନୂଆଦିଲ୍ଲୀ,୨।୧୧**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟାଳୟରେ ହାଜର ହୋଇନାହାନ୍ତି। କେନ୍ଦ୍ରୀୟ ଏଜେନ୍ସି ମନିଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ବଳରେ କେଜ୍‌ରିୱାଲଙ୍କ ବୟାନ ରେକର୍ଡ ପାଇଁ ତାଙ୍କ ନିକଟକୁ ସୋମବାର ସମନ ପଠାଯାଇଥିଲା। କେଜ୍‌ରିୱାଲ ଏହାକୁ ଅସ୍ପଷ୍ଟ, ଆଧାରହୀନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଦର୍ଶାଇ ପ୍ରତ୍ୟାହାର କରିନେବାକୁ ଇଡିକୁ ପତ୍ର ଲେଖିଛନ୍ତି। ଏଥିସହ ଇଡି ଏବଂ ଭାଜପା ମଧ୍ୟରେ ପ୍ରଭେଦ ଦର୍ଶାଇବା କଠିନ କାର୍ଯ୍ୟ ବୋଲି ସେ କହିଛନ୍ତି। ଜଣେ ଇଡି ଅଧିକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଜବାବର ଯାଞ୍ଚ କରାଯାଉଛି। ଅନ୍ୟ ଏକ ତାରିଖରେ ତାଙ୍କୁ ହାଜିରା ପାଇଁ ପୁନଃ ସମନ କରାଯାଇପାରେ। କାରଣ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ୬-୮ ମାସରେ ଶେଷ କରିବା ବିଷୟରେ ସହମତି ପ୍ରକାଶ କରିଛନ୍ତି। ଏହି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ଏଏପି ଏମ୍‌ପି ସଞ୍ଜୟ ସିଂ ବିଚାରବିଭାଗୀୟ ହାଜତରେ ଅଛନ୍ତି।

# ଲାଞ୍ଚ ନେଇ ଇଡି ଅଧିକାରୀ ଗିରଫ

**ଜୟପୁର,୨।୧୧**

ଏକ ଚିଟ୍‌ଫଣ୍ଡ ମାମଲା ରଫାଦଫା କରିବା ପାଇଁ ୧୫ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଜଣେ ଅଧିକାରୀଙ୍କୁ ଗୁରୁବାର ରାଜସ୍ଥାନ ପୋଲିସ ଗିରଫ କରିଛି।

ନଭଲ କିଶୋର ମୀନା ମଣିପୁରର ଇମ୍ଫାଲରେ ଇଡିର ଏନ୍‌ଫୋର୍ସମେଣ୍ଟ ଅଫିସର ଭାବେ ଅବସ୍ଥାପିତ ଥିଲେ। ସେ ଏକ ଚିଟ୍‌ଫଣ୍ଡ ମାମଲାର ଅଭିଯୁକ୍ତଙ୍କଠାରୁ ରଫାଦଫା ପାଇଁ ୧୭ ଲକ୍ଷ ଟଙ୍କା ଦାବି କରିଥିଲେ। ଇମ୍ଫାଲ ଇଡି ପକ୍ଷରୁ ଚାଲିଥିବା ଉକ୍ତ ମାମଲାରେ ଅଫିସର ଟଙ୍କା ଦାବି କରୁଥିବା ବିଷୟରେ ଅଭିଯୁକ୍ତ ଜଣକ ରାଜସ୍ଥାନ ଆଣ୍ଟି-କରପ୍ସନ ବ୍ୟୁରୋ(ଏସିବି)କୁ ଅବଗତ କରାଇଥିଲେ। ଏହା ପରେ ସେ ୧୫ ଲକ୍ଷ ଟଙ୍କା ଲାଞ୍ଚ ଦେଉଥିବାବେଳେ ଏସିବି ଟିମ୍ ନଭଲ କିଶୋର ଏବଂ ତାଙ୍କ ସହିତ ଘନିଷ୍ଠ ସହଯୋଗୀ ବାବୁଲାଲ ମୀନାଙ୍କୁ ମଧ୍ୟ ଧରିଥିଲା।

# ପିପୁଲ୍ସ ଗ୍ରୁପ୍‌ର ୨୨୩୦ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ଭୋପାଳ,୨।୧୧(ପି.ଟି.)**

ଇଡି ଭୋପାଳ ପିପୁଲ୍ସ ଗ୍ରୁପ୍‌ର ୨୩୦.୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ଏହି ସମ୍ପତ୍ତି ମଧ୍ୟରେ ରହିଛି କେତେକ ସ୍କୁଲ୍, କଲେଜ, କାଗଜ କଳ ଓ ଅନ୍ୟାନ୍ୟ ବିଲ୍ଡିଂ। ରେଜିଷ୍ଟ୍ରାର ଅଫ୍ କମ୍ପାନିଜ୍ ପକ୍ଷରୁ ସୁରେଶ ନାରାୟଣ ବିଜୟଭର୍ଗୀୟ, ସ୍ୱର୍ଗତ ରାମବିଳାସ ବିଜୟଭର୍ଗୀୟ, ପିପଲ୍ସ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ସର୍ଭିସେସ୍ ପ୍ରା.ଲିଃ, ପିଜିଏଚ୍ ଇଣ୍ଟରନ୍ୟାଶନାଲ ପ୍ରା.ଲିଃ ଏବଂ ପିପୁଲ୍‌ସ ଜେନେରାଲ ହସ୍ପିଟାଲ ପ୍ରା.ଲିଃ ବିରୋଧରେ କମ୍ପାନୀ ଆଇନ, ୨୦୧୩ର ବିଭିନ୍ନ ଧାରାରେ ୩ଟି ଚାର୍ଜଶିଟ୍ ଦାଏର ହୋଇଥିଲା। ଏହାକୁ ଆଧାରକରି ଇଡି ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଆରମ୍ଭ କରିଥିଲା। ଜାଲିଆତି ପଦ୍ଧତିରେ ଉପରୋକ୍ତ ୩ କମ୍ପାନୀ ନାମରେ ସଂଗୃହୀତ ଏଫ୍‌ଡିଆଇ ଅର୍ଥକୁ ବିନିଯୋଗ କରି ବିଜୟଗର୍ଭୀୟ ଓ ତାଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକ ଧନୀ ହୋଇଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଇଡି ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ ପିପୁଲ୍ସ ଗ୍ରୁପ୍‌ର ୩ କମ୍ପାନୀ ୨୦୦୦ରୁ ୨୦୧୧ ମଧ୍ୟରେ ୪୯୪ କୋଟି ଟଙ୍କାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ପାଇଥିଲେ। ସେହି ଅର୍ଥକୁ ବିନା ସୁଧ କିମ୍ବା ଖୁବ୍ କମ୍ ସୁଧରେ ଏସ୍.ଏନ୍. ବିଜୟଭର୍ଗୀୟ ଓ ତାଙ୍କ ନିୟନ୍ତ୍ରଣରେ ଥିବା ସଂସ୍ଥାଗୁଡ଼ିକୁ ଋଣ, ସିକ୍ୟୁରିଟି ଜମା, ଅଗ୍ରିମ ଆଦି ନାମରେ ଦିଆଯାଇଥିଲା। ଏହି ଅର୍ଥକୁ ଆପରାଧିକ ଭାବେ ବିନିଯୋଗ କରି ୫୯୪.୬୫ କୋଟି ଟଙ୍କାର ଆୟ କରାଯାଇଥିଲା। ଜମି କିଣା ଓ ସମ୍ପତ୍ତି ସୃଷ୍ଟିରେ ବିଜୟଭର୍ଗୀୟ ଏବଂ ତାଙ୍କ ନିୟନ୍ତ୍ରଣରେ ଥିବା ପବ୍ଲିକ୍ ଟ୍ରଷ୍ଟ ପରମାର୍ଥିକ ଜନକଲ୍ୟାଣ ନ୍ୟାସ ଏବଂ ପିଜିଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ୍ ସର୍ଭିସେସ୍ ପ୍ରା.ଲିଃ. ଏହି ଅର୍ଥକୁ ବ୍ୟବହାର କରିଥିଲେ ବୋଲି ଇଡି କହିଛି।

# ନ୍ୟାୟ ମାଗିବାରୁ ୧୩ ବର୍ଷ ଜେଲ

## ହିଜାବ ବିରୋଧୀ ଆନ୍ଦୋଳନବେଳେ ପୋଲିସ ଗୁଳିରେ ଯାଇଥିଲା ପୁଅ ଜୀବନ

**ତେହରାନ,୨।୧୧**

ଗତବର୍ଷ ଇରାନରେ ଉଚିତ ଢଙ୍ଗରେ ହିଜାବ ପିନ୍ଧି ନ ଥିବା ଅଭିଯୋଗରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ କୁର୍ଦ୍ଦିଶ୍ ଯୁବତୀ ମହସା ଅମିନି ପ୍ରାଣ ହରାଇଥିଲେ। ଏହାର ପ୍ରତିବାଦରେ ଦେଶବ୍ୟାପୀ ବିକ୍ଷୋଭରେ ସାମିଲ ହୋଇଥିବା ମହମ୍ମଦ ଜାଭାଦ ଜାହେଦି(୨୦)ଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ମୃତ ବିକ୍ଷୋଭକାରୀ ମହମ୍ମଦଙ୍କ ପାଇଁ ତାଙ୍କ ମାଆ ମହସା ୟାଜଦାନି ନ୍ୟାୟ ମାଗିବାରୁ ତାଙ୍କୁ ଇରାନର ଏକ ଅଦାଲତ ୧୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଆଲ୍ଲାଙ୍କୁ ନିନ୍ଦା, ଉତ୍ତେଜନା ସୃଷ୍ଟି କରିବା, ସୁପ୍ରିମ ଲିଡରଙ୍କୁ ଅପମାନିତ କରିବା ଏବଂ ଶାସନ ବିରୋଧୀ ପ୍ରଚାର କରିବା ଅଭିଯୋଗ ଲଗାଯାଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ଜାହେଦିଙ୍କ ମୁଣ୍ଡ ଓ ପିଠିକୁ ଅତି ନିକଟରୁ ଏକାଧିକ ଗୁଳି କରାଯାଇଥିଲା। ବିକ୍ଷୋଭ ବେଳେ ପ୍ରାଣ ହରାଇଥିବା ତାଙ୍କ ପୁଅ ଓ ଅନ୍ୟମାନଙ୍କ ପାଇଁ ସେ ନ୍ୟାୟ ମାଗିଥିଲେ। ଗତ ଅଗଷ୍ଟରେ ତାଙ୍କୁ ଗିରଫ କରାଯାଇ ଏକ ଗୋପନ ସ୍ଥାନରେ ରଖାଯାଇଥିଲା।



ମହସା ୟାଜଦାନି

# ଦଳିତଙ୍କ ଉପରେ ପରିସ୍ରା କରି ୬ ଗିରଫ

**ତିରୁନେଲ୍‌ଭେଲି,୨।୧୧**

ତାମିଲନାଡୁର ତିରୁନେଲ୍‌ଭେଲି ଜିଲାରେ ୨ ଜଣ ଦଳିତ ବ୍ୟକ୍ତିଙ୍କୁ ମାଡ଼ ମାରିବା, ଉଲଗ୍ନ କରାଇବା, ସେମାନଙ୍କ ଉପରେ ପରିସ୍ରା କରିବା ଓ ସେମାନଙ୍କ ପାଖରେ ଥିବା ଟଙ୍କା ଲୁଟିବା ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଏଭଳି ଘଟଣାକୁ ବିଭିନ୍ନ ରାଜନୈତିକ ଦଳ ନିନ୍ଦା କରିଛନ୍ତି। ଭବିଷ୍ୟତରେ ଯେପରି ଏଭଳି ଘଟଣା ନ ଘଟେ, ସେଥିପାଇଁ ପଦକ୍ଷେପ ନେବାକୁ ଦଳଗୁଡ଼ିକ ଆହ୍ୱାନ ଦେଇଛନ୍ତି।

# ସିଇଆର୍‌ଟି-ଆଇଏନ୍‌ର ତଦନ୍ତ ଆରମ୍ଭ

## ରାଷ୍ଟ୍ର ପ୍ରାୟୋଜିତ ହ୍ୟାକିଂ ଅଭିଯୋଗ



## ଆପଲ୍‌କୁ କେନ୍ଦ୍ରର ନୋଟିସ

**ନୂଆଦିଲ୍ଲୀ,୨।୧୧**

ଆପଲ୍ ପକ୍ଷରୁ ଧମକପୂର୍ଣ୍ଣ ବିଜ୍ଞପ୍ତି ଜାରି ନେଇ ବିରୋଧୀ ଏମ୍‌ପିମାନେ ଅଭିଯୋଗ ଆଣିବା ପରେ ଇଣ୍ଡିଆନ୍ କମ୍ପ୍ୟୁଟର ଏମର୍ଜେନ୍ସି ରେସ୍ପନ୍ସ ଟିମ୍ (ସିଇଆର୍‌ଟି-ଆଇଏନ୍) ଏହା ଉପରେ ତଦନ୍ତ ଆରମ୍ଭ କରିବା ସହ ସମ୍ପୃକ୍ତ କମ୍ପାନୀକୁ ନୋଟିସ ପଠାଇଥିବା ସୂଚନା ପ୍ରଯୁକ୍ତି ସଚିବ ଏସ୍. କ୍ରିଷ୍ଣନ କହିଛନ୍ତି। ଆପଲ୍ ତଦନ୍ତରେ ସିଇଆର୍‌ଟି-ଆଇଏନ୍‌କୁ ସହଯୋଗ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ରାଷ୍ଟ୍ର ପ୍ରାୟୋଜିତ ଆକ୍ରମଣକାରୀମାନେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଇଫୋନ୍‌ଗୁଡ଼ିକ ଭିତରେ ମାଲ୍‌ୱେର ପ୍ରବେଶ କରାଇ ଡେଟା ସଂଗ୍ରହ ଜରିଆରେ ସେଗୁଡ଼ିକୁ ହ୍ୟାକିଂ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଆପଲ୍ ପକ୍ଷରୁ ସତର୍କତା ବାର୍ତ୍ତା ଆସିଥିବା ଗତ ମଙ୍ଗଳବାର ଅନେକ ବିରୋଧୀ ଦଳ ନେତା ଅଭିଯୋଗ ଆଣିଥିଲେ। ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉକ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଦଳୀୟ ନେତା ଶଶୀ ଥରୁର, ପୱନ ଖେରା, କେ.ସି. ବେଣୁଗୋପାଳ, ସୁପ୍ରିୟା ଶ୍ରୀନାଟେ, ଟି.ଏସ୍. ସିଂଦେଓ ଏବଂ ଭୂପିନ୍ଦର ସିଂ ହୁଡା, ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର, ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ଫୋନ୍‌କୁ ଆଲର୍ଟ ବିଜ୍ଞପ୍ତି ଆସିଥିବା ସେମାନେ ଅଭିଯୋଗ କରିଥିଲେ।

# ଗାଜା ମୃତ୍ୟୁ ୯ ହଜାର ଟପିଲା




ଜେନେଭାରେ ପାଲେଷ୍ଟିନୀୟଙ୍କ ସପକ୍ଷରେ ଆୟୋଜିତ ଶୋଭାଯାତ୍ରା ବେଳେ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ଲେଖାଯାଇଥିବା ବ୍ୟାନର ଧରିଛନ୍ତି ବିକ୍ଷୋଭକାରୀ।

**ରାଫାହ(ଗାଜା ଷ୍ଟ୍ରିପ୍),୨।୧୧**

ହମାସ୍‌ଶାସିତ ଗାଜା ଷ୍ଟ୍ରିପ୍‌ରେ ପାଖାପାଖି ୪ ସପ୍ତାହ ହେଲା ଇସ୍ରାଏଲ୍ ଚଳାଇଥିବା ଆକ୍ରମଣରେ ୯,୦୬୧ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ୩,୭୬୦ ଜଣଙ୍କ ବୟସ ୧୮ ବର୍ଷରୁ କମ୍ ବୋଲି ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଅନ୍ୟପକ୍ଷରେ ହମାସ୍ ଆକ୍ରମଣରେ ଇସ୍ରାଏଲ୍‌ରେ ୧,୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ଇସ୍ରାଏଲ୍‌ର ଗ୍ରାଉଣ୍ଡ ଟ୍ରୁପ୍ ଗାଜା ସିଟିରେ ପ୍ରବେଶ କରି ଆତଙ୍କବାଦୀଙ୍କ ସହ ଘମାଘୋଟ ଲଢ଼େଇ ଚଳାଇଛି। ଏହା ପୂର୍ବରୁ ଲୋକମାନଙ୍କୁ ଗାଜା ଛାଡ଼ି ଚାଲିଯିବାକୁ ବାରମ୍ବାର ଅନୁରୋଧ କରାଯାଇଥିଲା। ଗୁରୁବାର ସକାଳେ ଜନବହୁଳ ଗାଜା ସିଟିରେ ଥିବା ଅଲ୍ କ୍ୱାଡ୍ସ ହସ୍ପିଟାଲ ନିକଟରେ ବିସ୍ଫୋରଣ ହୋଇଥିଲା। ଗାଜାର ସବୁଠୁ ବଡ଼ ଶରଣାର୍ଥୀ ଶିବିର ଜାବାଲିଆରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ୨ ହମାସ ନେତା ନିହତ ହୋଇଛନ୍ତି।

# ଆଇଆଇଟି-ବିଏଚ୍‌ୟୁ କ୍ୟାମ୍ପସ୍‌ରେ ବିକ୍ଷୋଭ

## ଛାତ୍ରୀଙ୍କୁ ବାଇକ୍ ଆରୋହୀଙ୍କ ଅସଦାଚରଣ

**ବାରାଣସୀ,୨।୧୧**

ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ଜଣେ ଆଇଆଇଟି ଛାତ୍ରୀଙ୍କୁ ତାଙ୍କ ହଷ୍ଟେଲ ନିକଟରେ ୩ଜଣ ବାଇକ୍ ଆରୋହୀ ଅସଦାଚରଣ କରିବା ସହ ଉଲଗ୍ନ କରି ଏହାର ଭିଡିଓ ରେକର୍ଡିଂ କରିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଏଚ୍‌ୟୁ ଛାତ୍ରୀଛାତ୍ର ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅସଦାଚରଣ ଘଟଣାରେ ବାହାର ତତ୍ତ୍ୱ ସାମିଲ ଥିବା ଅଭିଯୋଗ କରି ସେମାନେ କ୍ୟାମ୍ପସ୍‌କୁ ବାହାର ଲୋକଙ୍କ ପ୍ରବେଶରୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।




ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ ବୁଧବାର ରାତିରେ ସେ ତାଙ୍କର ଜଣେ ବନ୍ଧୁଙ୍କ ସହ କ୍ୟାମ୍ପସ୍‌ରେ ବୁଲୁଥିବା ବେଳେ କର୍ମନ ବାବା ମନ୍ଦିର ନିକଟରେ ୩ ଜଣ ବାଇକ୍ ଆରୋହୀ ପହଞ୍ଚିଥିଲେ। ସେମାନେ ତାଙ୍କୁ ବନ୍ଧୁଙ୍କଠାରୁ ଅଲଗା କରିଦେବା ପରେ ମୁହଁ ବନ୍ଦକରି ଏକ କୋଣକୁ ନେଇଯାଇଥିଲେ। ଅଭିଯୁକ୍ତମାନେ ଛାତ୍ରୀଙ୍କୁ ଉଲଗ୍ନ କରି ତାଙ୍କର ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରିଥିଲେ। ସେମାନେ ଛାତ୍ରୀଙ୍କ ଫୋନ୍ ନମ୍ବର ନେଇ ୧୫ ମିନିଟ୍ ପରେ ଛାଡ଼ିଦେଇଥିଲେ।

## ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ଚ୍ୟାଲେଞ୍ଜ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨।୧୧**

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଉପରେ ଗୁରୁବାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜକରି ସର୍ବୋଚ୍ଚ ଅଦାଲତରେ ଅନେକ ପିଟିଶନ ଦାଏର ହୋଇଥିଲା। ୩ ଦିନ ଧରି ଚାଲିଥିବା ଶୁଣାଣି ବେଳେ ମୁଖ୍ୟତଃ ଭୋଟରମାନଙ୍କ ତଥ୍ୟ ଜାଣିବା ଅଧିକାର ଏବଂ ଦାତାମାନଙ୍କ ଗୋପନୀୟତା ଅଧିକାର ଉପରେ ସରକାରୀ ପକ୍ଷ ଓ ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ। ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ରାଜନୈତିକ ଦଳଗୁଡ଼ିକ କେତେ ଇଲେକ୍ଟୋରାଲ ବଣ୍ଡ୍ ଗ୍ରହଣ କରିଛନ୍ତି, ତାହାର ତଥ୍ୟ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସାମ୍ବିଧାନିକ ପୀଠ ଭାରତର ନିର୍ବାଚନ କମିଶନ (ଇସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି।

ବର୍ତ୍ତମାନ ପର୍ଯ୍ୟାୟରେ ଆମେ ଦାତାମାନଙ୍କ ପରିଚୟ ଖୁଲାସା କରିବାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ କହିବୁ ନାହିଁ। ତେବେ ସେମାନଙ୍କ ଚାନ୍ଦା ପରିମାଣ ଆମେ ଜାଣିବାକୁ ଚାହିଁବୁ ବୋଲି ପ୍ରଧାନ ବିଚାରପତି କହିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ୨୦୧୯ ଏପ୍ରିଲ ୧୨ର ଅନ୍ତରୀଣ ନିର୍ଦ୍ଦେଶନାମାକୁ ଇସିଆଇ ଅନୁପାଳନ କରି ଚାନ୍ଦା ସମ୍ପର୍କିତ ତଥ୍ୟ ସଂଶୋଧନ କରି ନ ଥିବାରୁ ସାମ୍ବିଧାନିକ ପୀଠ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଜାରି ଇଲେକ୍ଟୋରାଲ ବଣ୍ଡ୍‌ରୁ ଦାତାଙ୍କ ନାମ ସାଧାରଣ ନାଗରିକ ଜାଣିପାରନ୍ତି ନାହିଁ। ଆଇନ ପ୍ରଣୟନକାରୀ ଏଜେନ୍ସିଗୁଡ଼ିକ ଏହା ଉପଲବ୍ଧ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ରୁ ବଣ୍ଡ୍ ଯାଞ୍ଚ କରି ଦାତାଙ୍କ ସମ୍ପର୍କରେ ବିବରଣୀ ହାସଲ କରିପାରିବେ। ଏହି ଦୃଷ୍ଟିରୁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ଦାତାଙ୍କ ବିବରଣୀର ଗୋପନୀୟତା ଚୟନାତ୍ମକ। ସେହିପରି ଏହାର ଗୋପନୀୟତା ମଧ୍ୟ ଚୟନାତ୍ମକ। ଯୋଜନା ପଛର ଉଦ୍ଦେଶ୍ୟ ପ୍ରଶଂସନୀୟ ହୋଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ସ୍ୱଚ୍ଛ ଧନ ଆଣିବା ଉଦ୍ୟମ ସଫଳ ହୋଇପାରିବ, ଯଦି ଏହା ସମ୍ପୂର୍ଣ୍ଣ ତଥ୍ୟ ଜରୁରୀ ଭାବେ ପ୍ରଦାନ କରିବ ବୋଲି ବୁଧବାର ସୁପ୍ରିମକୋର୍ଟ କହିଥିଲେ। ନିର୍ବାଚନ ପ୍ରକ୍ରିୟାରୁ କଳାଧନକୁ ଦୂରେଇ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ସଚେତନ ଉଦ୍ୟମ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ | Bhubaneswar, Friday, November 3/2023



DSPL-333

ଓଡ଼ିଶା ସରକାର




## କଳାହାଣ୍ଡି ଜିଲ୍ଲା

**୧୫୫ କୋଟି ଟଙ୍କା**
ବ୍ୟୟରେ
**୪ ହଜାର ୬୭୮ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

## ନବରଙ୍ଗପୁର ଜିଲ୍ଲା

**୯୪ କୋଟି**
**୫୦ ଲକ୍ଷ ଟଙ୍କା** ବ୍ୟୟରେ
**୨ ହଜାର ୯୪୨ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
**ଶୁଭାରମ୍ଭ**

୩ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0054/2324

**ଆଜିର ମନ୍ତବ୍ୟ**

ଆଇନଜୀବୀ ମୋତେ 'ମାଇଁ ଲର୍ଡ' ଡାକିବା ବନ୍ଦ କଲେ
ମୋ ଦରମାରୁ ଅଧା ଦେଇଦେବି।
-ଜଷ୍ଟିସ୍ ପି.ଏସ୍. ନରସିଂହା, ସୁପ୍ରିମକୋର୍ଟ ବିଚାରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକା**
**ହାତରୁ ଖସିଲେ ଅଣବାହୁଡ଼ା।**

ଯେମିତି ହାତରୁ ଟେକା ଥରେ ଖସିଗଲେ ଆଉ ଫେରିଆସେ ନାହିଁ ସେମିତି କୌଣସି ଭୁଲ୍ କାର୍ଯ୍ୟ ବା ଭୁଲ୍ କଥା ହେଲେ ତାହା ଆଉ ବଦଳାଇ ହୁଏନାହିଁ। ତେଣୁ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହାର ଭଲମନ୍ଦ ଦିଗ ପ୍ରତି ସଚେତନ ରହିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଚିକି ଚିକି କଣ୍ଟା, କର୍ପୂରର ବାସ,**
**ଏ ନାଆଁ କହିଦେଲେ ବଳରାମ ଦାସ।**

ଏହା ଏକ ନାଁ ଦିଆ ପହେଳି। ପଣସର ଉପରି ଭାଗ ଆବଡ଼ା ଖାବଡ଼ା, କଣ୍ଟା ସଦୃଶ। ଏହା ପାଚିଲେ ବାସୁଥିବା ଅର୍ଥରେ ଏଭଳି ପହେଳିକା ପ୍ରଦାନ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଓଡ଼ିଶାକୁ ଆଗାମୀ ଦିନରେ ବଡ଼ କରିବାର ଦାୟିତ୍ୱ ନିଅ: ଧର୍ମେନ୍ଦ୍ର



### ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨।୧୧ (ସୁନିତ୍ ମିଶ୍ର)

ଓଡ଼ିଆ ଲୋକଙ୍କ ଭିତରେ ଦୃଢ଼ ଆତ୍ମବିଶ୍ୱାସ ଅଛି। ଏହାକୁ ବଢ଼ାଇ ଓଡ଼ିଶାକୁ ଆଗାମୀ ଦିନରେ ବଡ଼ କରିବାର ଦାୟିତ୍ୱ ନେବାକୁ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ୟୁଏଇ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଆବୁଧାବିଠାରେ ପ୍ରବାସୀ ଓଡ଼ିଆଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଓଡ଼ିଆ ସମାଜ ଏକ ଜୀବନ୍ତ ସମାଜ। ଆମ ଓଡ଼ିଆଙ୍କ ପାଖରେ ବୈଶ୍ୱିକ ନେତୃତ୍ୱ ନେବାର ସବୁ ଗୁଣ ଅଛି। ଅତୀତରେ ଆମ ସମୃଦ୍ଧ ରାଜ୍ୟ ଓଡ଼ିଶାର ଅର୍ଥନୀତି ନୌବାଣିଜ୍ୟଭିତ୍ତିକ ଥିଲା। ଆମେ ହଜାର ହଜାର ବର୍ଷ ପୂର୍ବରୁ ସମ୍ପନ୍ନ ଥିବାରୁ କୋଣାର୍କ ଓ ଲିଙ୍ଗରାଜ ମନ୍ଦିର ଭଳି ବଡ଼ ମନ୍ଦିର ତିଆରି କରିଥିଲେ। କଳିଙ୍ଗ ଯୁଦ୍ଧ ମାଧ୍ୟମରେ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ କରିବା ପାଇଁ ବାଧ କରିଥିଲେ। ତିର୍ତ୍ତୋଲରେ ଥିବା ଓଡ଼ଙ୍ଗଗଡ଼ ଓଡ଼ିଶାର ପୁରାତନ ସଭ୍ୟତାର ପରିଚୟ ଦେଉଛି। ଆମର ରଘୁରାଜପୁରର ପଟଚିତ୍ର ନିଖୁଣ କାରିଗରିର ପରିଚୟ ଦେଉଛି ବୋଲି ସେ କହିଛନ୍ତି।

ଧର୍ମେନ୍ଦ୍ର ଆହୁରି କହିଛନ୍ତି, ହଜାର ହଜାର ବର୍ଷ ତଳୁ ଓଡ଼ିଆ ଲୋକଙ୍କ ଦ୍ୱାରା ତିଆରି ହୋଇଥିବା ସୃଜନଶୀଳତା ଏବେ ବି ଲୋକଙ୍କ ମଧ୍ୟରେ ଉନ୍ମାଦନା ସୃଷ୍ଟି କରୁଛି। ବର୍ତ୍ତମାନ ନୂଆ ସଂସଦ ଭବନ, ଭାରତ ମଣ୍ଡପମରେ କୋଣାର୍କ ଚକ୍ର ଅଛି। ଜି-୨୦ରେ କୋଣାର୍କ ଚକ୍ର ତଳେ ବିଶ୍ୱର ନେତାମାନଙ୍କୁ ସ୍ୱାଗତ କରାଯାଉଛି। ତିର୍ତ୍ତୋଲରେ ମାଆ ଶାରଳାଙ୍କ ଘଟନୃତ୍ୟ ହେଉ, ଡାଲଖାଇ ଏବଂ ଓଡ଼ିଆ ବ୍ୟଞ୍ଜନ ବଡ଼ିଚୂରା ଏବଂ ଛଇଁଭଜା ଆମ ପାଇଁ ସବୁବେଳେ ଅନନ୍ୟ। ଓଡ଼ିଶାର ୨ ଭଉଣୀ ତଥା ନେକ୍ସସ୍ ପାୱାର ଷ୍ଟାର୍ଟଅପ୍‌ର ସିଇଓ ଏବଂ ସହ-ପ୍ରତିଷ୍ଠାତା ନିଶିତା ଓ ନିକିତା ବଳିୟାର ସିଂ ସବୁଜ ଇନ୍ଧନ ତଥା ସ୍ୱଚ୍ଛ ଉର୍ଜା ଭଳି କ୍ଷେତ୍ରରେ ଆରମ୍ଭ କରିଥିବା ଷ୍ଟାର୍ଟଅପ୍ ଆମ ଓଡ଼ିଶାର ଉଦ୍ୟୋଗୀ ମନୋଭାବ ଓ ପ୍ରତିଭାକୁ ଦର୍ଶାଉଛି। ଭାରତକୁ ବଡ଼ କରାଇବା ପାଇଁ ହେଲେ ଓଡ଼ିଶାକୁ ବଡ଼ କରିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ତେବେ କାର୍ଯ୍ୟ ଦିବସରେ ବହୁସଂଖ୍ୟାରେ ଓଡ଼ିଆ ଲୋକ ଏଠାରେ ଉପସ୍ଥିତ ହେବା ଓଡ଼ିଶା ପ୍ରତି ପ୍ରତିବଦ୍ଧତା ଓ ଭଲପାଇବାର ପ୍ରତିଫଳନ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଅର୍ମଦା ବଜାର ନିର୍ଦ୍ଦେଶକ ଗିରଫ

### ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଆଳରେ ୧୨ କୋଟି ଠକେଇ

ଭୁବନେଶ୍ୱର,୨।୧୧(ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ସ୍ଥାନରେ ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଦେବା ଆଳରେ ୧୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅର୍ମଦା ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା ପ୍ରମୋଟରଙ୍କୁ ଗିରଫ କରିଛି। ସେ ହେଲେ ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ରହୁଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ପଙ୍କଜ କୁମାର ପଣ୍ଡା। ସେ ମାର୍କେଟିଂରେ ଏମ୍‌ବିଏ କରିଛନ୍ତି। ତାଙ୍କଠାରୁ ଲାପଟପ୍, ମୋବାଇଲ, ମନି ରିସିପ୍ଟ ଆଦି ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତ ପଙ୍କଜଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଭିଯୁକ୍ତ ଥିବା ମୁଖ୍ୟ ନିର୍ଦ୍ଦେଶକ ପର୍ଶୁରାମ ରାଜନେତଭାଇ ପାଲଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ପ୍ରୟାସ ଜାରି ରଖିଛି। ରତୁରାଜ ମହାନ୍ତିଙ୍କ ଏତଲା ଆଧାରରେ ଇଓଡବ୍ଲ୍ୟୁ ଅଗଷ୍ଟ ୨୧ରେ ଏକ ମାମଲା (ନଂ.୨୩/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତମାନେ ବିଭିନ୍ନ ସହରରେ ମେଗା ମାର୍ଟ କରାଇବା ଆଳରେ ରତୁରାଜ ଓ ତାଙ୍କ ସମ୍ପର୍କୀୟଙ୍କୁ ୧.୨୬ କୋଟି ଠକେଇ କରିଥିବା ଅଭିଯୋଗ ହୋଇଥିଲା। ୨୦୨୨ ଫେବୃୟାରୀରୁ ୨୦୨୩ ଜାନୁୟାରୀ ମଧ୍ୟରେ ଅଭିଯୁକ୍ତମାନେ ମିଛ ପ୍ରତିଶ୍ରୁତି ଦେଇ ସାରା ଦେଶରେ ଏହି ଠକେଇ କରିଥିବା ଜଣାପଡ଼ିଛି। ଅର୍ମଦା ପ୍ରାଇଭେଟ୍ ଲିଃ କମ୍ପାନୀ ବ୍ୟତୀତ ଅର୍ମଦା ମାର୍ଟ ପ୍ରାଇଭେଟ ଲିଃ, ଅର୍ମଦା ପେ ପ୍ରାଇଭେଟ୍ ଲିଃ, ଅର୍ମଦା ଏକ୍ସପ୍ରେସ୍ ପ୍ରାଇଭେଟ ଲିଃ, ଅର୍ମଦା ହୋଟେଲ ଏଣ୍ଡ୍ ରିସୋର୍ଟ ପ୍ରାଇଭେଟ ଲିଃ ଆଦି ସହ-କମ୍ପାନୀ ମଧ୍ୟ ରହିଥିବା ନିବେଶକଙ୍କୁ କୁହାଯାଇ ବଡ଼ ସ୍ୱପ୍ନ ଦେଖାଇଥିଲେ ଅଭିଯୁକ୍ତମାନେ। ଏଥିପାଇଁ ୨୦ ଲକ୍ଷରୁ ୫ କୋଟି ଟଙ୍କା ପର୍ଯ୍ୟନ୍ତ ନିବେଶ କରିବାକୁ ୫ଟି ସ୍କିମ୍ ରହିଥିଲା। ସେଗୁଡ଼ିକ ହେଲା ମିନି ମାର୍ଟ, ସୁପର ମାର୍ଟ, ହାଇପର୍ ମାର୍ଟ, ମେଗା ମାର୍ଟ ଓ ସୁପର ମେଗା ମାର୍ଟ। ଏହି ମାର୍ଟ କରିବା ପାଇଁ ନିବେଶ କଲେ ୪ ପ୍ରତିଶତ ସୁଧ ଓ ବ୍ୟବସାୟ ପରେ ବିଲିଂ ପାଇଁ ୩ ପ୍ରତିଶତ ସୁଧ ମିଳିବ ବୋଲି କୁହାଯାଇଥିଲା। ଅଭିଯୁକ୍ତମାନେ କଟକ, ନୟାଗଡ଼, ଜଗତ୍‌ସିଂହପୁର ଆଦି ୮ଟି ଜିଲାର ବିଭିନ୍ନ ସ୍ଥାନରେ ଏହି ମାର୍ଟ ଫ୍ରାଞ୍ଚାଇଜ୍ ଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ ୧୨ କୋଟି ଟଙ୍କା ସଂଗ୍ରହ କରିଥିଲେ। ସେହିପରି ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଆଦି ରାଜ୍ୟରେ ମଧ୍ୟ ଏପରି ଠକେଇ କରାଯାଇଛି। ଅଭିଯୁକ୍ତ ପର୍ଶୁରାମଙ୍କ ସହ ପଙ୍କଜ ମିଶି ବିଭିନ୍ନ ହୋଟେଲରେ ମିଟିଂ କରି ବିଭିନ୍ନ ଲୋକଙ୍କୁ ଜାଲରେ ଫସାଇଥିଲେ। ଏପରିକି କମ୍ପାନୀ ଆକାଉଣ୍ଟରୁ ପଙ୍କଜଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଦ୍ୱିଜା ନକ୍ଷତ୍ର ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ନୂତନ କର୍ମାରମ୍ଭରେ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବୃଷ** – କଠିନଶ୍ରମଜନିତ ସ୍ୱାସ୍ଥ୍ୟହାନି ଯୋଗୁ ପୀଡ଼ାରୁ କଷ୍ଟ ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ମିତ୍ର ବନ୍ଧୁରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରିବେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ଲାଭବାନ ହେବେ। କୃତ୍ତିକା ନକ୍ଷତ୍ର ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି।

**ମିଥୁନ** – କର୍ମକ୍ଷେତ୍ରରେ କଠିନ ସମସ୍ୟାର ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୁନର୍ବସୁ ନକ୍ଷତ୍ର ବହୁପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି ।

**କର୍କଟ** – କର୍ମକ୍ଷେତ୍ରରେ ଖଳପ୍ରକୃତିର ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ତଥାପି ଅନୁକୂଳ ପରିବେଶ ସୃଷ୍ଟି ହେବାରୁ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଅଶ୍ଲେଷା ନକ୍ଷତ୍ର ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ବନ୍ଧୁଙ୍କ ସହ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** – ପୂର୍ବାଫାଲଗୁନୀ ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତଦେଇ ସଫଳତା ପାଇବେ। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କନ୍ୟା** – ଆଜିର ଯାତ୍ରା କୌଣସି କାରଣରୁ ସ୍ଥଗିତ ରହିଯାଇପାରେ। ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଚିତ୍ରା ନକ୍ଷତ୍ର ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହବେ।

**ତୁଳା** – ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି କଟୁମନ୍ତବ୍ୟ ଦେଇପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସ୍ୱାତୀ ନକ୍ଷତ୍ରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା** – ବନ୍ଧୁମାନଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ପାରିବାରିକ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ। ଅନୁରାଧା ନକ୍ଷତ୍ର ଶୀଘ୍ର ଶେଷ କରିବା ସକାଶେ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ଆଲୋଚନା, ସଭାସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ବହୁତ ଭଲ।

**ଧନୁ** – ଆକସ୍ମିକ ଭାବରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ପୂର୍ବାଷାଢ଼ା ନକ୍ଷତ୍ରର ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ।

**ମକର** – ଅଫିସରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପାରିବାରିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କୁମ୍ଭ** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। କର୍ମକ୍ଷେତ୍ରରେ ଜଣାଶୁଣା ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସହକର୍ମୀଙ୍କ ସହ ବାଦବିବାଦ କ୍ରମେ ଜଟିଳ ହୋଇପାରେ। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – ପ୍ରତ୍ୟେକ କ୍ଷେତ୍ରରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପିଲାଙ୍କ ଉନ୍ନତିରେ ଖୁସି ଜାହିରର ଅବସର ମିଳିବ।

କାର୍ତ୍ତିକ କୃଷ୍ଣ ଷଷ୍ଠୀ ଶୁକ୍ରବାର, ନଭେମ୍ବର ୩ ତାରିଖ, ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୨ ଗତେ ଘ.୦୭।୩୭ ମଧ୍ୟେ, ଘ.୦୭।୨୨ ଗତେ ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୦୫ ଗତେ ଘ.୧୧।୩୧ ମଧ୍ୟେ ରାହୁ କାଳ ।

**ହାଇକୋର୍ଟରେ ଡଙ୍ଗାବୁଡ଼ି ମାମଲା**

# ରାଜ୍ୟ ସରକାରଙ୍କୁ ବିସ୍ତୃତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

- ସତ୍ୟପାଠରେ ନାହିଁ କ୍ଷତିପୂରଣ ପ୍ରସଙ୍ଗ
- ୯ରେ ପରବର୍ତ୍ତୀ ଶୁଣାଣି

କଟକ,୨।୧୧ (କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ଓଡ଼ିଶା ବୋଟ୍ ରୁଲ୍‌ସ ୨୦୦୪ ସଂକ୍ରାନ୍ତୀୟ ସତ୍ୟପାଠରେ କ୍ଷତିପୂରଣ ପ୍ରସଙ୍ଗରେ ଉଲ୍ଲେଖ ନାହିଁ। ଗତ ମେ' ୧ ତାରିଖରେ ଏହି ସତ୍ୟପାଠ ଦାଖଲ ହୋଇଥିଲା। ଗୁରୁବାର ଶୁଣାଣିବେଳେ ଆହୁରି କେତେକ ତ୍ରୁଟି ସମେତ ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ପରବର୍ତ୍ତୀ ଶୁଣାଣି ପୂର୍ବରୁ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନାଯୋଗ୍ୟ, ଡଙ୍ଗାବୁଡ଼ି ସମ୍ପର୍କିତ ମାମଲାଗୁଡ଼ିକ ପ୍ରାୟ ୧୦ ବର୍ଷ ହେବ ହାଇକୋର୍ଟରେ ବିଚାରାଧୀନ ରହିଛି। କୋରାପୁଟ ଜିଲା କୋଲାବ ନଦୀର ଶାଖା ପାତାଳି ନଦୀରେ ୨୦୧୪ ମେ' ୨୪ରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଆଇନଜୀବୀ ପ୍ରବୀର ଦାସ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ନିରାପତ୍ତା ପାଇଁ ଡଙ୍ଗାର ପଞ୍ଜୀକରଣ, ଜୀବନ ରକ୍ଷାକାରୀ ସରଞ୍ଜାମ ମହଜୁଦ ଆଦି ବ୍ୟବସ୍ଥା ଗ୍ରହଣ କରାଯିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବା ନିମନ୍ତେ ଆବେଦନରେ ଦର୍ଶାଯାଇଥିଲା। ୨୦୧୪ ଫେବୃୟାରୀରେ ଆଉ ଏକ ଡଙ୍ଗାବୁଡ଼ି ଦୁର୍ଘଟଣା ହୀରାକୁଦରେ ହୋଇଥିଲା। ଏଥିରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ହାଇକୋର୍ଟ ନିଜ ଆଡୁ ଏକ ମାମଲା ରୁଜୁ କରି ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି ଚାଲିଥିବାବେଳେ ରାଜ୍ୟର ଅନ୍ୟ ଏକ ସ୍ଥାନରେ ୨୦୧୩ରେ ଘଟିଥିବା ଏକ ଡଙ୍ଗାବୁଡ଼ି ମାମଲାର ଶୁଣାଣି ପୃଥକ ଭାବେ ହେଉଥିଲା। ୩ଟି ଡଙ୍ଗାବୁଡ଼ି ମାମଲାରେ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ଫେବୃୟାରୀ ୧୩ରେ ନିର୍ଦ୍ଦେଶ ଦେଇଥିଲେ। ଗତ ମେ' ୧ ତାରିଖରେ ଓଡ଼ିଶା ପୋର୍ଟ ଆଣ୍ଡ୍ ଆଇଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ ବିଭାଗର ନିର୍ଦ୍ଦେଶକ ହାଇକୋର୍ଟରେ ସତ୍ୟପାଠ ଦାଖଲ କରି ରାଜ୍ୟରେ ଡଙ୍ଗାଚାଳନା ସମ୍ପର୍କିତ ନିୟମାବଳୀ, ଡଙ୍ଗା ଦୁର୍ଘଟଣା ରୋକିବାକୁ ନିଆଯାଇଥିବା ପଦକ୍ଷେପ ଆଦି ବାବଦରେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ରାଜ୍ୟରେ ଡଙ୍ଗା ପରିବହନ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଓଡ଼ିଶା ବୋଟ୍ ରୁଲ୍‌ସ ୨୦୦୪ ତିଆରି କରାଯାଇ କଡ଼ାକଡ଼ି ପାଳନ କରିବା ନିମନ୍ତେ ବିଭିନ୍ନ ବିଭାଗ ଓ ପଦସ୍ଥ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ୟପାଠରେ ଦର୍ଶାଯାଇଥିଲା।

## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ


ସୁରେଶ ଚନ୍ଦ୍ର ବାଲା

ମାଲକାନଗିରି/କାଳିମେଳା,୨।୧୧ (ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ମୋଟୁ ରାଜସ୍ୱ ନିରୀକ୍ଷକ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ପ୍ରକାଶ ଯେ, ମୋଟୁ ରାଜସ୍ୱ ନିରୀକ୍ଷକ ସୁରେଶ ଚନ୍ଦ୍ର ବାଲା ଏକ ଜମି ଜବରଦଖଲ ମାମଲାର ସମାଧାନ ପାଇଁ ଉକ୍ତ ଗ୍ରାମର ରଘୁ ମହନ୍ତଙ୍କୁ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ବାଲା ପୂର୍ବରୁ ରଘୁଙ୍କଠାରୁ ୧୦ ହଜାର ଟଙ୍କା ନେଇ ସାରିଥିବା ବେଳେ ବଳକା ୧୫ ହଜାର ଟଙ୍କା ଦେବା ପୂର୍ବରୁ ମହନ୍ତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଗୁରୁବାର ମହନ୍ତ ରାଜସ୍ୱ ନିରୀକ୍ଷକଙ୍କୁ ତାଙ୍କ ଅଫିସରେ ୧୫ ହଜାର ଟଙ୍କା ଦେବାକୁ ଯାଇଥିଲେ। ଉକ୍ତ ଟଙ୍କା ଗ୍ରହଣ କରିବାର ଅଳ୍ପ ସମୟରେ ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରି ବାଲାଙ୍କଠାରୁ ୧୫ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଖବର ଲେଖା ହେବା ସୁଦ୍ଧା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୪୫ ଗ୍ରାମସ୍ଥିତ ବାଲାଙ୍କ ବାସଭବନରେ ମଧ୍ୟ ଚଢ଼ାଉ ଜାରି ରହିଛି।

# ସରକାରଙ୍କ ଅଧୀନକୁ ଯିବ ବୋର୍ଡ ହାଇସ୍କୁଲ

### ଲୋକସେବା ଭବନରେ ସମୀକ୍ଷା ବୈଠକ

### ୧୯୫୯ର ପୁରାତନ ବିଦ୍ୟାଳୟ

କଟକ,୨।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

ସରକାରଙ୍କ ଅଧୀନକୁ ଯିବ କଟକ ବକ୍ସିବଜାରସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ ହାଇସ୍କୁଲ। ୧୯୫୯ରେ ସ୍ଥାପିତ ସହରର ଏହି ପୁରାତନ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ନିର୍ବାହ କରିଆସୁଥିଲା। ହେଲେ ଏବେ ବିଦ୍ୟାଳୟର ପରିଚାଳନା ଦାୟିତ୍ୱ ସ୍କୁଲ ଓ ଗଣଶିକ୍ଷା ବିଭାଗ ନେବା ପାଇଁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ଗୁରୁବାର ଲୋକସେବା ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏବଂ ବୋର୍ଡ ଅଧିକାରୀ ଉପସ୍ଥିତ ରହି ବୋର୍ଡ ସ୍କୁଲ୍ ସରକାରଙ୍କ ଅଧୀନକୁ ଆଣିବା ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କୁଲ ସରକାରଙ୍କ ଅଧୀନକୁ ଆଣିବା ପାଇଁ କିଛି ଲିଗାଲ ପ୍ରୋସିଜିଅର ରହିଛି। ଏହା ସରିବା ପରେ କାର୍ଯ୍ୟ ଆଗକୁ ବଢ଼ିବ ବୋଲି ବୋର୍ଡ ସେକ୍ରେଟାରି ସୁମିତା ସରକାର କହିଛନ୍ତି।

ବୋର୍ଡ ଅଫ୍ ସେକେଣ୍ଡାରୀ ସ୍କୁଲ୍‌ରେ ଏବେ ଅନେକ ଶିକ୍ଷକ ଏବଂ କେତେକ କର୍ମଚାରୀ ପଦବୀ ଖାଲି ପଡ଼ିଛି। ଏହି ପଦବୀ ପୂରଣ ଦାୟିତ୍ୱ ବୋର୍ଡ କର୍ତ୍ତୃପକ୍ଷଙ୍କର ହୋଇଥିଲେ ହେଁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି ସ୍କୁଲ ପରିଚାଳନା ନେଇ ବୋର୍ଡକୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ବୋର୍ଡ ଏକ ସ୍ୱୟଂଚାଳିତ ସଂସ୍ଥା। ଉକ୍ତ ସଂସ୍ଥା ଅଧୀନରେ ବୋର୍ଡ ସ୍କୁଲ୍ ରହିଛି। ଷଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଯାଉଥିବା ଏହି ସ୍କୁଲ ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ଖ୍ୟାତି ରହିଛି। ଏଠାରେ ଶିକ୍ଷକ, କର୍ମଚାରୀ ନିଯୁକ୍ତିଠାରୁ ଆରମ୍ଭ କରି ଦରମା ପ୍ରଦାନ,



ଭିତ୍ତିଭୂମି ନିର୍ମାଣ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ, ଆର୍ଥିକ ବ୍ୟୟବରାଦ ବୋର୍ଡ କର୍ତ୍ତୃପକ୍ଷ ହିଁ କରିଥାନ୍ତି। ଏଥିପାଇଁ ବୋର୍ଡ ପକ୍ଷରୁ ବାର୍ଷିକ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥାଏ। ମାଟ୍ରିକ୍ ପରୀକ୍ଷା, ଓଟିଇଟି, ଅନ୍ୟ ପରୀକ୍ଷା, ପାଠ୍ୟପୁସ୍ତକ ବିକ୍ରି କରି ଯାହା ରୋଜଗାର ହୁଏ ତାହାର ସିଂହଭାଗ ଶିକ୍ଷକଙ୍କ ଦରମା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନରେ ଖର୍ଚ୍ଚ ହୋଇଥାଏ। ବୋର୍ଡ ସ୍କୁଲ୍‌ର ବାର୍ଷିକ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ କର୍ତ୍ତୃପକ୍ଷ ଚିନ୍ତାରେ ଥିଲେ। ଏହି ସ୍କୁଲ୍‌ର ପରିଚାଳନା ଦାୟିତ୍ୱ ସରକାରଙ୍କ ଅଧୀନରେ ରହୁ ବୋଲି ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତର୍ଜମା କରିଥିଲା। ଏହାପରେ ବିଭାଗର ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷାଧିକାରୀଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ବିଦ୍ୟାଳୟ ସ୍ଥିତି ଅନୁଧ୍ୟାନ କରିଥିଲେ। ପରବର୍ତ୍ତୀ ସମୟରେ ଏ ସଂକ୍ରାନ୍ତୀୟ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ବିଭାଗକୁ ପଠାଇଥିଲେ। ବିଭାଗ ରିପୋର୍ଟକୁ ତର୍ଜମା କରି ଉକ୍ତ ସ୍କୁଲ୍‌ର ପରିଚାଳନା ଦାୟିତ୍ୱ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ଯୋଜନା କରିଛି। ଏହି ସ୍କୁଲ ସରକାରଙ୍କ ନିୟନ୍ତ୍ରଣକୁ ଆସିବା ପରେ ଭିତ୍ତିଭୂମି ଆହୁରି ଅଧିକ ସୁଦୃଢ଼ ହେବା ସହ ମାନବ ସମ୍ବଳ ବୃଦ୍ଧି ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।



**ନ୍ୟୁଜିଲାଣ୍ଡ ଦଳରେ ଜେମିସନ**

ଆଘାତପ୍ରାପ୍ତ ମ୍ୟାଟ ହେନ୍‌ରୀଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳରେ ଯୋଗ ଦେଇଛନ୍ତି ଫାଷ୍ଟ ବୋଲର କାଇଲ ଜେମିସନ।

୧୪

୦୮

**ଦୀପାବଳିରେ ଟାଇଗର- ୩**

ବଲିଉଡ୍ ଭାଇଜାନ ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ ଟାଇଗର-୩ ଦୀପାବଳିରେ ରିଲିଜ୍ ହେବାକୁ ଯାଉଛି।



# ୨ ବର୍ଷରେ ସର୍ବାଧିକ ବେକାରି

## ଅକ୍ଟୋବରରେ ୧୦.୦୫% ରୋଜଗାର ସଙ୍କଟ

**୨୦୨୩ ଅକ୍ଟୋବରରେ ଦେଶର ବେରୋଜଗାରି ହାର ୨ ବର୍ଷର ରେକର୍ଡ ଭାଙ୍ଗି ୧୦.୦୫%କୁ ଉଠିଛି। ଭାରତରେ ବେକାରି ଏକ ଗମ୍ଭୀର ପ୍ରସଙ୍ଗ ହୋଇ ରହିଆସିଥିବାବେଳେ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ)ର ସଦ୍ୟ ରିପୋର୍ଟ ଅର୍ଥନୀତିଜ୍ଞଙ୍କ ଚିନ୍ତା ବଢ଼ାଇଦେଇଛି। ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ଗତ ୫ ବର୍ଷରେ କାର୍ଯ୍ୟଶକ୍ତିରେ ସ୍ଥାଣୁତା ଭରିରହିଥିବା ସ୍ପଷ୍ଟ ଦେଖାଯାଉଛି।**

ନୂଆଦିଲ୍ଲୀ,୨।୧୧
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଦେଶରେ ବେକାରି ହାର ୨୦୨୩ ସେପ୍ଟେମ୍ବରରେ ୭.୦୯% ରହିଥିଲା। କିନ୍ତୁ ଅକ୍ଟୋବରରେ ଏହା ୧୦.୦୫% ରହିଛି, ଯାହାକି ୨୦୨୧ ମେ' ପରଠୁ ସର୍ବାଧିକ। ଗ୍ରାମାଞ୍ଚଳରେ ବେକାରି ୬.୨%ରୁ ୧୦.୮୨%କୁ ବୃଦ୍ଧି ପାଇଥିବାବେଳେ ସହରାଞ୍ଚଳରେ ଏହା ସାମାନ୍ୟ ହ୍ରାସ ପାଇ ୮.୪୪% ରହିଛି। ସହରାଞ୍ଚଳରେ ମାନୁଫାକ୍ଚରିଂ ବୃଦ୍ଧି ସହ ଆର୍ଥିକ ଗତିବିଧିରେ ଅପେକ୍ଷାକୃତ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ବିଶ୍ୱର ଦ୍ୱିତୀୟ ବୃହତ୍ ଧାନ, ଗହମ ଓ ଚିନି ଉତ୍ପାଦନକାରୀ ରାଷ୍ଟ୍ରରେ ମୌସୁମୀର କୃପଣ ବର୍ଷା କୃଷିକ୍ଷେତ୍ରକୁ ବହୁଳ ପ୍ରଭାବିତ କରିଛି। ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ପାଇଁ ବିବିଧ କାର୍ଯ୍ୟକ୍ଷେତ୍ରରେ ଏପରି ଉଠାପକା ଦେଶର ଅଭିବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରିବା ଆଶଙ୍କା ଉପୁଜିଲାଣି। ଆଶାୟୀଙ୍କ ସକାଶେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ନ ହେଲେ ୨୦୨୪ ଆର୍ଥିକବର୍ଷ ପାଇଁ ରଖାଯାଇଥିବା ୬-୬.୫% ଅଭିବୃଦ୍ଧି ଲକ୍ଷ୍ୟ ପୂରଣ ହୋଇ ନ ପାରେ ବୋଲି ଅର୍ଥନୀତିଜ୍ଞମାନେ ସତର୍କ କରାଇଛନ୍ତି।

ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଭାରତରେ କର୍ମନିଯୁକ୍ତି ସୃଷ୍ଟି କରିବା ଏବେ ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ଦୃଢ଼ ଅଭିବୃଦ୍ଧି ଓ ଆର୍ଥିକ ☞ପୃଷ୍ଠା-୯

# ସେମିଫାଇନାଲରେ ଭାରତ

## ଶ୍ରୀଲଙ୍କାକୁ ୩୦୨ ରନରେ କଲା ପରାସ୍ତ

ମୁମ୍ବାଇ, ୨।୧୧

ଭାରତ ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ବ୍ୟାଟରଙ୍କ କରିସ୍ମା ପରେ ବୋଲରଙ୍କ ଚମତ୍କାରିତା ସହାୟତାରେ ରୋହିତ ଶର୍ମାଙ୍କ ଦଳ ଗୁରୁବାର ଅନୁଷ୍ଠିତ ଏକ ଲିଗ୍ ମ୍ୟାଚରେ ଶ୍ରୀଲଙ୍କାକୁ ୩୦୨ ରନରେ ପରାସ୍ତ କରିଛି। ବିଶ୍ୱକପ୍‌ରେ ଭାରତର ଏହା ସର୍ବବୃହତ୍ ଏବଂ ଓଭରଅଲ୍ ଦ୍ୱିତୀୟ ସର୍ବବୃହତ୍ ବିଜୟ। ଶୁବମନ ଗିଲ୍, ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ବଳରେ ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୭ ରନର ବିଶାଳ ସ୍କୋର ଛିଡ଼ା କରିଥିଲା। ପରେ ମହମ୍ମଦ ଶାମି, ମହମ୍ମଦ ସିରାଜ ଏବଂ ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ସହାୟତାରେ ଶ୍ରୀଲଙ୍କାକୁ ୧୯.୪ ଓଭରରେ ୫୫ ରନରେ ଅଲ୍‌ଆଉଟ କରି ଦେଇଥିଲା। ଏହାକୁ ମିଶାଇ ଭାରତ ଅଷ୍ଟମ ଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦଳ ୧୯୮୩ ଓ ୨୦୧୧ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୩ରେ ରନରଅପ୍ ଏବଂ ୧୯୮୭, ୧୯୯୬, ୨୦୧୫ ଓ ୨୦୧୯ରେ ସେମିଫାଇନାଲରୁ ବିଦାୟ ନେଇଥିଲା। ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଥିବା ☞ପୃଷ୍ଠା-୯




# ଚକ୍ରଧାରୀ ହେବେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

କଟକ,୨।୧୧(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ନିଯୁକ୍ତ ହେବେ। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୁଡ଼, ବିଚାରପତି ସଞ୍ଜୟ କିଶାନ କାଉଲ୍, ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବାକୁ


ଚକ୍ରଧାରୀ ଶରଣ ସିଂ

ଗୁରୁବାର ସୁପାରିସ କରିଛନ୍ତି। ଜଷ୍ଟିସ ସିଂ ଏହିପଦ ପାଇଁ ଯୋଗ୍ୟ ବୋଲି କଲେଜିୟମ ହୃଦ୍‌ବୋଧ କରିବା ପରେ ଏପରି

**କଲେଜିୟମ ସୁପାରିସ**

ପଦକ୍ଷେପ ନିଆଯାଇଥିବା ଜଣାଯାଇଛି।

ପ୍ରକାଶ ଯେ, ଜଷ୍ଟିସ୍ ଶରଣ ସିଂ ୧୯୬୩ ଜାନୁୟାରୀ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (କ୍ୟାମ୍ପସ୍ ସେଣ୍ଟର୍)ରୁ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଶେଷ କରିବା ପରେ ୧୯୯୦ରେ ପାଟଣା ହାଇକୋର୍ଟରେ ଓକିଲାତି ଜୀବନ ଆରମ୍ଭ ☞ପୃଷ୍ଠା-୯

**ଜଟଣୀରେ ନାବାଳକ ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ**

**ଟ୍ୟୁଶନ ଫି' ପାଇଁ ସାର୍‌ଙ୍କ ପୁଅକୁ ହତ୍ୟା**

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

**ଚାଇନା ନିଜକୁ ବଞ୍ଚାଉ**








NEXA Safety Shield
Standard Across All Variants

- SUZUKI-TECT BODY
- DUAL FRONT AIRBAGS
- ESP
- SEAT BELT PRE-TENSIONERS WITH FORCE LIMITERS
- ISOFIX CHILD SEAT ANCHORAGES
- PEDESTRAIN PROTECTION COMPLIANCE
- COMPLIANT WITH -
  - FULL FRONTAL IMPACT
  - FRONTAL OFFSET IMPACT
  - SIDE IMPACT

Feature and accessories shown may not be part of standard fitment. Black glass shade on the vehicle is due to lighting effect. Images used are for illustration purposes only.

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA TWIN CITY** (SKY AUTOMOBILES PH: 7064400101), **NEXA GAJAPATI NAGAR** (TUSHI MOTORS PVT. LTD. PH: 6372932426), **NEXA RAJ BHAVAN ROAD** (NARAYANI MOTORS PH: 9583022008), **NEXA CYBER CITY** (JYOTE MOTORS PH: 9776615032), **CUTTACK: NEXA STADIUM RD** (JYOTE MOTORS PH: 7440005202), **ROURKELA: NEXA CIVIL TOWN** (ORBIT MOTORS PH: 7064479000).

SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
- Multiple financiers
- Digital Document Upload
- Live Loan status
- Complete transparency (associated fees & charges)

*T&C apply. Offers may vary across variants. Maruti Suzuki reserves the right to withdraw offers at any point in time. Smart Finance available only in select cities. Creative Visualization. Black Glass on vehicle is due to lighting effect. ^For details on funcioning of safety features including air bag, kindly refer to the Owners manual.

ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ। -ଶ୍ରୀଅରବିନ୍ଦ

# ଚାଇନା ନିଜକୁ ବଞ୍ଚାଉ




ଗର୍ନଟ ୱାଗନର
ଜଳବାୟୁ ଅର୍ଥନୀତିଜ୍ଞ, କଲମ୍ବିଆ ବିଜ୍‌ନେସ ସ୍କୁଲ

କନୋର ୱାଲ୍ସ
ସହକାରୀ ପ୍ରାଧ୍ୟାପକ, କଲମ୍ବିଆ ବିଜ୍‌ନେସ ସ୍କୁଲ

ଅର୍ଥନୈତିକ ଅଭିବୃଦ୍ଧିରେ ଚାଇନା ମଡେଲର ଏକ ଚମତ୍କାର ସଫଳତା ରହିଆସିଛି। ରପ୍ତାନି ପ୍ରୋତ୍ସାହନ, ପୁଞ୍ଜି ନିବେଶ ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଦେଇ ଏହା ଗତ ୪୦ ବର୍ଷ ମଧ୍ୟରେ ପ୍ରାୟ ୮୦୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି। ସମ୍ପ୍ରତି ଏହା ନିଜ ଦେଶରେ ସ୍ୱଚ୍ଛ ସବୁଜ ଶକ୍ତି ବ୍ୟବହାର କ୍ଷେତ୍ରରେ ବିକାଶ କରିବା ସହିତ ବିଶ୍ୱବ୍ୟାପୀ ଅକ୍ଷୟଶକ୍ତି ଏବଂ ବ୍ୟାଟେରିଗୁଡ଼ିକର ମୂଲ୍ୟ ହ୍ରାସ କରିବା ପାଇଁ କାର୍ଯ୍ୟ କରିଛି। କେବଳ ୨୦୨୩ରେ ଚାଇନା ୧୫୦ ଗିଗାୱାଟ୍‌ରୁ ଅଧିକ ସୌର କ୍ଷମତା ବିଶିଷ୍ଟ ୟୁନିଟ୍ ସ୍ଥାପନ କରିବ, ଯାହା ବିଶ୍ୱର ବାର୍ଷିକ ଶକ୍ତିର ଅଧା। ଏହି ସବୁ ତଥ୍ୟ ଦର୍ଶାଯାଉଥାଇପାରେ, କିନ୍ତୁ ଚାଇନାର ଦୃଷ୍ଟିକୋଣ ସେତିକି ଅନୁକୂଳ ନୁହେଁ। ଏହାର ଅଭିବୃଦ୍ଧି ଗତି ଏପାଖସେପାଖ ହେବା ଆରମ୍ଭ ହୋଇଯାଇଛି। ନିକଟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଚଳିତବର୍ଷ ଜିଡିପି ଅଭିବୃଦ୍ଧି କେବଳ ୫% ରହିବ ବୋଲି ଆକଳନ କରିଛି। ଅଧିକ ଦାବି କରାଯାଉଥିବା ଦୁଇଅଙ୍କ ବିଶିଷ୍ଟ ଅଭିବୃଦ୍ଧିଠାରୁ ଏହା ବହୁ ଦୂରରେ। ଚିନ୍ତାର ବିଷୟ, ଏହାର ଅଭିବୃଦ୍ଧି ହାର ଲଗାତର ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକର ସ୍ତର ଆଡ଼କୁ ଖସିବ। ଏଣୁ ଜିଡିପି ଦୃଷ୍ଟିରୁ ବିଚାର କଲେ ଚାଇନା ତା' ଜନସଂଖ୍ୟାର ୪ ଭାଗରୁ ଭାଗେ ଥିବା ଆମେରିକାକୁ ଛୁଇଁପାରିବ କି ନାହିଁ ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଚାଇନାର କାର୍ବନ ଡାଇଅକ୍ସାଇଡ ନିର୍ଗମନ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି, ଯାହା ବର୍ତ୍ତମାନ ବିଶ୍ୱର ମୋଟ ନିର୍ଗମନର ଏକ ତୃତୀୟାଂଶ। ଅକ୍ଷୟଶକ୍ତିକୁ ବ୍ୟାପକ ମାତ୍ରାରେ ଉତ୍ସାହିତ କରାଯାଉଥିଲେ ମଧ୍ୟ ଚାଇନାର ବିଦ୍ୟୁତ୍ ବ୍ୟବହାର ଏତେ ଦ୍ରୁତ ଗତିରେ ବୃଦ୍ଧି ପାଇଛି ଯେ ଏହାର ଆବଶ୍ୟକତା ପୂରଣ ଲାଗି ଯେଉଁ ରଣନୀତି ଆପଣାଇଛି ସେଥିରେ ଅତ୍ୟଧିକ କୋଇଲାଚାଳିତ ଶକ୍ତି ଅନ୍ତର୍ଭୁକ୍ତ। ଆର୍ଥିକ ପ୍ରତିକୂଳ ସ୍ଥିତି ସତ୍ତ୍ୱେ ସେ ଏହା କରିଚାଲିଛି।

ଚାଇନାର ଅଭିବୃଦ୍ଧି ଓ ନିର୍ଗମନ ସମସ୍ୟାଗୁଡ଼ିକର ଏକ ଉତ୍ସ ହେଉଛି ଅଣ-ଉତ୍ପାଦକ ନିବେଶ। ଅତ୍ୟଧିକ ଲାଭଦାୟକ ପ୍ରୋଜେକ୍ଟ ସତ୍ତ୍ୱେ ଚାଇନା ଏକ ମଧ୍ୟମ ଆୟବର୍ଗର ଦେଶ। ଗତ ଦଶନ୍ଧିରେ ପ୍ରପର୍ଟି ସେକ୍ଟରରେ ବ୍ୟାପକ ନିବେଶକୁ ଗୁରୁତ୍ୱ ଦେଇଆସିଛି। ୨୦୧୦ ଦଶନ୍ଧିରେ ଏହା ଜିଡିପିର ୨୫% ଥିଲା। ଚାଇନାର ସହରାଞ୍ଚଳରେ ରହୁଥିବା ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଗୃହ ନିର୍ମାଣ କ୍ଷେତ୍ରରେ ଯାହା ନିବେଶ ଅବଶ୍ୟକ, ତା'ଠାରୁ ବହୁ ଅଧିକ ରହିଥିଲା। ଗୃହ ନିର୍ମାଣକାରୀ ସଂସ୍ଥାଗୁଡ଼ିକୁ ସ୍ଥାନୀୟ ସରକାର ପ୍ରୋତ୍ସାହନ ଯୋଗାଇ ଦେବା ସହିତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ କମ୍ ସୁଧରେ ଋଣ ହିଁ ପ୍ରପର୍ଟି ସେକ୍ଟରକୁ ବିରାଟକାୟ କରିଦେଲା। ଏଥିରେ ବ୍ୟାପକ ସମ୍ପଦର ବ୍ୟବହାର ହେଲା। ବାସ୍ତବରେ ଏହାକୁ ଅନ୍ୟ ଆର୍ଥିକ କ୍ଷେତ୍ରରେ ବ୍ୟବହାର କରାଯାଇଥିଲେ ଭଲ ହୋଇଥାଆନ୍ତା। ଏହି ବିରାଟକାୟ ପ୍ରପର୍ଟି ସେକ୍ଟର ଏବେ ତ୍ରୁଟିଯୁକ୍ତ ବୋଲି ଜଣାପଡ଼ିଛି।



ଏହା ଉପଭୋକ୍ତାଙ୍କ ଆତ୍ମବିଶ୍ୱାସ ହ୍ରାସ କରିଛି, ଯାହା କିଛି ବର୍ଷ ହେଲା ଅର୍ଥ ବ୍ୟବସ୍ଥାର ଜିଡିପି ଏବଂ ସେବା ଓ ସାମଗ୍ରୀର ଉପଯୋଗ ପ୍ରତି ବିପଦ ସୃଷ୍ଟି କରିଛି। ଯେଭଳି ୨୦୦୮ରେ ଅନେକ ପାଶ୍ଚାତ୍ୟ ରାଷ୍ଟ୍ର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ ଠିକ୍ ସେହିଭଳି ସ୍ଥିତି ଉପୁଜିବାକୁ ଯାଉଛି। ଚାଇନା ଏଥିରୁ ନିଜକୁ ବଞ୍ଚାଇବା ଦରକାର।

ଏହି ସ୍ଥିତିର ସମାଧାନ ସରଳ। ଅଭିବୃଦ୍ଧିର ଲାଭକୁ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଭାବେ ଶେୟାର କଲେ ଏହା ଘଟିବ। ଚାଇନାର ସେବା ଓ ସାମଗ୍ରୀର ଉପଯୋଗ ଜିଡିପିର ମାତ୍ର ୪୦%, ଯାହା ବୈଶ୍ୱିକ ହାର ତୁଳନାରେ ସବୁଠୁ କମ୍। ଏହା ଆମେରିକାଠାରୁ ମଧ୍ୟ ନିମ୍ନରେ ଅଛି। ଚାଇନାର ସାମାଜିକ ସୁରକ୍ଷା ନେଟ୍‌ୱର୍କ ମଧ୍ୟ ଚାଇନିଜ୍‌ମାନଙ୍କୁ ସେମାନଙ୍କ ପାରିବାରିକ ଆୟର ସିଂହଭାଗ ଜମା ରଖିବାକୁ ବାଧ୍ୟକରୁଛି। ଏହା ଜାତୀୟ ବିତ୍ତୀୟ ବ୍ୟବସ୍ଥା ଦ୍ୱାରା ସିଧାସଳଖ ଘରୋଇ ନିବେଶକୁ ଚାଲିଯାଉଛି। ଏହି ସମୟ ମଧ୍ୟରେ ଚାଇନା ତ୍ରୁଟିପୂର୍ଣ୍ଣ ଭାବେ ବ୍ୟାଙ୍କ ସୁଧ ହାର କମ୍ କରିବା, ସାର୍ବଜନୀନ କ୍ଷେତ୍ରର ବ୍ୟବହାର ବୃଦ୍ଧି ଏବଂ ଅନ୍ୟାନ୍ୟ ନୀତି ଗ୍ରହଣ ପୂର୍ବକ ସୁଚିନ୍ତିତ ଭାବେ ଘରୋଇ ଉପଯୋଗକୁ ହ୍ରାସ କରି ନିବେଶକୁ ବୃଦ୍ଧି କରିଛି। ଉତ୍ପାଦକତା ଏବଂ ସୁଧହାରକୁ ନେଇ ରହିଥିବା ଏହିସବୁ ଭୁଲ୍ ଦୃଷ୍ଟିକୋଣକୁ ଦୂର କରାଯାଇପାରିଲେ ତାହା ଚାଇନିଜ୍ ପରିବାରଗୁଡ଼ିକୁ ଲାଭ ଦେବା ସହ ବିଶ୍ୱ ପାଇଁ ମଙ୍ଗଳଦାୟକ ହେବ। ଚାଇନାର ନିବେଶ ଜଳବାୟୁ ପାଇଁ ସବୁଠୁ କ୍ଷତିକାରକ। ଚାଇନା ବିଶ୍ୱର ଅଧା ଷ୍ଟିଲ ଓ କୋଇଲା ଏବଂ ୬୦% ସିମେଣ୍ଟ ବ୍ୟବହାର କରେ। ଏସବୁ ବ୍ୟବହାର କରି ଯେଉଁସବୁ ଘର, ରାସ୍ତା ଏବଂ ପୋଲ ନିର୍ମାଣ କରାଯାଉଛି, ସେଗୁଡ଼ିକ ଅତ୍ୟଧିକ ଶକ୍ତି ଓ କାର୍ବନ ନିର୍ଗମନକାରୀ ଦ୍ରବ୍ୟ ଆବଶ୍ୟକ ହେଉଛି।

ଉତ୍ପାଦ ପାଇଁ କଞ୍ଚାମାଲ କିଣିବା ଓ ତାହାକୁ ବ୍ୟବହାର କରିବାରେ ନିବେଶ ହାର କମ୍ କଲେ ଜଳବାୟୁ କ୍ଷେତ୍ରରେ ହେଉଥିବା ଏହି ବ୍ୟାପକ କ୍ଷତିକୁ ଅଟକାଇ ହେବ। ଅଧିକନ୍ତୁ, ଆୟ ବଢୁଥିବାରୁ ଚାଇନାର ଉପଭୋକ୍ତାକମାନେ ସେମାନଙ୍କର ଖର୍ଚ୍ଚକୁ ଆନୁପାତିକ ଭାବେ ସେବା କ୍ଷେତ୍ରକୁ ପରିବର୍ତ୍ତନ କରିବେ। ସମଗ୍ର ବିଶ୍ୱରେ, ପରିବାରଗୁଡ଼ିକ ଧନୀ ହେଲେ ସେମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଆତିଥ୍ୟ ପାଇଁ ଅଧିକ ଖର୍ଚ୍ଚ କରନ୍ତି ଏବଂ କାର୍ବନ ନିର୍ଗମନକାରୀ ଦ୍ରବ୍ୟ ଉପରେ କମ୍ ଖର୍ଚ୍ଚ କରନ୍ତି। ବିକାଶର ଏହି ନିର୍ବିବାଦ ନିୟମ ଚାଇନାର ନିର୍ଗମନ ବୃଦ୍ଧିକୁ ରୋକିବ ଏବଂ କାର୍ବନ ନିର୍ଗମନ ହ୍ରାସ କରିବାର ବଳିଷ୍ଠ ପଦକ୍ଷେପଗୁଡ଼ିକ ଦ୍ୱାରା ଏହାକୁ କମାଇବାକୁ ଅନୁମତି ଦେବ। ନିର୍ଗମନ ହ୍ରାସ କରିବା ଲାଗି ବିଦ୍ୟୁତ୍ ଯାନ (ଇଭିଏସ୍)କୁ ପ୍ରୋତ୍ସାହିତ କରିବାକୁ ଚାଇନା ପ୍ରସ୍ତୁତ ହୋଇସାରିଲାଣି। ଅନ୍ୟ ବୃହତ୍ ଅର୍ଥ ବ୍ୟବସ୍ଥା ତୁଳନାରେ ଇଭିଏସ୍ କ୍ଷେତ୍ରରେ ତାହାର ଉତ୍ଥାନ ଅତୁଳନୀୟ। ଅଗଷ୍ଟ ସୁଦ୍ଧା ଇଭିଏସ୍ ଏବଂ ଉଭୟ ଜୀବାଶ୍ମ ଓ ବିଦ୍ୟୁତ୍‌ଚାଳିତ ଯାନର ଆକାର ଚାଇନା କାର୍ ବଜାରର ୪୦%ରେ ପହଞ୍ଚିଛି। ଏହା କୋଭିଡ୍ ମହାମାରୀ ପୂର୍ବରୁ ପ୍ରାୟତଃ ଶୂନ ସ୍ତରରେ ଥିଲା।

ଏବେ ଚାଇନାର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆକଳନ କରିଛି ଯେ, ଚଳିତବର୍ଷ ଚାଇନିଜ୍ ତୈଳ ଚାହିଦା ବୃଦ୍ଧି ପାଇବ। ବିଶ୍ୱସ୍ତରରେ ୨୦୨୮ ସୁଦ୍ଧା ତୈଳ ଚାହିଦା ବୃଦ୍ଧି ପାଇବ ବୋଲି ଅନ୍ତଃରାଷ୍ଟ୍ରୀୟ ଶକ୍ତି ଏଜେନ୍ସି (ଆଇଇଏ) ମଧ୍ୟ ଆକଳନ କରିଛି। ଏହା ସତ ଯେ, ଇଭିଏସ୍‌କୁ ପ୍ରୋତ୍ସାହିତ କରିବା ଓ ଜୀବାଶ୍ମ ଇନ୍ଧନ ମଧ୍ୟରେ ସମନ୍ୱୟ ରକ୍ଷା କଲେ ତାହା ବିଦ୍ୟୁତ୍ ଚାହିଦା ଉପରେ ଅଧିକ ଚାପ ପକାଇବ। କିନ୍ତୁ ଇଭିଏସ୍ ଅକ୍ଷୟ-ଶକ୍ତି ଉତ୍ସ ଦ୍ୱାରା ଚାଳିତ ବିଦ୍ୟୁତ୍ ଗ୍ରୀଡ୍‌ର ସ୍ଥିରତା ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଯେହେତୁ ଅଧିକାଂଶ କାର୍ ଦିନକୁ ପ୍ରାୟ ୨୩ ଘଣ୍ଟା ପାଇଁ ଗତିହୀନ ଅବସ୍ଥାରେ ରହେ, ସେ କ୍ଷେତ୍ରରେ ଇଭିଏସ୍ ବ୍ୟାଟେରି ବ୍ୟାକ୍‌ଅପ୍ ଭାବରେ କାର୍ଯ୍ୟ କରିପାରିବ। ତଥାପି, କୋଇଲାକୁ ବନ୍ଦ କରିବା ଏବଂ କାର୍ବନ ଡାଇଅକ୍ସାଇଡ ନିର୍ଗମନ ହ୍ରାସ କରିବା ପାଇଁ ଚାଇନା ସାମଗ୍ରିକ ବିଦ୍ୟୁତ୍ ଚାହିଦା ଅଭିବୃଦ୍ଧିକୁ ମନ୍ଥର କରିବାକୁ ପଡ଼ିବ। ଗୋଟିଏ ସର୍ତ୍ତ ହେଉଛି, ଚାଇନା କୋଇଲାଚାଳିତ ଗ୍ରୀଡ୍‌କୁ ବାଦ ଦେବା ଉପରେ ଜୋର ଦେବା ଆରମ୍ଭ କରିବା ଦରକାର। ଅନ୍ୟଟି ହେଉଛି ଚାଇନା ନିବେଶଭିତ୍ତିକ ଅଭିବୃଦ୍ଧିରୁ ଦୂରେଇ ରହି ଘରୋଇ ସେବାର ବିକାଶକୁ ଉତ୍ସାହିତ କରିବା ଉପରେ ଧ୍ୟାନ ଦେବ। ଫଳରେ ଶକ୍ତି ଚାହିଦା ବୃଦ୍ଧି ଓ କାର୍ବନ ନିର୍ଗମନରୁ ଘଟୁଥିବା ଆର୍ଥିକ ଅଭିବୃଦ୍ଧିରୁ ସମ୍ପୂର୍ଣ୍ଣ ଦୂରେଇ ରହିହେବ। କିନ୍ତୁ ଜଳବାୟୁ ଦୃଷ୍ଟିକୋଣରୁ ଚାଇନା ପରବର୍ତ୍ତୀ ଅର୍ଥନୈତିକ ଅଧ୍ୟାୟ ଖୁବ୍‌ଶୀଘ୍ର ଆସିପାରିବ ନାହିଁ।

# ବିଶ୍ୱ ଦେଖ ମଧୁମୟ



କିଶୋର ମହାନ୍ତି

ଜୀବନ ପରି ଜୀବନ ନେଇ ବଞ୍ଚିବା ସ୍ୱପ୍ନ ସାର୍ଥକ ହୁଏ ଏହି ପୃଥିବୀରେ। ପୃଥିବୀଠାରୁ ସୁନ୍ଦର ତଥା ମନୋରମ ସୁରକ୍ଷିତ ଆଶ୍ରୟସ୍ଥଳ ଆଉ ସତରେ କାହିଁ। କେଉଁ ମନ୍ୱନ୍ତର କାଳରୁ ଏ ଜନବସତି। ପୁରାତନ ପ୍ରସ୍ତର ଯୁଗରୁ ଡେଇଁ ଡେଇଁ ଆସି ମଣିଷ ଆଜି ଏ ପ୍ରଜ୍ଞାଦୀପ୍ତ ପୃଥିବୀରେ କେହି କ'ଣ ବିଶ୍ୱାସ କରିପାରିବେ। ସମୟ ସହିତ ତାଳ ଦେଇ ଆଗେଇ ଚାଲିଛି ଜୀବନ, ଜଗତ, ପ୍ରାଣୀ ସକଳ, ବୃକ୍ଷଲତା। ସେଗୁଡ଼ିକ ମଣିଷକୁ ବଞ୍ଚାଇ ଅଶେଷ ସାହାଯ୍ୟ ଦେଇଛନ୍ତି। ବଞ୍ଚିବା ପାଇଁ ଯେତେ ପାଣି, ପବନ, ଆଲୋକ ଦରକାର ତାହା ହିଁ ଏହିଠୁ ମିଳେ। କହିବାକୁ ଗଲେ ଏ ବିଶ୍ୱ ସହିତ ଆମର ସମ୍ପୃକ୍ତି ଗଭୀରତମ। ଦର୍ଶନ କହେ ବିଶ୍ୱ ଓ ଆମେ ଅଭିନ୍ନାତ୍ମା, ଆତ୍ମୀୟତା ଡୋରିରେ ଏ ବିଶ୍ୱ ପ୍ରକୃତି ଆମ ସହିତ ଛନ୍ଦି ହୋଇରହିଛି। ବିଶ୍ୱରୁ ଆମେ ଯେ ଅନାବିଳ ବାତ୍ସଲ୍ୟ ମମତା ପାଉ ତାହାର ତୁଳନା ନାହିଁ। ଆମ ବଞ୍ଚିରହିବାକୁ ଆହୁରି ମନୋଜ୍ଞ ଆଉ ନୈସର୍ଗିକ କରିବା ପାଇଁ ଭରି ଦେଇଛି ବିଶାଳ ସାଗର। ମାଳମାଳ ଅରଣ୍ୟାନୀ, ସୁଉଚ୍ଚ ପର୍ବତ, ଦିଗନ୍ତ ବିସ୍ତାରି ଘଞ୍ଜଜଙ୍ଗଲ। ଏପରି ଶୋଭନୀୟ ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟରେ ପ୍ରତିଟି ମଣିଷ ସତରେ ଆତ୍ମହରା ହୋଇଉଠେ। ବିଶ୍ୱରେ ଭରିରହିଥିବା ପ୍ରକୃତିର ଅପୂର୍ବ ରୂପଚିତ୍ର ମଣିଷ ମନକୁ ବହୁ ରଙ୍ଗରେ ରଙ୍ଗାୟିତ କରିଦିଏ। ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ହେବ ଯେ-

''ଧନ୍ୟ ଜୀବନ ତା ଜଗତେ/ଯେ ପ୍ରାଣଧରେ ପ୍ରାଣୀ ହିତେ...''। ପ୍ରବାହିତ ଅସଂଖ୍ୟ ନଦୀ ହିଁ ଜଳଦାନ କରେ - ସେ ଭେଦଭାବ ସୃଷ୍ଟି କରେନା। ନଦୀର ଜାତି ନ ଥାଏ - ଧର୍ମ ଓ ଅପାର କୃପାକୁ ପାଥେୟ କରି ମଣିଷକୁ ସୁମାର୍ଗରେ ଯିବା ପାଇଁ ପ୍ରେରିତ କରେ। ବେଳେ ବେଳେ ତା'ର ଧୀର ମନ୍ଥର ଗତି ନିରବ ପ୍ରଶାନ୍ତି ମନକୁ ଆଣିଦିଏ। ସମୁଦ୍ର ଭିତରେ ଏକୀଭୂତ ହୋଇଥିବା ନଦୀର ପୃଥକ୍ ପରିଚୟ ବି କିଛି ନ ଥାଏ। ସେଇ ପ୍ରଶାନ୍ତି ଭିତରେ ତା'ର ଭୀମଭୈରବ ମୂର୍ତ୍ତି ଆମକୁ ବି ଭିତତ୍ରସ୍ତ କରିଦିଏ। ବିଶ୍ୱ ଆମକୁ ଦେଖାଇ ବି ଦେଇଛି ତା'ର ଅନନ୍ୟ ଅସାଧାରଣ ରୂପ - ଯେଉଁଠି ମାଇଲ ମାଇଲ ବ୍ୟାପୀ ହରିତ ଉପବନ, ପୁଣି ଅପର ପକ୍ଷରେ ଦିଗନ୍ତ ବ୍ୟାପୀ ମରୁଭୂମି, ଅଦୃଶ୍ୟ ସ୍ଥପତିଙ୍କର ଏ ଯେ ଅଲୌକିକ କଳା କାରିଗରି।

ସାରା ବିଶ୍ୱକୁ ଏକ ପରିବାର ବୋଲି ପରିକଳ୍ପନା କରାଯାଇଛି - ଏହି ଦିବ୍ୟ ମହାମନ୍ତ୍ର ଭାରତ ଭୂଖଣ୍ଡରୁ ଉଦ୍‌ଘୋଷିତ ହୋଇଥିଲା। ମଣିଷର ଭାବାତ୍ମକ ଚିନ୍ତାଧାରା ଓ ନିଜର ବିଚାରଧାରା ଓ କାର୍ଯ୍ୟଶୈଳୀ ପରିବ୍ୟାପ୍ତ କରିବାର ଏକ ବଳିଷ୍ଠ ସୂତ୍ର। ଭାରତୀୟଙ୍କର ଏହି ଅମୂଲ୍ୟ ବିଚାରଧାରା ଆଜି ସାରା ବିଶ୍ୱକୁ ଅଭିମନ୍ତ୍ରିତ କରୁଛି। ବୃହତ୍ ଭାବନାକୁ ସୁବାସିତ କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ଆତ୍ମା ଭିତରେ ବସୁଧୈବ କୁଟୁମ୍ବକମ୍‌ର ପୁଷ୍ପକୁ ପରିସ୍ଫୁଟ କରିବାକୁ ହେବ। ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ସହ ହାତମିଳାଇ ପରିବାର ଗଢ଼େ। ପରିବାରରୁ ସମାଜର ଜନ୍ମ। ସମାଜ ଗଢ଼େ ଦେଶ। ଦେଶ ଦେଶ ମିଶି ବିଶ୍ୱ ତିଆରି ହୁଏ - ବିଶ୍ୱ ହୁଏ ସମଗ୍ର ମାନବଜାତିର ବାସସ୍ଥାନ। ଏ ବିଶ୍ୱ ଶାନ୍ତି ଲୋଡ଼େ। ସମାଜ ପାଇଁ ଶାନ୍ତି କେତେ ଲୋଡ଼ା ତାହା ଆଜି ଚିନ୍ତାର ବିଷୟ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଉଦ୍ୟମ ଆବଶ୍ୟକ। ମଣିଷର ସୁଖ, ଦୁଃଖ, ଆନନ୍ଦ ନିରାନନ୍ଦକୁ ସମସ୍ତେ ସମପରିମାଣରେ ଗ୍ରହଣ କରିବା ଦରକାର। ସବୁ ଦେଶ ମିଶି ଏହା କରିପାରିଲେ ଏ ବିଶ୍ୱ ଯଥାର୍ଥରେ ମଧୁମୟ ହେଇଉଠିବ। ପରୋକ୍ଷରେ ଏହା ମାନବବାଦର ଚେତନାଧର୍ମୀ ମହାମନ୍ତ୍ର ନୁହେଁ କି ? ଆଜି ସାରା ବିଶ୍ୱ ସାମୂହିକ ଭାବରେ ଅନ୍ତଃରାଷ୍ଟ୍ରୀୟ ଗବେଷଣା କ୍ଷେତ୍ରରେ ହାତ ମିଳାଇଛନ୍ତି। ମାନବବାଦର ଜୟଯାତ୍ରା ଅବ୍ୟାହତ ରହିଥିବ ଯେତେବେଳ ଯାଏ ଏକ ବିଶ୍ୱର ପରିକଳ୍ପନା ସମସ୍ତେ କରିବେ; ଐକ୍ୟ, ସଂହତି, ଭ୍ରାତୃତ୍ୱ, ସଂଘବଦ୍ଧତା ପ୍ରତି ଅଧିକ ଧ୍ୟାନ ଦେଇ ସମଗ୍ର ମାନବ ସମାଜ ଦେଶ ଦେଶ ଓ ମଣିଷ ମଣିଷ ଯୋଡ଼ି ହେବାର ପ୍ରୟାସ ଆରମ୍ଭ କରିବାର ଉଦ୍ୟମ ଜାରି ରଖିବ। ବାସ୍ତବିକ ଏ ବିଶ୍ୱ ସୁନ୍ଦର, ମଧୁର ଆଉ ବର୍ଣ୍ଣିଳ। ଏହି ମଧୁରତାକୁ ନେଇ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି -

''ବିଶ୍ୱ ଦେଖ ମଧୁମୟରେ ଜଗତ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ
ବିଶ୍ୱ ଦେଖ ମଧୁମୟ''।

ସେକ୍ଟର -୭, ସିଡିଏ, କଟକ
ମୋ: ୯୪୩୭୭୨୮୪୭୫

## ଏଇ ଭାରତରେ

ପ୍ରାକୃତିକ ସମ୍ପଦର କ୍ଷତି ନ କରି ଏକ ପରିବେଶ ଉପଯୋଗୀ ଘର ନିର୍ମାଣ କରିବା କଷ୍ଟକର ହେଲେ ବି ତାହା ସମ୍ଭବ ହୋଇପାରିଛି ହାଇଦ୍ରାବାଦର ଏକ ପିତା-ପୁତ୍ର ଯୋଡ଼ିଙ୍କ ଦ୍ୱାରା। ଏମାନେ ହେଉଛନ୍ତି ଏମ୍.ଭି. ରାମଚନ୍ଦ୍ରାଡୁ ଏବଂ ଭବାନୀ। ପିତା-ପୁତ୍ର ମିଶି ଏକ ଶିପିଂ କଣ୍ଟେନରକୁ ପରିବେଶ ଉପଯୋଗୀ ଦୁଇ ମହଲା ବିଶିଷ୍ଟ ଘର କରିପାରିଛନ୍ତି। ଶିପିଂ କଣ୍ଟେନରକୁ କାର୍ଗୋ କମ୍ପାନୀରୁ ସେମାନେ କିଣିଛନ୍ତି। ଘରକୁ ଏଭଳି ନିର୍ମାଣ କରିଛନ୍ତି ଯେ ସେଥିରେ ସୌର ଶକ୍ତି ଉତ୍ପାଦନ କରି ଆବଶ୍ୟକ ଚାହିଦା ପୂରଣ କରିପାରୁଛନ୍ତି। ଏହାବ୍ୟତୀତ ବର୍ଷକୁ ଏହି ଘରେ ୪୦,୦୦୦ ଲିଟର ବର୍ଷାଜଳ ସଂରକ୍ଷଣ କରିବାର ବ୍ୟବସ୍ଥା କରିଛନ୍ତି। ଏହି ଜଳକୁ ବଗିଚା ଓ ଅନ୍ୟ କାମରେ ବ୍ୟବହାର କରାଯାଉଛି। ୫୭ ବର୍ଷୀୟ ରାମଚନ୍ଦ୍ରାଡୁ ୩୦ ବର୍ଷ ହେଲା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି। ସେ ଶିପିଂ କଣ୍ଟେନରରେ କରିଥିବା ଘରେ ସାଇକେଲ ରିମ୍, ପୁରୁଣା ଗ୍ଲାସ୍ ଡୋର, ପୁରୁଣା ଷ୍ଟିଲ୍ ପାଇପ ଆଦି ଉପଯୋଗ ହୋଇଛି। ଭଙ୍ଗା ସେରାମିକ ମଧ୍ୟ ବ୍ୟବହାର ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୩ ନଭେମ୍ବର ୧୯୯୮

- ଆସାମର ଖାନାପଡ଼ାସ୍ଥିତ ପଶୁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା ଡିପୋ ନିକଟରେ ଏଲ୍‌ପିଜି ଟ୍ୟାଙ୍କର ବିସ୍ଫୋରଣ ଘଟି ୧୦ ଜଣ ଲୋକଙ୍କ ମୃତ୍ୟୁ।
- ବିହାର ଗୋଖାଦ୍ୟ ଦୁର୍ନୀତି ମାମଲାରେ ୨ ଅଭିଯୁକ୍ତ ଉଷା ସିଂ ଓ ଗୌରୀଶଙ୍କର ପ୍ରସାଦଙ୍କ ସିବିଆଇ ଜଜ୍ ଏସ୍.କେ. ଲାଲଙ୍କ ଅଦାଲତରେ ଆତ୍ମସମର୍ପଣ।
- ବିଜେଡି ସାଧାରଣ ସମ୍ପାଦକ ପଦରୁ ବିଧାୟକ ଦେବୀ ମିଶ୍ରଙ୍କ ଇସ୍ତଫା ପ୍ରଦାନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 6 | 4 | | |
| | | 6 | | 9 | 1 | | | |
| 3 | 7 | | | | | | | |
| 8 | | | 2 | | | | 3 | 7 |
| | | 5 | 1 | | | | | |
| | 9 | | | | 5 | | | 8 |
| 2 | | | | | | 8 | | |
| | | 7 | 8 | | 3 | | | |
| | 3 | | 5 | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 2 | 4 | 8 | 1 | 7 | 5 |
| 8 | 5 | 2 | 1 | 7 | 9 | 3 | 4 | 6 |
| 1 | 7 | 4 | 5 | 3 | 6 | 2 | 9 | 8 |
| 2 | 4 | 9 | 6 | 8 | 5 | 7 | 3 | 1 |
| 5 | 3 | 8 | 4 | 1 | 7 | 9 | 6 | 2 |
| 7 | 1 | 6 | 9 | 2 | 3 | 8 | 5 | 4 |
| 4 | 8 | 7 | 3 | 6 | 1 | 5 | 2 | 9 |
| 9 | 6 | 1 | 7 | 5 | 2 | 4 | 8 | 3 |
| 3 | 2 | 5 | 8 | 9 | 4 | 6 | 1 | 7 |

ଗତକାଲିର ଉତ୍ତର

# ମଣିଷ-ଈଶ୍ୱର



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ଥରେ କୌଣସି ଏକ ଶୀତଦିନର ପୂର୍ବାହ୍ନରେ ଦଶ ବର୍ଷ ବୟସର ଜଣେ ଗରିବ ବାଳକ ଗୋଟିଏ ଜୋତା ଦୋକାନ ସାମନାରେ ଛିଡ଼ା ହୋଇ ଦୋକାନ ଭିତରେ ଶୋଭାପାଉଥିବା ଜୋତାକୁ ଏକ ଲୟରେ ଚାହିଁରହିଥାଏ। ମାତ୍ର ଜୋତା କିଣିବା ପାଇଁ ତା' ନିକଟରେ ଅର୍ଥ ନ ଥାଏ। ଦୋକାନ ବାହାରେ ପ୍ରବଳ ଥଣ୍ଡାରେ ତା'ର ପାଦ ଦୁଇଟି କୋଲ ମାରି ଯାଉଥାଏ। ଏହି ସମୟରେ ସେଠି ପହଞ୍ଚିଲେ ଜଣେ ମହିଳା। ପିଲାଟିକୁ ଦେଖି ପଚାରିଲେ, ''ତୁ ଏଠି ଏକା ଛିଡ଼ା ହୋଇ ଭାବୁଛୁ କ'ଣ ?'' ପିଲାଟି କହିଲା ''ମୁଁ ମନେ ମନେ ଈଶ୍ୱରଙ୍କୁ ଡାକୁଥିଲି ଓ ଏହି ଦୋକାନରୁ ମୋତେ ଜୋତା ହଳଟିଏ ଦେବାପାଇଁ ପ୍ରାର୍ଥନା କରୁଥିଲି।'' ପିଲାଟିର କଥା ଶୁଣି ମହିଳା ଜଣକ ହସିଲେ। ତା'ପରେ ତା'ର ହାତଧରି ତାକୁ ନେଇଗଲେ ଦୋକାନ ଭିତରକୁ ଓ ତାକୁ ଗୋଟିଏ ହଳ ନୁହେଁ, ଦୁଇ ହଳ ଜୋତା ପସନ୍ଦ କରିବାକୁ କହିଲେ। ପିଲାଟି ମହିଳାଙ୍କ ପ୍ରସ୍ତାବରେ କୁଣ୍ଠା ପ୍ରକାଶ କରନ୍ତେ ସେ ନିଜେ ତା' ପାଇଁ ଦୁଇହଳ ଜୋତା ବାଛି ଦେଲେ। ଦୋକାନୀକୁ ଦେୟ ପ୍ରଦାନ କଲେ। ଗୋଟିଏ ହଳ ଜୋତା ତା' ପାଦରେ ପିନ୍ଧାଇ ଦେଇ ଆଉ ହଳେ ଜୋତା ତା' ହାତରେ ଧରାଇ ଦୋକାନ ବାହାରକୁ ଚାଲିଆସିଲେ। ମହିଳାଙ୍କ ଏପରି ଆଚରଣରେ ପିଲାଟି ଆଶ୍ଚର୍ଯ୍ୟ ହେଲା। ଦୋକାନ ବାହାରକୁ ଆସିବା ପରେ ପିଲାଟି ମହିଳାଙ୍କୁ ପଚାରିଲା ''ଆପଣ କ'ଣ ଈଶ୍ୱରଙ୍କ ପତ୍ନୀ ?'' ପିଲାଟି ମୁହଁରୁ ଏ କଥା ଶୁଣି ମହିଳା ଜଣକ ସେଠୁ ଅନ୍ତର୍ଦ୍ଧାନ ହୋଇଗଲେ, ମାତ୍ର ସେ ନିଜକୁ ନିଜେ ପଚାରୁଥିଲେ 'ମୁଁ ନିଜେ କାହିଁକି ଈଶ୍ୱର ହୋଇପାରିବି ନାହିଁ।' ଏଇଠି କାହାଣୀର ପରିସମାପ୍ତି।

ଉପରୋକ୍ତ କାହାଣୀରେ ଈଶ୍ୱର ଗରିବ ବାଳକକୁ ସାହାଯ୍ୟ କରିଛନ୍ତି ଜଣେ ମହିଳା ମାଧ୍ୟମରେ। ମାତ୍ର ବାଳକ ଭାଷାରେ ଈଶ୍ୱର ମହିଳା ନୁହନ୍ତି, ମହିଳା ଜଣକ ଈଶ୍ୱରଙ୍କ ପ୍ରତିନିଧି। ଅନ୍ୟ ଦିଗରେ ମହିଳାଙ୍କ ପ୍ରଶ୍ନ ହେଉଛି ସେ ନିଜେ କାହିଁକି ଈଶ୍ୱର ହେବେ ନାହିଁ। ଈଶ୍ୱର ପୁରୁଷ ହୁଅନ୍ତୁ ବା ମହିଳା ସେ ମଣିଷ ରୂପରେ ମଣିଷକୁ ସାହାଯ୍ୟ କରନ୍ତି। ଉଭୟ ପୁରୁଷ ଓ ମହିଳା ଭିତରେ ଥିବା ମଣିଷ ହିଁ ପ୍ରକୃତ ଦେବତା। ''ଦେବୋ ଦାନାତ୍'' (ନିରୁକ୍ତ) ଅର୍ଥାତ୍ ଯିଏ ଦିଅନ୍ତି ସେ ଦେବତା। ଈଶ୍ୱର ପୁରୁଷ ନୁହନ୍ତି କି ମହିଳା ନୁହନ୍ତି। ସେ ଲିଙ୍ଗର ଊର୍ଦ୍ଧ୍ୱରେ।

ମଦର ଟେରେସାଙ୍କ ଜୀବନରେ ଅନେକ ଘଟଣା ଘଟିଛି, ଯେଉଁଥିରେ ଈଶ୍ୱର ମଣିଷ ମଧ୍ୟ ଦେଇ ଆତ୍ମପ୍ରକାଶ କରିଛନ୍ତି। ଟେରେସାଙ୍କ ଆଶ୍ରମର ଅନ୍ତେବାସିନୀମାନଙ୍କ ପାଇଁ ଦାନଶୀଳ ବ୍ୟକ୍ତିମାନଙ୍କଠାରୁ ଶୀତବସ୍ତ୍ର ସଂଗ୍ରହ କରାଯାଏ। ଗୋଟିଏ ବର୍ଷ ନଭେମ୍ବର ମାସରେ ହଠାତ୍ ଶୀତ ମାଡ଼ି ଆସିଲା। ମାତ୍ର ସେତେବେଳକୁ ଆବଶ୍ୟକ ଶୀତବସ୍ତ୍ର ସଂଗୃହୀତ ହୋଇ ପାରି ନ ଥାଏ। ଟେରେସା କୌଣସି ଉପାୟ ନ ପାଇ ତକିଆଗୁଡ଼ିକୁ ଚିରି ସେଥିରୁ ତୁଳା ବାହାର କରି ପାଖରେ ଗଚ୍ଛିତ ଥିବା ରେଜେଇ ଖୋଳରେ ଭର୍ତ୍ତି କରିବା ପାଇଁ ଲାଗିପଡ଼ିଲେ। ଠିକ୍ ସେହି ସମୟରେ ଜଣେ ଭଦ୍ରବ୍ୟକ୍ତି ପହଞ୍ଚି ଟେରେସାଙ୍କୁ କହିଲେ, ''ମୁଁ କିଛିଦିନ ପାଇଁ ବିଦେଶ ଯିବି। ଫେରିବାକୁ ଡେରି ହେବ। ମୋ ଆସିବା ବେଳକୁ ରେଜେଇ କମ୍ବଳ ଆଦି ନଷ୍ଟ ହୋଇଯାଇଥିବ। ଏଣୁ ସେସବୁ ଆଶ୍ରମକୁ ଦେଇଦେବାକୁ ଚାହେଁ।'' ମଦର ସମ୍ମତି ଦେଲେ ଓ ସେ ଭଦ୍ରବ୍ୟକ୍ତି ସବୁ ଶୀତବସ୍ତ୍ର ଦାନ କଲେ। ଆଶ୍ରମର ସମସ୍ୟା ସମାଧାନ ହୋଇଗଲା। ଆଉ ଏକ ଦିନର ଘଟଣା। ସେଦିନ ଆଶ୍ରମର ଅନ୍ତେବାସିନୀମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ନ ଥିଲା। ଟେରେସା ଚିନ୍ତିତ



ଥା'ନ୍ତି କିପରି ସେମାନଙ୍କ କ୍ଷୁଧା ଦୂର କରିବେ। ହଠାତ୍ ଜଣେ ଭଦ୍ରବ୍ୟକ୍ତି ଆସି କହିଲେ, ''ମଦର, ମୁଁ ଦେଶାନ୍ତର ଯିବି। ଏଣୁ ଘରେ ମହଜୁଦ ଥିବା ଡାଲି ଚାଉଳ ଆଶ୍ରମକୁ ଦେଇଯିବି। ଆପଣଙ୍କ ସମ୍ମତି ଚାହୁଁଛି।'' ମଦର ସମ୍ମତି ଦେଲେ ଓ ସେ ଦେଇଥିବା ଚାଉଳ ଓ ଡାଲିରେ ରୋଷେଇ ହୋଇ ଅନ୍ତେବାସିନୀମାନଙ୍କ ରାତିଟି ଅତିବାହିତ ହେଲା। ମଦର ଟେରେସାଙ୍କ ଦୃଢ଼ବୋଧ ହେଲା ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ହୋଇଗଲେ ସେ ମଣିଷ ଭିତରେ ଆତ୍ମପ୍ରକାଶ କରି ଦୁଃଖୀ ମଣିଷକୁ ସାହାଯ୍ୟ କରନ୍ତି।

ସ୍ୱାମୀ ବିବେକାନନ୍ଦ ବେଦାନ୍ତକୁ ଏକ ଭାବାତ୍ମକ ଦର୍ଶନ ଭାବରେ ବିଚାର ନ କରି ଏକ ପ୍ରାୟୋଗିକ ଦର୍ଶନ ଭାବରେ ଗ୍ରହଣ କରିଥିଲେ। ବେଦାନ୍ତ କହେ ପରମାତ୍ମା ସର୍ବଭୂତରେ ବିଦ୍ୟମାନ। ପୁନଶ୍ଚ ସେ ସର୍ବବ୍ୟାପୀ ହୋଇଥିବାରୁ ଆମେ ସମସ୍ତେ ତାଙ୍କରି ଭିତରେ ଏକ, ମାତ୍ର ସତ୍ତା ପ୍ରକଟନରେ ଭିନ୍ନ ଭିନ୍ନ। ଅଜ୍ଞତାବଶତଃ ଆମେ ନିଜକୁ ଅନ୍ୟଠାରୁ ଭିନ୍ନ ମନେକରୁ। ଯଦି ଆମେ ଭାବନ୍ତେ ଆମେ ସମସ୍ତେ ଅଭିନ୍ନ, ଅର୍ଥାତ୍ ମୁଁ ତୁମର ଅଂଶ ଓ ତୁମେ ମୋର ଅଂଶ, ତା'ହେଲେ ତୁମକୁ କ୍ଷତାକ୍ତ କଲେ ମୁଁ କ୍ଷତାକ୍ତ ହେବି ଓ ତୁମକୁ ସାହାଯ୍ୟ କଲେ ମୁଁ ନିଜକୁ ସାହାଯ୍ୟ କରିବି। ସେହି ନ୍ୟାୟରେ ପ୍ରତିବେଶୀର ମଙ୍ଗଳରେ ଆମର ମଙ୍ଗଳ ଓ ଆମର ମଙ୍ଗଳରେ ପ୍ରତିବେଶୀର ମଙ୍ଗଳ ନିହିତ। ଏହା ହେଉଛି ଅଦ୍ୱୈତ ବେଦାନ୍ତର ମୂଳ କଥା। ଏହାକୁ ଆଧାର କରି ସ୍ୱାମୀ ବିବେକାନନ୍ଦ କହିଥିଲେ, ମାନବ ସେବା ହିଁ ମାଧବ ସେବା। ପ୍ରତ୍ୟେକ ମଣିଷ ଜଣେ ଜଣେ ଈଶ୍ୱର। ଆମେ ଅଦୃଶ୍ୟ, ସର୍ବତ୍ର ପରିବ୍ୟାପ୍ତ ଈଶ୍ୱରଙ୍କୁ ନ ଖୋଜି ମଣିଷ ଭିତରେ ଆତ୍ମପ୍ରକାଶ କରିଥିବା ଈଶ୍ୱରଙ୍କୁ ଖୋଜିଲେ, ତାଙ୍କୁ ସହଜରେ ଆବିଷ୍କାର କରିପାରିବା। ମଦର ଟେରେସାଙ୍କ ଜୀବନରେ ଉପରଲିଖିତ ଦୁଇଟି ଘଟଣାରେ ସେ ମଣିଷ ଭିତରେ ଈଶ୍ୱରଙ୍କୁ ଦେଖିଥିଲେ। ଏହି ମଣିଷମାନେ ହିଁ ପୃଥିବୀକୁ ସୁନ୍ଦର ଭାବରେ ଗଢ଼ି ତୋଳିବେ। ପ୍ରତ୍ୟେକ ମଣିଷ ଦିବ୍ୟ। ଏଣୁ ଅତିବଡ଼ୀ ଜଗନ୍ନାଥ ଦାସ କହିଥିଲେ, ''ମନୁଷ୍ୟ ଦେହେ ଦିବ୍ୟଜ୍ଞାନ, ଦେଖି ସନ୍ତୋଷ ଭଗବାନ।'' ମଣିଷମାନେ ଈଶ୍ୱରଙ୍କ ବ୍ୟବହାର ଉପଯୋଗୀ ହେବାପାଇଁ ନିଜକୁ ନିର୍ମାଣ କଲେ ପୃଥିବୀରେ ଧର୍ମ, ସତ୍ୟ ଓ ଶାନ୍ତି ପ୍ରତିଷ୍ଠିତ ହେବ। ଜାତି, ସମ୍ପ୍ରଦାୟ, ଧର୍ମ, ସାମାଜିକ ପ୍ରତିଷ୍ଠା ନିର୍ବିଶେଷରେ ଯେ କୌଣସି ମଣିଷ ଈଶ୍ୱର ପାଲଟିଯାଇ ପାରିବେ। ଅଦୃଶ୍ୟ ଈଶ୍ୱରଙ୍କ ଉପରେ ନିର୍ଭର ନ କରି ମଣିଷ ଈଶ୍ୱର ଉପରେ ଭରସା କରିବା ବେଶି ଯୁକ୍ତିଯୁକ୍ତ। ଏଣୁ ସ୍ୱାମୀ ବିବେକାନନ୍ଦ ମଣିଷ ଭିତରେ ଥିବା ଈଶ୍ୱରଙ୍କ ଉପାସନା କରିବା ପାଇଁ ଆହ୍ୱାନ ଦେଉଥିଲେ। ଥରେ ମେରି ହେଲିଙ୍କୁ ସେ ଚିଠିରେ ଲେଖିଥିଲେ, ''ନିଖିଳ ଆତ୍ମାର ସମଷ୍ଟିରୂପେ ଏକମାତ୍ର ଈଶ୍ୱର ବିଦ୍ୟମାନ ଅଛନ୍ତି ଓ ମୁଁ ସେହି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ। ସେହି ଈଶ୍ୱରଙ୍କ ପୂଜା ପାଇଁ ମୁଁ ଥରକୁ ଥର ଜନ୍ମଗ୍ରହଣ କରିବାକୁ ଚାହେଁ ଓ ମୋର ଇଚ୍ଛା ନରନାରାୟଣ ଯେପରି ମୋର ସର୍ବାଧିକ ଉପାସ୍ୟ ଦେବତା ହୁଅନ୍ତୁ।'' ମାତ୍ର ମଣିଷ ଈଶ୍ୱରଙ୍କୁ ମଣିଷ ଭିତରେ ନ ଖୋଜି ମନ୍ଦିର, ମସ୍‌ଜିଦ ଓ ଗୀର୍ଜାରେ ଖୋଜୁଛି। ନିଜ ଆଖି ଆଗରେ ଚଳପ୍ରଚଳ ହେଉଥିବା ପରିଦୃଶ୍ୟମାନ ମଣିଷ-ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରି ଅଦୃଶ୍ୟ ଈଶ୍ୱରଙ୍କ ଉପରେ ନିର୍ଭର କରୁଛି। ଏହା ହିଁ ବିଡ଼ମ୍ବନା।

ମୋ:୯୪୩୭୩୨୯୨୬୩

## ପାଠକ ଶ୍ରେଷ୍ଠ ବିଚାରକ

### ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ଜଳାଶୟ ଚଉଡ଼ା କରାଯାଉ

ମହାଶୟ,

ପ୍ରଦୂଷଣ କବଳରୁ ପରିବେଶର ସୁରକ୍ଷା ପାଇଁ ସରକାରଙ୍କ ଦ୍ୱାରା ଅସ୍ଥାୟୀ ଜଳାଶୟ ନିର୍ମାଣ ବ୍ୟବସ୍ଥା ଅତ୍ୟନ୍ତ ଭଲ ପଦକ୍ଷେପ। ବିଭିନ୍ନ ପୂଜାପାର୍ବଣରେ ପୂଜିତ ମୂର୍ତ୍ତି ଓ ପ୍ରତିମା ବିସର୍ଜନ ପାଇଁ ବ୍ୟବହାର କରାଯାଉଥିବା ଅସ୍ଥାୟୀ ଜଳାଶୟକୁ ଚଉଡ଼ା ଓ ଗଭୀର କରି ପ୍ରଚୁର ଜଳ ପୂର୍ଣ୍ଣ କରିବାର ଆବଶ୍ୟକତା ଉପରେ ପଦକ୍ଷେପ ଗ୍ରହଣ କଲେ ବିସର୍ଜିତ ପ୍ରତିମାମାନଙ୍କୁ ସସମ୍ମାନେ ମେଲାଣି ଦିଆଯାଇପାରିବ ବୋଲି କହିବାରେ କିଛି ଭୁଲ୍ ହେବନାହିଁ। କିନ୍ତୁ ବିସର୍ଜିତ ବିଗ୍ରହଗୁଡ଼ିକ ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଲା ପରି ଜଳାଶୟ ନିର୍ମାଣ ଉପରେ ଧ୍ୟାନ ଦେବା ଉଚିତ। କିନ୍ତୁ ତାହା କରାଯାଉନାହିଁ। ଦେବଦେବୀଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଉଦ୍ଦିଷ୍ଟ ଅସ୍ଥାୟୀ ଜଳାଶୟଗୁଡ଼ିର ଗଭୀରତା କମ୍ ଓ ପର୍ଯ୍ୟାପ୍ତ ଜଳ ନ ଥିବା କାରଣରୁ ଶୁଖିଲାରେ ମୂର୍ତ୍ତି ଉପରେ ମୂର୍ତ୍ତି ବିସର୍ଜିତ ହେବା ଦେଖିବା ପରେ କଷ୍ଟ ଅନୁଭବ ହୁଏ। ବିସର୍ଜନ ସମୟରେ ସେମାନଙ୍କୁ ଅବମାନନା ନ କରି ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ଆବଶ୍ୟକ।

-ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରତି ଲୋମକୂପ ଆଜି
ଥରିଉଠେ ପୁଲକେ
ଏ ପରଶ ଦେହେ ମୋର ଦେଲ କେ ?
ଦିବସର ଆଗମନୀ
ରଜନୀରେ ଦେଲ ଭଣି
ସୁଶୀତଳ ଜୋଛନାରେ ଝଲକେ
ଏ ପରଶ ଦେହେ ମୋର ଦେଲ କେ ?
-(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଆଜିଠୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପରୀକ୍ଷା

## ୭ଦିନ ଧରି ଚାଲିବ, ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୨।୧୧(ଅସମାପିକା ସାହୁ)

ରାଜ୍ୟରେ ୨୦ ହଜାର କନିଷ୍ଠ ଶିକ୍ଷକ(ସ୍କିମାଟିକ) ନିଯୁକ୍ତି ପାଇଁ ଶୁକ୍ରବାରଠାରୁ ପରୀକ୍ଷା ଆରମ୍ଭ ହେବ। ଆଶାୟୀମାନେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ଦେବେ। ଏଥିନିମନ୍ତେ ୩୦ ଜିଲାର ୫୮ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୧୭ ତାରିଖ ପର୍ଯ୍ୟନ୍ତ ଅର୍ଥାତ୍ ଏହି ପରୀକ୍ଷା ୭ଦିନ ଧରି ଚାଲିବ। ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ସ୍ୱଚ୍ଛ ତଥା ଶୃଙ୍ଖଳିତ ଭାବେ ସାରିବାକୁ ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍‌ଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାସ୍ତରରେ ଜିଲା ଶିକ୍ଷା ଅଧିକାରୀମାନେ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିର ଠିକ୍ ବିବରଣୀ ପ୍ରଦାନ କରିଛନ୍ତି। ଜିଲାପାଳମାନେ ନିଜ ଜିଲାର ପରୀକ୍ଷା କେନ୍ଦ୍ରର ସୁପରିଚାଳନା ନିମନ୍ତେ ନୋଡାଲ ଅଫିସର ନିଯୁକ୍ତ କରିଛନ୍ତି। ପ୍ରତ୍ୟେକ ଜିଲାର ପୋଲିସ ଅଧିକାରୀ ପରୀକ୍ଷା କେନ୍ଦ୍ରରେ ପୋଲିସ୍ ଡିପ୍ଲୋମେଣ୍ଟ ନିମନ୍ତେ ପଦକ୍ଷେପ ନେଇଛନ୍ତି। ରାଜ୍ୟସ୍ତରରେ ବିଭାଗ ସମେତ ଅନ୍ୟ ନିର୍ଦ୍ଦେଶାଳୟର ୧୮ଜଣ ବରିଷ୍ଠ ଅଧିକାରୀଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଛି। ବରିଷ୍ଠ ଅଧିକାରୀମାନେ ପରୀକ୍ଷା ଦିନଗୁଡ଼ିକରେ ଜିଲା ଗସ୍ତ କରିବା ସହ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳା ସହିତ ପରୀକ୍ଷା କାର୍ଯ୍ୟର ତଦାରଖ କରିବେ। ପିଲାଙ୍କ ଆଡ୍‌ମିଟ୍ କାର୍ଡ ସମସ୍ୟାର ସମାଧାନ ପାଇଁ ଓସେପାରେ ଏକ ସୁବିଧା କେନ୍ଦ୍ର ଖୋଲାଯାଇଛି। ଏତଦ୍‌ବ୍ୟତୀତ ୪ଟି ସହର ଯଥା- ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟ ଜିଲାରେ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସହାୟକ କେନ୍ଦ୍ର ସହିତ ଓସେପା କାର୍ଯ୍ୟାଳୟ ପରିସରରେ ଏକ କମାଣ୍ଡ ସେଣ୍ଟର ଖୋଲାଯାଇଛି। ପରୀକ୍ଷା କେନ୍ଦ୍ରରେ ଲାଗିଥିବା ସିସି କ୍ୟାମେରା ଦ୍ୱାରା ପରୀକ୍ଷାର ଲାଇଭ୍ ଷ୍ଟ୍ରିମିଂ ହୋଇପାରିବ। ପରୀକ୍ଷା ସୁପରିଚାଳନା ନିମନ୍ତେ ନିଆଯାଇଥିବା ଏସବୁ ପଦକ୍ଷେପ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଭର୍ଚୁଆଲରେ ଅଂଶଗ୍ରହଣ କରିଥିଲେ।

# ଗାଁ ଲୋକଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବ ନବୀନ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨।୧୧(ଅନିଲ ଦାସ)








'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ଅଷ୍ଟମ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଓ ସୁବର୍ଣ୍ଣପୁର ଜିଲାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଗଞ୍ଜାମ ଜିଲାର ଭଞ୍ଜନଗର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ସୋରଡ଼ା, ସାନଖେମୁଣ୍ଡି, ଗୋପାଳପୁର, ଆସ୍କା, ଚିକିଟି, ହିଞ୍ଜିଳିକାଟୁ, ପୋଲସରା ଓ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀକୁ ୨୫୧.୫୦ କୋଟି ଟଙ୍କା ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀର ୨୨ଟି ବ୍ଲକର ୫୦୩ ଗ୍ରାମ ପଞ୍ଚାୟତରେ ୫,୭୦୬ ପ୍ରକଳ୍ପ ହେବ। ସେହିପରି ସୁବର୍ଣ୍ଣପୁର ଜିଲାର ସୁବର୍ଣ୍ଣପୁର ଓ ବୀରମହାରାଜପୁର ନିର୍ବାଚନମଣ୍ଡଳୀ ପାଇଁ ୫୪.୫୦କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ୬ଟି ବ୍ଲକର ୧୦୯ ଗ୍ରାମପଞ୍ଚାୟତରେ ୧,୪୧୯ ପ୍ରକଳ୍ପ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସଂସ୍କୃତିର ପ୍ରସାର ଓ ଆଧୁନିକ ଭିତ୍ତିଭୂମିର ଉନ୍ନତି ଆମର ଗାଁଗୁଡ଼ିକୁ ବିକାଶର ଶିଖରରେ ପହଞ୍ଚାଇବ। ବିକାଶର ଏହି ନୂଆ ଚେହେରା ଗାଁ ଲୋକଙ୍କ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରିବ। ନବୀନ ଓଡ଼ିଶାର ପରିଚୟ ନେଇ ରାଜ୍ୟର ପ୍ରତି ଗାଁ ବିକାଶର ମାର୍ଗରେ ଆଗକୁ ବଢ଼ିବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟସ୍ଥଳୀଗୁଡ଼ିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ସେ କହିଛନ୍ତି ଯେ ଗଞ୍ଜାମ ଜିଲା ଦେଶର ସମସ୍ତ ଜିଲାଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ନମ୍ବର ଜିଲା ଭାବରେ ଭାରତ ସରକାରଙ୍କଠାରୁ ପୁରସ୍କାର ପାଇଛି। ସେହିପରି ହିଞ୍ଜିଳି ବ୍ଲକ ମଧ ଦେଶର ସମସ୍ତ ବ୍ଲକଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନ କରି ଏକ ନମ୍ବର ବ୍ଲକ ଭାବରେ କେନ୍ଦ୍ର ସରକାରଙ୍କଠାରୁ ପୁରସ୍କାର ପାଇଛି। ଏଥିପାଇଁ ସେ ଗଞ୍ଜାମବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଗଞ୍ଜାମ ସାରା ଭାରତବର୍ଷକୁ ବିକାଶର ରାସ୍ତାରେ ପ୍ରେରିତ କରିଛି ବୋଲି ସେ କହିଛନ୍ତି। ଓଡ଼ିଶାରେ ଏବେ ରୂପାନ୍ତରର ଯୁଗ ଚାଲିଛି। ବିକାଶକୁ ଏବେ ଦେଖି ହେଉଛି, ଅନୁଭବ ମଧ୍ୟ କରି ହେଉଛି ବୋଲି ପାଣ୍ଡିଆନ୍ କହିଛନ୍ତି।

## ଆମ ଓଡ଼ିଶା ନବୀନ ଓଡ଼ିଶା

- ଗଞ୍ଜାମର ୧୨ ନିର୍ବାଚନମଣ୍ଡଳୀର ୫,୭୦୬ ପ୍ରକଳ୍ପ ପାଇଁ ୨୫୧.୫୦ କୋଟି
- ସୁବର୍ଣ୍ଣପୁରର ୨ ନିର୍ବାଚନମଣ୍ଡଳୀର ୧,୪୧୯ ପ୍ରକଳ୍ପ ପାଇଁ ୫୪.୫୦ କୋଟି
- ଗଞ୍ଜାମ ସାରା ଭାରତବର୍ଷକୁ ବିକାଶର ରାସ୍ତାରେ ପ୍ରେରିତ କରିଛି : ପାଣ୍ଡିଆନ

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତପରେ ଗଞ୍ଜାମ ଜିଲାର ଭଞ୍ଜନଗର ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଛତ୍ରପୁର ନିର୍ବାଚନମଣ୍ଡଳୀରେ ୫ଟି ପ୍ରକଳ୍ପ ପାଇଁ ୯.୨୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ଖଲିକୋଟ ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୬.୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଦିଗପହଣ୍ଡି ନିର୍ବାଚନମଣ୍ଡଳୀରେ ୪ ପ୍ରକଳ୍ପ ପାଇଁ ୬.୬୨ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ସୋରଡା ନିର୍ବାଚନମଣ୍ଡଳୀର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୭.୭୩ କୋଟି, ସାନଖେମୁଣ୍ଡି ନିର୍ବାଚନମଣ୍ଡଳୀର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୬.୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଆସ୍କା ନିର୍ବାଚନମଣ୍ଡଳୀର ୪ଟି ପ୍ରକଳ୍ପ ପାଇଁ ୭.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବଳେ ଚିକିଟି ନିର୍ବାଚନମଣ୍ଡଳୀର ୪ ପ୍ରକଳ୍ପ ପାଇଁ ୫.୮୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀର ୮ ପ୍ରକଳ୍ପ ପାଇଁ ୩୮.୧୯ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ପୋଲସରା ନିର୍ବାଚନମଣ୍ଡଳୀର ୫ ପ୍ରକଳ୍ପ ପାଇଁ ୯.୮୧ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ୫ ପ୍ରକଳ୍ପ ପାଇଁ ୮.୧୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଅନୁରୂପଭାବେ ଗଞ୍ଜାମ ଜିଲାର ୧୨ ନିର୍ବାଚନମଣ୍ଡଳୀର ୫୭ ପ୍ରକଳ୍ପ ପାଇଁ ୧୨୨.୧୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ ସୂଚନା ଦେଇଛନ୍ତି। ସେହିପରି ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ନିର୍ବାଚନମଣ୍ଡଳୀର ୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୦୧୨ କୋଟି ଟଙ୍କା ଏବଂ ସୁବର୍ଣ୍ଣପୁର ନିର୍ବାଚନମଣ୍ଡଳୀର ୧୦ ପ୍ରକଳ୍ପ ପାଇଁ ୪୭.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସୁବର୍ଣ୍ଣପୁର ଜିଲାର ୨ଟି ନିର୍ବାଚନମଣ୍ଡଳୀର ସମୁଦାୟ ୧୯ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨,୦୫୯.୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପାଣ୍ଡିଆନ କହିଛନ୍ତି। ସୁବର୍ଣ୍ଣପୁର ଜିଲା ହସ୍ପିଟାଲ ରାଜ୍ୟର ଏକ ନମ୍ବର ହସ୍ପିଟାଲ ହେବ ବୋଲି ସେ କହିଛନ୍ତି। ୨ଟି ଜିଲାରେ ସମୁଦାୟ ୭୬ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ୨୧୮୧.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି ବୋଲି ୫-ଟି ଅଧ୍ୟକ୍ଷ ପାଣ୍ଡିଆନ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ ଅମାତ, ଉଷା ଦେବୀ, ନିରଞ୍ଜନ ପୂଜାରୀ, ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୂର୍ଯ୍ୟମଣି ବୈଦ୍ୟ, ମଞ୍ଜୁଳା ସ୍ୱାଇଁ, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ଲତିକା ପ୍ରଧାନ, ପଦ୍ମନାଭ ବେହେରାଙ୍କ ସମେତ ଜିଲା ପରିଷଦ ସଭାପତି, ସଦସ୍ୟଗଣ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ଜିଲାର ଜିଲାପାଳ ଧନ୍ୟବାଦ ଦେଇଥିଲେ।

# ସଞ୍ଜୟ ଭଦ୍ରକ, ପ୍ରତାପ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ


ସଞ୍ଜୟ ଦାସବର୍ମା


ପ୍ରତାପ ଜେନା

ଭୁବନେଶ୍ୱର,୨।୧୧(ଅନିଲ ଦାସ)

କିଛି ମାସ ଧରି ସାଙ୍ଗଠନିକ କାର୍ଯ୍ୟରୁ ଦୂରରେ ରହିଥିବା ବିଜେଡି ସାଧାରଣ ସମ୍ପାଦକ ତଥା ବରିଷ୍ଠ ନେତା ସଞ୍ଜୟ ଦାସବର୍ମାଙ୍କୁ ପୁଣିଥରେ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ତାଙ୍କୁ ଭଦ୍ରକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଗୁରୁବାର ଏ ନେଇ ବିଜେଡି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ପ୍ରତାପ ପୂର୍ବରୁ ଭଦ୍ରକ ଜିଲାର ପର୍ଯ୍ୟବେକ୍ଷକ ଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ ବାଚସ୍ପତି ହେବା ପରେ କେନ୍ଦ୍ରାପଡ଼ା ବିଜେଡି ପର୍ଯ୍ୟବେକ୍ଷକ ପଦ ଖାଲି ପଡ଼ିଥିଲା। ପ୍ରତାପଙ୍କୁ ଭଦ୍ରକ ଜିଲାରୁ କାଢ଼ି ନିଆଯାଇ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ପୁଣିଥରେ ସଞ୍ଜୟଙ୍କୁ ସାଙ୍ଗଠନିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଜିଲାରେ ସଞ୍ଜୟଙ୍କ ଭଳି ଅଭିଜ୍ଞ ନେତାଙ୍କୁ ଦାୟିତ୍ୱ ଦେଇ ବିଜେଡି ସେଠାରେ ଭାଜପାର ପ୍ରଭାବ ହ୍ରାସ ପାଇଁ ରଣନୀତି ପ୍ରସ୍ତୁତ କରିଛି। ଏହି ନୂଆ ଦାୟିତ୍ୱ ମିଳିବା ପରେ ସଞ୍ଜୟ କହିଛନ୍ତି, ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଦଶନ୍ଧୀରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କୁ ଦଳର ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି, ସେ ତାହାକୁ ନିଷ୍ଠା ଓ ଆନ୍ତରିକତାର ସହ ପାଳନ କରିଛନ୍ତି। ନୂତନ ଦାୟିତ୍ୱକୁ ମଧ୍ୟ ପୂର୍ବଭଳି ନିଷ୍ଠାର ସହ ପାଳନ କରିବେ। ତାଙ୍କ ଉପରେ ଭରସା ଓ ଆସ୍ଥାପ୍ରକଟ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଜଟଣୀରେ ନାବାଳକ ଛାତ୍ର ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଟ୍ୟୁଶନ ଫି' ପାଇଁ ସାର୍‌ଙ୍କ ପୁଅକୁ ହତ୍ୟା

### ଡିସିପିଙ୍କ ମନ୍ତବ୍ୟଙ୍କୁ ଖଣ୍ଡନ, ସୁପାରି ଦେଇ ପୁଅକୁ ହତ୍ୟା କରାଯାଇଛି : ମୃତକଙ୍କ ବାପା

ଭୁବନେଶ୍ୱର/ଜଟଣୀ(ସୂର୍ଯ୍ୟକାନ୍ତ ବେହେରା/ ରବୀନ୍ଦ୍ର ନାଥ ମହାକୁଡ଼) ୨।୧୧

ଜଟଣୀ ବେଣାପଞ୍ଜରୀ ଗାଁ ଗଡ଼ସାହିର ମେଧାବୀ ନାବାଳକ ଛାତ୍ର ଶୁଭମ୍ ସ୍ୱରୂପ ପାଲଟାସିଂହ ହତ୍ୟା ଘଟଣାରେ ପୋଲିସ ଜଣେ ଯୁକ୍ତ ୨ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରଙ୍କୁ ଧରିଛି। ଏନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି। ଅଭିଯୁକ୍ତ ଛାତ୍ର ଜଣଙ୍କ ନାବାଳକ ଥିବାରୁ ତାଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଅପରପକ୍ଷେ ହତ୍ୟା କରିଥିବା ଛାତ୍ର ଜଣଙ୍କ ମୃତ ନାବାଳକ ମାତାପିତାଙ୍କ ଛାତ୍ର ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ସେ ମୃତ ଛାତ୍ର ଶୁଭମଙ୍କ ବାପା ମନୋଜ କୁମାର ପାଲଟାସିଂହଙ୍କ ନିକଟରେ ପୂର୍ବରୁ ଟ୍ୟୁଶନ ହେଉଥିଲେ। ପ୍ରାୟ ୩ ହଜାର ଟଙ୍କା ଟ୍ୟୁଶନ ଫି' ବାକି ରହିଥିଲା। ବାକି ଟଙ୍କା ଦେବାକୁ ତାଙ୍କୁ ବାରମ୍ବାର ମନୋଜ କହିଆସୁଥିଲେ, ଯାହାକୁ ନେଇ ଲଜ୍ଜିତ ହେବା ସହ ଛାତ୍ରଜଣକ ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଭିଆଇଥିବା ଡିସିପି ସିଂ ସୂଚନା ଦେଇଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରୁ ଗୋଟିଏ ବ୍ୟାଗ ଓ ୟୁନିଫର୍ମ ଜବତ କରିଛି।

ଅନ୍ୟପଟେ ଶୁଭମଙ୍କ ବାପା ମନୋଜ ଡିସିପିଙ୍କ ମନ୍ତବ୍ୟକୁ ଗ୍ରହଣ କରିପାରି ନାହାନ୍ତି। ସେ କହିଛନ୍ତି, ମୋ ପୁଅକୁ ସୁପାରି ଦିଆଯାଇ ହତ୍ୟା କରାଯାଇଛି। ଏହି ଘଟଣାର ସିବିଆଇ ତଦନ୍ତ କରାଯାଉ। ଅଭିଯୁକ୍ତ ନାବାଳକ ୨ ବର୍ଷ ପୂର୍ବେ ମୋର ଛାତ୍ର ଥିଲେ। ଏହି ସମୟ ମଧ୍ୟରେ ସେ ପ୍ରାୟ ୨୭୦୦-୩୦୦୦ ଟଙ୍କା ଦେଇ ନ ଥିଲେ ଏବଂ ମାଟ୍ରିକ ଶେଷ ହେବା ପରେ ମୁଁ ତାଙ୍କୁ କୌଣସି ବଳକା ରାଶି ଦେବାକୁ ବାଧ କରି ନ ଥିଲି ବୋଲି ମନୋଜ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ମାମୁ ସୌମ୍ୟ ରଞ୍ଜନ ଗୁରୁ ମଧ ଏହି ହତ୍ୟାକାଣ୍ଡକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଘଟଣାର ଠିକ୍ ତଦନ୍ତ କରିବାକୁ ଦାବି କରିଛନ୍ତି।


ଶୁଭମ୍ ସ୍ୱରୂପ ପାଲଟାସିଂହ

ସୂଚନାନୁସାରେ ଜଟଣୀ ଷଣ୍ଢପୁରସ୍ଥ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀର ମେଧାବୀ ଛାତ୍ର ଥିଲେ ଶୁଭମ୍। ଗୁରୁବାର ପରୀକ୍ଷା ଥିବାରୁ ବୁଧବାର ସନ୍ଧ୍ୟା ସମୟରେ ସେ ଘରର ତଳ ମହଲାରେ ପଢୁଥିବାବେଳେ ତାଙ୍କ ବାପା, ମା' ଏବଂ ଭଉଣୀ ଛାତ୍ରୀଛାତ୍ରଙ୍କୁ ନିଜ ଘରେ ଉପର ମହାଲାରେ ଟ୍ୟୁଶନ କରୁଥିଲେ। ଏହି ସମୟରେ ଛାତ୍ର ଜଣଙ୍କ ଘରେ ପଶି ଶୁଭମଙ୍କ ବେକ ଏବଂ ଛାତିକୁ ଛୁରିରେ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ତାଙ୍କ ଚିତ୍କାର ଶୁଣି ଉପର ମହଲାରୁ ପରିବାର ଲୋକେ ଦୌଡି ଆସି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଶୁଭମଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଶୁଭମଙ୍କ ବାପା ଘଟଣା ସଂକ୍ରାନ୍ତରେ ଜଟଣୀ ଥାନାରେ ଅଭିଯୋଗ କରିବାରୁ ପୋଲିସ ଏକ ହତ୍ୟା ଦଫାରେ ମାମଲା (ନଂ.୩୭୮/୨୩) ରୁଜୁ କରି ଘଟଣାର ଖୋଲତାଡ଼ କରିଥିଲା। ଗ୍ରାମରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲା। ସିସିଟିଭି ଫୁଟେଜ ଆଧାରରେ ପୋଲିସ ରାତିରେ ଦୁଇଜଣଙ୍କୁ ସନ୍ଦେହରେ ଅଟକ ରଖି ପଚରାଉଚରା କରିଥିଲା। ଅନ୍ୟପଟେ ଶୁଭମ୍‌ଙ୍କ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି। ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ମଧ୍ୟରେ ଅନ୍ତିମ ସଂସ୍କାର କରାଯାଇଛି ।

# ବିଧାୟକ ପ୍ରତାପ ଜେନାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

କଟକ,୨।୧୧ (କାର୍ତ୍ତିକ ସାହୁ)/ନିଶ୍ଚିନ୍ତକୋଇଲି (ଅଶୋକ କୁମାର ମହାପାତ୍ର)

ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ପୂର୍ବତନ ଆଇନମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଗୁରୁବାର ହାଇକୋର୍ଟରୁ ସାମୟିକ ଭାବେ ଆଶ୍ୱସ୍ତି ମିଳିଛି। ଅନ୍ୟାଦେଶ ପର୍ଯ୍ୟନ୍ତ ପ୍ରତାପଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ବିଚାରପତି ବି. ପି. ରାଉତରାୟ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ନିମ୍ନ ଅଦାଲତରୁ ମାମଲା ସମ୍ପର୍କିତ ରେକର୍ଡ ତଲବ କରିଛନ୍ତି। ଆସନ୍ତା ଡିସେମ୍ବର ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ଜେନାଙ୍କ ନାମରେ ମାମଲା ଚାଲୁ ରଖିବା ପାଇଁ ସାଲେପୁର ଜେଏମ୍‌ଏଫ୍‌ସି ଗତ ଅକ୍ଟୋବର ୧୫ରେ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଜେନାଙ୍କୁ ସ୍ୱତନ୍ତ୍ର ମେସେଞ୍ଜର ପଠାଇ ଅକ୍ଟୋବର ୩୧ରେ ବ୍ୟକ୍ତିଗତ ହାଜର ହେବାକୁ ସମନ ଜାରି କରାଯାଇଥିଲା। ହେଲେ ବିଧାୟକ ଉକ୍ତ ଦିନ ବ୍ୟକ୍ତିଗତ ଭାବେ ହାଜର ହୋଇ ନ ଥିଲେ। ସେ ତାଙ୍କ ଓକିଲଙ୍କ ମାଧ୍ୟମରେ ଅସୁସ୍ଥତାର କାରଣ ଦର୍ଶାଇ ଦୁଇ ସପ୍ତାହ ସମୟ ମାଗିଥିଲେ। ଏଥିସହ ସିଆର୍‌ପିସିର ୨୦୫ ଧାରା ଅନୁଯାୟୀ ବ୍ୟକ୍ତିଗତ ହାଜିରାରୁ ବାଦ୍ ଦେବାକୁ ସାଲେପୁର ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଥିଲେ। କୋର୍ଟ ଦୁଇ ସପ୍ତାହ ସମୟ ଦେବା ସହ ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଥିଲେ। ଅପରପକ୍ଷରେ ଜେଏମ୍‌ଏଫ୍‌ସିଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ଜେନାଙ୍କ ଓକିଲ ସତ୍ୟଜିତ୍ ମହାପାତ୍ର ହାଇକୋର୍ଟରେ ଏକ ମାମଲା ଦାଏର କରିଛନ୍ତି। ଜେନାଙ୍କୁ ମାହାଙ୍ଗା ଡବଲ ମର୍ଡର ମାମଲାରେ ଅଭିଯୁକ୍ତ ଭାବେ ଦର୍ଶାଇବା ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ତଥା ମିଥ୍ୟା ଆରୋପ ବୋଲି ଆବେଦନରେ ଦର୍ଶାଯାଇଛି। ଏହାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମାହାଙ୍ଗା ଥାନା ଅନ୍ତର୍ଗତ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ମାହାଙ୍ଗା ବିଧାୟକ ତଥା ତତ୍କାଳୀନ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ରୁଜୁ କରିଥିବା ମାମଲାରେ ଜେନାଙ୍କ ନାମ ଅଭିଯୁକ୍ତ ତାଲିକାର ୧୩ ନମ୍ବରରେ ରହିଥିଲା। ପରବର୍ତ୍ତୀ ସମୟରେ ପୋଲିସ ଜେନାଙ୍କ ନାମକୁ ଚାର୍ଜଶିଟ୍‌ରୁ କାଟି ଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍‌ଏଫ୍‌ସିରେ ୨୧୭/୨୧ରେ ଏକ ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଘଟଣାରେ ଜଡ଼ିତ ଥିବା ଜେନାଙ୍କ ପିଏ ଉମାକାନ୍ତ ବିଶ୍ୱାଳ(ବାପି), ତତ୍କାଳୀନ ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ଚନ୍ଦ୍ର ନାୟକଙ୍କ କଲ୍ ରେକର୍ଡ ସମେତ ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ କଲ ଡିଟେଲ ରେକର୍ଡ(ସିଡିଆର୍) ଦାଖଲ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ବାରମ୍ବାର କୋର୍ଟକୁ ସମୟ ମାଗି ତତ୍କାଳୀନ ଥାନା ଅଧିକାରୀ ଅଡୁଆରେ ପଡ଼ିଥିଲେ। ଏହାପରେ ଥାନା ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହାଜିର ହୋଇ ତଥ୍ୟ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପୋଲିସ ଚାର୍ଜଶିଟ୍, କଲ ରେକର୍ଡ ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷୀପ୍ରମାଣ ଓ ମାମଲାର ପାରିପାର୍ଶ୍ୱିକ ଅବସ୍ଥାକୁ ଦୃଷ୍ଟିରେ ରଖି ସାଲେପୁର ଜେଏମ୍‌ଏଫ୍‌ସି ୨୦୨୩ ସେପ୍ଟେମ୍ବର ୧୫ରେ ବିଧାୟକ ଜେନାଙ୍କ ନାମରେ ୩୦୨, ୫୦୬, ୧୦୨ ଦଫାରେ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ବିଧାୟକ ହୋଇଥିବାରୁ ଏହି ମାମଲାକୁ ସାଲେପୁରରୁ ଭୁବନେଶ୍ୱର ଆଡିସିନାଲ ଡିଷ୍ଟ୍ରିକ୍ଟ ସେକ୍ସନ ଜଜ୍ କମ୍ ସ୍ପେଶାଲ କୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।

## ମାହାଙ୍ଗା ଡବଲ ମର୍ଡର ମାମଲା

- କଠୋର କାର୍ଯ୍ୟାନୁଷ୍ଠାନ ଉପରେ ରୋକ
- ନିମ୍ନ ଅଦାଲତରୁ ରେକର୍ଡ ତଲବ
- ଡିସେମ୍ବର ୧୯ରେ ପରବର୍ତ୍ତୀ ଶୁଣାଣି



# ଲାଞ୍ଚନେଇ ଧରାପଡ଼ିଲେ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ

ବୁଗୁଡ଼ା,୨।୧୧(କାଳି ଚରଣ ଦାଶ)

ଗଞ୍ଜାମ ଜିଲା ବୁଗୁଡ଼ା ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ମହାନ୍ତି ଗୁରୁବାର ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ କାର୍ଯ୍ୟାଳୟ ଓ ବୁଗୁଡ଼ା ସୋମନାଥ ନଗରସ୍ଥିତ ଭଡାଘରେ ଚଢ଼ାଉ କରାଯାଇଛି।

ବୁଗୁଡ଼ା ଷୋଳମାଇଲି ମୁଖ୍ୟ ରାସ୍ତାରେ ରହୁଥିବା ବାହନ ଦାଶ ତାଙ୍କ ବାପାଙ୍କ ନାଁରେ ଥିବା ଘରର ପ୍ଲାନ ମଞ୍ଜୁର କରିବା ପାଇଁ ଗତ ୧୫ ତାରିଖରେ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟିଥିଲେ। କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ଏଥିପାଇଁ ୪ ହଜାର ଟଙ୍କା ଦାବି କରିଥିଲେ। ଏଥିରେ ନିରାଶ ହୋଇ ବାହନ ୪ ଦିନ ତଳେ ବ୍ରହ୍ମପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଗୁରୁବାର ଭିଜିଲାନ୍ସ ଟିମ୍ ବୁଗୁଡ଼ାରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ବାହନ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀ ସ୍ୱାଗତିକାଙ୍କୁ ରଙ୍ଗବୋଳା ୪ ହଜାର ଟଙ୍କା ଦେଇଥିଲେ। ସ୍ୱାଗତିକା ଏହି ଟଙ୍କା ଧରିବା ମାତ୍ରେ ସାଦା ପୋଷାକରେ ଥିବା ମହିଳା ଭିଜିଲାନ୍ସ ଅଧିକାରୀ ତାଙ୍କୁ କାବୁ କରି ନେଇଥିଲେ। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଏକ ମାମଲା (୨୧/୨୩) ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ସ୍ୱାଗତିକା ମାତ୍ର ୨ମାସ ତଳେ ବୁଗୁଡ଼ା ଏନ୍‌ଏସିର କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ। ସେ ପ୍ରତ୍ୟେକ କାମ ପାଇଁ ଲାଞ୍ଚ ଦାବି କରୁଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା।


ସ୍ୱାଗତିକା ମହାନ୍ତି

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍: ୨ ଭାଇ ଗିରଫ

ବାଲିପାଟଣା,୨।୧୧ (ଅଭିମନ୍ୟୁ ନାୟକ)

ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ବାଲିପାଟଣା ଥାନା ପୋଲିସ ୨ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଗାରେଡ଼ିପାଞ୍ଚଣ ଗ୍ରାମର ଲବ ଭୋଇ ଓ କୁଶ ଭୋଇ। ଅଭିଯୋଗ ମୁତାବକ, ଫାଇନାନ୍ସ କର୍ମଚାରୀ ଦେବାଶିଷ ମହାନ୍ତି ଶୋବନି ଗ୍ରାମରୁ ଋଣ କିସ୍ତି ଆଦାୟ କରି ମଧୁବନ ଛକ ଦେଇ ରାଜସ ଅଭିମୁଖେ ଯାଉଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଭାଇ ଦେବାଶିଷଙ୍କୁ ପିଛା କରିବା ସହ ରାଜସ ଗ୍ରାମ ନିକଟରେ ଅଟକାଇଥିଲେ। ଦୁଇଭାଇ ହଠାତ୍ ଦେବାଶିଷଙ୍କଠାରୁ ୩୭୦୦ଟଙ୍କା ଛଡ଼ାଇନେଇ ଫେରାର ହେଇଯାଉଥିବା ବେଳେ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ଦୁଇଭାଇଙ୍କୁ ଗ୍ରାମବାସୀ କାବୁକରି ପୋଲିସ ଜିମା ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୮୫/୨୩) ରୁଜୁ କରିବା ସହ ଦୁଇଭାଇଙ୍କୁ ଗିରଫ କରିଛି। ଶୁକ୍ରବାର ଦୁଇଭାଇଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି କହିଛନ୍ତି।

### ଶିକ୍ଷାବିତ୍ ବିନୋଦଙ୍କ ଦ୍ୱାଦଶାହରେ ସ୍ମୃତିସଭା

ବେଗୁନିଆ,୨।୧୧ (ହର ପ୍ରସନ୍ନ ପଣ୍ଡା)

ଶିକ୍ଷାବିତ୍ ବିନୋଦ ବିହାରୀ ଦାଶଙ୍କ ଦ୍ୱାଦଶାହ ଅବସରରେ ଗୁରୁବାର ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମରେ ବିନୋଦ ବିହାରୀ ସ୍ମୃତି ସଂସଦ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଭଗବାନ ପଣ୍ଡା, ଡା. ଅମରେନ୍ଦ୍ର ନାଥ ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଶତପଥୀ ଏବଂ ସଂସଦର ସଙ୍ଗଠକ ରାଜ କିଶୋର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା ପରେ ଅନ୍ତର୍ଯ୍ୟାମୀ ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିଲେ। ବ୍ରଜବନ୍ଧୁ ବେହେରା ସ୍ୱର୍ଗତ ଦାଶଙ୍କ ଜୀବନ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବେଣୁଧର ପଣ୍ଡା, ମନମୋହନ ପଣ୍ଡା, ଯୋଗେଶର ସୁନ୍ଦରାୟ, ଯୁଧିଷ୍ଠିର ହୋତା, ପୁରୁଷୋତ୍ତମ ମହାପାତ୍ର, ଶ୍ୱେତ କୁମାର ମହାପାତ୍ର, ରବିନାରାୟଣ ମହାପାତ୍ର, ଦୁଃଶାସନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାଶଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ତୋଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣା, ୨ ବାଇକ୍ ଆରୋହୀ ମୃତ

ଖୁଣ୍ଟୁଣୀ,୨।୧୧ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂହ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ରଜତ ମହାରଣା ଓ ଖୋର୍ଦ୍ଧା ଅଞ୍ଚଳର ସୋମନାଥ ହରିଚନ୍ଦନ। ସେମାନେ ଢେଙ୍କାନାଳରେ ଗଜଲକ୍ଷ୍ମୀ ପୂଜା ଦେଖି ଏକ ବାଇକ୍(ଓଡି୦୬ଏଲ୍-୭୮୮୦)ରେ ଫେରୁଥିବାବେଳେ ଅନ୍ୟ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା।

# ବିକଶିତ ରାଷ୍ଟ୍ର ନିର୍ମାଣରେ ଦୁର୍ନୀତି ବାଧକ



ସାଧାରଣ ସଭାରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏବଂ ଅନ୍ୟ ଅତିଥି।

## ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ

ଖୋର୍ଦ୍ଧା,୨।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ଜିଲା ଦୁର୍ନୀତି ନିବାରଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ଜୟୀ ରାଜଗୁରୁ ଭବନ ପରିସର କକ୍ଷରେ 'ଦୁର୍ନୀତିକୁ ବିରୋଧ କରିବା, ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ଶୀର୍ଷକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଦୁର୍ନୀତି ନିବାରଣ ସଂସ୍ଥା (ଭୁବନେଶ୍ୱର ଖଣ୍ଡ) ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମ୍ସ ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା, ସଚ୍ଚୋଟତା, ସାଧୁତା ରହିବା ଜରୁରୀ। ଜିଲାରେ ପ୍ରତିବର୍ଷ ଶତାଧିକ ଲାଞ୍ଚ ନେବା ଏବଂ ଆୟ ବହିର୍ଭୂତ ମାମଲା ରୁଜୁ ହେଉଛି। ତେବେ ଏତେସଂଖ୍ୟକ ଲୋକଙ୍କୁ ଧରିବା ସମ୍ଭବ ନୁହଁ। ଲୋକେ ସଚେତନ ହେଲେ ଦୁର୍ନୀତିକୁ ରୋକାଯାଇପାରିବ। ଦୁର୍ନୀତି କରୁଥିବା ବ୍ୟକ୍ତିଠାରୁ ଗଳାବାଟରେ ଲାଞ୍ଚ ଦେଇ ନିଜ କାର୍ଯ୍ୟ ସିଦ୍ଧି କରିବା ମଧ୍ୟ ଏକପ୍ରକାର ଦୁର୍ନୀତିକୁ ପ୍ରୋତ୍ସାହିତ କରେ। ଏଥିପ୍ରତି ଯତ୍ନବାନ୍ ହୁଅନ୍ତୁ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଥିଲେ, କାର୍ଯ୍ୟକ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ ଜରୁରୀ। ଦୁର୍ନୀତି ଦେଶର ବିକାଶରେ ବାଧକ ସାଜିଥାଏ। ଏଥିପ୍ରତି ଜନତା ସଚେତନ ହେବା ଉଚିତ। ସମ୍ମାନିତ ଅତିଥି ପ୍ରାଣନାଥ ମହାବିଦ୍ୟାଳୟ ଅର୍ଥନୀତି ବିଜ୍ଞାନ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି କହିଥିଲେ, ଏକ ବିକଶିତ ରାଷ୍ଟ୍ରରେ ଦୁର୍ନୀତି ବାଧକ। ଏହା ଦେଶରେ ଅର୍ଥନୈତିକ ଅଭିବୃଦ୍ଧିରେ କଣ୍ଟା ସାଜିଥାଏ। ନିଜ ଆବଶ୍ୟକତାଠାରୁ ଅଧିକ ଲାଳସା, ଭୋଗ ବିଳାସ ଦୁର୍ନୀତିକୁ ପ୍ରୋତ୍ସାହିତ କରିଥାଏ। ଉପରୁ ତଳ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି ଚାଲିଛି। ପ୍ରତିଦିନ ଗଣମାଧ୍ୟମ ପୃଷ୍ଠା ଖୋଲିଲେ ଏ ସମ୍ପର୍କିତ ଖବର ଶିରୋନାମା ପାଲଟିଛି। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ଦକ୍ଷତା ବଳରେ ଆଗକୁ ବଢ଼ିବାକୁ ଚେଷ୍ଟା କର। ସେହିପରି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା କହିଥିଲେ, ସରକାରୀ ସ୍ତରରେ ସ୍ୱଚ୍ଛତା ଜରୁରୀ। କୌଣସି କାମ ପାଇଁ ଜନସାଧାରଣଙ୍କଠାରୁ ଲାଞ୍ଚ ନେବା ଉଚିତ ନୁହଁ। ଏଥିରୁ ନିବୃତ୍ତ ରହିବା ସହ ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ ମହାନ୍ତି କହିଥିଲେ, ଦୁର୍ନୀତି ସମାଜର ବିକାଶରେ ବାଧା ସୃଷ୍ଟି କରିଥାଏ। ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ଥରେ ଦୁର୍ନୀତି ଫାଶରେ ପଡ଼ିଗଲେ, ଉତ୍ଥାନ ପରିବର୍ତ୍ତେ ପତନ ଆରମ୍ଭ ହୋଇଯିବ। ସମାଜରେ ନିନ୍ଦିତ ହେବା ସହ ପରିବାରର ମଧ୍ୟ କ୍ଷତି ଘଟିବ। ଏଥିପ୍ରତି ସରକାରୀ କର୍ମଚାରୀମାନେ ଯତ୍ନବାନ ହେବା ଜରୁରୀ। ଭଲ କାମ କଲେ ଲୋକେ ଭଲ କହିବେ, ନଚେତ୍ ସମ୍ମାନ ହରାଇବେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଲେ, ଛାତ୍ର ସମାଜ ଦେଶର ଭବିଷ୍ୟତ। ଗଠନମୂଳକ ସମାଜ ଦିଗରେ ତୁମମାନଙ୍କ ପ୍ରମୁଖ ଭୂମିକା ରହିଛି। କଠିନ ପରିଶ୍ରମ କର। ନିଷ୍ଠାବାନ୍ ସହ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ କଲେଜସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍ଓ ଆର୍ତ୍ତବନ୍ଧୁ ନାୟକ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଏଆରଟିଓ ଅରବିନ୍ଦ ନାୟକ, ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ କଲେଜ ଛାତ୍ରୀଛାତ୍ର, ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଦୁର୍ନୀତିମୁକ୍ତ ଭାରତ ଲାଗି ଶପଥପାଠ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଭିଜିଲାନ୍ସ ବିଭାଗୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଳ ଫାଟକ ପଡ଼ିବାରୁ ୨କିମି ରାସ୍ତା ଜାମ



## ହଇରାଣ ହେଲେ ଲୋକେ

ନିରାକାରପୁର,୨।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟ୍ରେନ ଅତିକ୍ରମ କରୁଥିବା ଯୋଗୁ ରେଳ ଫାଟକ ପଡିଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ଦୁଇ କିଲୋମିଟର ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ଫଳରେ ବାଟୋଇମାନେ ଖରାରେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏଭଳି ଦୃଶ୍ୟ ଖୋର୍ଦ୍ଧା ଜିଲା ନିରାକାରପୁର ଗେଟ୍ ବଜାରସ୍ଥିତ ନୂଆ ଜଗନ୍ନାଥ ସଡ଼କ ଉପରେ ରହିଥିବା ରେଲୱେ ଲେଭଲ କ୍ରସିଂଠାରେ ଦେଖିବାକୁ ମିଳିଛି। ଗୁରୁବାର ପୂର୍ବାହ୍ନ ୧୦ଟା ୪୫ରେ ଖୋର୍ଦ୍ଧାରୋଡ୍ ପଟୁ ବ୍ରହ୍ମପୁର ଅଭିମୁଖେ ପ୍ରଥମେ ଗୋଟିଏ ମାଲବାହୀ ଟ୍ରେନ୍ ପାସ୍ କରିବା ପରେ ଗୋଟିଏ ଏକ୍ସପ୍ରେସ୍ ଟ୍ରେନ୍ ପାସ୍ କରିଥିଲା। ପୁଣି ବ୍ରହ୍ମପୁର ପଟୁ ଖୋର୍ଦ୍ଧାରୋଡ୍ ଅଭିମୁଖେ ଗୋଟିଏ ମାଲବାହୀ ଟ୍ରେନ ଓ ପରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ପାସ କରୁଥିବାରୁ ଏହି ଫାଟକଟି ପଡି ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଫାଟକ ଖୋଲା ହେବା ପରେ ଘଣ୍ଟାଏ ଯାତାୟାତ ସ୍ୱାଭାବିକ ହେବାରୁ ସମୟ ଲାଗିଥିଲା। ତେବେ ଏଠାରେ ଦୀର୍ଘଦିନ ହେବା ଓଭରବ୍ରିଜ୍ ପାଇଁ ଦାବି ହୋଇଆସୁଅଛି।

# ଫସଲ ସ୍ଥିତି ଅନୁଧ୍ୟାନ କଲେ ଜିଲା କୃଷି ଅଧିକାରୀ


ଜିଲା କୃଷି ଅଧିକାରୀ ଧାନକ୍ଷେତ ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ମରୁଡ଼ି ଘୋଷଣା ପାଇଁ ଚାଷୀଙ୍କ ଦାବି

ବେଗୁନିଆ,୨।୧୧ (ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ ପରିଡ଼ା ଗୁରୁବାର ବେଗୁନିଆ ବ୍ଲକ ଗସ୍ତ କରି ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କୁ ଭେଟିବା ସହିତ ଚାଷ ସମ୍ପର୍କରେ ଆଲୋଚନା କରିଛନ୍ତି। ପରେ ଧାନକ୍ଷେତକୁ ଯାଇ ଫସଲ ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନାଥାଉ କି, ଚାଷୀମାନେ ଆବଶ୍ୟକ ପାଗ ଦେଖି ଖରିଫ ଋତୁ ଆରମ୍ଭରୁ ଜମିରେ ଧାନବୁଣା ଏବଂ ରୁଆପୋତା ପ୍ରକ୍ରିୟା ଜାରି ରଖିଥିଲେ। ହେଲେ ଚାଷ ଆରମ୍ଭରୁ ନିଅଣ୍ଟିଆ ବର୍ଷା ଲାଗିରହିଛି। ଏବେ ଗତ ୪୫ଦିନ ହେଲା ବର୍ଷା ନ ହେବାରୁ ୮୦% ଜମି ଶୁଖିଲା ପଡିଛି। ଧାନଗଛ ମୂଳରେ ପାଣି ନ ଥିବାରୁ ଧାନ କେଣ୍ଡାଗୁଡ଼ିକ ଧୀରେଧୀରେ ପୋଡିବା ଆରମ୍ଭ ହେଲାଣି। ସେଥିପାଇଁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ତେଣୁ ମରୁଡ଼ି ଘୋଷଣା କରିବା ପାଇଁ ଚାଷୀଙ୍କ ମହଲରୁ ଦାବି ହେଉଛି। ଅନ୍ୟପକ୍ଷରେ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଫସଲ ଉପରେ କୃଷକମାନେ ନିର୍ଭର କରିଥା'ନ୍ତି। ତେବେ ଫସଲ ବଞ୍ଚାଇବା ପାଇଁ ମୁଖ୍ୟତଃ ପାଣି ଆବଶ୍ୟକ ହୋଇଥାଏ। ସରକାର ବେଗୁନିଆ ବ୍ଲକ ଚାଷୀଙ୍କ ହିତରେ ଜଳସେଚନ ବ୍ୟବସ୍ଥା କଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।

# ବିଦେଶାଗତ ପକ୍ଷୀଙ୍କ କଳରବରେ ଚିଲିକା ମୁଖରିତ

କୃଷ୍ଣପ୍ରସାଦ,୨।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ଶୀତର ପ୍ରଭାବ ଧୀରେ ଧୀରେ ଅନୁଭୂତ ହେଉଥିବାରୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରଙ୍ଗବେରଙ୍ଗ ପକ୍ଷୀଙ୍କ କଳରବରେ ଚିଲିକାର ତଟଦେଶ ପାରିକୁଦ, ନୂଆପଡ଼ା, ଗୁରୁବାଇ, ସିପିଆ, ତିଛିଣି, ସାତପଡ଼ା, ସୋଲାକୁଦି, ପଣ୍ଡା, ଚିଖିଲି, ଚିତ୍ରକୋଟ, ବନମାଳ,ଖଟିଆକୁଦି ଆଦି ଅଞ୍ଚଳ ମୁଖରିତ ହୋଇଉଠିଛି। ବିଶେଷକରି ଏହି ଅଞ୍ଚଳଗୁଡ଼ିକରେ ଗଡ଼ୱାଲ, ଶୋଭଲର, ପିଣ୍ଟାଲ, ଗଡ଼ୱଇଟ, ସ୍ୟାଣ୍ଡପାଇପର, ପେଲିକାନ ଆଦି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଛି। ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ ପକ୍ଷରୁ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚିଲିକା ନୂଆପଡ଼ା ରେଞ୍ଜ ଅଫିସ ପକ୍ଷରୁ ଗୁରୁବାଇ ଏବଂ ସିପିଆଠାରେ ଏକ ପକ୍ଷୀ ଶିବିର କରାଯାଇଥିବା ବେଳେ ବନପାଳ ବିଶ୍ୱନାଥ ଗୁଡ୍ଡୁ, ବନପାଳ ମୀନା କୁମାରୀ ନାୟକଙ୍କଙ୍କ ସମେତ ବନରକ୍ଷୀ ଏବଂ ୪ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସେହିଭଳି ପାରିକୁଦ ପକ୍ଷୀ ସୁରକ୍ଷା ଶିବିରରେ ବନପାଳ ନାରାୟଣ ଆଲତିଆଙ୍କ ସମେତ ବନରକ୍ଷୀ ଏବଂ ୪ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବା ଜଣାପଡିଛି। ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ଏବଂ ଚିଲିକା ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟକୁ ତଦାରଖ କରୁଛନ୍ତି। ସାତପଡ଼ା ରେଞ୍ଜ ପକ୍ଷରୁ ଗମ୍ଭାରୀ ଏବଂ ବଡ଼ଗୋଠ ଠାରେ ଦୁଇଟି ପକ୍ଷୀ ସୁରକ୍ଷା ଶିବିର କରାଯାଇଛି। ଆବଶ୍ୟକ ସୁରକ୍ଷା କର୍ମୀ ସେଠାରେ ମୁତୟନ କରାଯାଇଥିବା ବେଳେ ରେଞ୍ଜର ଶରତ ଜାନୀ ଏବଂ ସାତପଡ଼ା ବନପାଳ କାଳୀ ପ୍ରସାଦ ମହାନ୍ତି, ବ୍ରହ୍ମପୁର ବନପାଳ ଜିତେନ୍ଦ୍ରୀୟ ଜେନା, ଅରଖକୁଦା ବନପାଳ ଦୁର୍ଗା ଚରଣ ଗୁଡ୍ଡୁ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ଦିଗରେ ନଜର ରଖିଛନ୍ତି।

# ଚାଷଜମି ବୁଲି ଦେଖିଲେ କୃଷି କର୍ମଚାରୀ

ବୋଲଗଡ଼,୨।୧୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଞ୍ଚଳର ଚାଷଜମିର କାର୍ଯ୍ୟ ପ୍ରାୟତଃ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳ। ତେବେ ଚଳିତିବର୍ଷ ଦୁର୍ବଳ ମୌସୁମୀ ଓ ଜଳସେଚନ ସୁବିଧା ଅଭାବରୁ ଚାଷୀ ବିଳମ୍ବରେ ଧାନବୁଣା, ତଳିରୁଆ ଆଦି କାର୍ଯ୍ୟ କରିଥିଲେ। ତେବେ ଧାନ ଥୋଡ଼ ବାହାରିବା ସମୟରେ ବିଲରେ ପାଣି ଅଭାବରୁ ଫସଲହାନି ଆଶଙ୍କା ସୃଷ୍ଟି ହୋଇଛି। ଧାରକରଜ କରି, କୃଷି ଋଣ ନେଇ ଚାଷୀ ବର୍ଷକର ଦାନା ମୁଠାଏ ପାଇଁ ବ୍ୟାକୁଳ ହେଉଥିବା ବେଳେ ଅଧିକାଂଶ ଜମିରେ ମାଟି ଫାଟି ଆଁ କଲାଣି। ଏନେଇ ଗତ ସପ୍ତାହରେ ଚାଷୀମାନେ ମରୁଡ଼ି ଘୋଷଣା ଦାବି କରିଥିଲେ। ଗୁରୁବାର ବୋଲଗଡ଼ ବ୍ଲକ କୃଷି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ କୃଷି କର୍ମଚାରୀ ସେଖ୍ ଆଜାରୁଦ୍ଦିନ ଓ କୃଷକ ମିତ୍ର ସୁରଥ ଦଳେଇ ଏବଂ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ରାଉତରାୟ ପ୍ରମୁଖ ହରିକେଶର, ଖଲ୍ଲିକୋଟ, ଚିତ୍ରକୋଟ, ଶ୍ରୀଚନ୍ଦନପୁର ଓ ଶ୍ରୀଚନ୍ଦନପୁର ପାଟଣା ଆଦି ଗ୍ରାମର ଚାଷଜମି ବୁଲି ଦେଖିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଅର୍ଜୁନ ଜେନା, ହାଲୁରି ମାନସିଂହ, ଭାସ୍କର ଭୂୟାଁ, ଗୋବିନ୍ଦ ବେହେରା, ସନାତନ ସ୍ୱାଇଁ, ମାଗୁଣି ଚରଣ ସ୍ୱାଇଁ, ଜୟ ମହାରଣା, ବାସୁଦେବ ପରିଡ଼ା, ଅନାମ ଭୂୟାଁ, ଜନାର୍ଦ୍ଦନ ବଳବନ୍ତରାୟ, ନିରଞ୍ଜନ ମାନସିଂହ, ଗଙ୍ଗାଧର ପ୍ରଧାନଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ପାର୍ବଣରେ ଟ୍ରାଫିକ ବିପର୍ଯ୍ୟସ୍ତ, ଲୋକେ ହଇରାଣ

ଖୋର୍ଦ୍ଧା,୨।୧୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରର ୩୧ ମଣ୍ଡପରେ ଚାଲିଛି ମା'ଗଜଲକ୍ଷ୍ମୀଙ୍କ ପୂଜା। ସଞ୍ଜ ନଇଁଲେ ସମସ୍ତ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ତେବେ ପାର୍ବଣ ପାଇଁ ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୂଆବସଷ୍ଟାଣ୍ଡ ଠାରୁ ଟ୍ରାଫିକ ଛକ, ନୂଆ ବସଷ୍ଟାଣ୍ଡ ଠାରୁ ପଲ୍ଲା ଛକ, ଖୋର୍ଦ୍ଧା-ନୟାଗଡ ରାସ୍ତା ମୁକନ୍ଦପ୍ରସାଦଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ମୁଣ୍ଡବ୍ୟଥା ବଢାଇଛି। ସାଧାରଣ ଯାତାୟାତ ବାଧାପ୍ରାପ୍ତ ହେଉଛି। ମୁକନ୍ଦପ୍ରସାଦଠାରୁ ମାରୱାଡି ପଟି, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ପେଟ୍ରୋଲ ପମ୍ପ ଛକରେ ଟ୍ରାଫିକ ଛକରେ ଅନିୟନ୍ତ୍ରିତ ହୋଇପଡୁଛି। ପେଟ୍ରୋଲ ପମ୍ପଠାରୁ ମାରୱାଡି ପଟି ରାସ୍ତା ସଙ୍କୁଚିତ ହୋଇ ରହିଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ ପାର୍କିଂ ଏବଂ କ୍ୟାବିନ ରହିଥିବାରୁ ରାସ୍ତାକୁ ସଙ୍କୁଚିତ କରୁଛି। ରାସ୍ତା ଅବରୋଧ, ଡ୍ରେନ ଉପରେ ଦୋକାନ ବଜାର, ସହରାସାରା ଉଠାଦୋକାନ ଯୋଗୁ ଦିନକୁ ଦିନ ସହର ସଙ୍କୁଚିତ ହେବାକୁ ଲାଗିଛି। ରାଜନୈତିକ ଇଚ୍ଛାଶକ୍ତି ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଖୋର୍ଦ୍ଧା ସହରକୁ କ୍ୟାବିନ ମୁକ୍ତ ଅଭିଯାନ ସରକାରୀ କାଗଜକଲମରେ ସୀମିତ ହୋଇରହିଛି। ଏ ସମ୍ପର୍କରେ ଏସ୍‌ପି ସିଦ୍ଧାର୍ଥ କଟାରିଆ କହିଛନ୍ତି, ପାର୍ବଣ ସମୟରେ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। ସହରରେ ଟ୍ରାଫିକ ସମସ୍ୟା ସୁଧାର ଆଣିବା ଲାଗି ପ୍ରଚେଷ୍ଟା ଜାରି ରହିଛି। ସବୁ ଛକରେ ଟ୍ରାଫିକ କନଷ୍ଟେବଳ, ହୋମଗାର୍ଡଙ୍କୁ ମୁତୟନ କରାଯାଇଛି। ଏଥିରେ ସୁଧାର ଆଣିବା ଲାଗି ଜନତାଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ରାସ୍ତା ଉପରେ ବାଇକ ପାର୍କିଂ ନ କରିବା ସହ ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦେଇଛନ୍ତି।

# ପୂର୍ବତନ ବିଧାୟକ ଅଜୟଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତନ ବିଧାୟକ ଅଜୟ କୁମାର ଜେନାଙ୍କ ଏକାଦଶାହ ଅବସରରେ ବ୍ରାହ୍ମଣଦେଓ ଗ୍ରାମବାସୀଙ୍କ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣଦେଓ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ହଳଧର ବିଶ୍ୱାଳ, ସମ୍ପାଦକ ସଂଗ୍ରାମ କୁମାର ବିଶ୍ୱାଳ, ଚିଲିକା ଗାନ୍ଧୀ ଯୁବଛାତ୍ର ସଙ୍ଗଠନର ସଭାପତି ସର୍ବେଶ୍ୱର ବିଶ୍ୱାଳ ଓ ସମ୍ପାଦକ ପରମବ୍ରହ୍ମ ବିଶ୍ୱାଳଙ୍କ ନେତୃତ୍ୱରେ ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଦକ୍ଷିଣେଶ୍ୱର ମନ୍ଦିର ନିକଟରେ ସ୍ୱର୍ଗତ ଜେନାଙ୍କ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋଭାଯାତ୍ରାରେ କୃଷ୍ଣଚନ୍ଦ୍ର ବିଶ୍ୱାଳ, ଫକୀର ବିଶ୍ୱାଳ, ଭ୍ରମର ବିଶ୍ୱାଳ, ପ୍ରଦ୍ୟୁମ୍ନ କୁମାର ବିଶ୍ୱାଳ, ପ୍ରମୋଦ କୁମାର ରଣସିଂହ ଏବଂ ବ୍ରାହ୍ମଣଦେଓ ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ସାମୂହିକ ଭାବେ ଆତ୍ମାଙ୍କୁ କଲେ ପ୍ରାର୍ଥନା


ମହମବତି ଜାଳି ପରଲୋକଗତ ଆତ୍ମାମାନଙ୍କ ଶାନ୍ତି ପ୍ରାର୍ଥନା କରାଯାଇଛି।

## 'ଅଲ-ସୋଲ ଡେ' ପାଳିତ

ଜଟଣୀ,୨।୧୧ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ସହରରେ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ପକ୍ଷରୁ ଗୁରୁବାର ଅଲ-ସୋଲ-ଡେ ପାଳିତ ହୋଇଯାଇଛି। ପରଲୋକଗତ ଆତ୍ମାମାନଙ୍କ ଶାନ୍ତି ଓ ବୈକୁଣ୍ଠ ପ୍ରାପ୍ତି ଉଦ୍ଦେଶ୍ୟରେ ଉକ୍ତ ଦିବସ ପାଳନ କରାଯାଇଥାଏ ବୋଲି ବରିଆଲ ସୋସାଇଟି କମିଟି ପକ୍ଷରୁ କୁହାଯାଇଛି। ଜଟଣୀରେ ୭ଶହରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟିଆନ ପରିବାର ରହୁଥିବା ବେଳେ ବ୍ରିଟିଶ ଅମଳର କବର ସ୍ଥାନରେ ୧୫ଶହରୁ ଅଧିକ ସମାଧି ରହିଥିବା ବେଳେ ଉକ୍ତ ଦିବସ ପାଳନ ପୂର୍ବରୁ ବରିଆଲ ସୋସାଇଟି ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ କବରସ୍ଥାନକୁ ସଫେଇ କରାଯାଇଥିଲା। ସମାଧିକୁ ରଙ୍ଗ କରି ସେଥିରେ ବିଭିନ୍ନ ଫୁଲରେ ସୁସଜ୍ଜିତ କରିବା ସହ ମହମବତି ଜାଳି ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଚର୍ଚ୍ଚର ଫାଦର ବାଇବେଲ ପଢ଼ି ସମସ୍ତଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରିବା ସହ ସମସ୍ତ ସମାଧିରେ ପବିତ୍ର ଜଳ ସିଞ୍ଚନ କରିଥିଲେ।

# 'ସଚେତନତା ଦ୍ୱାରା ଏଡ୍ସ ରୋକିହେବ'

ଖୋର୍ଦ୍ଧା,୨।୧୧ (ପ୍ରଭାତ ପାଣିଗ୍ରାହୀ)

ଡିସେମ୍ବର ୧ ବିଶ୍ୱ ଏଡ୍ସ ଦିବସ। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲେ ମଧ୍ୟ ଏଡ୍ସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର କରିବାରେ ବିଶେଷଜ୍ଞମାନେ ସଫଳ ହୋଇପାରିନାହାନ୍ତି। ଏପର୍ଯ୍ୟନ୍ତ ବିଶ୍ୱରେ ପ୍ରାୟ ୨୫ ମିଲିୟନରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଛି ଏହି ମହାମାରୀ ଏଡ୍ସ। ଲକ୍ଷାଧିକ ସଂକ୍ରମିତଙ୍କୁ ଆବଶ୍ୟକ ଚିକିତ୍ସା ମିଳିପାରୁନାହିଁ। ପ୍ରତିବର୍ଷ ଏଡ୍ସ ସଚେତନତା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କ୍ରମାଗତ ରୋଗୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିବର୍ଷ ଜିଲାରେ ଏଡ୍ସ ରୋଗୀଙ୍କ ମୃତ୍ୟୁହାର ବଢ଼ିଚାଲିଛି। ଏଡ୍ସ ସଚେତନତା କେବଳ ସଭା, ସମିତି, ଶୋଭାଯାତ୍ରା, ମାରାଥନ୍‌ରେ ସୀମିତ ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅନ୍ୟପଟେ ଏଡ୍ସ ଚିହ୍ନଟ ରୋଗୀଙ୍କୁ ଦିଆଯାଉଥିବା ମାସିକ ଭତ୍ତା ଠିକ୍ ସମୟରେ ଦିଆଯାଉ ନ ଥିବା ଏବଂ ଅନ୍ୟାନ୍ୟ ସୁବିଧା ଦେବାରେ ଅବହେଳା କରାଯାଉଛି ବୋଲି ବହୁ ରୋଗୀ ଗଣମାଧ୍ୟମ ଆଗରେ କହିଛନ୍ତି।

ଖୋର୍ଦ୍ଧା ଜିଲାରେ ୨୦୦୨ରୁ ୨୦୨୨ ଅକ୍ଟୋବର ମଧ୍ୟରେ ୧୩,୪୪,୭୦୮ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୨,୭୪,୫୫୦ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୩,୬୯୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ପୁରୁଷ ୨୩୯୭, ମହିଳା ୮୯୧, ଶିଶୁ ୧୪୫ ଏବଂ ଅନ୍ୟ ୯୬ଜଣ ରହିଛନ୍ତି। ୨୪୨ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ କେବଳ ଖୋର୍ଦ୍ଧା ଜିଲାରୁ ୧୪୧ଜଣ ରହିଛନ୍ତି। ଅନ୍ୟ ଜିଲା ଓ ବାହାର ରାଜ୍ୟରୁ ଆସି ଏଠାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ସଂଖ୍ୟା ୧୦୧ ରହିଛି। ୨୦୧୮-୧୯ରେ ୧୧୦୪୬୫ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୦୯୯୮୧ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୪ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୧୧୬୮୯୩ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୧୫୬୮୫ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦-୨୧ରେ ୧୦୦୫୩୭ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୯୯,୯୭୭ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୦୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୧ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧-୨୨ରେ ୧୩୮୪୦୬ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୩୭୮୯୭ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୩୯ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨-୨୩ ଅକ୍ଟୋବର ପର୍ଯ୍ୟନ୍ତ ୯୬୭୦୭ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୯୬୬୭୯ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୪୦ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଆର୍ତ୍ତବନ୍ଧୁ ନାୟକ କହିଛନ୍ତି, ଏଚ୍‌ଆଇଭି (ହ୍ୟୁମାନ ଇମ୍ୟୁନୋଡେଫିସିଏନ୍ସି ଭାଇରସ) ଏକ ମାରାତ୍ମକ ରୋଗ। ଏହା ମୁଖ୍ୟତଃ ଅସୁରକ୍ଷିତ ଯୌନସମ୍ପର୍କ, ସଂକ୍ରମିତ ରକ୍ତ, ସଂକ୍ରମିତ ମା'ଠାରୁ କ୍ଷୀରଖାଉଥିବା ଛୁଆକୁ ଏବଂ ସଂକ୍ରମିତ ଛୁଞ୍ଚି ଦ୍ୱାରା ବ୍ୟାପିଥାଏ। ତେବେ ଏଡ୍ସ ରୋଗକୁ କେବଳ ସଚେତନତା ମାଧ୍ୟମରେ ରୋକାଯାଇପାରିବ ବୋଲି ସେ କହିଛନ୍ତି।



## ଅସହାୟା ନାବାଳିକା ଉଦ୍ଧାର

ଅସ୍ତରଙ୍ଗ, (ପ୍ରଦୀପ୍ତ କୁମାର ଦୀକ୍ଷିତ):ନିମାପଡା ବ୍ଲକ ଚଡେଇ ଗାଁ ଗ୍ରାମର ସୋମନାଥ ସ୍ୱାଇଁଙ୍କ ନାବାଳିକା ଝିଅ ମାତାପିତାଙ୍କୁ ହରାଇବା ପରେ ଦି'ଓଳି ଦୁଇମୁଠା ଖାଇବା ପାଇଁ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଭିକ୍ଷାବୃତ୍ତି କରୁଥିଲେ। କିନ୍ତୁ ହଠାତ୍ ବୁଧବାର ସେ ଏକ ବସ୍ ଯୋଗେ ଭୁବନେଶ୍ୱରରୁ ଅସ୍ତରଙ୍ଗ ଅଭିମୁଖେ ଆସି ଅସ୍ତରଙ୍ଗ ବଜାରରେ ଓହ୍ଲାଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ଠାରୁ ନାବାଳିକାଙ୍କ ଦୂରାବସ୍ଥା ସମ୍ପର୍କରେ ଖବର ପାଇ ଅସ୍ତରଙ୍ଗ ବଜାର କମିଟି ସଭାପତି ତଥା ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା ତାଙ୍କ ନିକଟରେ ପହଞ୍ଚିଥିଲେ। ତାଙ୍କ ଠାରୁ ସମସ୍ତ ଘଟଣା ଜାଣିବା ପରେ ଦୁଷ୍ମନ୍ତ ଅସ୍ତରଙ୍ଗ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ସହାୟତାରେ ନାବାଳିକାଙ୍କୁ ପୁରୀ ଶିଶୁମଙ୍ଗଳ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ରାଜେଶ ବଲିୟାର ସିଂ ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ୪, ୫ରେ ପ୍ରଦର୍ଶନ ହେବ 'ମାଲ୍ୟଗିରି'

ପୁରୀ,୨।୧୧(ଅଜିତ ମହାନ୍ତି): ବାବୁସାନ ଏବଂ ଅମ୍ଲାନଙ୍କ ଅଭିନୀତ ରହସ୍ୟ ରୋମାଞ୍ଚଭରା ଓଡ଼ିଆ ଚଳଚ୍ଚିତ୍ର 'ମାଲ୍ୟଗିରି' ରାଜ୍ୟ ଓ ରାଜ୍ୟ ବାହାରେ ମୁକ୍ତିଲାଭ କରି ପ୍ରଶଂସା ସାଉଁଟିବା ସହିତ ସବୁଠି ପୂର୍ଣ୍ଣ ପ୍ରେକ୍ଷାଳୟରେ ଆଗେଇ ଚାଲିଛି। ସିନେମାର କାହାଣୀ ମାଲ୍ୟଗିରି ପର୍ବତ ଓ ଏହାର ଉପତ୍ୟକାରେ ବସବାସ କରୁଥିବା ଅଧିବାସୀଙ୍କୁ ନେଇ ନିର୍ମାଣ କରାଯାଇଛି। ପୁରୀରେ ସିନେମା ହଲ ନ ଥିବାରୁ କେତେଜଣ କଳାପ୍ରେମୀ ସ୍ଥାନୀୟ ଟାଉନ ହଲରେ ଏହି ଚଳଚ୍ଚିତ୍ରକୁ ଚଳିତ ମାସ ୪ ଓ ୫ ତାରିଖରେ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ୪ଟି ଶୋ' ମଧ୍ୟାହ୍ନ ୧୨ଟା, ଅପରାହ୍ନ ୩ଟା, ସନ୍ଧ୍ୟା ୬ଟା ଏବଂ ରାତି ୯ଟାରେ ଏହା ପ୍ରଦର୍ଶନ ହେବ। ୨୪ ଇଞ୍ଚର ଏଲ୍ଇଡି ପରଦା ଲଗାଯିବା ସହ ସରାଉଣ୍ଡ ସାଉଣ୍ଡ, ଏୟାର କଣ୍ଡିଶନ ହଲ୍ ଭଳି ଅନେକ ଅତ୍ୟାଧୁନିକ ସୁବିଧା ଯୋଗାଇ ଦିଆଯିବ। ଦର୍ଶକଙ୍କ ପାଇଁ ଟିକେଟ ମୂଲ୍ୟ ୧୫୦, ୧୨୦ ଏବଂ ୧୦୦ ଟଙ୍କା ରଖାଯାଇଛି। ପ୍ରତ୍ୟେକ ସିଟ୍‌ର ନମ୍ବର୍ କରାଯାଇଛି। ପ୍ରତ୍ୟେକ ଦର୍ଶକ ନିଜ ପସନ୍ଦ ଅନୁସାରେ ସିଟ୍ ଚୟନ କରି ଟିକେଟ କିଣିପାରିବେ। ସକାଳ ୯ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆଡଭାନ୍ସ ବୁକିଂ ଟିକେଟ୍ ଦିଆଯାଉଛି। ସକାଳ ୧୦ରୁ ଅପରାହ୍ନ ୫ଟା ମଧ୍ୟରେ ଟାଉନ୍ ହଲ୍ ନିକଟରେ ଟିକେଟ ମିଳୁଛି। ଟିକେଟ ବୁକିଂ ସହାୟତା ପାଇଁ ମୋବାଇଲ ନମ୍ବର (୯୦୪୦୮୮୧୯୮/ ୮୬୩୭୨୯୦୫୦୧) ଜାରି କରାଯାଇଥିବା ଆୟୋଜକ ରବିନାରାୟଣ ନାୟକ ଏବଂ ପିନାକୀ ଶ୍ରୀଚନ୍ଦନ ସୂଚନା ଦେଇଛନ୍ତି।

## ମଠ ନାମରେ ବିଜେସ୍ଥଳୀ ରେକର୍ଡ କରାଯିବାକୁ ଦାବି

ପୁରୀ, ୨।୧୧(ଅଜିତ ମହାନ୍ତି) ପୁରୀରେ ଥିବା ମଠର ବିଜେସ୍ଥଳୀ ମଠ ନାମରେ ରେକର୍ଡ କରିବାକୁ ଶ୍ରୀକ୍ଷେତ୍ର ମଠାଧୀଶ ସେବାସଂଘ ଶ୍ରୀମନ୍ଦିର ପ୍ରଶାସନକୁ ନିବେଦନ କରିଛି। ଏନେଇ ସେବାସଂଘ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ରାଧାବଲ୍ଲଭ ମଠାଧୀଶ ମହନ୍ତ ରାମକୃଷ୍ଣ ଦାସଙ୍କ ନେତୃତ୍ୱରେ ଉତ୍ତରପାର୍ଶ୍ୱ ମଠାଧୀଶ ମହନ୍ତ ନାରାୟଣ ରାମାନୁଜ ଦାସ, ବଳରାମ କୋଟ ମଠାଧୀଶ ରଘୁବୀର ଦାସ, ନେବଳଦାସ ମଠ ମଠାଧୀଶ ମହନ୍ତ ରାମଚରଣ ଦାସ ଓ କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ ଦାସ ପ୍ରମୁଖ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ଏଦିଗରେ ସରକାରଙ୍କୁ ସକାରାତ୍ମକ ସୁପାରିସ କରିବାକୁ ଅନୁରୋଧ ରଖିଛନ୍ତି। ସେମାନେ କହିଛନ୍ତି, ପରିଚାଳନା କମିଟି ପ୍ରସ୍ତୁତ କରୁଥିବା କାଗଜାତରେ ମଠର ନାମ ସଂଯୁକ୍ତ କରାଯାଉ। ଏହି ପ୍ରତିନିଧି ଦଳ ସହ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ଯୋଗଦେଇ ମଠ ଓ ସେବାୟତଙ୍କ ଜମି ରେକର୍ଡରେ ଏକର ସୀମା ବୃଦ୍ଧି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଖୁବ ଶୀଘ୍ର ଶ୍ରୀମନ୍ଦିର ଲ୍ୟାଣ୍ଡ କମିଟି ଓ ପରିଚାଳନା କମିଟି ଏଦିଗରେ ବିଚାର କରିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଥିବା ମିଶ୍ର କହିଛନ୍ତି।

## ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ପୁରୀ, ୨।୧୧(ଅଜିତ୍ ମହାନ୍ତି): ବାସେଳି ସାହି ଥାନା ଅଧୀନ ବେହେରାସାହିସ୍ଥିତ ମା'ଗଜଲକ୍ଷ୍ମୀ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ପୂର୍ବତନ କାଉନସିଲର ଭକ୍ତ ଚରଣ ଦାଶ, ଓଡ଼ିଶା ଜାତି ଓ ଜନଜାତି ଉନ୍ନୟନ କର୍ତ୍ତୃପକ୍ଷ ଆଶିଷ କୁମାର ମହାନ୍ତି ଯୋଗଦେଇଥିଲେ। ବେହେରା ସାହି ସଭାପତି ପ୍ରହ୍ଲାଦ ବେହେରା, ମା' ମଶାଣିଚଣ୍ଡୀ କମିଟି ସଭାପତି ଲିଟୁ ପ୍ରଧାନ, ଗଜଲକ୍ଷ୍ମୀ କ୍ଲବ ସଭାପତି ତ୍ରିନାଥ ବେହେରା ଏବଂ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଲିଟନ ବେହେରା ମଞ୍ଚ ପରିଚାଳନା କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଓଡ଼ିଆ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ। ସେ ବିଭିନ୍ନ ଆଲ୍‌ବମ୍ ଗୀତ ସହ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଶୀତୁଆ ରାତିରେ ରୋମାଞ୍ଚ ଭରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। କ୍ଲବ୍ ଏବଂ ସାହିବାସିନ୍ଦା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚୋରି ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଛି କବାଡ଼ିଆ ଦୋକାନ

## ଟ୍ରାକ୍ଟର ଚୋରଙ୍କୁ ଧରି ପୋଲିସ ଜିମା ଦେଲେ ଲୋକେ

ଗୋପ, ୨।୧୧ (ଭାରତୀ ଭୂଷଣ ଉପାଧ୍ୟାୟ): ଗୁରୁବାର ସକାଳେ ଗୋପ ଥାନା ଅନ୍ତର୍ଗତ କୁଶୁପୁରୁ ଦାସସାହି ଗ୍ରାମର ଅମୂଲ୍ୟ କୁମାର ଦାସ (୪୨) ଟ୍ରାକ୍ଟର ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ି ନିସ୍ତୁକ ମାଡ଼ ଖାଇଛନ୍ତି। ପରେ ଗ୍ରାମବାସୀମାନେ ଗୋପ ପୋଲିସକୁ ଏ ବିଷୟରେ ଜଣାଇବାରୁ ପୋଲିସ ପହଞ୍ଚି ଅଭିଯୁକ୍ତ ଅମୂଲ୍ୟଙ୍କୁ ଗିରଫ କରି ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାରେ ସମ୍ପୃକ୍ତ ଆଉ ୩ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ ବୁଧବାର ବିଳମ୍ବିତ ରାତିରେ ଅମୂଲ୍ୟ ସହିତ ଆଉ ୩ ଯୁବକ ବାଲିପାଟଣା ଥାନା ଅନ୍ତର୍ଗତ ତୁରିନ୍ତିରା ଗ୍ରାମର ଅଶୋକ କୁମାର ସାହୁଙ୍କ ଟ୍ରାକ୍ଟର (ଓଡି-୦୨-ଏଜି ୧୫୦୩)କୁ ଚୋରି କରି ଗୋପ ଥାନା ଅନ୍ତର୍ଗତ ହାପି କଲୋନୀ ନିକଟରେ ରଖିବା ସହ ଗୋପ ଅଞ୍ଚଳର ଏକ କବାଡ଼ିଆ ଦୋକାନରେ ବିକ୍ରି ପାଇଁ ଯୋଜନା କରୁଥିଲେ। ସକାଳୁ ନିଜ ଘର ନିକଟରେ ଟ୍ରାକ୍ଟର ଚୋରି ହେବା ଗାଡ଼ି ମାଲିକ ଜାଣିବା ପରେ ସିସିଟିଭି ଫୁଟେଜ୍ ଆଧାରରେ ଖୋଜାଖୋଜି କରିଥିଲେ। ଗାଡ଼ି ଚୋରିରେ ସାମିଲ୍ ୪ ଜଣଙ୍କ ମଧ୍ୟରୁ ୩ ଜଣ କବାଡ଼ିଆ ଦୋକାନ ଯାଇଥିବାବେଳେ ଅଭିଯୁକ୍ତ ଅମୂଲ୍ୟ ଟ୍ରାକ୍ଟର ନିକଟରେ ଜଗି ରହିଥିଲେ। ତେବେ ଗାଡ଼ି ମାଲିକ ଆସିବା ଦେଖି ଅମୂଲ୍ୟ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ହାପି କଲୋନୀର କେତେକ ଯୁବକ ତାଙ୍କୁ ଧରିନେଇଥିଲେ। ଏଥିସହ ଟ୍ରାକ୍ଟର ଚୋରି କରିଥିବା ଜାଣିବା ପରେ ଗ୍ରାମବାସୀ ଅଭିଯୁକ୍ତଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ଅମୂଲ୍ୟ ଏହି ଚୋରି ବିଷୟରେ ସବୁକିଛି ମାନିଯାଇଥିଲା। ଟ୍ରାକ୍ଟର ମାଲିକଙ୍କ ଅଭିଯୋଗକୁ ଭିତ୍ତି କରି କେସ୍ ନମ୍ବର ୩୮୪/୨୩ରେ ମାମଲା ରୁଜୁ ହୋଇଥିବା କହିଛନ୍ତି ବାଲିପାଟଣା ଥାନା ଏସ୍ଆଇ ରାକେଶ କୁମାର। ସେହିପରି ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଗୋପ ଥାନା ଅଞ୍ଚଳର ୧୦/୧୨ଟି କବାଡ଼ିଆ ଦୋକାନ ବିଭିନ୍ନ ସମୟରେ ଜିଲା ଓ ରାଜ୍ୟ ବାହାରର ଚୋରି ଗାଡ଼ି ରଖିବା ଭଳି ଅଭିଯୋଗ ଥିବା ବେଳେ ସ୍ଥାନୀୟ ପୋଲିସ କାହିଁକି ନୀରବତା ଅବଲମ୍ବନ କରୁଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ଏପରି କି କବାଡିଆ ଦୋକାନରେ ବଙ୍କର ତିଆରି କରାଯାଇ ଚୋରା ଗାଡ଼ିଗୁଡ଼ିକୁ ରଖାଯିବା ପରେ କଟାଯାଉଛି ବୋଲି ଅଭିଯୋଗ ରହିଛି।


ଅଭିଯୁକ୍ତଙ୍କୁ ଲୋକେ କାବୁ କରିଛନ୍ତି ।


ପୁରୀରେ ହବିଷିଆଳି ଶିବିରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନେ ଗୁରୁବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଅଭିମୁଖେ ଆସୁଛନ୍ତି ।

## ଖୁବଶୀଘ୍ର ୩ ନୂତନ ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପଣ

ପୁରୀ, ୨।୧୧(ଅଜିତ୍ ମହାନ୍ତି): ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦାନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆହ୍ୱାନ ଦେବା ସହ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ କଥା ଦେଇ କଥା ରଖିଛନ୍ତି। ପୁରୀରେ ଖୁବଶୀଘ୍ର ନବନିର୍ମିତ ୩ଟି ମାର୍କେଟ କମ୍ପ୍ଲେକ୍ସ ଲୋକାର୍ପଣ ହେବା ସହ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଥଇଥାନ କରାଯିବ। ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରି ଦୋକାନ ଆବଣ୍ଟନ ନେଇ ଟାଉନ୍ ହଲରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ୨୦୨୦ ଜାନୁୟାରୀ ୧୭ରେ ମାର୍କେଟ ଛକସ୍ଥିତ ମାର୍କେଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ୩ଟି ମାର୍କେଟ କମ୍ପ୍ଲେକ୍ସରେ ୧୦୦,୨୦୦ ଓ ୩୦୦ ବର୍ଗଫୁଟର ଦୋକାନ ଘର କରାଯାଇଛି। ଓବିସିସି ପକ୍ଷରୁ ହସ୍ତାନ୍ତର ପରେ ପୁରୀ - କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ପରିଚାଳନା କରିବ। ୪୧ କୋଟି ଟଙ୍କା ବ୍ୟୟରେ ୧୦୫୦୬ ବର୍ଗଫୁଟ ଜମିରେ ନିର୍ମିତ ମହୋଦଧି ମଲ୍ଟି ଲେଭୁଲ ମାର୍କେଟ କମ୍ପ୍ଲେକ୍ସରେ ୯୧ କାର ଓ ୧୭୫ ମୋଟର ସାଇକେଲ ପାର୍କିଂ ପାଇଁ ବ୍ୟବସ୍ଥା ରହିଛି। ଏହି ମାର୍କେଟ କମ୍ପ୍ଲେକ୍ସରେ ୧୫୧ଟି ଦୋକାନ ଘର ରହିଛି। ବିବାଦ ହେବାରୁ ଲଟେରୀ ମାଧ୍ୟମରେ ମହୋଦଧି ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଆବଣ୍ଟନ କରିବା ପାଇଁ ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି।


ଅସ୍ତରଙ୍ଗ ବଜାରସ୍ଥିତ ମା'ଲକ୍ଷ୍ମୀ କ୍ଲବ ଦ୍ୱାରା ଅନୁଷ୍ଠିତ ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

## ଅର୍ଥ ଲଗାଣକୁ ନେଇ ଥାନାରେ ମାମଲା

### ଫେରସ୍ତ ପ୍ରତିଶ୍ରୁତି ପରେ ମାମଲାର ଆପୋସ ସମାଧାନ

ଅସ୍ତରଙ୍ଗ,୨।୧୧ (ମମତା ଜେନା) : ଅସ୍ତରଙ୍ଗ ବ୍ଲକ ସୁନ୍ଦର ଗ୍ରାମର ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ କିଛି ମହିଳା ଅର୍ଥ ଲଗାଣକୁ ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ୨୦୧୭ ମସିହାରୁ ଏହି ଗ୍ରାମର କିଛି ମହିଳା ଗ୍ରୁପ୍ କରି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନିକଟରେ ଅର୍ଥ ଜମା ରଖିଥିଲେ। ୫ ବର୍ଷ ପରେ କିଛି ମହିଳା ଜମା ରାଶି ଓ ସୁଧ ନ ପାଇବାରୁ ଅସ୍ତରଙ୍ଗ ଥାନାରେ ତାଙ୍କ ବିରୋଧରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ ଡାକି ପଚରାଉଚରା କରିଥିଲା। ଶିକ୍ଷୟିତ୍ରୀ ଓ ତାଙ୍କ ସ୍ୱାମୀ ନିଜ ସଫେଇରେ କହିଛନ୍ତି ମହିଳାଙ୍କ ଜମା ରାଶିକୁ ଆମେ ଅନେକ ଲୋକଙ୍କୁ ଋଣ ଆକାରରେ ଦେଇଛୁ। କିନ୍ତୁ ମହାମାରୀ କରୋନା ପରେ ଲୋକଙ୍କ ଆର୍ଥିକ ସ୍ଥିତି ମାନ୍ଦା ହୋଇପଡ଼ିବାରୁ ସେମାନେ ନେଇଥିବା ଋଣକୁ ସଠିକ ସମୟରେ ପୈଠ କରିପାରିନାହାନ୍ତି। ସେମାନେ ଋଣ ଅର୍ଥ ପୈଠ କରିବା ମାତ୍ରେ ଆମେ ଜମାକାରୀଙ୍କ ଟଙ୍କା ଫେରାଇଦେବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅସ୍ତରଙ୍ଗ ଥାନା ପରିସରରେ ଉଭୟପକ୍ଷ ମଧ୍ୟରେ ଆପୋଷ ବୁଝାମଣା କରାଯାଇ ଏହାର ସମାଧାନ କରାଯାଇଥିବା ଜଣାଯାଇଛି।

## ଝିଅକୁ ହତ୍ୟା ଅଭିଯୋଗ, ଜ୍ୱାଇଁଙ୍କୁ କୋର୍ଟ ଚାଲାଣ

ଡେଲାଙ୍ଗ, ୨।୧୧ (ରଶ୍ମିରଞ୍ଜନ ପ୍ରଧାନ): ଡେଲାଙ୍ଗ ଥାନା ଅଧୀନ ବିଦୁରପୁର ଗ୍ରାମରେ ଗତ ରବିବାର ଜଣେ ନବ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ବି ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ମହିଳାଙ୍କ ପରିବାର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ କେସ୍ ନଂ ୩୨୮/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ମହିଳାଙ୍କ ସ୍ୱାମୀ ରାଜା ମଲ୍ଲିକ୍ (୩୪)ଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଥିବା ଡେଲାଙ୍ଗ ଥାନା ପକ୍ଷରୁ ସୂଚନା ମିଳିଛି। ସୂଚନାଥାଉକି ବିଦୁରପୁର ଗ୍ରାମର ରାଜା ମଲ୍ଲିକ ଗତ ୮ ମାସ ତଳେ କୋଣାର୍କ ଅଞ୍ଚଳରେ ବିବାହ କରିଥିଲେ। ବିବାହର ୧୫ ଦିନ ପରେ ସେ ଗାଁ ଛାଡି ତାଙ୍କ ପତ୍ନୀ ଟିଙ୍କିଲି ମଲ୍ଲିକ୍‌ଙ୍କ ସହିତ କଟକରେ ରହୁଥିଲେ। ଉଭୟ ସେଠାରେ ଚାକିରି କରୁଥିଲେ। ଗତ କୁମାର ପୂର୍ଣ୍ଣିମାରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ନିଜ ଗାଁ ବିଦୁରପୁରକୁ ଆସିଥିଲେ। ରାଜା ଶୌଚ ହେବା ପାଇଁ ନଦୀପଠାକୁ ଯାଇ ଫେରିବା ପରେ ତାଙ୍କ ପତ୍ନୀ ଟିଙ୍କିଲି ନିଜ ଶୋଇବା ଘର କବାଟ ବନ୍ଦ କରିଦେଇଥିବା ଦେଖିବାକୁ ପାଇଥିଲେ। ରାଜା କବାଟ ଭାଙ୍ଗି ଘରକୁ ପ୍ରବେଶ କରିବା ପରେ ଟିଙ୍କିଲି ବେକରେ ଲୁଗା ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ।

## ମା' ଲକ୍ଷ୍ମୀ କ୍ଲବର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଅସ୍ତରଙ୍ଗ, ୨।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ): ଅସ୍ତରଙ୍ଗ ବଜାରସ୍ଥିତ ଦୀର୍ଘ ୪୩ ବର୍ଷ ଧରି ମା'ଲକ୍ଷ୍ମୀ କ୍ଲବ ଦ୍ୱାରା ଅନୁଷ୍ଠିତ ହେଉଛି ମା' ଗଜଲକ୍ଷ୍ମୀ ପୂଜା। ଏହି ଅବସରରେ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି କାକଟପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ବ୍ଲକ ଉପାଧ୍ୟକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ, ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଯାତ୍ରା 'ପଡ଼ିଗଲି ମୁଁ ତୋ ପ୍ରେମରେ' ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କ୍ଲବର ସଭାପତି ପ୍ରମୋଦ ଦାସ, ସମ୍ପାଦକ ଦିଲ୍ଲୀପ ଦାସ, ମୁଖ୍ୟ ପରିଚାଳକ ସମୀର କରଙ୍କ ସହ ମା' ଲକ୍ଷ୍ମୀ କ୍ଲବର ସଦସ୍ୟ ସଞ୍ଜୟ ପ୍ରଧାନ, ପ୍ରତାପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ: ତଦନ୍ତ ଦାବି

ଅସ୍ତରଙ୍ଗ, ୨।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ): ଅସ୍ତରଙ୍ଗ ବ୍ଲକ ଆଳସାହିଠାରୁ ନଗର ମୁଖ୍ୟରାସ୍ତା ଦେଇ ବାଲିଡିଆ ପର୍ଯ୍ୟନ୍ତ ୮ କିଲୋମିଟର ୯୧୦ ମିଟର ରାସ୍ତା ପାଇଁ ୫ କୋଟି ୬୧ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଠିକାଦାର ନଗର ଗ୍ରାମସ୍ଥିତ ଦିନାଡିଆ ନିକଟରେ ନିମ୍ନମାନର ସିମେଣ୍ଟ ସହ ଯେଉଁ ପରିମାଣରେ ଗୋଡି, ବାଲି, ସିମେଣ୍ଟ ବ୍ୟବହୃତ ହେବା କଥା ତାହା ନ କରି ନିମ୍ନଧରଣର ସାମଗ୍ରୀ ବ୍ୟବହାର କରି ରାସ୍ତା କାର୍ଯ୍ୟ କରୁଛନ୍ତି। କାର୍ଯ୍ୟ ସମୟରେ ସମ୍ପୃକ୍ତ ଯନ୍ତ୍ରୀ ରହୁ ନ ଥିବାରୁ ଏହାର ସୁଯୋଗ ନେଇ ଠିକାଦାର ମାଲାମାଲ୍ ହେବା ଲକ୍ଷ୍ୟରେ ଏଭଳି ନିମ୍ନମାନର ରାସ୍ତା କାମ କରୁଛନ୍ତି। ସ୍ଥାନୀୟ ବାସିନ୍ଦା ଅଶୋକ ବେହେରା (ସୁବଳ) କହିଛନ୍ତି, ଠିକାଦାର କାହା କଥା ନ ଶୁଣି ଏଭଳି କାର୍ଯ୍ୟ କରୁଛନ୍ତି। ସେହିପରି ପୂର୍ବତନ ସରପଞ୍ଚ ରୋହିତ ନାୟକ କହିଛନ୍ତି, ଠିକାଦାର କୌଣସି ଭାଗ ମାପ ନକରି କାର୍ଯ୍ୟ ଚଳାଇଛନ୍ତି। ଏ ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନୟନ ବିଭାଗ ଯନ୍ତ୍ରୀ କୌଣସି ପ୍ରତିକ୍ରିୟା ଦେଇ ନ ଥିବା ବେଳେ ସ୍ଥାନୀୟ ବାସିନ୍ଦା ଉକ୍ତ କାମର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ମାର୍କେଟ୍ କମ୍ପ୍ଲେକ୍ସକୁ ଉଠିଗଲା ବିଜିପୁର ହାଟ

କଣାସ, ୨।୧୧(ବିଭୂତି ଭୂଷଣ ତ୍ରିପାଠୀ): ବିଜିପୁର ଗ୍ରାମପଞ୍ଚାୟତର ବିଜିପୁର ବଜାରର ଦୋକାନଗୁଡ଼ିକ ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ସ୍ଥାପିତ ହୋଇଥିବା ବେଳେ ପ୍ରତ୍ୟେକ ସପ୍ତାହର ଗୁରୁବାର ଓ ରବିବାର ଦିନ ଏଠାରେ ହାଟ ବସିଥାଏ। ଜାତୀୟ ରାଜପଥର ଦୁଇପାର୍ଶ୍ୱରେ ଉଠା ଦୋକାନୀମାନେ ବସୁଥିବାରୁ ସଡ଼କରେ ଯାତାୟାତ କରୁଥିବା ଯାନବାହନଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ। ସେହିପରି ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଏବଂ କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ବାରମ୍ବାର ବିଜିପୁର ବଜାର କମିଟିର କର୍ମକର୍ତ୍ତାମାନଙ୍କୁ ଅନ୍ୟତ୍ର ହାଟ ବସାଇବା ପାଇଁ ତାଗିଦ୍ କରିଆସୁଛନ୍ତି। ତେବେ ଗୁରୁବାର ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, କଣାସ ଥାନା ଅଧିକାରୀ ଗୌରିଶଙ୍କର ସେଠୀ, ପୋଲିସ ଫୋର୍ସ ସହ ସେଠାରେ ଉପସ୍ଥିତ ରହି ଦୋକାନୀମାନଙ୍କୁ ନୂତନ ଭାବେ ନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସ ଭିତରେ ହାଟ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଉଠାଦୋକାନୀମାନେ ମାର୍କେଟ୍ କମ୍ପ୍ଲେକ୍ସ ଭିତରେ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା।

## ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା


ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନା କରାଯାଇଛି ।

ପୁରୀ, ୨।୧୧(ଅଜିତ ମହାନ୍ତି): ପୁରୀ ଜିଲା ସ୍କୁଲର ଶିକ୍ଷୟିତ୍ରୀ ସଂଯୁକ୍ତା ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଭାବ ବିହ୍ୱଳ ପରିବେଶରେ ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୁରୀ ଡିଆଇଇଟିର ପ୍ରାକ୍ତନ ଅଧ୍ୟକ୍ଷ ତଥା ମିଶ୍ରଙ୍କ ସ୍ୱାମୀ ଚଣ୍ଡେଶ୍ୱର ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ତାଙ୍କ ମହନୀୟତା ଉପସ୍ଥାପନ କରିଥିଲେ। ଶିକ୍ଷକ ବିଦ୍ୟାଧର ମିଶ୍ର ସଭା ପରିଚାଳନା କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରପର୍ସନ ସୁଧାଂଶୁ ଶେଖର ରାୟଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ନିଜ ଅନୁଭୂତି ବାଣ୍ଟିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱଜିତ ବାନାର୍ଜୀ ଧନ୍ୟବାଦ ଦେଇଥିଲେ। ମିଶ୍ର ଶିକ୍ଷାଦାନ ସହ ସାହିତ୍ୟ ସାଧନା ଓ ଅନେକ ସାମାଜିକ ସଂସ୍କାରମୂଳକ କାର୍ଯ୍ୟ କରିବା ସହ ଗରିବ ମେଧାବୀ ପିଲାଙ୍କୁ ସାହାଯ୍ୟ କରି ଆସୁଥିଲେ। ପିଲାଙ୍କୁ ଅନ୍ତର ଭରି ଭଲ ପାଉଥିବା ଜଣେ ନିଆରା ମଣିଷ ଓ ସଫଳ ଶିକ୍ଷାଦାତ୍ରୀ ଭାବେ ଜିଲା ସ୍କୁଲରେ ୩୨ବର୍ଷ ଓ ସମୁଦାୟ ୩୯ ବର୍ଷର ନିରବଚ୍ଛିନ୍ନ ଶିକ୍ଷାଦାନ କରି ଆସୁଥିଲେ। ଜିଲା ସ୍କୁଲର ଐତିହ୍ୟକୁ ତ୍ୱରାନ୍ୱିତ କରି ରାଜ୍ୟରେ ଶ୍ରେଷ୍ଠ ବିଦ୍ୟାଳୟ ରୂପେ ଉପସ୍ଥାପନ ପାଇଁ ମିଶ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଛାତ୍ର ସମାଜ ସଂକଳ୍ପବଦ୍ଧ ହେବା ଆବଶ୍ୟକ

ନିମାପଡ଼ା,୨।୧୧(ବିଚିତ୍ରାନନ୍ଦ ସାହୁ) ଦୁର୍ନୀତିମୁକ୍ତ ସମାଜ ଗଠନ ଓ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଆଜିର ଛାତ୍ର ସମାଜ ସଂକଳ୍ପବଦ୍ଧ ହେବା ଆବଶ୍ୟକ। ଦୁର୍ନୀତିକୁ ହଟାଇବାକୁ ଛାତ୍ରୀଛାତ୍ରମାନେ ପ୍ରୟାସ କରିବା ଉଚିତ୍। ନିମାପଡ଼ା କଲେଜ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ପକ୍ଷରୁ ନିମାପଡ଼ା କଲେଜଠାରେ ଗୁରୁବାର ଦୁର୍ନୀତି ନିବାରଣ ସପ୍ତାହ ପାଳନ ହୋଇଯାଇଛି। ଏଥିରେ ଆୟୋଜିତ ଏକ ସଚେତନତା ସଭାରେ ଯୋଗଦେଇ ଅତିଥିମାନେ ଏହା କହିଥିଲେ। ଅତିଥି ଭାବେ କଲେଜ ଅଧ୍ୟକ୍ଷା ଶିକ୍ଷାବିତ୍ ପୁଷ୍ପିତା ରାଜଗୁରୁ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ବିଷ୍ଣୁପ୍ରସାଦ ସାହୁ, ପ୍ରାଧ୍ୟାପକ ଡ. ରବୀନ୍ଦ୍ରନାଥ ପାଢ଼ୀ, ବରିଷ୍ଠ ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁବ୍ରତ ମହାନ୍ତି, ଅରୁଣ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ପ୍ରତିହତ କରିବା, ଦୁର୍ନୀତିର ମୂଳୋତ୍ପାଟନ ସମ୍ପର୍କରେ ଏକ ସାମୂହିକ ଶପଥପାଠ କଲେଜଠାରେ ଅନୁଷ୍ଠିତ ହୋଇଥିଲା। କଲେଜର ଶତାଧିକ ଛାତ୍ରୀଛାତ୍ର, ଜାତୀୟ ସେବା ଯୋଜନା, ଏନ୍‌ସିସି କ୍ୟାଡେଟ୍, ସ୍ୱେଚ୍ଛାସେବୀ ଓ ଅତିଥିମାନେ ଶପଥପାଠ କରିଥିଲେ। ଜାତୀୟ ସେବା ଯୋଜନାର ଶତାଧିକ ଛାତ୍ରୀଛାତ୍ର, ସ୍ୱେଚ୍ଛସେବୀ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଜାତୀୟ ସେବା ଯୋଜନାର ସବ୍ୟସାଚୀ ସେନାପତି, ତପନ ପ୍ରଧାନ, ବର୍ଷାରାଣୀ ଭଟ୍ଟାଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ସାମିଲ ହୋଇଥିଲେ।



ସଚେତନତା ଶୋଭାଯାତ୍ରାରେ ଅତିଥି ଓ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରୁଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଷ୍ଟ୍ରୋକ୍ ଆୱେରନେସ୍ ୱିକ୍, ତାଜ ଭିଭାନ୍ତ, ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଟେରାକୋଟା ପ୍ରଦର୍ଶନୀ ମୃତ୍ତିକା-୨୦୨୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- କସ୍ତୁରବା ନାରୀମହଲ ଆନୁକୂଲ୍ୟରେ କୁମାର ଉତ୍ସବ ତଥା ନାରୀମହଲର ବାର୍ଷିକ ଉତ୍ସବ, ରବୀନ୍ଦ୍ରମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ନାଟକ 'ବିଷର୍ଣ୍ଣ ବସନ୍ତ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

# ଇଓଡବ୍ଲ୍ୟୁ, ଇଡି ତନାଘନା ସତ୍ତ୍ୱେ ଆର୍‌ବିଆଇରେ ଭିଡ଼

**ଭୁବନେଶ୍ୱର,୨।୧୧(ସତ୍ୟଜିତ୍ ରାଉତ)**

## ୨ ହଜାରିଆ ନୋଟ୍ ବଦଳାଇବା ଘଟଣା



୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ ଲମ୍ବା ଧାଡ଼ି ଲାଗିବା ପ୍ରସଙ୍ଗ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି କରିଛି। ସାଧାରଣ ଲୋକଙ୍କୁ ଢାଲ କରି କେତେଜଣ ବ୍ୟକ୍ତି ବେଆଇନ ଭାବେ ଗଚ୍ଛିତ ନୋଟ୍ ବଦଳାଉଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ବୁଧବାର ତଦନ୍ତ ଆରମ୍ଭ କରିଥିଲା। ତେବେ ଇଓଡବ୍ଲ୍ୟୁ ଓ ଇଡିର ତନାଘନା ପରେ ବି ଆର୍‌ବିଆଇ ସାମ୍ନାରେ ନୋଟ ବଦଳାଇବାକୁ ସାଧାରଣ ଲୋକଙ୍କ ଭିଡ଼ ଲାଗି ରହିଛି। ଗୁରୁବାର ମଧ୍ୟ ଶହଶହ ଲୋକ ଖରାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୭ଟାରୁ ଅପରାହ୍ନ ପ୍ରାୟ ୨ ପର୍ଯ୍ୟନ୍ତ ଏହି ଭିଡ଼ ଲାଗି ରହିଥିଲା। କେତେଜଣ ଲୋକ ଭିଡ଼ ପାଇଁ ଟଙ୍କା ନ ବଦଳାଇପାରି ଫେରିଯାଇଥିଲେ। ଏଥିରେ ଏକାଧିକ ର୍ୟାକେଟ କାର୍ଯ୍ୟ କରୁଥିବାବେଳେ ଦଲାଲମାନେ କମିଶନ ଦେଇ ଲୋକଙ୍କୁ ଏହି କାର୍ଯ୍ୟରେ ଲଗାଉଥିବା ଚର୍ଚ୍ଚା ହୋଇଥିଲା। ତେଣୁ ଇଡି ଓ ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ସେଭଳି କିଛି ଫରକ ପଡ଼ି ନ ଥିବା ଭିଡ଼ରୁ ବାରି ହୋଇପଡୁଛି। ଏଜେଣ୍ଟମାନେ ଏହି କାରବାରରେ ସକ୍ରିୟ ଥିବା କୁହାଯାଉଛି। ସୂଚନାଯୋଗ୍ୟ, ବୁଧବାର ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ୍ ଓ ମଧ୍ୟାହ୍ନରେ ଇଡିର ଦୁଇ ଜଣିଆ ଟିମ୍ ପର୍ଯ୍ୟାୟକ୍ରମେ ଆର୍‌ବିଆଇରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଆରମ୍ଭ କରିଥିଲେ। ତେବେ ତଦନ୍ତର ଅଗ୍ରଗତି ନେଇ ଇଡି ଓ ଇଓଡବ୍ଲ୍ୟୁ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# ୯ମାସ ଶିଶୁର ବିରଳ ଚକ୍ଷୁ ଅସ୍ତ୍ରୋପଚାର



**ଭୁବନେଶ୍ୱର, ୨।୧୧(ଅସମାପିକା ସାହୁ)**

କନ୍‌ଜେନିଟାଲ୍ ଗ୍ଲୁକୋମା ଆକ୍ରାନ୍ତ ଜଣେ ୯ମାସ ଶିଶୁର ଚକ୍ଷୁ ଅସ୍ତ୍ରୋପଚାର କରିବାରେ କିମ୍ସ ଡାକ୍ତରମାନେ ସଫଳ ହୋଇଛନ୍ତି। ଏଭଳି ବିରଳ ଅସ୍ତ୍ରୋପଚାର ପରେ ଶିଶୁଟି ଏବେ ସମ୍ପୂର୍ଣ୍ଣ ଦେଖିପାରୁଛି। କିମ୍ସ ଚକ୍ଷୁରୋଗ ବିଭାଗ ମୁଖ୍ୟ ଡା. ମାଧୁଳି ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଡା. ଶାଶ୍ୱତୀ ସେନ୍ ଓ ତାଙ୍କ ଡାକ୍ତରୀ ଦଳ ଟ୍ରାବେକ୍ୟୁଲୋଟୋମି ଓ ଟ୍ରାବେକ୍ୟୁଲେକ୍ଟୋମି ଭଳି ଅତ୍ୟାଧୁନିକ ପଦ୍ଧତିରେ ଏହି ଅସ୍ତ୍ରୋପଚାର କରି ସଫଳତା ପାଇଛନ୍ତି। ସ୍ୱଳ୍ପ ବ୍ୟୟରେ କିମ୍ସରେ ଏଭଳି ଅସ୍ତ୍ରୋପଚାର ହୋଇପାରୁଥିବା ଡା. ସେନ୍ ପ୍ରକାଶ କରିଛନ୍ତି। କନ୍‌ଜେନିଟାଲ୍ ଗ୍ଲୁକୋମା ଏଭଳି ଏକ ଅବସ୍ଥା, ଯେଉଁଥିରେ ରୋଗୀର ଆଖି ୧୦ ଭାଗରୁ ମାତ୍ର ୧ଭାଗ ଦେଖି ପାରିଥାଏ। ତେବେ ଏହି ଶିଶୁ କ୍ଷେତ୍ରରେ ମାତ୍ର ୪ ମାସରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ତେବେ ୧୦ହଜାର ରୋଗୀଙ୍କ ମଧ୍ୟରୁ ଜଣକୁ ଏଭଳି ରୋଗ ହୋଇଥାଏ। ଏଭଳି ବିଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ଆରମ୍ଭ ହେଲେ ଏହା ମାରାତ୍ମକ ହୋଇ ନ ଥାଏ ବୋଲି ଡା. ସେନ୍ କହିଛନ୍ତି। ଏଭଳି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇବା ସହ ଶିଶୁର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ଯୁବକ ଅଟକ

**ବାରଙ୍ଗ,୨।୧୧(ଲିଙ୍ଗରାଜ ରାଉତ):** ଗୋଡ଼ି ସାହି ଫାଣ୍ଡି ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକ ଜଣଙ୍କ ମଞ୍ଚେଶ୍ୱର ଥାନା ଅଧୀନ ଅଞ୍ଚଳରେ। ସେ ଏକ ଦୁଗ୍ଧ କମ୍ପାନୀରେ ଠିକା କର୍ମଚାରୀ ଭାବେ କାମ କରୁଥିବାବେଳେ ସେ ବିବାହିତ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ସେ ଘର ଭଡ଼ା ନେଇ ଗୋଡ଼ି ସାହି ଫାଣ୍ଡି ନିକଟ ଏକ ଗାଁରେ ରହୁଥିଲେ। ଘର ପାଖରେ ରହୁଥିବା ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜଣାପଡ଼ିବା ପରେ ପରିବାର ଲୋକେ ତାର ଗର୍ଭ ନଷ୍ଟ କରିବାକୁ ବୁଧବାର କଟକ ବଡ଼ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ନାବାଳିକାଙ୍କ ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଆଧାର କାର୍ଡ ଯାଞ୍ଚ କରାଯାଇଥିଲା। ନାବାଳିକାଙ୍କ ବୟସ ୧୩ବର୍ଷ ଜଣାପଡ଼ିବା ପରେ ଗର୍ଭପାତ କରିବାକୁ ଡାକ୍ତର ମନା କରିବା ସହ ତୁରନ୍ତ ମଙ୍ଗଳାବାଗ ଥାନା ପୋଲିସକୁ ଏ ବିଷୟରେ ଜଣାଇଥିଲେ। ମଙ୍ଗଳାବାଗ ଥାନା ପୋଲିସଠାରୁ ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାରେ ସମ୍ପୃକ୍ତ ଯୁବକକୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି।

### ୭ରେ ଶ୍ରୀଶ୍ରୀ ରବି ଶଙ୍କରଙ୍କ ୩ ଦିନିଆ ଓଡ଼ିଶା ଗସ୍ତ

**ବାରଙ୍ଗ,୨।୧୧(ଲିଙ୍ଗରାଜ ରାଉତ):** ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଆଜୀବନ ଅଧ୍ୟକ୍ଷ ଓ ଆର୍ଟ ଅଫ ଲିଭିଂର ପ୍ରତିଷ୍ଠାତା ଗୁରୁଦେବ ଶ୍ରୀଶ୍ରୀ ରବି ଶଙ୍କର ନଭେମ୍ବର ୭ରୁ ୧୦ ପର୍ଯ୍ୟନ୍ତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ସମୟରେ ୭ ତାରିଖରେ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ସମାରୋହରେ ସେ ଯୋଗ ଦେବେ। ଦ୍ୱିତୀୟ ଦିନରେ ଆୟୋଜିତ ଶିକ୍ଷାବିତ୍ ସମ୍ମିଳନୀରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଗୁଣୀବାନ୍ ଶିକ୍ଷାବିତ୍ ଯୋଗ ଦେବେ। ତୃତୀୟ ଦିନରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ସେ ଏକ ଜନସାଧାରଣ ସତ୍‌ସଙ୍ଗଙ୍କୁ ସମ୍ବୋଧିତ କରିବେ। ୧୦ ତାରିଖରେ ଧନ୍ୱନ୍ତରୀ ତ୍ରୟୋଦଶୀ ଉତ୍ସବ ପାଳନ ପାଇଁ ସକାଳେ ଧନ୍ୱନ୍ତରୀ ହୋମ ଅନୁଷ୍ଠିତ ହେବ। ଏହି ଅବସରରେ ହଜାରରୁ ଅଧିକ ପ୍ରତିଯୋଗୀଙ୍କୁ ନେଇ ଆର୍ଟ ଅଫ ଲିଭିଂ ପକ୍ଷରୁ ଆନନ୍ଦ ଉତ୍ସବ ଆୟୋଜନ କରାଯାଉଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ସମାରୋହରେ ଗୁରୁଦେବ ଶ୍ରୀ ରବିଶଙ୍କରଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଆର୍ ଶର୍ମା କହିଛନ୍ତି।




୬ ଦଫା ଦାବି ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ତୋଳାଳି ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# କେନ୍ଦୁପତ୍ର କର୍ମଚାରୀ, ତୋଳାଳି ମହାସଂଘର ବିକ୍ଷୋଭ

**ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)**

୧୫ ଦଫା ଦାବି ନେଇ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିଶାଳ ସମାବେଶକୁ ଉଦ୍‌ବୋଧନ ଦେଇ କହିଥିଲେ ସିଜନାଲ କର୍ମଚାରୀଙ୍କ ଗ୍ରାଚ୍ୟୁଇଟିକୁ ୭ ଦିନ ପରିବର୍ତ୍ତେ ୧୫ ଦିନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିବା ସହ ତୋଳାଳି ବନ୍ଧାଳିଙ୍କ ପାଇଁ ୧୦୦୦ ଟଙ୍କା ଓ ସିଜନାଲ କର୍ମଚାରୀଙ୍କ ପାଇଁ ୧୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ମୁନସି, ଚପରାସୀ ଓ ଚେକରଙ୍କ କାର୍ଯ୍ୟକାଳ ୩ ମାସ ପରିବର୍ତ୍ତେ ସର୍ବନିମ୍ନ ୬ ମାସକୁ ବୃଦ୍ଧି, ବାଇଡିଂ ଚେକର ଓ ସର୍କଲ ଚେକରଙ୍କ କାର୍ଯ୍ୟକାଳ ୧୨ ମାସକୁ ବୃଦ୍ଧି, ବର୍ଦ୍ଧିତ ବଜାର ଦରକୁ ଦୃଷ୍ଟିରେ ରଖି ସମସ୍ତ କର୍ମଚାରୀ ଓ ତୋଳାଳି, ବନ୍ଧାଳିଙ୍କ ପ୍ରାପ୍ୟ ୨୦୨୦ ମସିହାରୁ ପିଛିଲା ଭାବେ ବୃଦ୍ଧି, କେନ୍ଦୁପତ୍ର ତୋଳାଳି, ବନ୍ଧାଳିମାନଙ୍କ ଅବସର ବୟସ ମଧ୍ୟ ୬୨କୁ ବୃଦ୍ଧି, ୨୦୧୪ ମସିହାରେ ସରକାରଙ୍କ ଦ୍ୱାରା ବିଚାରାଧୀନ ଥିବା ୧୧୦୨ ଜଣ ବାଇଣ୍ଡିଂ ଚେକର, ସର୍କଲ ଚେକ ଓ ହେଡ ଚେକରଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବା, ୧୯୭୩ ମସିହାର କେନ୍ଦୁପତ୍ର ନିୟମାବଳୀର ସଂଶୋଧନ କରି କ୍ୟାଡର ପୁନଃ ଗଠନ କରି ପଦୋନ୍ନତିର ସୁଯୋଗ ଦେବା, ଭବାନୀପାଟଣା କେନ୍ଦୁପତ୍ର ଡିଭିଜନର ଯେଉଁସବୁ ଫଣ୍ଡିଙ୍କୁ ନିର୍ଜିକରଣ କରାଯାଇଛି, ତାହାର ତୁରନ୍ତ ଉଚ୍ଛେଦ, ତୋଳାଳି ବନ୍ଧାଳିଙ୍କ ସମେତ ସମସ୍ତ ସିଜନାଲ କର୍ମଚାରୀଙ୍କ ସୁରକ୍ଷା ଓ ଦୟନୀୟ ଅବସ୍ଥାରେ ଅବସରକାଳୀନ ସମୟରେ କଲ୍ୟାଣମୂଳକ ଆର୍ଥିକ ସହାୟତା ପ୍ରଦାନ ଆଦି ଦାବି ପୂରଣ କରାଯାଇ ନାହିଁ । ମାସକ ମଧ୍ୟରେ ଦାବି ପୂରଣ ନହେଲେ ସାରା ପଶ୍ଚିମ ଓ ବିଭିନ୍ନ ଡିଭିଜନରେ ସରକାରଙ୍କ ଅବହେଳା ପ୍ରତିବାଦରେ ସଭାସମିତି କରାଯାଇ ଆନ୍ଦୋଳନକୁ ତୀବ୍ର କରାଯିବ ଓ କେନ୍ଦୁପତ୍ର କାର୍ଯ୍ୟ ଠପ ହେବ ବୋଲି ସମ୍ପାଦକ ସୁଜିତ ମନୋହାରୀ, ଉମା ପ୍ରଧାନ, ରବୀନ୍ଦ୍ର ଦ୍ୱାରି, ଅରୁଣ ମୁଣ୍ଡ, ମଧୁ ପ୍ରଧାନ ପ୍ରମୁଖ କହିଥିଲେ। ଏହି ସମାବେଶରେ ୧୯ଟି କେନ୍ଦୁପତ୍ର ଡିଭିଜନରୁ ୧୦ ହଜାର ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ।

# ୩ କୋଟି ୬୭ ଲକ୍ଷଟଙ୍କା କାର୍ଯ୍ୟର ଭିତ୍ତିପ୍ରସ୍ତର କଲେ ଉତ୍ତର ବିଧାୟକ

**ବାରଙ୍ଗ,୨।୧୧(ଲିଙ୍ଗରାଜ ରାଉତ)**

ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତାର ସମ୍ପ୍ରସାରଣ ନିମନ୍ତେ ଗୁରୁବାର ଶୁଭ ଦିଆଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ଇଞ୍ଜଣା ଛକଠାରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୩ କୋଟି ୬୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ଇଞ୍ଜଣା ଛକଠାରୁ ଭୋଟପଡ଼ା ପର୍ଯ୍ୟନ୍ତ ଦୟା ୱେଷ୍ଟବ୍ରାଞ୍ଚ କେନାଲ ରୋଡର ସମ୍ପ୍ରସାରଣ କରାଯିବ। ଏହାଦ୍ୱାରା ପଞ୍ଚାୟତବାସୀ ବିଶେଷଭାବେ ଉପକୃତ ହେବେ। ଏହାସହ ଟ୍ରାଫିକ କବଳରୁ ରକ୍ଷା ପାଇବାକୁ ଏହି କେନାଲ ରାସ୍ତା ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ଏହି ରାସ୍ତା ବିଶେଷ ଭାବେ ଲାଭଦାୟକ ହେବ ବୋଲି ବିଧାୟକ ରାଉତ କହିଛନ୍ତି। ଏହାସହ ୫ ପଞ୍ଚାୟତରେ ଚାଲିଥିବା ବିକାଶମୁଖୀ କାର୍ଯ୍ୟକୁ ପଞ୍ଚାୟତବାସୀଙ୍କ ଏଭଳି ସହଯୋଗ ରହିଲେ ଆହୁରି ଆଗକୁ ବଢ଼ିପାରିବ ବୋଲି କହିଥିଲେ। ଏହି କାମ ୧୨ ସେପ୍ଟେମ୍ବର ୨୦୨୪ରେ ସରିବ ବୋଲି ନେଇଥିବା ଠିକାଦାର ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ଚୁକ୍ତିନାମା କରିଥିବା ଜଣାପଡ଼ିଛି। ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଜେଡି ଭୁବନେଶ୍ୱର ଜିଲା ସାଧାରଣ ସମ୍ପାଦକ ନିର୍ମଳ ରାଉତ, ଇଞ୍ଜଣା ସରପଞ୍ଚ ହେମନ୍ତ ପରିଡ଼ା, ସମିତି ସଭ୍ୟା ମମିତା ଦାସ, ଇଞ୍ଜଣା ଗ୍ରାମ୍ୟ ମଙ୍ଗଳ କମିଟି ସଭାପତି ପ୍ରଦୀପ ଦାସ, ସମ୍ପାଦକ ପବିତ୍ର ପ୍ରଧାନ, ଦୁର୍ଗାପୂଜା କମିଟି ସଭାପତି ଜଗବନ୍ଧୁ ପରିଡ଼ା, ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ମୁରବି ଅନ୍ତର୍ଯ୍ୟାମୀ କୁଅଁର, ବସନ୍ତ ରଥଙ୍କ ସମେତ ଲୋକ ପ୍ରତିନିଧି, ମୁରବି, ମହିଳା, ଦଳୀୟକର୍ମୀ ଉପସ୍ଥିତ ଥିଲେ।

## ଗ୍ରନ୍ଥାଗାର ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡ଼ିଶା ଲାଇବ୍ରେରୀ ଏକାଡେମୀ ପକ୍ଷରୁ ଗ୍ରନ୍ଥାଗାର ସପ୍ତାହ ପାଳନ ନିମନ୍ତେ ରାଜ୍ୟ ଗ୍ରନ୍ଥାଗାର କର୍ମଚାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆଭାସୀ ମାଧ୍ୟମରେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗ୍ରନ୍ଥାଗାର ଯୁଗ୍ମ ଶାସନ ସଚିବ ଉକ୍ତ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ବୈଠକରେ ଓଡିଶା ଲାଇବ୍ରେରି ଏକାଡେମୀ ସଭାପତି ଡ ବାନାମ୍ବର ସାହୁ, ସମ୍ପାଦକ ଡ. ବିଜୟ କେତନ ପଣ୍ଡା ଓ ଡ. ବିଭୂତି ଭୂଷଣ ସାହୁ ତଥା ଗ୍ରନ୍ଥାଗାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଆସନ୍ତା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରନ୍ଥାଗାର ସପ୍ତାହ ପାଳନ କରାଯିବା ନେଇ ଏହି ପ୍ରସ୍ତୁତି ବୈଠକରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା।

# ରଘୁନାଥ ରାଉତଙ୍କୁ 'ଭିକାରୀ ବଳ ସମ୍ମାନ'




**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ୟୁଥ୍ ଅନୁଷ୍ଠାନ ଏବଂ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ମଞ୍ଚ ପକ୍ଷରୁ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଗୁରୁବାର ଭିକାରୀ ବଳ ସମ୍ମାନ ପ୍ରଦାନ ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଖଦି ଓ ଗ୍ରାମୋଦ୍ୟୋଗ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭଜନ ଶିରୋମଣି ଡ. ରଘୁନାଥ ରାଉତଙ୍କୁ 'ଡ. ଭିକାରୀ ବଳ ସମ୍ମାନ ୨୦୨୩' ପ୍ରଦାନ କରାଯାଇଛି। ଏଥିସହ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କୁ 'ସଂସ୍କୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ନିମାକାନ୍ତ ରାଉତରାୟ, କଣ୍ଠଶିଳ୍ପୀ ଅନସୂୟା ରଥ, ଛନ୍ଦା ମିଶ୍ର, ସୋମେଶ ଶତପଥୀ, ସାଗରିକା କୁଣ୍ଡୁ ପ୍ରମୁଖ ପୂର୍ବରୁ ଆୟୋଜିତ ଭିକାରୀ ବଳ ରାଜସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଦୁଇ ଦିନରେ ୨ ଟ୍ରଲର ଜବତ, ୨୧ ମତ୍ସ୍ୟଜୀବୀ ଅଟକ

**ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ନିଷିଦ୍ଧାଞ୍ଚଳରୁ ମାଛ ଧରିବା ଅଭିଯୋଗରେ ନଭେମ୍ବର ୧ ଓ ୨ ତାରିଖରେ ଅସ୍ତରଙ୍ଗ ବନବିଭାଗ ଦୁଇଟି ଟ୍ରଲର ଜବତ କରିଛି। ୧ ତାରିଖରେ ଜବତ ହୋଇଥିବା ଟ୍ରଲର ପାରାଦୀପ ଅଞ୍ଚଳର ଓ ଏଥିରୁ ମୋଟ ୨ କୁଇଣ୍ଟାଲ ୭୩ କିଗ୍ରା ମାଛ ଜବତ କରାଯିବା ସହ ୩୨୪୯ ଟଙ୍କାରେ ନିଲାମ କରାଯାଇଛି। ଏଥିରେ ଥିବା ୬ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ନଭେମ୍ବର ୨ ତାରିଖରେ ଦେବୀ ନଦୀ ମୁହାଣର ଉତ୍ତର ନଡ଼ିଆଖିଆ ନିକଟରେ ବାଲେଶ୍ୱରର ସାଥି ମଙ୍ଗଳା ନାମକ ଟ୍ରଲରକୁ ଜବତ କରାଯାଇଛି। ଏଥିରେ ଥିବା ୧୫ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି।

# ୫ରେ ଜୀ ସାର୍ଥକ ସଂସାର ଆୱାର୍ଡ




**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଜୀ ସାର୍ଥକରେ ଆସନ୍ତା ୫ ତାରିଖ ସନ୍ଧ୍ୟା ୬ଟାରେ ଜୀ ସାର୍ଥକ ସଂସାର ଆୱାର୍ଡ ୨୦୨୩ ଆୟୋଜିତ ହେବ। ବିଭିନ୍ନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିତିଥିବା କଳାକାର ଓ ଟିମ୍‌କୁ ପୁରସ୍କୃତ କରାଯିବ। ବେଷ୍ଟ ଫିଲ୍ମ, ବେଷ୍ଟ ସେରିଏଲ, ବେଷ୍ଟ ହିରୋ, ବେଷ୍ଟ ହିରୋଇନ ଆଦି ବିଭିନ୍ନ ବର୍ଗରେ ଆୱାର୍ଡ ମିଳିବ। ଏଥିସହ ମନୋରଞ୍ଜନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅନେକ କଳାକାରଙ୍କ ପ୍ରଦର୍ଶନ ଖାସ କରି ଓଲିଉଡ଼ର ନାମୀ ଦାମୀ କଳାକାର ଏହି ଶୋ' ରେ ଭାଗ ନେବେ। ସିଦ୍ଧାନ୍ତ ମହାପାତ୍ର, ବାବୁସାନ ମହାନ୍ତି, ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା, ଏଲିନା, ଶୈଳେନ୍ଦ୍ର, ସ୍ୱରାଜ, ଜ୍ୟୋତି, ଦୀପକ, ରିୟା, ଶୀତଲ ପ୍ରମୁଖ ସନ୍ଧ୍ୟାକୁ ରୋମାଞ୍ଚିତ କରିବେ। ଜୀ ସାର୍ଥକରେ ପ୍ରସାରିତ ସମସ୍ତ ମେଗା ଧାରାବାହିକର କଳାକାର ଯୋଡି ଶିବ-ଶକ୍ତି, ଅମ୍ବର-ଧାରା, ବିଷ୍ଣୁ-ପ୍ରିୟା, ସନ୍ଧ୍ୟା-ରାଗିଣୀ, କରନ-ଖୁସି, ଏଜେ-ମାନିନୀ ପ୍ରମୁଖ ମଞ୍ଚରେ ଦମ୍‌ଦାର ପ୍ରଦର୍ଶନ ରଖିବେ। ଚ୍ୟାନେଲ ଅଫିସର ପ୍ରତୀକ ସିଲ କହିଛନ୍ତି , ଏହି ଆୱାର୍ଡ ଶୋ' ଆମର କଳାକାର ଓ ଟେକ୍ନିକାଲ ସଦସ୍ୟଙ୍କୁ ଏକ ଅନନ୍ୟ ଅନୁଭବ ଦେଇଥାଏ। ଦର୍ଶକଙ୍କ ପାଇଁ ସେମାନଙ୍କ କାମ କେତେ ମୂଲ୍ୟବାନ୍ ତାହା ପ୍ରତିପାଦିତ କରିଥାଏ। ଭଲ କାମ ସର୍ବଦା ପୁରସ୍କୃତ ହୁଏ। ପ୍ରତିଭାକୁ ସମ୍ମାନ ଦେବାରେ ଆମ ପାଇଁ ଏହି କାର୍ଯ୍ୟକ୍ରମ ଏକ ବଡ଼ ମାଧ୍ୟମ ବୋଲି ସିଲ୍ କହିଛନ୍ତି।




ଗିରଫ ସୂଚନା ଅଧିକାର ଆନ୍ଦୋଳନର ନେତା ତଥା ମୋ ଦଳର ସଚିବ ପ୍ରଦୀପ ପ୍ରଧାନଙ୍କ ବିରୋଧରେ ହୋଇଥିବା ମିଥ୍ୟା ମୋକଦମା ପ୍ରତ୍ୟାହାର ସହିତ ନିସର୍ତ୍ତ ଖଲାସ ଦାବିରେ ମୋ ଦଳ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।

# 'ଦୁର୍ନୀତି ନିବାରଣରେ ଶିକ୍ଷାର୍ଥୀ ପ୍ରମୁଖ ଭୂମିକା ନିଅନ୍ତୁ'

**ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)**




### ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଗୁରୁବାର ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଦୁର୍ନୀତି ନିବାରଣ ତଥା ଅଖଣ୍ଡତା ପ୍ରୋତ୍ସାହନ ପାଇଁ ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲଙ୍କ ନେତୃତ୍ୱରେ ଶପଥପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୁର୍ନୀତି ନିବାରଣ ସଚେତନତା ଓ ସାଇବର ଅପରାଧ ନିରାକରଣ ସମ୍ବନ୍ଧରେ ବକ୍ତୃତା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଏଡିଜି (କ୍ରାଇମ୍) ଅରୁଣ ବୋଥ୍ରା ଯୋଗଦେଇ ଦୁର୍ନୀତି ନିବାରଣରେ ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ନିଜର ଅନୁଭୂତିରୁ ସାଇବର ଅପରାଧର କାରଣ ଓ ନିରାକରଣରେ ସମସ୍ତଙ୍କର ସହଭାଗିତା ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଦୁର୍ନୀତି ନିବାରଣ ପାଇଁ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷାର୍ଥୀ, କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ପ୍ରଫେସର ଶରତ କୁମାର ଦାସ ଓ କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁରକ୍ଷା ପର୍ଯ୍ୟବେକ୍ଷକ ଅଶୋକ କୁମାର ବଳିଆର ସିଂ ସହାୟତା କରିଥିଲେ।

## ସଂକ୍ଷେପରେ

### ଝାରସୁଗୁଡ଼ା ଜିଲାପାଳଙ୍କୁ ହାଜର ନିର୍ଦ୍ଦେଶ

**ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ମାମଲା**

କଟକ,୨।୧୧(କାର୍ତ୍ତିକ ସାହୁ)

କୃଷି କ୍ଷେତ୍ରରେ ଫସଲହାନି ହେତୁ କ୍ଷତିପୂରଣ ପାଇବା ପାଇଁ ଥିବା ଗାଇଡ୍‌ଲାଇନ ସମ୍ପର୍କିତ କାଗଜପତ୍ର ଅଦାଲତରେ ଦାଖଲ ହେଲାନି। ଫଳରେ ଝାରସୁଗୁଡ଼ା ଜିଲାପାଳ ହାଜର ଲାଗି ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଝାରସୁଗୁଡ଼ା ଜିଲାପାଳଙ୍କୁ ପରବର୍ତ୍ତୀ ଶୁଣାଣିରେ ଆଭାସି ଜରିଆରେ ଉପସ୍ଥିତ ରହି ଅଦାଲତଙ୍କ ନିକଟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ଝାରସୁଗୁଡ଼ା ଜିଲାର ଚାଷୀ ଅଶୋକ କୁମାର ପଟେଲଙ୍କ ସମେତ ଅନ୍ୟମାନଙ୍କ ପକ୍ଷରୁ ଫସଲ ହାନିଜନିତ କ୍ଷତିପୂରଣ ଦାବିରେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଆବେଦନକାରୀମାନଙ୍କ ଫସଲରେ ପୋକ ଲାଗିଯିବା କାରଣରୁ ତାହା ନଷ୍ଟ ହୋଇଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଗଠନ ହୋଇଥିବା ଜିଲାସ୍ତରୀୟ କମିଟି ନିକଟରେ ସେମାନେ କ୍ଷତିପୂରଣ ପାଇବା ପାଇଁ ଆବେଦନ କରିଥିଲେ। ହେଲେ ଏହି କମିଟି ଆବେଦନକାରୀଙ୍କ ଦାବିପତ୍ରକୁ ଖାରଜ କରିଦେଇଥିଲା। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଯାତ୍ରୀ ଉଠାଣରୁ ବିବାଦ

# ସାଥୀ ଅଟୋ ଚାଳକଙ୍କୁ ହତ୍ୟା

କଟକ,୨।୧୧(କାର୍ତ୍ତିକ ସାହୁ)

କଟକ ଚଣ୍ଡୀମନ୍ଦିର ନିକଟରେ ଗୁରୁବାର ଯାତ୍ରୀ ଉଠାଣକୁ କେନ୍ଦ୍ରକରି ଜଣେ ଅଟୋ ଚାଳକ ଆଉ ଜଣେ ଚାଳକଙ୍କୁ ହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ସତୀଚୌରା ଇଦ୍‌ଗା କଲୋନୀର ମହମ୍ମଦ ରୋଶନ(୪୨)। ଲାଲବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲର ଶବଗୃହରେ ରଖିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଅଟୋ ଚାଳକ ଖଟବିନ୍ ସାହିର ସରିଫ ଖାନ୍(୪୨)ଙ୍କୁ ପୋଲିସ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ରୋଶନ ଓ ସରିଫ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଉଭୟ କଟକଚଣ୍ଡୀ ଛକ ଅଟୋଷ୍ଟାଣ୍ଡରୁ ସହରର ବିଭିନ୍ନ ଅଞ୍ଚଳକୁ ଯାତ୍ରୀ ପରିବହନ କରିଥାନ୍ତି। ଦୀର୍ଘବର୍ଷ ହେବ ଦୁହିଁଙ୍କ ଭିତରେ ଭଲ ବନ୍ଧୁତା ହୋଇଥିଲା। କିନ୍ତୁ ଯାତ୍ରୀ ନେବାଆଣିବାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ସେମାନେ ମୁହାଁମୁହିଁ ହୋଇଥାନ୍ତି। ଗୁରୁବାର କଟକ ଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ରିଜର୍ଭ ଭଡ଼ାକୁ କେନ୍ଦ୍ରକରି ବକ୍ସିବଜାର ନିକଟରେ ପରସ୍ପର ଭିତରେ ପାଟିତୁଣ୍ଡ ହୋଇଥିଲା। ତେବେ ପୂର୍ବାହ୍ନର ରାଗ ଦିନ ସାରା କୁହୁଳି ଅପରାହ୍ନରେ ଉଗ୍ରରୂପ ଧାରଣ କରିଥିଲା। ସନ୍ଧ୍ୟା ପ୍ରାୟ ୫ଟାରେ




ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ଅଭିଯୁକ୍ତ ଅଟକ**

ରୋଶନ ଚଣ୍ଡୀ ଛକରୁ କେତେଜଣ ଯାତ୍ରୀଙ୍କୁ ନେଇ ଗନ୍ତବ୍ୟ ସ୍ଥଳରେ ଛାଡ଼ି ଷ୍ଟାଣ୍ଡକୁ ଫେରୁଥିଲେ। ଏହି ସମୟରେ ସରିଫ୍ ଚଣ୍ଡୀ ମନ୍ଦିର ସମ୍ମୁଖରେ ରୋଶନଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏତିକିବେଳେ ସରିଫ ନିଶାସକ୍ତ ଅବସ୍ଥାରେ ଥିଲେ। ରାସ୍ତା ମଝିରେ ଏଭଳି ଘଟଣାକୁ ନେଇ ରୋଶନ ଉତ୍‌କ୍ଷିପ୍ତ ହୋଇପଡିଥିଲେ। ପାଟିତୁଣ୍ଡ ଏତେ ଅଧିକ ବଢ଼ିଯାଇଥିଲା ଯେ କେହି କାହାରିକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ସରିଫ ଜବରଦସ୍ତ ରୋଶନ ଅଟୋରେ ବସିପଡ଼ିଥିଲେ। ରୋଶନ ନିଜ ଅଟୋକୁ ରାସ୍ତା ପାର୍ଶ୍ୱକୁ ରଖିବା ପରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଉଭୟ ଅଟୋରୁ ଓହ୍ଲାଇ ରାସ୍ତାମଝିରେ ହାତାହାତି ହୋଇଥିଲେ। ଶତାଧିକ ଲୋକ ଦେଖଣାହାରି ସାଜିଥିବା ମଧ୍ୟ ସେମାନଙ୍କୁ ଅଟକାଇବାକୁ ସାହସ କରି ନ ଥିଲେ। ଏତିକିବେଳେ ସରିଫ ସେଠାରେ ଥିବା ପୋଲିସ ବ୍ୟାରିକେଡ ନିକଟକୁ ରୋଶନଙ୍କୁ ଟାଣି ନେଇ ଏକ ଶକ୍ତ ଧକ୍କା ଦେଇଥିଲେ। ରୋଶନଙ୍କ ମୁଣ୍ଡ ପଛପାର୍ଶ୍ୱ ଲୁହା ବ୍ୟାରିକେଡରେ ଖୁବ୍‌ଜୋର୍‌ରେ ମାଡ଼ ହୋଇ ଫାଟିଯାଇଥିଲା। ଏହାଦ୍ୱାରା ପ୍ରଚୁର ରକ୍ତସ୍ରାବ ହେବାରୁ ରୋଶନ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଏସ୍‌ସିବି ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲାଲବାଗ ପୋଲିସ ଖବର ପାଇବା ପରେ ରୋଶନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ଶବଗୃହରେ ରଖିଛି। ରୋଶନଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସାନଭାଇ ମହମ୍ମଦ ସନାଉଲ୍ଲା ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତକଙ୍କ ଅଟୋକୁ ଜବତ କରିଛି। ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତ ସରିଫଙ୍କୁ ପୋଲିସ ଧରି ଆଣି ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।

## ଦୁର୍ଘଟଣା, ୨ ବାଇକ୍ ଆରୋହୀ ମୃତ

ଖୁଣ୍ଟୁଣୀ,୨।୧୧(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂହ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ରଜତ ମହାରଣା ଓ ଖୋର୍ଦ୍ଧା ଅଞ୍ଚଳର ସୋମନାଥ ହରିଚନ୍ଦନ। ସେମାନେ ଢେଙ୍କାନାଳରେ ଗଜଲକ୍ଷ୍ମୀ ପୂଜା ଦେଖି ଏକ ବାଇକ୍(ଓଡି୦୬ଏଲ୍-୭୬୮୦)ରେ ଫେରୁଥିବାବେଳେ ଅନ୍ୟ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଆଇଆଇସି ସୁମନ୍ତ କିଷାନ ଓ ଏସ୍‌ଆଇ ସଂଯୁକ୍ତା ଖିଲାର ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରାଯାଇ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ କରାଯାଇଛି।

## ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟର କୋସେଂଟ୍-ଓଡିଟେକ୍ ସଲ୍ୟୁସନ୍ସ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ

କଟକ,୨।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ନିଜର ଉତ୍କର୍ଷତା ପ୍ରତିପାଦନ କରିଛି। ଚଳିତବର୍ଷ ଏହି ଶିକ୍ଷାନୁଷ୍ଠାନ ଏମ୍‌ସିଏ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ଏଆଇସିଟିଇରୁ ଅନୁମୋଦନ ପ୍ରାପ୍ତ କରିଛି। ଏମ୍‌ବିଏ, ଏମ୍‌ସିଏ ପାଠ୍ୟକ୍ରମର ଛାତ୍ରୀଛାତ୍ରମାନଙ୍କୁ ସଫ୍ଟୱେର୍ ଇନ୍‌ଷ୍ଟ୍ରି ସମ୍ପର୍କରେ ପ୍ରତ୍ୟକ୍ଷ ବିଧିବଦ୍ଧ ଜ୍ଞାନଦେବା ଉଦ୍ଦେଶ୍ୟରେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଅଗ୍ରଣୀ। ସଫ୍ଟୱେର କନସଲଟାନ୍ସି କମ୍ପାନୀ କୋସେଂଟ୍ ଏବଂ ଓଡିଟେକ୍ ସଲ୍ୟୁସନ୍ସ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଡିନ୍ ଡ. ମୁନ୍‌ମୁନ୍ ମହାନ୍ତି, କୋସେଂଟ୍ କମ୍ପାନୀର ସିଇଓ ତଥା ଡିଜିଟାଲ୍ ଷ୍ଟ୍ରାଟେଜିଷ୍ଟ ଶାଶ୍ୱତ ପଣ୍ଡା, ଓଡିଟେକ୍ ସଲ୍ୟୁସନ୍ସ କମ୍ପାନୀର ସିଇଓ ଅବିନାଶ ଘୋଷ ହସ୍ତାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ରରେ ବୌଦ୍ଧିକ ସମ୍ପଦର ମିଳିତ ଉପଯୋଗ, ପାଠ୍ୟଖସଡ଼ା ପ୍ରସ୍ତୁତି ଓ ଉନ୍ନତିକରଣ,



ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ ପାଇଁ ମାର୍ଗ ଅଧିକ ପ୍ରଶସ୍ତ ହେବ। ଏହି କାର୍ଯ୍ୟକ୍ରମରେ କୋସେଣ୍ଟ ତରଫରୁ ମୁଖ୍ୟ ବିତ ଅଧିକାରୀ ଅରବିନ୍ଦ ପାଢୀ, ଓଡିଟେକ୍ ସଲ୍ୟୁସନ୍ସ ତରଫରୁ ମାନବ ସମ୍ବଳ ଅଧିକାରୀ ସୁଶ୍ରୀ ଲିପ୍ସା ମହାନ୍ତି ଏବଂ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏମ୍‌ସିଏ ବିଭାଗର ମୁଖ୍ୟ ପ୍ରଫେସର୍ ସୁନିଲ ମିଶ୍ର ଓ ପ୍ରଫେସର ଦେବାଶିଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ମିଳୁନି କ୍ଷତିପୂରଣ

କଟକ ସଦର,୨।୧୧(ସୁଶାନ୍ତ କୁମାର ଜେନା)

୨୦୨୧ ଡିସେମ୍ବର ୨ ତାରିଖରେ ବାତ୍ୟା ଜୱାଦ ପ୍ରଭାବରେ କିଶନନଗର ତହସିଲ ଅଞ୍ଚଳରେ ବ୍ୟାପକ ଖରିଫ ଧାନଫସଲ ନଷ୍ଟ ହୋଇଥିଲା। ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇଥିଲା। ସର୍ଭେ ସରିବାର ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଚାଷୀମାନଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିପାରିନାହିଁ। ଉକ୍ତ ଅର୍ଥ ତହସିଲଦାରଙ୍କ ପାଖରେ ଜମା ରହିଥିବା ଜଣାପଡିଛି। କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଆକାଉଣ୍ଟ ଓ ଆଧାର ନମ୍ବର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, କୃଷକ ସାଥୀଙ୍କ ଜରିଆରେ ୮ମାସ ତଳେ ତହସିଲ କାର୍ଯ୍ୟାଳୟରେ ଦାଖଲ କରିସାରିଛନ୍ତି। ମାତ୍ର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅର୍ଥ ବ୍ୟାଙ୍କରେ ଜମା କରାଯାଇନାହିଁ। କଟକ ସଦର ବ୍ଲକ କୃଷି କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ଚାଷୀମାନେ ଚିନ୍ତା ପ୍ରକଟ କରି ଆତ୍ମାର ସଭାପତି ରଜନୀକାନ୍ତ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୋଧପୁର ଗ୍ରାମର ଚାଷୀ ଦୁର୍ଗାଚରଣ ପଣ୍ଡା ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି। ସେ କ୍ଷତିପୂରଣ ବାବଦ ଅର୍ଥ ପାଇବା ପାଇଁ ଗାଡ଼ି ଭଡ଼ା କରି ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଅଭିଯୋଗ ସମ୍ପର୍କରେ କିଶନ ନଗର ତହସିଲଦାର ମଧୁସୂଦନ ନାୟକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର କ୍ଷତିପୂରଣ ରାଶି ଚାଷୀଙ୍କ ଆକାଉଣ୍ଟରେ ଜମା କରାଯିବ ବୋଲି କହିଥିଲେ।

# 'ଭିକାରୀ ବଳଙ୍କ କୃତିତ୍ୱ ଅତୁଳନୀୟ'




ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ସମାରୋହରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨।୧୧(କାର୍ତ୍ତିକ ସାହୁ)

କଟକ ଶ୍ରୀରାମଚନ୍ଦ୍ର ଭବନରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତି ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭଜନସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ଇଂ. ମହମ୍ମଦ ମୋକିମ୍ ଉଦ୍‌ଘାଟନ କରି କହିଥିଲେ, ଭିକାରୀ ବଳଙ୍କ କୃତିତ୍ୱ ଅତୁଳନୀୟ। ମୁଖ୍ୟ ଅତିଥି ସିଏମ୍‌ସି ମେୟର ସୁବାସ ସିଂ କହିଥିଲେ, ଭିକାରୀ ବଳଙ୍କ କଣ୍ଠରେ ଥିଲା ସରସ୍ୱତୀଙ୍କ ଆଶୀର୍ବାଦ। ତାଙ୍କ ସଂଗୀତର ମୂର୍ଚ୍ଛନାରେ ଭାବବିହ୍ୱଳ ହେଉଥିଲେ ଶ୍ରୋତାମଣ୍ଡଳୀ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ କହିଥିଲେ,

**ଭଜନ ସମ୍ରାଟଙ୍କ ସ୍ମୃତି ସମାରୋହ**

ଭିକାରୀ ବଳ ପ୍ରାଚୀନ ଓଡ଼ିଆ ସଂଗୀତ ପରଂପରାର ସୁରକ୍ଷା ଦେବାରେ ଅନନ୍ୟ ଭୂମିକା ଗ୍ରହଣ କରିଥିଲେ। ସ୍ମୃତି ସଂସଦର ଉପ ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଥିଲେ, ପ୍ରତ୍ୟେକ ଓଡ଼ିଆଙ୍କ ଭକ୍ତିଭାବନାକୁ ପ୍ରସାରିତ କରିବାରେ ଭିକାରୀ ବଳଙ୍କ ସାଧନା ଉତ୍ତର ପିଢ଼ିକୁ ପ୍ରେରଣା ଯୋଗାଇବ। ସ୍ମୃତି ସଂସଦର ସମ୍ପାଦକ ଡ. ସୁନାମଣି ରାଉତ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତିକୁ କଟକ ନେତାଜୀ ବସ୍ ଟର୍ମିନାଲ ନିକଟରେ ସଂସ୍ଥାପନ କରିବା, କଟକର ଏକ ରାସ୍ତାକୁ ଭିକାରୀ ବଳ ସରଣୀ ନାମରେ ନାମିତ କରିବା ଓ ଭିକାରୀ ବଳ ପାର୍କ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଥିଲେ। ସରୋଜିନୀ ମିଶ୍ର ପ୍ରାରମ୍ଭିକ ସୂଚନା, ବୈଜୟନ୍ତୀ ମିଶ୍ର ସ୍ୱାଗତ ଭାଷଣ ଓ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ଭିକାରୀ ବଳ ଭଜନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଶୋକ ବଳଙ୍କ ପରିଚାଳନାରେ ଆୟୋଜିତ ଭଜନ ସମାରୋହରେ କଣ୍ଠଶିଳ୍ପୀ ଓ ଛାତ୍ରୀଛାତ୍ର ସଂଗୀତ ପରିବେଷଣ କରିଥିଲେ। ଅମିୟ କୁମାର ବଳ, ସ୍ୱାଗତ ଶାଶ୍ୱତ ରାଉତ, କଳ୍ପନା ବଳ, ଶୁଭମ୍ ରାଉତ, କମଳ ମାହୁନ୍ତ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ନଦୀକୂଳରେ ପାଣି ଟାଙ୍କି ନିର୍ମାଣ ଉପରେ କଟକଣା

କଟକ ସଦର,୨।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମର ପରମହଂସନାଥ ମନ୍ଦିର ସମ୍ମୁଖ କାଠଯୋଡ଼ି ନଦୀବନ୍ଧ ୮୫(ଖ) ନିକଟରେ ଏକ ପାଣି ଟାଙ୍କି ନିର୍ମାଣ କରାଯାଉଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ମହାନଦୀ ସାଉଥ ଜଳସେଚନ ଡିଭିଜନ ପକ୍ଷରୁ ନିର୍ମାଣ ଉପରେ ଗୁରୁବାର କଟକଣା ଜାରି କରାଯାଇଛି। ଏନେଇ ପତ୍ରସଂଖ୍ୟା ୯୬୫୬/୨।୧୧।୨୦୨୩ରେ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ରାଜେଶ କୁମାର ମହାନ୍ତି ଶୀଘ୍ର କାମ ବନ୍ଦ କରିବା ପାଇଁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନର ଅଧିକ୍ଷଣ ଯନ୍ତ୍ରୀ, କଟକ ସଦର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଉକ୍ତ ସ୍ଥାନ ବନ୍ୟାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ ହୋଇସାରିଛି। ଏଭଳି ପରିସ୍ଥିତିରେ ସ୍ଥାୟୀ ନିର୍ମାଣ କଲେ ବନ୍ଧ ପ୍ରତି ବିପଦ ସୃଷ୍ଟି ହେବ। ଏହାଛଡ଼ା ନଦୀ ପାର୍ଶ୍ୱରେ କୌଣସି ନିର୍ମାଣ କଲେ ଜଳସମ୍ପଦ ବିଭାଗଠାରୁ ଏନ୍‌ଓସି ନେବା ପାଇଁ ଏନ୍‌ଜିଟିରେ ନିର୍ଦ୍ଦେଶ ରହିଛି। ଏହି ସ୍ଥାନରେ ଜଳ ଜୀବନ ମିଶନ ଓ ବସୁଧା କାର୍ଯ୍ୟକ୍ରମରେ ୧ ଲକ୍ଷ ଲିଟର କ୍ଷମତାସମ୍ପନ୍ନ ଏକ ଓଭରହେଡ୍ ପାଣି ଟାଙ୍କି ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଛି। ଏଥିପାଇଁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଅନୁମୋଦନ ମିଳିଥିବା ଜଳଯୋଗାଣ ମିଶନର ଜଣେ ବରିଷ୍ଠ ଯନ୍ତ୍ରୀ ପରିଚୟ ଗୋପନ ରଖି କହିଛନ୍ତି।

## ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ




କଟକ,୨।୧୧ (କାର୍ତ୍ତିକ ସାହୁ)

ସମ୍ବାଦପତ୍ର ବିକ୍ରେତା ସଂଘର ବୈଠକ ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ ସଭାପତିତ୍ୱ କରିଥିଲେ। ସଂଘର ଆୟବ୍ୟୟ ହିସାବ ହେବା ପରେ ଆସନ୍ତା ଜାନୁୟାରୀ ୨୬ ତାରିଖରେ ପିକ୍‌ନିକ୍ ଯିବାକୁ ସ୍ଥିର ହୋଇଥିଲା। ସଂଘ ତରଫରୁ ୩ ଜଣ ବିକ୍ରେତାଙ୍କ ଭତ୍ତା ହେବା ପାଇଁ ସରକାରଙ୍କୁ ଆବେଦନ କରାଯାଇଥିଲା। ସେମାନେ ଗତମାସଠାରୁ ଭତ୍ତା ପାଉଛନ୍ତି। କଟକର ସମନ୍ୱୟ କମିଟି ବୈଠକ ଆସନ୍ତା ମାସରେ ବସିବ ବୋଲି ସ୍ଥିର କରାଯାଇଥିଲା। ଏଥିରେ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ମିଡ଼ିଆ ସେଲ୍‌ର ପ୍ରଭାସ ପ୍ରଧାନ, କମିଟି ସଭ୍ୟ ହିମାଂଶୁ ମହାପାତ୍ର, ମନୋଜ ପାଲ, ପ୍ରଦ୍ୟୁମ୍ନ ବିଶୋଇ, ପ୍ରଶାନ୍ତ ସାହୁ, ଦୁର୍ଗା ପ୍ରସାଦ ଛାଟୋଇ, ଦୀପ୍ତି ରଞ୍ଜନ ପଟ୍ଟନାୟକ, ହୃଷୀକେଶ ପଢ଼ିହାରୀ ଓ ଉମେଶ ସାହୁ ଉପସ୍ଥିତ ଥିଲେ।

## ଡାକବଙ୍ଗଳା ପାଇଁ ଶିଳାନ୍ୟାସ

ମଙ୍ଗୁଳି-ଜଗତପୁର,୨।୧୧(ମାନସ ସାମଲ)

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଠସାହି ପଞ୍ଚାୟତ ଅଧୀନ ବନ୍ଦାଳ ଗ୍ରାମରେ ଡାକବଙ୍ଗଳା ନିର୍ମାଣ ପାଇଁ ଗୁରୁବାର ଶିଳାନ୍ୟାସ କରାଯାଇଛି। ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କହିଥିଲେ, ଟାଙ୍ଗୀ ଅଞ୍ଚଳରେ ଡାକବଙ୍ଗଳା ନିର୍ମାଣ ପାଇଁ ଜନସାଧାରଣ ଦାବି କରିଆସୁଥିଲେ। ସେଥିପାଇଁ ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ୬ ମାସ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ କରାଯିବା ପାଇଁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀନାକ୍ଷୀ ଦାସ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଆତ୍ମାର ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଙ୍ଗଠକ କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ଧୀରେନ୍ଦ୍ର ଜେଠୀ, ଗୋବିନ୍ଦ ଚନ୍ଦ୍ର ଦାସ, ବାବାଜୀ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସାରଦା ପ୍ରସାଦ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସୁଲଭ ମୂଲ୍ୟରେ ପିଆଜ ଯୋଗାଣ କରାଯାଉ

କଟକ,୨।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ପିଆଜର ଅହେତୁକ ମୂଲ୍ୟବୃଦ୍ଧି ଘଟିଛି। ତୁରନ୍ତ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ସହ ସୁଲଭ ମୂଲ୍ୟରେ ସମସ୍ତ କଂଟ୍ରୋଲ ଦୋକାନ ମାଧ୍ୟମରେ ଲୋକଙ୍କୁ ପିଆଜ ଯୋଗାଇ ଦେବା ପାଇଁ କଂଗ୍ରେସ ଦାବି କରିଛି। ଏ ନେଇ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପିଆଜର ଦରବୃଦ୍ଧି ଘଟିଛି। ଏହାର ସୁଯୋଗ ନେଇ କେତକ ଅସାଧୁ ବ୍ୟବସାୟୀ ପିଆଜକୁ ଅଧିକ ଦାମ୍‌ରେ ବିକ୍ରି କରି ଲାଭବାନ୍ ହେଉଛନ୍ତି। ରାଜ୍ୟ ସରକାର ଅନ୍ୟ ରାଜ୍ୟରୁ ତୁରନ୍ତ ପିଆଜ ଆମଦାନୀ କରି କଂଟ୍ରୋଲ୍ ଦୋକାନ ଜରିଆରେ ସୁଲଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ**

ମୂଲ୍ୟରେ ଖାଉଟିମାନଙ୍କୁ ଯୋଗାଇଦେବା, ଅସାଧୁ ବ୍ୟବସାୟୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ, ରାଜ୍ୟ ସରକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିଆଜ ଉତ୍ପାଦନ ବୃଦ୍ଧି ପାଇଁ ଜରୁରୀ ପଦକ୍ଷେପ ଗ୍ରହଣ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଶୀତଳ ଭଣ୍ଡାର ଖୋଲିବାକୁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କନିଧି ବେହେରା, ବିଶ୍ୱନାଥ ଶତପଥୀ, ରାଜେନ୍ଦ୍ର ପଟ୍ଟନାୟକ, ବରଦା ସାହୁ, ବିପନ୍ନ ପଶାୟତ, ମାନସ ନାଏକ, ଉତ୍ତମ ବେହେରା, ହିମାଂଶୁ ରାଉତ, ନିରଞ୍ଜନ ଦାସ, ସୁକାନ୍ତ ରାଉତ, ନିର୍ମଳ ସାଇଁ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ସେଖ୍ ଜାଫର, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସ ପ୍ରତିନିଧି ମଣ୍ଡଳୀ।

## ସାତସାହି କଟକ ନୃତ୍ୟୋତ୍ସବ ଉଦ୍‌ଘାଟିତ

# ମନ ମୋହିଲା ଓଡ଼ିଶୀ ନୃତ୍ୟ

କଟକ,୨।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

ଦେଶର ବିକାଶ କ୍ଷେତ୍ରରେ ଭାରତୀୟ ସଂସ୍କୃତି ଓ ସାଂସ୍କୃତିକ ଉତ୍ସବର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଜାତୀୟ ନୃତ୍ୟ ସଙ୍ଗୀତ ନାଟକ ମହୋତ୍ସବ ସାତସାହି କଟକ ନୃତ୍ୟ ଉତ୍ସବ ଏହାର ଆଧାର ବୋଲି କହିଛନ୍ତି ମଣିପୁର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଲକ୍ଷ୍ମୀକାନ୍ତ ମହାପାତ୍ର। ଉପର ବାଲିଯାତ୍ରା ପଡିଆରେ କଟକ ନୃତ୍ୟ ଉତ୍ସବ କମିଟି ଆନୁକୂଲ୍ୟରେ ଗୁରୁବାର ୧୪ତମ ସାତସାହି କଟକ ନୃତ୍ୟୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜଷ୍ଟିସ ମହାପାତ୍ର ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ମେୟର ସୁବାସ ସିଂ, ଡିସିପି ପିନାକ ମିଶ୍ର, ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ଜଳସମ୍ପଦ ବିଭାଗର ଅତିରିକ୍ତ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଡା. ଜୟନ୍ତ କୁମାର ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ରମାକାନ୍ତ ମହାନ୍ତିଙ୍କୁ ଜାତୀୟ ଆଇନ ରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଡା. ଭାଗ୍ୟଲକ୍ଷ୍ମୀ ନାୟକଙ୍କୁ ଜାତୀୟ ସେବା




କାର୍ଯ୍ୟକ୍ରମରେ ସୁର ମନ୍ଦିରର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ରତ୍ନ, ଶିକ୍ଷାବିତ୍ ବିଶ୍ୱଜିତ୍ ତ୍ରିପାଠୀଙ୍କୁ ଓଡ଼ିଶା ଶିକ୍ଷା ରତ୍ନ, ଡା. ବର୍ଷା ସାହୁଙ୍କୁ ଓଡ଼ିଶା ସେବା ରତ୍ନ, ଶ୍ରଦ୍ଧା ସବୁରି ନର୍ସିଂହୋମ୍‌କୁ ଓଡ଼ିଶା ହେଲ୍‌ଥ କେୟାର ଏକ୍ସିଲେନ୍ସ, ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ଜେନାଙ୍କୁ ହ୍ୟାଣ୍ଡି କରାଫ୍ଟ ପ୍ରମୋଟର ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଥମ ସନ୍ଧ୍ୟାର କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଥିଲା। ଓଡ଼ିଶୀ ନୃତ୍ୟରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୁର ମନ୍ଦିର ପ୍ରତିଷ୍ଠାତା ଡ. ଜ୍ୟୋତ୍ସ୍ନାରାଣୀ ସାହୁଙ୍କ ନିର୍ଦ୍ଦେଶନାରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗାଚରଣ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସ୍ନେହାଶିଷ ଦାସ ଧନ୍ୟବାଦ ଦେଇଥିଲେ। କମିଟିର ଉପସଭାପତି ସୁଧାକର କୁମାର, କୋଷାଧ୍ୟକ୍ଷ ଉଲ୍ଲାସ ସେନ, ସଂଯୋଜିକା ସବିତା ମହାନ୍ତି, ବବିତା ସ୍ୱାଇଁ, ପଦ୍ମାଳୟା ବ୍ରହ୍ମଚାରୀ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ପ୍ରସାଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସିଭିଲ ସର୍ଭିସ୍: ୮ ଜଣଙ୍କୁ ମିଳିଲା ଓଡ଼ିଶା କ୍ୟାଡର

**ଭୁବନେଶ୍ୱର,୨।୧୧(ଅନିଲ ଦାସ)**

କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ପରିଚାଳିତ ପ୍ରଶାସନିକ ସେବା ପରୀକ୍ଷା (ସିଏସ୍‌ଇ)-୨୦୨୨ରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନଙ୍କୁ ଗୁରୁବାର କେନ୍ଦ୍ର ସରକାରଙ୍କ କାର୍ମିକ ଓ ତାଲିମ କ୍ୟାଡର ଆବଣ୍ଟନ କରିଛି। ମୋଟ ୧୭୯ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣଙ୍କୁ ଓଡ଼ିଶା କ୍ୟାଡର ମିଳିଛି। ସେମାନେ ହେଲେ ଉତ୍ତର ପ୍ରଦେଶର ପ୍ରତୀକ୍ଷା ଅଗ୍ରୱାଲ, ଓଡ଼ିଶାର ପ୍ରଣିତା ଦାସ, କସ୍ତୁରୀ ପଣ୍ଡା,ତେଜସ୍ୱିନୀ ବେହେରା, ନାଗାଲାଣ୍ଡର ୟିମକୁମ ଆଇ ଓଜୁକାମ, ମହାରାଷ୍ଟ୍ରର ଦୁଧାଲ ଅଭିଷେକ, କେରଳର ଅଶ୍ୱିନୀ ଏ.ଏଲ୍, ତାମିଲନାଡୁର ସି. ସରାଭାନନ । ଅନ୍ୟପକ୍ଷରେ ଓଡ଼ିଶାର ଦୁର୍ଗା ପ୍ରସାଦ ଅଧିକାରୀ ଏବଂ ଶୁଭଶ୍ରୀ ଶୁଭାଙ୍ଗୀ ଖୁଣ୍ଟିଆଙ୍କୁ ଯଥାକ୍ରମେ ଛତିଶଗଡ଼ ଓ ତାମିଲନାଡୁ କ୍ୟାଡର ମିଳିଛି।

# ଫରେଷ୍ଟରଙ୍କୁ ମରଣାନ୍ତକ ଆକ୍ରମଣ

**କାମାକ୍ଷାନଗର,୨।୧୧ (ଅମଜାଦ ଖାନ)**

ଢେଙ୍କାନାଳ ଜିଲା ମହାବିରୋଡ୍ ରେଞ୍ଜ ପଙ୍ଗାତିରା ବିଟ୍ ସେକ୍ସନ କେନ୍ଦୁମୁଣ୍ଡା ଜଙ୍ଗଲରେ ଗୁରୁବାର ଫରେଷ୍ଟର ସୌମ୍ୟରଞ୍ଜନ ଦାସଙ୍କୁ କାଠ ମାଫିଆମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି। ତାଙ୍କୁ ମହାବିରୋଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରେଞ୍ଜର ହରେଶ ଚନ୍ଦ୍ର କିଶାନ କହିଛନ୍ତି, ବନ କର୍ମଚାରୀ ଏବଂ ହାତୀ ସ୍କ୍ୱାଡ୍ ପାଟ୍ରୋଲିଂ ପାଇଁ ଯାଉଥିବାବେଳେ ୧୦ରୁ ଊର୍ଦ୍ଧ୍ୱ କାଠମାଫିଆ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସୌମ୍ୟରଞ୍ଜନ ଗୁରୁତର ହୋଇଥିଲେ। ଏ ନେଇ ମହାବିରୋଡ୍ ଥାନାରେ ଅଭିଯୋଗ ପରେ ପୋଲି ତଦନ୍ତ ଚଳାଇଛି।

# ବୈଦ୍ୟୁତିକ ଯାନ କ୍ରୟକୁ ପ୍ରୋତ୍ସାହନ ନେଇ ଶକ୍ତି ବିଭାଗର କର୍ମଶାଳା

**ଭୁବନେଶ୍ୱର, ୨।୧୧ (ସୁନିତ୍ ମିଶ୍ର)**

ସମଗ୍ର ବିଶ୍ୱକୁ ପଦୂଷଣମୁକ୍ତ କରିବା ଓ ବିଦ୍ୟୁତ୍ ସଞ୍ଚୟ ପାଇଁ ଅହରହ ଉଦ୍ୟମ ଜାରି ରହିଛି। ବୈଦ୍ୟୁତିକ ଯାନ ଏହିପରି ଏକ ବସ୍ତୁ ଯାହାଦ୍ୱାରା ବିଦ୍ୟୁତ୍ ସଞ୍ଚୟ ହେବା ସହିତ ବାୟୁମଣ୍ଡଳରେ ପ୍ରଦୂଷଣ ହ୍ରାସ ପାଇଥାଏ। ଏହି କ୍ରମରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ନିଜସ୍ୱ ଇ.ଭି. ନୀତି (ବୈଦ୍ୟୁତିକ ଯାନ ନୀତି) ପ୍ରସ୍ତୁତ କରିବା ସହ ବୈଦ୍ୟୁତିକ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛନ୍ତି। ଏହି ଯାନ କିଣିବା ପାଇଁ ସୁଧ ହାରରେ ରିହାତି ସହ ୫ ହଜାରରୁ ଚାରି ଲକ୍ଷ ଯାଏ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ଏହି ରିହାତି ରାଶି ପାଇବା ପାଇଁ ସ୍ୱତନ୍ତ୍ର ପୋର୍ଟାଲ http:// Odishatransportgov.inରେ ଆବେଦନ କରିହେବ ବୋଲି ବିଦ୍ୟୁତ୍ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(ବିଦ୍ୟୁତ୍) ସୁରେଶ ଚନ୍ଦ୍ର ମହାରଣା କହିଛନ୍ତି। ଏହି ଅବସରରେ ମହାରଣା କହିଛନ୍ତି ଯେ, ବୈଦ୍ୟୁତିକ ଯାନ ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମନ ବହୁ ମାତ୍ରାରେ ହ୍ରାସ କରାଯାଇପାରିବ। ଶବ୍ଦ ବିହୀନ ଓ ପ୍ରଦୂଷଣମୁକ୍ତ ହୋଇଥିବା ବେଳେ ଏଥିରେ ଡିଜେଲ କିମ୍ବା ପେଟ୍ରୋଲ ଭଳି ଜୀବାଶ୍ମ ଇନ୍ଧନର ଆବଶ୍ୟକତା ନାହିଁ। ଏହା ଚାର୍ଜ କରିବା ପାଇଁ ବିଦ୍ୟୁତ୍ ବିଲ୍ ବାବଦକୁ ବହୁତ କମ୍ ଅର୍ଥ ଖର୍ଚ୍ଚ ହୋଇଥାଏ। ଘରେ ମଧ୍ୟ ଚାର୍ଜ କରି ହେବାର ବ୍ୟବସ୍ଥା ରଖାଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସ୍ୱଳ୍ପ ଅର୍ଥ ଖର୍ଚ୍ଚ ହୁଏ। ଏହାର ପଞ୍ଜୀକରଣ ନିଶୁଳ୍କ ହୋଇଥିବା ବେଳେ ରୋଡ୍ ଟାକ୍ସ ମଧ୍ୟ ଦେବାକୁ ପଡ଼େ ନାହିଁ। ପ୍ରଦୂଷଣମୁକ୍ତ ପୃଥିବୀ ନିର୍ମାଣରେ ବୈଦ୍ୟୁତିକ ଯାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ଏହି ଅବସରରେ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବୈଦ୍ୟୁତିକ ଯାନ-ଇଭି ପ୍ରଦର୍ଶନୀ ତଥା କର୍ମଶାଳା ଆୟୋଜିତ ହୋଇଛି।

# ୫ ଗ୍ୟାସ୍ ଟ୍ୟାଙ୍କର, ୫୨ ସିଲିଣ୍ଡର ଜବତ: ୭ ଗିରଫ


ଜବତ ଗ୍ୟାସ୍ ଟ୍ୟାଙ୍କର ଓ ଗିରଫ ଅଭିଯୁକ୍ତମାନେ।

**ରେଢ଼ାଖୋଲ,୨।୧୧ (ଅଚ୍ୟୁତାନନ୍ଦ ପୁରୋହିତ)**

## ଦୀର୍ଘଦିନ ଧରି ଚାଲିଥିଲା ଚୋରା କାରବାର

୫୫ନଂ. ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ନିକଟ ଏକ ଢାବାରେ ବୁଧବାର ରାତିରେ ଟ୍ୟାଙ୍କରରୁ ଗ୍ୟାସ୍ ଚୋରିକରି ଟାଙ୍କିରେ ଭରୁଥିବାବେଳେ ପୋଲିସ ଚଢ଼ାଉ କରି ୫ ଗ୍ୟାସ୍ ଟ୍ୟାଙ୍କର ଜବତ କରିଛି। ଏହାସହ ଗ୍ୟାସ୍‌ଟାଙ୍କି ନେବାକୁ ସେଠାରେ ଅଟକିଥିବା ଏକ ପିକ୍‌ଅପ୍ ଭ୍ୟାନ୍ ଓ ଏଥିରେ ଥିବା ୫୨ ଘରୋଇ ଗ୍ୟାସ୍ ସିଲିଣ୍ଡରକୁ ମଧ୍ୟ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହା ମଧ୍ୟରେ ୫ଜଣ ଟ୍ୟାଙ୍କର ଚାଳକ ହୋଇଥିବାବେଳେ ୨ଜଣ ସ୍ଥାନୀୟ ଲୋକ ରହିଛନ୍ତି। ଏ ନେଇ ରେଢ଼ାଖୋଲ ଥାନାରେ ଆଇପିସି ଦଫା ୩୭୯/୪୧୧/୧୨୦(ବି) ଏବଂ ପେଟ୍ରୋଲ ଓ ନାଚୁରାଲ ଗ୍ୟାସ୍ କଣ୍ଟ୍ରୋଲ ଆକ୍ଟର ଧାରା ୪୬ ଓ ୪୮ରେ ମାମଲା (ନଂ.୨୪୭/୨୩) ରୁଜୁ ପରେ ଗିରଫ ୭ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରେଢ଼ାଖୋଲର ଅନ୍ତର୍ଯ୍ୟାମୀ ପଣ୍ଡା, ପିକ୍‌ଅପ୍ ଡ୍ରାଇଭର ସାଲେସିଂର ରାଜୁ ବେହେରା, ରାଉରକେଲାର ଦୁର୍ଗାଚାରଣ ପଲେଇ, ଗଞ୍ଜାମର କବିରାଜ ନାୟକ, ଝାଡ଼ଖଣ୍ଡର ଆଲ୍ଲାଉଦ୍ଦିନ ଖାନ, ବିଜୟ ସିଂ ଓ ହାନିଫ ଖାଁ ବୋଲି ଜଣାପଡିଛି। ଜବତ ଟ୍ୟାଙ୍କର ଏନ୍‌ଏଲ୍୦୧ଏଲ-୫୧୧୧, ଟିଏସ୍୧୨ୟୁବି-୬୩୫୧, ଓଡି୧୫ଏନ-୩୩୦୧, ଏନ୍‌ଏଲ୍୦୧ଏନ-୮୫୯୦ ଓ ଟିଏସ୍୧୨ୟୁସି-୮୧୩୭ ବୋଲି ଥାନା ଅଧିକାରୀ ସବିତାବାଳା ସେଠୀ ସୂଚନା ଦେଇଛନ୍ତି। ଜବତ ଏଲ୍‌ପିଜି ବୋଝେଇ ଟ୍ୟାଙ୍କରଗୁଡିକ ବିଭିନ୍ନ ସମୟରେ ୫୫ ନଂ. ଜାତୀୟ ରାଜପଥରେ ଗ୍ୟାସ୍ ପରିବହନ କରୁଥିବା ବେଳେ ରେଢାଖୋଲ ନିକଟ ଢାବାଗୁଡିକରେ ଟ୍ୟାଙ୍କରରୁ ପମ୍ପ ସାହାଯ୍ୟରେ ଗ୍ୟାସ୍ ଚୋରି କରି ବିକ୍ରି କରିଆସୁଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ହୋଇଆସୁଥିଲା।

# ଆଇସିୟୁରେ ମହେଶ୍ୱର ମହାନ୍ତି

**ପୁରୀ,୨।୧୧(ଅଜିତ୍ ମହାନ୍ତି)**

## ଆରୋଗ୍ୟ କାମନା କରି ଆଜି ଶ୍ରୀମନ୍ଦିର ସମ୍ମୁଖରେ ହେବ ଦୀପଦାନ



ପୂର୍ବତନ ବାଚସ୍ପତି ତଥା ପୁରୀର ପୂର୍ବତନ ବିଧାୟକ ମହେଶ୍ୱର ମହାନ୍ତି ବ୍ରେନ ଷ୍ଟ୍ରୋକ୍ ଯୋଗୁ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବରିଷ୍ଠ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ଏପରିକି ବାହାରୁ ଡାକ୍ତର ଆସି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ମହାନ୍ତି ଆଇସିୟୁରେ ଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ସେ ଖୁବଶୀଘ୍ର ସୁସ୍ଥ ହୋଇ ଘରକୁ ଫେରି ପୁଣି ପୁରୀବାସୀଙ୍କ ସେବା କରିବେ ବୋଲି ପରିବାର ଲୋକ ଆଶାବ୍ୟକ୍ତ କରିଛନ୍ତି। ସେହିପରି ସେ ଶୀଘ୍ର ସୁସ୍ଥ ହେବା ନେଇ ମହାପ୍ରଭୁଙ୍କ ନିକଟରେ ସମସ୍ତେ ପ୍ରାର୍ଥନା କରନ୍ତୁ ବୋଲି ତାଙ୍କ ପୁଅ ତଥା ଯୁବ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ଗଣମାଧ୍ୟମକୁ କହିଛନ୍ତି। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି, ବରିଷ୍ଠ ଡାକ୍ତରମାନେ ତାଙ୍କ ଚିକିତ୍ସା କରୁଛନ୍ତି। କେହି ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ବାପା ଭେଣ୍ଟିଲେଟରରେ ନ ଥିବା ସୁନୀଲ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହାନ୍ତିଙ୍କୁ ଆଇସିୟୁରେ ରଖାଯିବା ସହ ଅକ୍ସିଜେନ୍ ଲଗାଯାଇଛି। ସେ ଗୋଡ଼, ହାତ ହଲାଇବା ସହ ଆଖି ଖୋଲି ଚାହୁଁଛନ୍ତି, ସମସ୍ତଙ୍କୁ ଚିହ୍ନି ମଧ୍ୟ ପାରୁଛନ୍ତି। ସେପରି କୌଣସି ଚିନ୍ତାର ବିଷୟ ନାହିଁ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ପୁରୀ ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯିବ ବୋଲି ସୂଚନା ମିଳିଛି। ଗତ ୩୧ ତାରିଖ ସନ୍ଧ୍ୟାରେ ପୁରୀ ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ମହାନ୍ତି ଯୋଗଦେଇଥିଲେ। ସେଠାରୁ ଫେରିବା ପରେ ସେ ଅସୁସ୍ଥତା ଅନୁଭବ କରିଥିଲେ। ତେଣୁ ତୁରନ୍ତ ଚିକିତ୍ସା ଲାଗି ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାପରେ ତାଙ୍କର ସେଠାରେ ସାମାନ୍ୟ ଷ୍ଟ୍ରୋକ ହୋଇଥିବା ଜଣାପଡ଼ିଥିଲା।

# ହାଟରୁ ୨୮ ଲକ୍ଷ ଡକାୟତି

**ଡାବୁଗାଁ, ୨।୧୧ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ଡାବୁଗାଁ ବ୍ଲକ ସଦରସ୍ଥିତ ସାପ୍ତାହିକ ହାଟରୁ ଗୁରୁବାର ସନ୍ଧ୍ୟାରେ ୨୮ ଲକ୍ଷ ୬୦ ହଜାର ଟଙ୍କା ଡକାୟତି ହୋଇଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲା କୋଡବାଲସା ଥାନା ଅଧୀନ କୋଡବାଲସା ଗ୍ରାମର ରଙ୍ଗଲି ନାଇଡୁଙ୍କ ସହ ମିଶି ସେହି ଗ୍ରାମର ଗୋଲାପାଲ ଗୋଲ୍ଲା, ଗୋରିପଲି ସମେସ ରାଓ, ବଡଲୁ ଅରାଲବାଡୁ ପ୍ରମୁଖ ନବରଙ୍ଗପୁର ଜିଲା ଡାବୁଗାଁ ସାପ୍ତାହିକ ହାଟକୁ ଗୋରୁ କ୍ରୟ କରିବାକୁ ଏକ ବୋଲେରୋ (ଏପି ୩୯ ଟିଜେଡ ୬୪୭୭) ଯୋଗେ ଆସିଥିଲେ। ସେମାନେ ବୋଲେରୋକୁ ନିକଟସ୍ଥ ଆମ୍ବତୋଟାରେ ରଖି କିଛି ଦୂରକୁ ଯାଇ ଗୋରୁ କ୍ରୟ କରୁଥିଲେ। ଅଟୋ ଓ ବାଇକ୍‌ରେ ପ୍ରାୟ ୧୫ ଜଣ ଲୋକ ମୁହଁରେ ମୁଖା ପିନ୍ଧି ହାତରେ ଭୁଜାଲି, ଖଣ୍ଡା ଓ ପିସ୍ତଲ ଧରି ବୋଲେରୋ ପାଖକୁ ଆସି ଗାଡି କାଚ ଭାଙ୍ଗି ଭିତରେ ଥିବା ଟଙ୍କା ଭର୍ତ୍ତି ୩ଟି ବ୍ୟାଗ ଲୁଟି ନେଇଥିଲେ। ଏହି ସମୟରେ ଶେଖ ସରିଫ (୪୮) ପ୍ରତିବାଦ କରିବାରୁ ତାଙ୍କ ଡାହାଣ ଗୋଡକୁ ଅଭିଯୁକ୍ତମାନେ ଖଣ୍ଡାରେ ହାଣି ଦେଇଥିଲେ।

# ବେଲପଡ଼ାରେ ଓଡ଼ିଆ ଅପେରାକୁ ବିରୋଧ

## ଷ୍ଟେଜ୍‌କୁ ଚଢ଼ି ଜୟ କୋସଲ ନାରା

**ବେଲପଡା, ୨।୧୧ (ମନୋଜ କୁମାର ମିଶ୍ର)**

ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଶା ପ୍ରଯୋଜକ ସଂଘର ଦୁଇବର୍ଷୀୟ ବାସନ୍ଦକୁ ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ତୀବ୍ର ବିରୋଧ କରାଯାଉଛି। ବଲାଙ୍ଗୀର ଜିଲା ବେଲପଡା ବ୍ଲକ ନୁନହାଡ଼ ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଅପେରା କାର୍ଯ୍ୟକ୍ରମରେ ଏହି ଘଟଣାକୁ ନେଇ ବାଦବିବାଦ ସୃଷ୍ଟି ହୋଇଛି। ପୂଜାର ଶେଷରାତିରେ ରାଜଧାନୀ ନାଟ୍ୟସଂସ୍ଥା ଅପେରା ପ୍ରଦର୍ଶନ କରୁଥିବାବେଳେ ଜଣେ ଦର୍ଶକ ପ୍ରବଳ ବିରୋଧ କରିଥିଲେ। ଷ୍ଟେଜ୍‌କୁ ଚଢି ଜଣେ ଅଭିନେତାଙ୍କୁ ଜୟ କୋସଲ କହିବାକୁ କହିଥିଲେ। ହେଲେ ଅଭିନେତା ଜଣକ ଜୟ କୋସଲ କ'ଣ ଜାଣିନି, ଜୟ ଜଗନ୍ନାଥ ବୋଲି କହିଥିଲେ। ଏହାପରେ ସ୍ଥାନୀୟ କୋସଲ ପ୍ରେମୀମାନେ ଷ୍ଟେଜ୍‌କୁ ଚଢ଼ି ଜୟ କୋସଲ ନାରା ଦେଇଥିଲେ। ଅଧିକ କ୍ରୋଧିତ ହୋଇ ଅପେରା ଗେଟ ସମ୍ମୁଖରେ ଲାଗିଥିବା ପୋଷ୍ଟର ସବୁକୁ ଚିରିଥିଲେ। ଓଡ଼ିଆ ଅପେରା କୋସଲାଞ୍ଚଳରେ ଚଳିବ ନାହିଁ ବୋଲି ନାରାବାଜି କରିଥିଲେ।

# ନବୀନ ଓଡ଼ିଶା ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା ଜଣାଇଲେ ବିଭିନ୍ନ ସଙ୍ଗଠନ

**ଭୁବନେଶ୍ୱର,୨।୧୧ (ଅନିଲ ଦାସ)**

## ବିକାଶ ପାଇଁ ମିଳିମିଶି କାମ କରିବାକୁ ଆହ୍ୱାନ

ବିଭିନ୍ନ ବେସରକାରୀ ଏବଂ ରାଜନୈତିକ ସଙ୍ଗଠନର କର୍ମକର୍ତ୍ତାମାନେ ଗୁରୁବାର ନବୀନ ନିବାସଠାରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ସାକ୍ଷାତ କରି ନୂତନ ନିଯୁକ୍ତି ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଦାୟିତ୍ୱ ନେଇଥିବାରୁ ସଙ୍ଗଠନର କର୍ମକର୍ତ୍ତାମାନେ ଖୁସିବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସଶକ୍ତ ଓଡ଼ିଶା ସ୍ୱପ୍ନକୁ ସାକାର କରିବାରେ ୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ ଦିନରାତି କାମ କରୁଛନ୍ତି ବୋଲି ସଙ୍ଗଠନର କର୍ମକର୍ତ୍ତାମାନେ କହିଛନ୍ତି। ସଙ୍ଗଠନର କର୍ମକର୍ତ୍ତା ତାଙ୍କୁ ଭେଟିବା ସହ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ପାଣ୍ଡିଆନ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ଆମେ ଟିମ୍ ଓଡ଼ିଶାର ଅଂଶ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା'କୁ ବାସ୍ତବ ରୂପ ଦେବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ। ନବୀନ ନିବାସଠାରେ କିନ୍ନରମାନଙ୍କ ସଙ୍ଗଠନ ସଖା, ଓଡ଼ିଶା ଶିଶୁ ସୁରକ୍ଷା ଅଧିକାରୀ ଓ କର୍ମଚାରୀ ସଂଘ, ନୂଆଦିଲ୍ଲୀ ଓଡ଼ିଆ ମହାମଞ୍ଚ, ଅଲ୍ ଓଡ଼ିଶା ଆଡିଶନାଲ ବିଡିଓ ଆସୋସିଏଶନ, ପଞ୍ଜାବୀ ଗ୍ଲୋବାଲ ଫାଉଣ୍ଡେଶନ, ବିଜୁ ଯୁବ ଜନତା ଦଳ ଏବଂ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି।


**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.: 29, Satya Nagar, Bhubaneswar, Odisha - 751007

**NOTICE INVITING TENDER**
**NIT No: TPCODL/P&S/NIT/23-24/22**

Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000471/23-24 | SITC of LT ACB Panels 1600A & 4000A and Bus duct of 4000A at Bhubaneswar,Odisha. |
| 2 | TPCODL/P&S/1000000469/23-24 | Two years Rate contract for RCC DT fencing Elephant Corridor. |
| 3 | TPCODL/P&S/1000000470/23-24 | Two Years Rate contract for Civil works in Store yard Development across TPCODL. |
| 4 | TPCODL/P&S/1000000472/23-24 | Three Years Rate contract for Calibration of Testing Equipment in MTL. |
| 5 | TPCODL/P&S/1000000466/23-24 | Two Years Rate Contract for Establishment of OFC Network in OPTCL HUB Location |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. From **Dtd.03.11.2023.** Future communication / corrigendum to tender documents, if any, shall be available on TPCODL website.

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2023048, ତା.20.10.2023ରିଖ
**କାର୍ଯ୍ୟର ନାମ :** ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ୍ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭଦ୍ରକ-କଖପୁରା ଷ୍ଟେସନ ମଧ୍ୟରେ ବିଭିନ୍ନ ଲେଭେଲ କ୍ରସିଂଗୁଡ଼ିକରେ ରବରଯୁକ୍ତ ସରଫେସ୍ ପ୍ୟାଡ ବ୍ୟବସ୍ଥା ଦ୍ୱାରା ସଡ଼କ ପୃଷ୍ଠଭାଗର ଉନ୍ନୟନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 270.46 ଲକ୍ଷ, **EMD :** ₹ 2,85,200/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛ) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.11.2023ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-82/CG/23-24

**TPCODL**
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ପ୍ରୋଜେକ୍ଟ ଓ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱରସ୍ଥିତ ଆର୍ଯ୍ୟ ବିହାର, ନିଳାଦ୍ରୀ ବିହାର ଜିଏ, ଚନ୍ଦ୍ରଶେଖରପୁର ସେକ୍ଟର - ୧, ୨, ୩ ଏବଂ ୫ ଅଞ୍ଚଳରେ ସକାଳ ୯ ଘଟିକାରୁ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ଏବଂ ଅଟଳା, ଶିବଶକ୍ତି ନଗର ଓ ବଂଶୀ ବିହାର ଅଞ୍ଚଳରେ ସକାଳ ୮ ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

FORM NO. 14
[See Regulation 33(2)]
**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
**DEMAND NOTICE**
NOTICE UNDER SECTIONS 25 TO 28 OF THE RECOVERY OF DEBTS & BANKRUPTCY ACT, 1993 AND RULE 2 OF SECOND SCHEDULE TO THE INCOME TAX ACT, 1961
RC/39/2022 06.10.2023
PUNJAB NATIONAL BANK
Versus
M/S SAMANTA MARINE UDYOG AND ANOTHER
To,
(CD 2) **M/s. Samanta Marine Udyog,** Through S.V. Samanta, S/o- Sri Vaman Rao Samant, Prop. of M/s. Samanta Marine Udyog, At: 43 Swatantrapath, Opp. Canara Bank, Vasco-da-Gama, Goa.
(CD 3) **Sri S.V. Samanta,** S/o- Sri Vaman Rao Samant, At: 43 Swatantrapath, Opp. Canara Bank, Vasco-da-Gama, Goa.
This is to notify that as per the Recovery Certificate issued in pursuance of orders passed by the Presiding Officer, DEBTS RECOVERY TRIBUNAL CUTTACK in TA/214/2001 an amount of **Rs.16,05,828.20 (Rupees Sixteen Lakhs Forty Five Thousands Eight Hundred Twenty Eight & Paise Twenty Only)** along with pendentellite and future interest @ 12.5% Compound Interest Quarterly w.e.f. **18.02.1998** till realization and costs of Rs. NIL has become due against you (Jointly and severally/Fully/Limited).
2. You are hereby directed to pay the above sum within **15 days** of the receipts of the notice, failing which the recovery shall be made in accordance with the Recovery of Debts Due to Banks and Financial Institutions Act, 1993 and Rules there under.
3. You are hereby ordered to declare on an affidavit the particulars of yours assets on or before the next date of hearing.
4. You are hereby ordered to appear before the undersigned on **17.11.2023** at **10.30 a.m.** for further proceedings.
5. In addition to the sum aforesaid, you will also be liable to pay:
(a) Such interests as is payable for the period commencing immediately after this notice of the certificate/execution proceedings.
(b) All costs, charges and expenses incurred in respect of the service of this notice and warrants and other processes and all other proceedings taken for recovering the amount due.
Given under my hand and the seal of the Tribunal, on this date: **06.10.2023.**
Sd/- Recovery Officer
DEBTS RECOVERY TRIBUNAL, CUTTACK

Your classified advertisement published in Dharitri will be listed free in Dharitri online edition : **www.dharitri.com**

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, देवघर**
**ई-प्रोक्योरमेंट सूचना (1st Call)**
e- Tender Reference No. - RCD/DEOGHAR/2194/2023-24 (1st Call)
दिनांक – 01.11.2023

| | | |
|---|---|---|
| 1. | कार्य का नाम | रोशन मोड़ से मधुपुर बाईपास पथ (कुल लम्बाई–3.025 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2. | प्राक्कलित राशि (रुपये में) | रुपये 2,52,64,105/- (दो करोड़ बावन लाख चौसठ हजार एक सौ पाँच रुपये मात्र)। |
| 3. | कार्य समाप्ति की अवधि | 01 (एक) माह। |
| 4. | निविदा प्राप्ति की अंतिम तिथि एवं समय | 04.12.2023 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 14.11.2023 (10:30 बजे पूर्वाह्न) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई-प्रोक्युरमेंट सेल का हेल्पलाईन नम्बर | 0651–2401010 |

नोट –
निविदा की राशि घट–बढ़ सकती है।
अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
कार्यपालक अभियंता,
PR 310452 Road(23-24)#D पथ निर्माण विभाग, पथ प्रमण्डल, देवघर

**OFFICE OF THE PRINCIPAL**
**CREW TRAINING INSTITUTE, CHANDBALI, DIST.- BHADRAK**
PIN - 756133, Email: ctiportsiwt@rediffmail.com
**ADVERTISEMENT FOR ADMISSION**
No. JJ-31: Applications in prescribed form are invited from intending experienced candidates having requisite qualification and experience for admision into 3 (Three) months Refreshers Course as per prescribed syllabus of Government conducted by Crew Training Institute, Chandabali, Dist.- Bhadrak from Dt.01.01.2024 to Dt.31.03.2024. The course is meant for preparing the candidates to serve as crews of Inland Mechanically propelled vessels, Fishing Trawlers, Sea going Vessels, Harbour Crafts, Tourist boats etc. with more proficiency.
**ELIGIBILITY:**
**01. Age** : Not less than 21 years and not more than 47 years as on Dt.01.01.2024
**02. Educational Qualification** : H.S.C. Pass from Board of Secondary Education, Odisha or equivalent. Candidate must be able to read & write Odia & English.
**03. Experience** : Candidates must have minimum 3 (Three) years of experience as crew of Inland Mechanically propelled Vessels of 40 B.H.P. in any public sector/ reputed private sector Organization/ Registered Co-operative societies.
**04. Physical Fitness** : The candidates should be physically fit to perform the type of work assigned by the authority of the Institute under any condition. A medical fitness certificate from a Medical Officer not below the rank of an Assistant Surgeon should be submitted with the application for admission.
The form and prospectus for admission shall be available from the office of the "Principal, Crew Training Institute, Chandabali, Dist.- Bhadrak" on payment of Rs.50/- (Rupees Fifty) only by Cash, Money Order from Dt.15.11.2023 to Dt.05.12.2023 upto 5 P.M. on all working days. The application forms complete in all respect should reach the undersigned on or before Dt.12.12.2023 upto 5 P.M. The application forms should be submitted in an envelope addressed to "Principal, Crew Training Institute, Chandabali, Dist.- Bhadrak".
The application of in-service candidates should be submitted through proper Channel/Competent authority.
Sd./- Principal, Crew Training Institute
OIPR-02007/11/0001/2324 Chandbali, Dist.- Bhadrak

**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur, Bhubaneswar, Odisha – 751023, Ph. No: 0674-2300654 / 0674-2300664
**NOTICE FOR LEASING OUT THE OFFICE SPACE AND GUEST HOUSE AT HEMGIR, SUNDERGARH**
**Ref.: EA/12/23** **Date: 03.11.2023**
Odisha Coal and Power Ltd(OCPL), a State PSU of Odisha wishes to lease its semi furnished office space and Guest house at Hemgir town, Sundergarh on long term lease basis through E-auction via MSTC auction portal on 17th November 2023:
**(https://www.mstcecommerce.com/auctionhome/ocpl/index.jsp)**
The office and guest house are located at the prime area, on the main road of Hemgir town.Interested Agencies/ Industries are invited to register themselves on MSTC website as a buyer on or before 16th November 2023. The Terms & Conditions are available on MSTC website. For any assistance the following officials of MSTC may be contacted:
**Mr. Mahesh Ramavath, Dy. Manager & Mr. TDMV Satya Sai, Branch Manager**
**Mail id : rmahesh@mstcindia.co.in, tsatyasai@mstcindia.co.in**
**Mobile No. : +91-8801281004, 0674-2544199/2950091**
**Sd./- Sr. General Manager (Commercial)**

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
अति अल्पकालीन ई–पुनर्निविदा आमंत्रण सूचना (2nd Call)
**PR No-304439 dated-11.08.2023**
अति अल्पकालीन ई–पुनर्निविदा संख्या:- **125 /2023-24** दिनांक :- 01.11.2023
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि: अंक में (लाख में) | प्राक्कलित राशि: अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-CHA-01/2023-24 | ईटखोरी | 1 | नगवाँ से राजबर तक पथ का विशेष मरम्मति कार्य। (लं० – 2.200 किमी०) | 1437.771 | चौदह करोड़ सैंतीस लाख सतहत्तर हजार एक सौ रू० मात्र | 09 महीना |
| | | ईटखोरी | 2 | बभन्डीह से मंदायिन तक पथ का विशेष मरम्मति कार्य। (लं० – 9.000 किमी०) | | | |
| | | मयूरहंड | 3 | अलगडीहा से पेटादीरी तक पथ का विशेष मरम्मति कार्य। (लं० – 12.700 किमी०) | | | |
| | | मयूरहंड | 4 | पी०एम०जी०एस०वाई० रोड परोरिया से बेला तक पथ का विशेष मरम्मति कार्य। (लं० – 2.200 किमी०) | | | |
| | | मयूरहंड | 5 | नवादा पंचायत भवन से नचीरा, नरचाकला भाया नरचाखूर्द तक पथ का विशेष मरम्मति कार्य। (लं० – 2.890 किमी०) | | | |
| 2 | JH-M-CHA-02/2023-24 | सिमरिया | 1 | चटीक (जबड़ा) से केन्दु (भवानी माता) तक पथ का विशेष मरम्मति कार्य। (लं० – 7.100 किमी०) | 1474.729 | चौदह करोड़ चौहत्तर लाख बहत्तर हजार नौ सौ रू० मात्र | 09 महीना |
| | | सिमरिया | 2 | पंचमोड़ (लेपो मोड़) से तपसा तक पथ का विशेष मरम्मति कार्य। (लं० – 11.400 किमी०) | | | |
| | | सिमरिया | 3 | बिरहु से चोपे (अनगड़ा चौक) तक पथ का विशेष मरम्मति कार्य। (लं० – 4.200 किमी०) | | | |
| | | टण्डवा | 4 | बुकरू से पदमपुर तक पथ का विशेष मरम्मति कार्य। (लं० – 7.300 किमी०) | | | |

2. वेबसाईट में निविदा प्रकाशन की तिथि:–03.11.2023
3. ई–निविदा प्राप्ति की अंतिम तिथि एवं समय:– 09.11.2023 अपराह्न 5.00 बजे तक।
5. निविदा खोलने की तिथि एवं समय:–10.11.2023 .अपराह्न 3.30 बजे।
6. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
7. ई–निविदा प्रकोष्ठ का दूरभाष सं०– ..........................
विस्तृत जानकारी के लिए वेबसाईट **jharkhandtenders.gov.in** में देखा जा सकता है।
मुख्य अभियंता
PR 310453 Rural Work Department(23-24)D जे०एस०आर०आर०डी०ए०, राँची।

# ଓଏଫ୍‌ଡିସିରେ ବସିଲା ବୈଠକ, ଆସିଲେନି ମନୋଜ

## ଫୋନ୍ କଲେ, ବାସନ୍ଦ ପ୍ରସଙ୍ଗ ଏଡ଼ାଇଗଲେ

*ଭୁବନେଶ୍ୱର, ୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)- ଅଭିନେତା ମନୋଜ ମିଶ୍ରଙ୍କୁ ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ(ୟୁସିସିସି) ୨ ବର୍ଷ ବାସନ୍ଦ କରିବା ପ୍ରସଙ୍ଗକୁ ନେଇ ଓଲିଉଡ୍‌ରେ ଚାଲିଥିବା ବିବାଦର ସମାଧାନ ପାଇଁ ଗୁରୁବାର କଟକସ୍ଥିତ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)ଠାରେ ବୈଠକ ବସିଥିଲା। ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ ଏହି ବୈଠକ ଡାକିଥିଲେ। ଏଥିରେ ୟୁସିସିସି ସଭାପତି ଟୁଟୁ ନାୟକ, ଅଭିନେତା ତଥା ଆର୍ଟିଷ୍ଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ଶ୍ରୀତମ ଦାସ, ଅଭିନେତା ଅରିନ୍ଦମ ରାୟଙ୍କ ସମେତ କେତେଜଣ ପ୍ରଯୋଜକ ଉପସ୍ଥିତ ଥିଲେ। ବୈଠକରେ ଯୋଗଦେବାକୁ ମନୋଜଙ୍କୁ ଡକାଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ହେଲେ ସେ କୁନା ତ୍ରିପାଠୀଙ୍କୁ ଫୋନ୍ କରି କଥା ହୋଇଥିଲେ ମଧ୍ୟ ତାଙ୍କ ବାସନ୍ଦ ପ୍ରସଙ୍ଗ ନେଇ କିଛି କହି ନ ଥିଲେ। ସରକାର କାହିଁକି ଫିଲ୍ମ ପାଇଁ କିଛି କରୁନାହାନ୍ତି, ସବ୍‌ସିଡି କାହିଁକି ମିଳୁନି, ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟକ୍ରମରେ ଆମକୁ ନ ଡାକି ବାହାରର କଳାକାରଙ୍କୁ କାହିଁକି ଗୁରୁତ୍ୱ ଦିଆଯାଉଛି ବୋଲି ମନୋଜ ପ୍ରଶ୍ନ ଉଠାଇବା ସହ ଫିଲ୍ମ ଡିଷ୍ଟ୍ରିବ୍ୟୁଶନ୍ ଉପରେ ପଦକ୍ଷେପ ନେବାକୁ କହିଥିଲେ। ତେବେ ମନୋଜ ବୈଠକକୁ ନ ଆସି ଫୋନ୍ କଲ୍‌ରେ ପ୍ରସଙ୍ଗ ଏଡାଇବା ଘଟଣାକୁ ନେଇ ଏବେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି।*

### ପ୍ରଯୋଜକମାନେ ବାସନ୍ଦ ଉଠାଇବାକୁ ରାଜି ଅଛନ୍ତି



ମୁଁ ଯଥାସମ୍ଭବ ପ୍ରୟାସ କଲି। ହେଲେ ମୋ ସହ ମନୋଜ କୌଣସି ବ୍ୟାନ୍ ସମ୍ପର୍କିତ ସମସ୍ୟାର ସମାଧାନ ନେଇ କଥା ହେଲେ ନାହିଁ। ସେ ଯେଉଁ ସମାଧାନ କଥା କହିଲେ, ତାହା ପରବର୍ତ୍ତୀ ସମାଧାନର ପଦକ୍ଷେପ। ସରକାରଙ୍କୁ କେଉଁ ପ୍ରସ୍ତାବ ଯିବ, ଡିଷ୍ଟ୍ରିବ୍ୟୁଶନ୍‌ରେ କ'ଣ କରାଯିବ ଆଦି ଆଲୋଚନାଠାରୁ ବ୍ୟାନ୍ ସମ୍ପର୍କିତ ନିଷ୍ପତ୍ତି, ସମାଧାନ ବେଶି ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ସିନେମା ଶିଳ୍ପର ଅଭିବୃଦ୍ଧି ପାଇଁ ଏହା ଏକ ନକାରାତ୍ମକ କଥା। ପ୍ରଯୋଜକମାନେ ବ୍ୟାନ୍ ଉଠାଇବାକୁ ରାଜି ଅଛନ୍ତି।

**-କୁନା ତ୍ରିପାଠୀ, ଓଏଫ୍‌ଡିସି ଅଧ୍ୟକ୍ଷ**

### ଆସିଥିଲେ ସମସ୍ୟାର ସମାଧାନ ହୋଇଯାଇଥାନ୍ତା

ବୈଠକରେ ଯୋଗଦେବାକୁ ମନୋଜଙ୍କୁ ଜଣାଇଥିଲୁ। ରାଜ୍ୟଠୁ ବଡ଼ ସିନେମା ନୁହେଁ। ବହୁତ ସମୟ ଅପେକ୍ଷା ପରେ ବି ସେ ଆସିଲେନି। ସେ ଆସିଥିଲେ ସମସ୍ୟାର ସମାଧାନ ହୋଇ ଯାଇଥାନ୍ତା। ତାଙ୍କ ଉଦ୍ଦେଶ୍ୟ କ'ଣ ଆମେ ଜାଣିପାରୁନୁ। ସେ ବୋଧେ କଥାଟାକୁ ଆହୁରି ଟାଣିବାକୁ ଚାହୁଁଛନ୍ତି। ବହୁତ ଅପେକ୍ଷା ପରେ ଫୋନ୍ କଲେ, ବ୍ୟାନ୍ ପ୍ରସଙ୍ଗ ଉପରେ କୌଣସି ଆଲୋଚନା କଲେ ନାହିଁ। ଏବେ ସେ ହିଁ କହିପାରିବେ ସମାଧାନ କେମିତି ହୋଇପାରିବ।



**-ଅରିନ୍ଦମ ରାୟ, ଅଭିନେତା ତଥା ପ୍ରଯୋଜକ**

### ସମସ୍ତେ ସକାରାତ୍ମକ ମନୋଭାବ ନେଇ ଆସିଥିଲେ

ଯେଉଁ ପ୍ରଯୋଜକମାନେ ମନୋଜଙ୍କୁ ବ୍ୟାନ୍ କରିବାକୁ କହିଥିଲେ, ସେମାନେ ସବୁ ଉପସ୍ଥିତ ଥିଲେ। ତାଙ୍କ ସହ କଥାହେବା ବେଳେ ମୁଁ ଉପଲବ୍ଧି କଲି ଯେ ସେମାନେ ସକାରାତ୍ମକ ମନୋଭାବ ନେଇ ଆସିଥିଲେ। ସେମାନେ ବ୍ୟାନ୍ ପ୍ରତ୍ୟାହାର କରିବାକୁ ରାଜି ହୋଇ ଏଠାକୁ ଆସିଥିଲେ। ଯାହା ଉପରେ ଆଲିଗେଶନ ଲାଗିଛି, ଯିଏ ଲଗାଇଛନ୍ତି ଉଭୟ ଉପସ୍ଥିତ ରହି ସମସ୍ୟାଟିକୁ ସମାଧାନ କରିବା ଉଚିତ। ଗୋଟିଏ ପାଦ ସମସ୍ତେ ନିଜ ଆଡୁ ବଢ଼ାଇଛନ୍ତି। ମନୋଜ ମିଶ୍ରଙ୍କୁ ଅନୁରୋଧ ସେ ବି ଗୋଟିଏ ପାଦ ଆଗକୁ ବଢ଼ାଇ ସମସ୍ୟାଟିର ସମାଧାନ କରନ୍ତୁ।



**-ଶ୍ରୀତମ୍ ଦାସ, ଅଭିନେତା ତଥା ଆର୍ଟିଷ୍ଟ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ**

### ସମାଧାନ ପାଇଁ ଆମର କିଛି ଅସୁବିଧା ନାହିଁ

ଓଏଫ୍‌ଡିସି ଅଧ୍ୟକ୍ଷ ତ୍ରିପାଠୀ ମୋତେ ଫୋନ୍ କରି ଡାକିଲେ। ଆମେ ସବୁ ସମାଧାନ ପାଇଁ ହିଁ ଆସିଥିଲୁ। ମୁଁ କହିଥିଲି ମଧ୍ୟ ମନୋଜ ଯଦି ଆସିବ ଆମେ ସମସ୍ୟାର ସମାଧାନ କରିଦେବୁ। ଅରିନ୍ଦମ ଅଭିଯୋଗ ଆଣିଥିଲେ, ଯେହେତୁ ସେ ରାଜି ସମାଧାନ ପାଇଁ ଆମର ଅସୁବିଧା କେଉଁଠି। ସେ ଆସିଲେନି। କଲ୍ ବ୍ୟାକ୍ କରି ବ୍ୟାନ୍ ପ୍ରସଙ୍ଗ ଉପରେ କିଛି ଆଲୋଚନା କଲେନି।



**-ସଞ୍ଜୟ(ଟୁଟୁ) ନାୟକ, ୟୁସିସିସି ସଭାପତି**

## ସଂକ୍ଷେପରେ

### ପ୍ରଫେସର ମୈତ୍ରେୟୀ ପଣ୍ଡା ଶିଶୁ ଚର୍ମରୋଗ ସଂଘର ଜାତୀୟ ସମ୍ପାଦିକା

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)- ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଚର୍ମରୋଗ ଓ ଯୌନରୋଗ ବିଭାଗ ପ୍ରଫେସର ଡା. ମୈତ୍ରେୟୀ ପଣ୍ଡା ଭାରତୀୟ ଶିଶୁ ଚର୍ମରୋଗ ସଂଘ (ଇଣ୍ଡିଆନ୍ ସୋସାଇଟି ଅଫ୍ ପେଡିଆଟ୍ରିକ୍ ଡର୍ମାଟୋଲୋଜି)ର ଜାତୀୟ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ନିକଟରେ ଭର୍ଚୁଆଲରେ ଅନୁଷ୍ଠିତ ସଂଘର ବାର୍ଷିକ ସାଧାରଣ ସଭାରେ ଡା. ପଣ୍ଡାଙ୍କୁ ଏହି ବଡ଼ ଦାୟିତ୍ୱ ଦିଆଯାଇଛି।



ପ୍ରଥମଥର ପାଇଁ ଓଡ଼ିଶାରୁ ଏହି ଜାତୀୟ ପଦ ନିମନ୍ତେ ସେ ମନୋନୀତ ହୋଇଛନ୍ତି। ପ୍ରଫେସର ପଣ୍ଡା ଏକାଧାରରେ ଜଣେ ଦକ୍ଷ ଓ ଅଭିଜ୍ଞ ଡାକ୍ତର, ଶିକ୍ଷାବିତ୍ ଓ ଚିକିତ୍ସା ସେବା କ୍ଷେତ୍ରରେ ଜଣେ ସଫଳ ଦିଗ୍‌ଦର୍ଶକ। ରାଜ୍ୟ, ଦେଶ ଓ ଅନ୍ତର୍ଜାତୀୟ ସ୍ତରରେ ଚିକିତ୍ସା ସେବା କ୍ଷେତ୍ରରେ ତାଙ୍କର ଅବଦାନ ତଥା ତାଙ୍କର ଶତାଧିକ ପ୍ରେଜେଣ୍ଟେଶନ୍ସ ଆଣ୍ଡ ପବ୍ଲିକେଶନ ଉଚ୍ଚ ପ୍ରଶଂସିତ ଓ ପୁରସ୍କୃତ ହୋଇଛି। ପ୍ରଫେସର ପଣ୍ଡା ଏହା ପୂର୍ବରୁ ଜାତୀୟ ଚର୍ମ ଓ ଯୌନରୋଗ ସଂଘର ଏସ୍‌ଆଇଜି କନ୍‌ଭେନର ଥିଲେ। ଏଥିସହ ରାଜ୍ୟରେ ସମ୍ପୃକ୍ତ ସଂଘର କର୍ମକର୍ତ୍ତା ରହି ସଫଳ ଭାବରେ କାର୍ଯ୍ୟଭାର ତୁଲାଇଥିଲେ। ପୂର୍ବରୁ ଏମ୍‌ସ ଭୁବନେଶ୍ୱରଠାରେ ସେ ଚର୍ମ ଓ ଯୌନ ରୋଗ ବିଭାଗରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ।

### ଘରୋଇ କଲେଜରେ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨।୧୧ (ସୂର୍ଯ୍ୟକାନ୍ତ ବେହେରା): ଇନଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ଜଣେ ଛାତ୍ରୀ ନିଜ ଚୁନି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି । ମୃତା ଛାତ୍ରୀ ଜଣଙ୍କ ହେଲେ ଝାଡଖଣ୍ଡର ସ୍ରିଷ୍ଟି ମିଶ୍ର । ତେବେ ସେ କାହିଁକି ଆତ୍ମହତ୍ୟା କଲେ ତାହାର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନାନୁସାରେ ବୁଧବାର କ୍ଲାସ ସାରି ଛାତ୍ରୀ ଜଣଙ୍କ ରୁମକୁ ଆସିଥିଲେ । ସନ୍ଧ୍ୟା ସମୟରେ ରୁମ ମେଣ୍ଟ ଆସି କବାଟ ବାଡେଇବା ସହ ଫୋନ କରିଥିଲେ ମଧ୍ୟ ସ୍ରିଷ୍ଟି କୌଣସି ଉତ୍ତର ଦେଇନଥିଲେ । ସନ୍ଦେହ ହେବାରୁ ଅନ୍ୟ ସାଙ୍ଗମାନଙ୍କ ସହ ହଷ୍ଟେଲର ୱାର୍ଡେନଙ୍କ ଜରିଆରେ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ସାଇଣ୍ଟିଫିକ ଟିମ ସହାୟତରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ କରିଥିଲା ।



-ଉତ୍ର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୦ତମ କୁମାର ଉତ୍ସବର ଗୁରୁବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

**ନାବାଳିକା ବଳାତ୍କାର ମାମଲା**

**ଭୁବନେଶ୍ୱର,୨।୧୧(ସତ୍ୟଜିତ୍ ରାଉତ)**

ଖଣ୍ଡଗିରି ଥାନା ଅଞ୍ଚଳରେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରିବା ମାମଲାରେ ଭୁବନେଶ୍ୱର ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ଏସ୍. କେ. ସାହୁ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଖଣ୍ଡଗିରି ଥାନା ଅନ୍ତର୍ଗତ ରୁଚିକା ମାର୍କେଟ ନିକଟରେ ରହୁଥିବା ଗଞ୍ଜାମ ଜିଲା ତାରାସିଂ ଥାନା ଅନ୍ତର୍ଗତ ଗଲରି ଗ୍ରାମର ରାଜା ନାୟକ (୩୦)ଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ୨୦ ବର୍ଷ ଜେଲଦଣ୍ଡ ହୋଇଛି। ଏଥିସହ ତାଙ୍କୁ ବିଭିନ୍ନ ଦଫା ଅନୁଯାୟୀ ୧୬ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଦୋଷୀ ରାଜାଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ରାଜା ୧୬ ବର୍ଷୀୟା ପୀଡ଼ିତାଙ୍କୁ ଏକତରଫା ପ୍ରେମ କରୁଥିଲେ। ୨୦୧୮ ଜୁନ ୧୧ରେ ରାଜା ନାବାଳିକାଙ୍କୁ ତାଙ୍କ ଘର ସାମ୍ନାରୁ ଅପହରଣ କରି ନେଇ ମାଉସୀ ଘରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଜୁନ ୨୧ରେ ନାବାଳିକା ଜଣକ ରାଜାଙ୍କ କବଳରୁ ଖସି ଫାୟାର ଷ୍ଟେଶନ ଛକ ପାଖକୁ ଚାଲି ଆସିଥିଲେ। ଏହାପରେ ପୋଲିସ ଓ ତାଙ୍କ ପରିବାର ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୨୪୨/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଜୁନ ୨୩ରେ ଅଭିଯୁକ୍ତ ରାଜାଙ୍କୁ ପୋଲିସ ଗିରଫ କରିଥିଲା। ୨୦୧୮ ଅକ୍ଟୋବର ୧୯ରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବା ପରେ ମାମଲାର ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ସରକାରୀ ଓକିଲ ରାଜୀବ ସାସମଲ ଓ ଅତିରିକ୍ତ ସରକାରୀ ଓକିଲ ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

## ସମୁଦ୍ରରୁ ଉଦ୍ଧାର ହେଲେ ୮ ବଙ୍ଗୀୟ ପର୍ଯ୍ୟଟକ

**ପୁରୀ, ୨।୧୧(ଅଜିତ୍ ମହାନ୍ତି)**

ସମୁଦ୍ର ସ୍ନାନ ବେଳେ ଭାସିଯାଉଥିବା ୮ ପର୍ଯ୍ୟଟକଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଛନ୍ତି। ଏମାନେ ସମସ୍ତେ ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ହୋଟେଲ ମହୋଦଧି ସମ୍ମୁଖ ବେଳାଭୂମି ସେକ୍ଟର-୬ଠାରେ କେତେଜଣ ପର୍ଯ୍ୟଟକ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ଏକ ଲହଡ଼ି ମାଡ଼ରେ ୩ଜଣ ପର୍ଯ୍ୟଟକ ସମୁଦ୍ର ଭିତରକୁ ଭାସିଯାଇଥିଲେ। ତେବେ ସେମାନଙ୍କ ପାଟି ଶୁଣି ସେଠାରେ ନିୟୋଜିତ ଥିବା ଲାଇଫଗାର୍ଡମାନେ ତୁରନ୍ତ ସମୁଦ୍ରକୁ ଯାଇ ୩ଜଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଉଦ୍ଧାର ହୋଇଥିବା ପର୍ଯ୍ୟଟକମାନେ ହେଲେ ରିଙ୍କୁ ରୟ(୧୬), ଶୁଭମ୍ ମଣ୍ଡଳ (୧୯) ଏବଂ ଶୁଭ୍ରଜିତ୍ ହାଜରା (୨୧)। ସେହିପରି ଅପରାହ୍ନ ୩ଟା ୩୫ରେ ୪ଜଣ ପର୍ଯ୍ୟଟକ ସେକ୍ଟର-୧୨ ବଙ୍ଗଲକ୍ଷ୍ମୀ ହୋଟେଲ ସମ୍ମୁଖରେ ଗାଧୋଉଥିବା ବେଳେ ସମୁଦ୍ରରେ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଦୁଇଜଣ ଲାଇଫ ଗାର୍ଡ ସେମାନଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ପର୍ଯ୍ୟଟକମାନେ ହେଲେ ସୁମନ ମଣ୍ଡଳ (୧୬), ଦୀପ ମଣ୍ଡଳ (୧୫), ରଞ୍ଜିତ୍ ହାଲଦାର୍ (୧୯) ଏବଂ ସୁଭିତ୍ ହାଁସଦା (୧୩)। ଏମାନେ ପଶ୍ଚିମବଙ୍ଗ ବୀରଭୂମି ଅଞ୍ଚଳର। ଅପରାହ୍ନ ୪ଟା ୨୭ରେ ହୋଟେଲ କ୍ୟାମେଲିଆ ସମ୍ମୁଖ ସେକ୍ଟର-୧୩ ଠାରେ କୋଲକାତାର ଦୀପଙ୍କର ବିଶ୍ୱାସ ଗାଧୋଉଥିବା ସମୟରେ ସମୁଦ୍ର ମଧ୍ୟକୁ ଭାସିଯାଇଥିଲେ। ତାଙ୍କୁ ଲାଇଫଗାର୍ଡମାନେ ଉଦ୍ଧାର କରିଥିଲେ।

# 'ପ୍ରଥା' ସହ ଦର୍ଶକ ଦେଖିବେ 'ମାଇଁ ସୁଇଟ୍ ହାଉସ୍ ୱାଇଫ୍'

**ଫିଲ୍ମ ଫ୍ରାଇଡେ'**

**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଏଥର ଫିଲ୍ମ ଫ୍ରାଇଡେ'ରେ ରିଲିଜ ହେଉଛି ୩ ଓଡ଼ିଆ ଚଳଚ୍ଚିତ୍ର। ଅଭିନେତା ସ୍ୱରାଜଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଥା' ଓଡ଼ିଶାର ୪୮ଟି ପ୍ରେକ୍ଷାଳୟରେ ଦେଖିବାକୁ ମିଳିବ। ସନଲିଶା ସିଗ୍‌ନେଚର ଫିଲ୍ମସ ବ୍ୟାନର ତଥା ପଶ୍ଚିମ ଓଡିଶାର ଝିଅ ସନଲିଶା ପଟେଲଙ୍କ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରରେ ଅଭିନେତା ସ୍ୱରାଜଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଦମ୍‌ଦାର ଆକ୍ସନ ସହିତ ଦୁଇ ନାୟିକାଙ୍କୁ ନେଇ ହୋଇଥିବା ଡ୍ରାମା, ଗୀତ ଦର୍ଶକଙ୍କୁ ବେଶ ଆନନ୍ଦ ଦେବ। କେ.ମୁରଲୀକ୍ରିଷ୍ଣା ନିର୍ଦ୍ଦେଶନା ଦେଇଥିବାବେଳେ ସଙ୍ଗୀତରେ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଅସଦ ନିଜାମ ରହିଛନ୍ତି। ଓଲିଉଡ଼ ସମେତ ମୁମ୍ବାଇ, ଦିଲ୍ଲୀ, ପଞ୍ଜାବର ଅଭିନେତ୍ରୀ, ଅଭିନେତାଙ୍କୁ ନେଇ ଚଳଚ୍ଚିତ୍ରଟି ତିଆରି ହୋଇଛି। ସ୍ୱରାଜଙ୍କ ସମେତ ଶୀତଲ ପାତ୍ର, ସିମ୍ରନ କୌର୍, ଚୌଧୁରୀ ବିକାଶ ଦାସ, ଜୟ ପ୍ରକାଶ ଦାସ, ବବି ମିଶ୍ର, ରବି ମିଶ୍ର, ଡିସ୍କୋ ରେଞ୍ଜୀ, ଇଲୁ ବାନାର୍ଜୀ ପ୍ରମୁଖଙ୍କ ଅଭିନୟ ଦେଖିବାକୁ ମିଳିବ। ଅନ୍ଧବିଶ୍ୱାସ ଭଳି ଅନେକ ପ୍ରଥାକୁ ଏହି ଚଳଚ୍ଚିତ୍ର ମାଧ୍ୟମରେ ଭିନ୍ନ ରୂପରେ ଦର୍ଶକ ଦେଖିବାକୁ ପାଇବେ। ସେହିପରି ଶୁକ୍ରବାର 'ମାଇଁ ସୁଇଟ୍ ହାଉସ୍ ୱାଇଫ୍' ଚଳଚ୍ଚିତ୍ର ମଧ୍ୟ ରିଲିଜ ହେଉଛି। ବିବାହ ପରେ ନାରୀର ଜୀବନ ଯାତ୍ରାକୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନେତ୍ରୀ ନୈନା ଦାଶ ତିୱାରୀ ଓ ଅଭିନେତା ପ୍ରୀତିରାଜ ଶତପଥୀ ରହିଛନ୍ତି। ଜଣେ ମହିଳାର ମତ ଓ ନିଷ୍ପତ୍ତିକୁ ସମ୍ମାନ ଦେବା ଏବଂ ସ୍ୱପ୍ନ ଓ ପସନ୍ଦକୁ ସ୍ୱୀକାର କରାଯିବାର ଆବଶ୍ୟକତା ରହିଛି ବୋଲି ଚଳଚ୍ଚିତ୍ରରେ ବାର୍ତ୍ତା ଦିଆଯାଇଛି। ଏହି ଦୁଇ ଚଳଚ୍ଚିତ୍ର ସମାଜରେ ଥିବା, ପ୍ରତିଦିନ ମଣିଷ ସାମ୍ନା କରୁଥିବା ବାସ୍ତବ ପ୍ରସଙ୍ଗକୁ ନେଇ ପ୍ରସ୍ତୁତ ହୋଇଛି, ଯାହା ଦର୍ଶକଙ୍କ ମନକୁ ବାନ୍ଧି ରଖିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ 'ରାଉଡ଼ି ରାଜା' ନାମକ ଆଉଏକ ଓଡ଼ିଆ ଫିଲ୍ମ ମଧ୍ୟ ରିଲିଜ ହେଉଛି। ସେପଟେ ବଲିଉଡରେ ରିଲିଜ ହେଉଥିବା ଚଳଚ୍ଚିତ୍ର ମଧ୍ୟରେ ଚର୍ଚ୍ଚାକୁ ଆସିଥିବା ରାଜ କୁନ୍ଦ୍ରାଙ୍କ ଅଭିନୀତ ଫିଲ୍ମ 'ୟୁଟି ୬୯' ରହିଛି। କୁନ୍ଦ୍ରା ନିକଟରେ ଆଡଲ୍ଟ ଫିଲ୍ମ ସ୍କାଣ୍ଡାଲ୍ ମାମଲାରେ ଜେଲ୍ ଯାଇଥିଲେ। ସେଠୁ ଆସି ସେ ଏହି ଫିଲ୍ମ ପ୍ରସ୍ତୁତ କରିଛନ୍ତି। ପୂର୍ବରୁ ରିଲିଜ୍ ହୋଇଥିବା ଟ୍ରେଲର୍‌ରେ କୁନ୍ଦ୍ରା କିଭଳି ଜେଲ୍‌ରେ ରହୁଛନ୍ତି, ସେଠାକାର ସ୍ଥିତି ଦେଖିବାକୁ ମିଳିଥିଲା। ଏହି ଫିଲ୍ମକୁ ମଧ୍ୟ ଦର୍ଶକଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଛି। ଅନ୍ୟଗୁଡ଼ିକ ମଧ୍ୟରେ ଥ୍ରି ଅଫ୍ ଅସ୍, ଅଜବ ତମାଶା, ଆଙ୍ଖ ମିଚୋଲି ଭଳି ଫିଲ୍ମ ହିନ୍ଦୀରେ ରିଲିଜ ହେଉଛି।






## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟସ୍ନାତ



@ ସୂର୍ଯ୍ୟକାନ୍ତ



@ ପ୍ରଭଞ୍ଜନ



@ ତାପସ



@ ପବିତ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାମ୍ବାଦିକ ଶରତ ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ସାମ୍ବାଦିକ ଶରତ ମିଶ୍ରଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ସେ ଦୈନିକ ଖବରକାଗଜ 'ସମାଜ'ର ସମ୍ପାଦକ ଥିଲେ। ଏଥିସହିତ 'ଅନୁପମ ଭାରତ'ର ପ୍ରତିଷ୍ଠାତା ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିଲେ। କଟକରେ ଇଷ୍ଟର୍ନ ଟାଇମ୍ସ ଗ୍ରୁପ୍‌ରୁ ତାଙ୍କର ସାମ୍ବାଦିକତା ଜୀବନ ଆରମ୍ଭ ହୋଇଥିଲା। ପରେ ସେ 'ସମ୍ବାଦ'ର ବାର୍ତ୍ତା ସମ୍ପାଦକ ଥିଲେ। ତେବେ 'ସମାଜ'ରୁ ଅବସର ପରେ ଫିଚର ପତ୍ରିକା 'ଆମ ସମୟ'ର ପ୍ରତିନିଧିର ସମ୍ପାଦକ ଥିଲେ। କୋଲକାତାରୁ ପ୍ରକାଶିତ 'ଅମୃତ ବଜାର' ପତ୍ରିକା ପାଇଁ ସେ ଦୀର୍ଘଦିନ ଧରି କାମ କରୁଥିଲେ। ୧୯୩୬ ମସିହାରେ ସେ ଗଞ୍ଜାମ ଜିଲା ସୋରଡ଼ାରେ ଜନ୍ମ ଗ୍ରହଣ କରିଥିଲେ। ଇଂଲିଶ, ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ତାଙ୍କର ବେଶ୍ ପାରଦର୍ଶିତା ରହିଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।



## ସଂକ୍ଷେପରେ

### ୫ ଅଟକଙ୍କୁ ନୋଟିସ୍ ଦେଇ ଛାଡ଼ିଲା ପୋଲିସ
#### ପାର୍କିଂକୁ ନେଇ ଗଣ୍ଡଗୋଳ ଘଟଣା

ଭୁବନେଶ୍ୱର,୨।୧୧(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ସାଁପୁର ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମୁଖରେ ବୁଧବାର ରାତିରେ ଗାଡ଼ି ପାର୍କିଂକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ରାତିରେ ଅଟକ ରଖିଥିଲା। ପୋଲିସ ଦୁଇଟି ମାମଲାରେ ସମସ୍ତଙ୍କୁ ଗୁରୁବାର ସିଆର୍‌ପିସି ୪୧ରେ ନୋଟିସ୍ ଦେଇ ଛାଡ଼ିଛି। ରାତି ପ୍ରାୟ ୧୦ଟାବେଳେ ସାଁପୁର ଅଞ୍ଚଳର ଦୁଇଜଣ ଯୁବକ ଏକ ହୋଟେଲ ସମ୍ମୁଖରେ ବାଇକ୍ ରଖି ଖାଇବାକୁ ଯାଇଥିଲେ। ସେମାନଙ୍କ ଗାଡ଼ି ପଛରେ ସ୍ଥାନୀୟ ମହାଲକ୍ଷ୍ମୀ ବିହାରର ୨ରୁ ୩ଜଣ ଯୁବକ ବାଇକ ରଖିଥିଲେ। କିଛି ସମୟ ପରେ ଗାଡ଼ି କାଢ଼ିବାକୁ ନେଇ ଉଭୟଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହାକୁ ଅଟକାଇବାକୁ ସେହି ବାଟ ଦେଇ ଯାଉଥିବା ଲୋକେ ଚେଷ୍ଟା କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏପରି କି ଉକ୍ତ ହୋଟେଲରେ ଭଙ୍ଗାରୁଜା ମଧ୍ୟ ହୋଇଥିଲା। ଭରତପୁର ପୋଲିସ ଗୋଟିଏ ଗୋଷ୍ଠୀର ୨ ଓ ଅନ୍ୟ ଗୋଷ୍ଠୀ ୩ଜଣଙ୍କୁ ଉଠାଇ ଆଣିଥିଲା। ତେବେ ପୋଲିସର ଅଭିମୁଖ୍ୟକୁ ନାପସନ୍ଦ କରି ଏକ ଗୋଷ୍ଠୀର ଯୁବକମାନେ ଥାନା ଆଗରେ ଧାରଣା ଦେଇ ହୋହଲ୍ଲା କରିଥିଲେ।

### 'ରମାଦେବୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ବଟବୃକ୍ଷରେ ପରିଣତ ହୋଇସାରିଛି'

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)

ଏକ ଅନୁଷ୍ଠାନ ବଟବୃକ୍ଷରେ ପରିଣତ ହେବାବେଳେ ତା'ର ଡାଳପତ୍ର ଭାବେ ସେହି ବିଭାଗର ଛାତ୍ରୀଗଣ ଉଭା ହୋଇଥାନ୍ତି। ଅନୁରୂପ ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ୫ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ନିଜର ଗୁଣାତ୍ମକତା ମାଧ୍ୟମରେ ଏକ ବଟବୃକ୍ଷ ଏବଂ ସାରସ୍ୱତ ଅନୁଷ୍ଠାନରେ ପରିଣତ ହୋଇସାରିଛି ବୋଲି କବି ପ୍ରତିଭା ଶତପଥୀ କହିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପୁରାତନ ଛାତ୍ରୀଙ୍କ ବନ୍ଧୁମିଳନରେ ସଭାପତିତ୍ୱ କରି ସେ ଏହା କହିଛନ୍ତି। ଉଦ୍‌ଘାଟକ ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡିଚରଣ ରଥ କହିଛନ୍ତି, କଳା, ସଙ୍ଗୀତ, ନୃତ୍ୟ, ସାହିତ୍ୟ, ଅଭିନୟ, ପ୍ରଶାସନ, ରାଜନୀତି ତଥା ଶିଳ୍ପ ଭଳି ମହତ୍ୱପୂର୍ଣ୍ଣ ବିଭାଗରେ ରମାଦେବୀ ଓଡ଼ିଆ ବିଭାଗର ଛାତ୍ରୀମାନେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ପୁରାତନ ଛାତ୍ରୀ ମିଳନ କାର୍ଯ୍ୟକ୍ରମ ଅତୀତକୁ ବର୍ତ୍ତମାନ ସହିତ ଯୋଡିବାର ଏକ ସୁନ୍ଦର ବାହାନା ମାତ୍ର। ଏହାଦ୍ୱାରା ବିଗତ ସ୍ମୃତି, ଅନୁଭୂତି, ଉପଲବ୍ଧି ତଥା ଆତ୍ମପ୍ରତିଷ୍ଠାର ଅନେକ ପଦକ୍ଷେପକୁ ବର୍ତ୍ତମାନର ନୂତନ ପିଢ଼ିର ଛାତ୍ରୀଙ୍କ ଶିକ୍ଷା ସହିତ ସଂଯୋଗ କରିପାରିବ ବୋଲି ରଥ କହିଥିଲେ। ମୁଖ୍ୟବକ୍ତା ଜ୍ୟୋତ୍ସ୍ନା ଦାସ କାର୍ଯ୍ୟକ୍ରମକୁ 'ସ୍ମୃତିର ମହାମିଳନ' ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ସେବତୀ ମିଶ୍ର, ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ପ୍ର. ବିଷ୍ଣୁପ୍ରିୟା ଓତା, ଭିଜିଟିଂ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପର୍ବରେ ୧୯୯୨ର ପ୍ରାୟ ୨୦ଜଣ ଛାତ୍ରୀ ତଥା ପରବର୍ତ୍ତୀ ସମୟରେ ଅଧ୍ୟୟନ କରିଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଗଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଓ ସଂଯୋଜନା ଅଧ୍ୟାପିକା ପୁଷ୍ପିତା ଶୁକ୍ଲା କରିଥିବା ବେଳେ ବିଭାଗ ମୁଖ୍ୟ ସଂଘମିତ୍ରା ଭଞ୍ଜ ଅତିଥି ପରିଚୟ ପ୍ରଦାନ ଏବଂ ଅଧ୍ୟାପିକା ଅପରାଜିତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଯାତ୍ରୀ ଉଠାଣକୁ ନେଇ ସାଥୀ ଅଟୋ ଚାଳକଙ୍କୁ ହତ୍ୟା

କଟକ,୨।୧୧ (କାର୍ତ୍ତିକ ସାହୁ)

କଟକ ଚଣ୍ଡୀମନ୍ଦିର ନିକଟରେ ଗୁରୁବାର ଯାତ୍ରୀ ଉଠାଣକୁ କେନ୍ଦ୍ରକରି ଜଣେ ଅଟୋ ଚାଳକ ଆଉ ଜଣେ ଚାଳକଙ୍କୁ ହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ସତୀଚୌରା ଇଦ୍‌ଗା କଲୋନୀର ମହମ୍ମଦ ରୋଶନ(୪୨)। ଲାଲବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲର ଶବଗୃହରେ ରଖିଛି। ଏ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅଭିଯୁକ୍ତ ଅଟୋ ଚାଳକ ଖଟବିନ୍ ସାହିର ସରିଫ ଖାନ୍(୪୨)ଙ୍କୁ ପୋଲିସ ଅଟକ ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ରୋଶନ ଓ ସରିଫ ଅଟୋ ଚଳାଇ ପରିବାର ପ୍ରତିପୋଷଣ କରନ୍ତି। ଉଭୟ କଟକଚଣ୍ଡୀ ଛକ ଅଟୋଷ୍ଟାଣ୍ଡରୁ ସହରର ବିଭିନ୍ନ ଅଞ୍ଚଳକୁ ଯାତ୍ରୀ ପରିବହନ କରିଥାନ୍ତି। ଦୀର୍ଘବର୍ଷ ହେବ ଦୁହିଁଙ୍କ ଭିତରେ ଭଲ ବନ୍ଧୁତା ହୋଇଥିଲା। କିନ୍ତୁ ଯାତ୍ରୀ ନେବାଆଣିବାକୁ କେନ୍ଦ୍ରକରି ବିଭିନ୍ନ ସମୟରେ ସେମାନେ ମୁହାଁମୁହିଁ ହୋଇଥାନ୍ତି। ଗୁରୁବାର କଟକ ଚଣ୍ଡୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ରିଜର୍ଭ ଭଡ଼ାକୁ କେନ୍ଦ୍ରକରି ବକ୍ସିବଜାର



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ନିକଟରେ ପରସ୍ପର ଭିତରେ ପାଟିତୁଣ୍ଡ ହୋଇଥିଲା। ତେବେ ପୂର୍ବାହ୍ନର ରାଗ ଦିନ ସାରା କୁହୁଳି ଅପରାହ୍ନରେ ଉଗ୍ରରୂପ ଧାରଣ କରିଥିଲା। ସନ୍ଧ୍ୟା ପ୍ରାୟ ୫ଟାରେ ରୋଶନ ଚଣ୍ଡୀ ଛକରୁ କେତେଜଣ ଯାତ୍ରୀଙ୍କୁ ନେଇ ଗନ୍ତବ୍ୟ ସ୍ଥଳରେ ଛାଡ଼ି ଷ୍ଟାଣ୍ଡକୁ ଫେରୁଥିଲେ। ଏହି ସମୟରେ ସରିଫ୍ ଚଣ୍ଡୀ ମନ୍ଦିର ସମ୍ମୁଖରେ ରୋଶନଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏତିକିବେଳେ ସରିଫ ନିଶାସକ୍ତ ଅବସ୍ଥାରେ ଥିଲେ। ରାସ୍ତା ମଝିରେ ଏଭଳି ଘଟଣାକୁ ନେଇ ରୋଶନ ଉତ୍କ୍ଷିପ୍ତ ହୋଇପଡିଥିଲେ। ପାଟିତୁଣ୍ଡ ଏତେ ଅଧିକ ବଢ଼ିଯାଇଥିଲା ଯେ କେହି କାହାରିକୁ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ସରିଫ ଜବରଦସ୍ତ ରୋଶନ ଅଟୋରେ ବସିପଡ଼ିଥିଲେ। ରୋଶନ ନିଜ ଅଟୋକୁ ରାସ୍ତା ପାର୍ଶ୍ୱକୁ ରଖିବା ପରେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ଉଭୟ ଅଟୋରୁ ଓହ୍ଲାଇ ରାସ୍ତାମଝିରେ ହାତାହାତି ହୋଇଥିଲେ। ଶତାଧିକ

#### ଅଭିଯୁକ୍ତ ଅଟକ

ଲୋକ ଦେଖଣାହାରି ସାଜିଥିବା ମଧ୍ୟ ସେମାନଙ୍କୁ ଅଟକାଇବାକୁ ସାହସ କରି ନ ଥିଲେ। ଏତିକିବେଳେ ସରିଫ ସେଠାରେ ଥିବା ପୋଲିସ ବ୍ୟାରିକେଡ ନିକଟକୁ ରୋଶନଙ୍କୁ ଟାଣି ନେଇ ଏକ ଶକ୍ତ ଧକ୍କା ଦେଇଥିଲେ। ରୋଶନଙ୍କ ମୁଣ୍ଡ ପଛପାର୍ଶ୍ୱ ଲୁହା ବ୍ୟାରିକେଡରେ ଖୁବ୍‌ଜୋର୍‌ରେ ମାଡ଼ ହୋଇ ଫାଟିଯାଇଥିଲା। ଏହାଦ୍ୱାରା ପ୍ରଚୁର ରକ୍ତସ୍ରାବ ହେବାରୁ ରୋଶନ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଏସ୍‌ସିବି ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲାଲବାଗ ପୋଲିସ ଖବର ପାଇବା ପରେ ରୋଶନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ଶବଗୃହରେ ରଖିଛି। ରୋଶନଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସାନଭାଇ ମହମ୍ମଦ ସନାଉଲ୍ଲା ଲାଲବାଗ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତକଙ୍କ ଅଟୋକୁ ଜବତ କରିଛି। ଘଟଣା ପରେ ଫେରାର ହୋଇଯାଇଥିବା ଅଭିଯୁକ୍ତ ସରିଫଙ୍କୁ ପୋଲିସ ଧରି ଆଣି ଥାନାରେ ଅଟକ ରଖିଥିବା ଥାନା ଅଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।



କଟକ ଉପରବାଲିଯାତ୍ରା ପଡ଼ିଆରେ ଗୁରୁବାର ସାତସାହି କଟକ ନୃତ୍ୟୋତ୍ସବରେ ସୁର ମନ୍ଦିର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଦୁର୍ଘଟଣା, ୨ ବାଇକ ଆରୋହୀ ମୃତ

ଖୁଣ୍ଟୁଣୀ,୨।୧୧ (ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲ୍ଲା ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂହ ନିକଟରେ ବୁଧବାର ବିଳମ୍ବିତ ରାତିରେ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ରଜତ ମହାରଣା ଓ ଖୋର୍ଦ୍ଧା ଅଞ୍ଚଳର ସୋମନାଥ ହରିଚନ୍ଦନ। ସେମାନେ ଢେଙ୍କାନାଳରେ ଗଜଲକ୍ଷ୍ମୀ ପୂଜା ଦେଖି ଏକ ବାଇକ୍(ଓଡି୦୬ଏଲ୍-୭୭୮୦)ରେ ଫେରୁଥିବାବେଳେ ଅନ୍ୟ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଆଇଆଇସି ସୁମନ୍ତ କିଷାନ ଓ ଏସ୍‌ଆଇ ସଂଯୁକ୍ତା ଖିଲାର ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରାଯାଇ ଥାନାରେ ଏକ ମାମଲା (ନଂ.୧୫୩/୨୩) ରୁଜୁ କରାଯାଇଛି।

# ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍: ୨ ଭାଇ ଗିରଫ

ବାଲିପାଟଣା,୨।୧୧(ଅଭିମନ୍ୟୁ ନାୟକ)

ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ବାଲିପାଟଣା ଥାନା ପୋଲିସ ୨ଭାଇଙ୍କୁ ଗିରଫ କରିଛି। ସେମାନେ ହେଲେ ଗାରେଡ଼ିପାଞ୍ଚଣ ଗ୍ରାମର ଲବ ଭୋଇ ଓ କୁଶ ଭୋଇ। ଅଭିଯୋଗ ମୁତାବକ, ଫାଇନାନ୍ସ କର୍ମଚାରୀ ଦେବାଶିଷ ମହାନ୍ତି ଶୋବନି ଗ୍ରାମରୁ ଋଣ କିସ୍ତି ଆଦାୟ କରି ମଧୁବନ ଛକ ଦେଇ ରାଜସ ଅଭିମୁଖେ ଯାଉଥିଲେ। ଏହି ସମୟରେ ଉପରୋକ୍ତ ଦୁଇ ଭାଇ ଦେବାଶିଷଙ୍କୁ ପିଛା କରିବା ସହ ରାଜସ ଗ୍ରାମ ନିକଟରେ ଅଟକାଇଥିଲେ। ଦୁଇଭାଇ ହଠାତ୍ ଦେବାଶିଷଙ୍କଠାରୁ ୩୭୦୦ଟଙ୍କା ଛଡ଼ାଇନେଇ ଫେରାର ହେଉଯାଉଥିବା ବେଳେ ପାଟି ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ଦୁଇଭାଇଙ୍କୁ ଗ୍ରାମବାସୀ କାବୁକରି ପୋଲିସ ଜିମା ଦେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୮୫/୨୩) ରୁଜୁ କରିବା ସହ ଦୁଇଭାଇଙ୍କୁ ଗିରଫ କରିଛି। ଶୁକ୍ରବାର ଦୁଇଭାଇଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଓମ୍ ପ୍ରକାଶ ମହାନ୍ତି କହିଛନ୍ତି।

# ଜବତ ଗାଡ଼ି ମାଲିକାନା ନେଇ ଥମୁନି ବିବାଦ

ଭୁବନେଶ୍ୱର,୨।୧୧(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପାୱାର ହାଉସ ଛକରେ ମଙ୍ଗଳବାର ଅପରାହ୍ନରେ ଏକ ରେଞ୍ଜ ରୋଭର କାର୍ ଧକ୍କାରେ ୨ ଜଣ ବାଇକ୍ ଆରୋହୀ ଗୁରୁତର ହୋଇଥିଲେ। ଏହି ଘଟଣାରେ କ୍ୟାପିଟାଲ ଥାନା ପୋଲିସ କାର ଚାଳକଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ରେଞ୍ଜ ରୋଭର ଗାଡି ଜବତ କରିଥିଲା। ହେଲେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକାନାକୁ ନେଇ ଏବେ ବିବାଦ ବଢ଼ିବାରେ ଲାଗିଛି। ବିଶେଷକରି ପୋଲିସ ଉକ୍ତ ଗାଡ଼ିର ଦୁଇଟି ନମ୍ବର ଦେବାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଶନରେଟ ପୋଲିସ ପକ୍ଷରୁ ଜାରି ହୋଇଥିବା ପ୍ରଥମ ପ୍ରେସ୍ ରିଲିଜରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ନମ୍ବର ଓଡି୩୩-କେ-୬୭୨୬ ଉଲ୍ଲେଖ ଥିଲା।

#### କାର୍ ଧକ୍କାରେ ୨ ଗୁରୁତର ଘଟଣା
- ଚାପରେ ପଡ଼ି ଭୁଲ୍ ନମ୍ବର ପୋଲିସ ଦେଇଥିବା ନେଇ ଚର୍ଚ୍ଚା

ହେଲେ ଏହାର ୨ଘଣ୍ଟା ପରେ ଉକ୍ତ ଗାଡ଼ି ନମ୍ବରରେ ସଂଶୋଧନ କରି ଓଡି୨୩-କେ-୦୦୦୬ ନମ୍ବର ଜାରି କରିଥିଲା। ପୋଲିସ ଚାପରେ ରହି ଏମିତି ନମ୍ବର ପରିବର୍ତ୍ତନ କରିଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଗାଡିଟି କାହାର ଏନେଇ ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାବେଳେ ଗାଡ଼ିଟି ପଶ୍ଚିମଓଡ଼ିଶାର ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୁଅ ତଥା ନିର୍ଦ୍ଦେଶକ ଥିବା ଏକ ସଂସ୍ଥା ନାଁରେ ରହିଥିବା ସୂଚନା ମିଳିଛି। ଏହି ଗାଡ଼ିଟିର ପ୍ରକୃତ ମାଲିକାନା କିଏ ପୋଲିସ ଲୋକଲୋଚନକୁ ଆଣିବାକୁ ନେଇ ଦାବି ହେଉଛି।

# ଓୟୁଏଟିରେ ଡିଜିଟାଲ ଶିକ୍ଷା ପଦ୍ଧତି କର୍ମଶାଳା

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଡିଜିଟାଲ ଶିକ୍ଷା ପଦ୍ଧତି ଶୀର୍ଷକ ଦୁଇଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସାମ୍ପ୍ରତିକ ସମୟରେ ଡିଜିଟାଲ ଶିକ୍ଷା ପଦ୍ଧତିରେ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ଭାରତୀୟ କୃଷି ପରିସଂଖ୍ୟାନ ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ସୁଦୀପ ମରବାହା ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କହିଲେ, ସାମ୍ପ୍ରତିକ ସମୟରେ ଜ୍ଞାନକୌଶଳର ବ୍ୟାପକ ବିକାଶ ଘଟିଥିବାରୁ ଡିଜିଟାଲ ଶିକ୍ଷା ପଦ୍ଧତିର ଗୁରୁତ୍ୱ ବୃଦ୍ଧିପାଇଛି। ଏଥିସହ ସେ କୃଷି ପରିସଂଖ୍ୟାନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ହୋଇଥିବା ଡିଜିଟାଲ ଟୁଲ୍‌ଗୁଡିକ ବିଷୟରେ ଉପସ୍ଥିତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଜିଟାଲ ଶିକ୍ଷା ବିଶେଷଜ୍ଞ ଡ. ରମେଶ ଚନ୍ଦ୍ର ଗୋୟତ, ମନୀଷ ବର୍ମା ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ଡିଜିଟାଲ ଶିକ୍ଷା ପଦ୍ଧତି ସମ୍ବନ୍ଧିତ ବିଭିନ୍ନ ଜ୍ଞାନକୌଶଳ ଉପରେ ବିଶଦ ତଥ୍ୟ ପ୍ରଦାନ କରିଥିଲେ। କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ପ୍ରଫେସର ରାମଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଶ୍ୱବିଦ୍ୟାଳୟ ସ୍ନାତକ ବିଭାଗ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାକୁ ଆଇସିଆର ନୋଡାଲ ଅଫିସର ଡ. ମୀନାକ୍ଷି ମହାନ୍ତି ପରିଚାଳନା କରିଥିଲେ।

# ଧନ୍ଦାମୂଳକ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର, ୨।୧୧(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ୱାର୍ଲଡ ସ୍କିଲ ସେଣ୍ଟର(ଡବ୍ଲ୍ୟୁଏସ୍‌ସି)ଠାରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ହାର୍ଡୱେର ଭୋକେଶନାଲ ବିଷୟରେ ଶିକ୍ଷକଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ୱାର୍ଲଡ ସ୍କିଲ ସେଣ୍ଟରର ଅସୀମା ପ୍ରିୟଦର୍ଶିନୀ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ଉପନିର୍ଦ୍ଦେଶକ ଶୁଭାଶିଷ ଦାସ ଡବ୍ଲ୍ୟୁଏସ୍‌ସି ବିଷୟରେ କହିଥିଲେ। ପୂର୍ବତନ ଉପନିର୍ଦ୍ଦେଶକ ଡ. ତିଳୋତ୍ତମା ସେନାପତି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଉପଶାସନ ସଚିବ ରଞ୍ଜିତା ମେରୀ ନାୟକ ପ୍ରଶିକ୍ଷାର୍ଥୀଙ୍କୁ ନ୍ୟାଶନାଲ ସ୍କିଲ କ୍ୱାଲିଫିକେଶନ୍ସ ଫ୍ରେମ୍‌ୱର୍କ(ଏନ୍‌ଏସ୍‌କ୍ୟୁଏଫ୍) ସିଲାବସ୍ ବିଷୟରେ ଆଲୋଚନା କରିଥିଲେ। ଡବ୍ଲ୍ୟୁଏସ୍‌ସିର ସ୍କୁଲ ଅଫ୍ ଇଞ୍ଜିନିୟରିଂ ନିର୍ଦ୍ଦେଶକ ଇଂ. ରୁନ ଚୋକ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର ୩ ଦିବସୀୟ ପ୍ରଶିକ୍ଷଣ ଶିବିରର କାର୍ଯ୍ୟନିର୍ଘଣ୍ଟ ସମ୍ବନ୍ଧରେ ବିବରଣୀ ଦେଇଥିଲେ। ପ୍ରଥମଥର ପାଇଁ ଏନ୍‌ଏସ୍‌କ୍ୟୁଏଫ୍ ସିଲାବସ ଲାଗୁ ହେଉଥିବାରୁ ପ୍ରଶିକ୍ଷଣରୁ ଶିଖିବା ସହ ଛାତ୍ରୀଛାତ୍ରଙ୍କ ନିକଟରେ ଉପାଦେୟତା ପ୍ରତିପାଦନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସହକାରୀ ନିର୍ଦ୍ଦେଶକ ସୁନନ୍ଦା ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋବାଇଲ ଫାଇନାନ୍ସ ନାଁରେ ଲକ୍ଷାଧିକ ଟଙ୍କା ଠକେଇ

ଭୁବନେଶ୍ୱର,୨।୧୧ (ସୂର୍ଯ୍ୟକାନ୍ତ ବେହେରା)

ଫାଇନାନ୍ସରେ ମୋବାଇଲ କରାଇଦେବାକୁ କହି ଲୋକଙ୍କୁ ଠକିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଫାଇନାନ୍ସ କର୍ମଚାରୀଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି । ସୂଚନା ମୁତାବକ ଏମାନେ ଫାଇନାନ୍ସରେ ମୋବାଇଲ୍ କରାଇଦେବା କହି ଲୋକଙ୍କୁ ଡାକୁଥିଲେ। ଯୋଜନା ମୁତାବକ ଲୋକମାନଙ୍କୁ ସେଠାରେ ଲୋନ୍ କରାଇବା ପରେ ମୋବାଇଲ ଧରାଇ ଫଟୋ ଉଠାଉଥିଲେ। କିନ୍ତୁ ଶେଷରେ

#### ଫାଇନାନ୍ସ କର୍ମଚାରୀଙ୍କ ସମେତ ୨ ଗିରଫ

ଲୋକମାନଙ୍କୁ ଲୋନ୍ ହୋଇପାରିଲା ନାହିଁ କହି ଫେରାଇ ଦେଉଥିଲେ। ଆଉ ପ୍ରକୃତରେ ଲୋନ୍‌ରେ ପ୍ରାପ୍ତ ହୋଇଥିବା ମୋବାଇଲଗୁଡିକୁ ଓଏଲ୍‌ଏକ୍ସରେ ବିକ୍ରିକରି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲେ। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ୟୁନିଟ-୩ର ରାଜା ନାୟକ ଓ ମଞ୍ଚେଶ୍ୱରରେ ରହୁଥିବା ପୁରୀର ଅବିନାଶ ମଲ୍ଲିକ। ଉଭୟଙ୍କଠାରୁ କିଛି ଆଧାର କାର୍ଡର ଜେରକ୍ସ କପି, ପ୍ୟାନ କାର୍ଡ, ବ୍ୟାଙ୍କ ପାସ୍‌ବୁକ ଓ ମୋବାଇଲ ବିଲ୍ ଜବତ କରାଯିବା ସହ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ମୋବାଇଲ ଲୋନ୍ କରାଇ ଦେବା ଆଳରେ ୧୦ ଜଣ ବ୍ୟକ୍ତିଙ୍କଠାରୁ ୫ ଲକ୍ଷ ଟଙ୍କା ଠକିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଠକାମିର ଶିକାର ହୋଇଥିବା ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

# 'ପ୍ରେମ, ଅବସାଦ ଲେଖକ ପାଇଁ ପ୍ରେରଣାର ମୂଳ ଉତ୍ସ'




ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

#### ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ମିଟ ଦି ଅଥର' କାର୍ଯ୍ୟକ୍ରମ

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଲିବେରାଲ ଆର୍ଟସ ଆନୁକୂଲ୍ୟରେ 'ମିଟ ଦ ଅଥର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଲୋଭେନିଆର ବିଶିଷ୍ଟ ଲେଖକ, କବି, ନାଟ୍ୟକାର ତଥା ଅନୁବାଦକ ମି. ଭାଲଡ୍ ଫ୍ଲସର, ଓଡିଶା ଆର୍ଟ ଆଣ୍ଡ ଲିଟେରେଚରର ଅଧ୍ୟକ୍ଷ ମନୁ ଦାଶ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଏଭାଲଡ ଫିସରଙ୍କ ପୁସ୍ତକର ଓଡ଼ିଆ ଅନୁବାଦ 'ମୋ ବାପାଙ୍କ ସ୍ୱପ୍ନ' ଏବଂ ମନୁ ଦାଶଙ୍କ ରଚିତ 'ଟ୍ରେସପାସିଙ୍ଗ ଦ ହେଭେନ'ର ସ୍ଲୋଭାକିଆ ଅନୁବାଦ 'ଭେଦର-ଭି-ରାଜ' ପୁସ୍ତକଦ୍ୱୟକୁ ବିଶ୍ୱବିଦ୍ୟାଳୟର କୁଳାଧ୍ୟକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଯେଉଁ ପ୍ରେରଣାର ଉତ୍ସ ଜଣେ ଲେଖକକୁ ପ୍ରଭାବିତ କରିଥାଏ ତାହା ଉପରେ ପ୍ରଫେସର ପଟ୍ଟନାୟକ ସମ୍ୟକ ଆଲୋଚନା କରିଥିଲେ। ପ୍ରେମ ଓ ଅବସାଦ ହେଉଛି ଲେଖକ ଲାଗି ପ୍ରେରଣାର ମୂଳ ଉତ୍ସ ବୋଲି ସେ କହିଥିଲେ। ଉପାଧ୍ୟକ୍ଷ ପ୍ରଫେସର କଲ୍ୟାଣ ଶଙ୍କର ରାୟ କାର୍ଯ୍ୟକ୍ରମରେ ସ୍ୱାଗତ ସମ୍ଭାଷଣ କରିଥିବାବେଳେ କୁଳପତି ପ୍ରଫେସର ରଞ୍ଜନ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଟିଟିଏସ୍‌ଠାରେ ପହଞ୍ଚିଲା ଟେରେକ୍ସ ମେଶିନ

ଭୁବନେଶ୍ୱର, ୨।୧୧ (ବନ୍ଦନା ସେଠୀ)

ଗତ କିଛିଦିନ ହେବ ବର୍ଜ୍ୟ ପରିଚାଳନା ତଥା ଅଳିଆ ପଡୁଥିବା ଟିଟିଏସ୍‌ର ସଙ୍ଗିନ ଅବସ୍ଥାକୁ ନେଇ ବିଏମ୍‌ସି ସମାଲୋଚନାର ଶିକାର ହେବାରେ ଲାଗିଛି। ଟିଟିଏସ୍‌ରେ ଅଳିଆଗଦାରେ ସ୍ଥାନୀୟ ବାସିନ୍ଦା ଅଣନିଃଶ୍ୱାସୀ ହୋଇପଡ଼ିଲେଣି। ଏନେଇ ବାରମ୍ବାର ଲୋକଙ୍କ ଅସନ୍ତୋଷ ବଢୁଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ବିଏମ୍‌ସି। ଏଠାରେ ଦୁଇଧାଡିର ଟ୍ରମେଲ୍ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଗୁରୁବାର ଏଠାରେ ଟେରେକ୍ସ ମେଶିନ୍ ପହଞ୍ଚିଛି। ଏହାର ପ୍ରାଥମିକ ପରୀକ୍ଷଣ କରାଯାଇଛି ଏବଂ ପରୀକ୍ଷା ସମୟରେ ଗନ୍ଧ ହେଉ ନ ଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ଟିଟିଏସ୍‌ରେ ଉନ୍ନତଧରଣର ମେଶିନ୍ ଲଗାଯିବ ବୋଲି

#### ସରିଲା ପ୍ରାଥମିକ ପରୀକ୍ଷଣ

ବୁଧବାର କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଥିବାବେଳେ ଗୁରୁବାର ଏହି ମେଶିନ୍ ପହଞ୍ଚିଛି। ସୂଚନାଯୋଗ୍ୟ, ଉକ୍ତ ଟେରେକ୍ସ ୱରିୟର୍ ମେଶିନ୍ ଦ୍ୱାରା ୧ ଘଣ୍ଟାରେ ପ୍ରାୟ ୫୦ ଟନ୍‌ର ବର୍ଜ୍ୟ ପ୍ରକ୍ରିୟାକରଣ ହୋଇପାରିବ। ଆହୁରି ମଧ୍ୟ ଏହାର ଗତିଶୀଳତା ସୁବିଧା ରହିଛି। ଏଭଳି କାର୍ଯ୍ୟ ଚାଲୁରହିବା ଦ୍ୱାରା ପ୍ରକ୍ରିୟାକରଣ ପାଇଁ କମ୍ ସମୟ ଲାଗିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।



ଟେରେକ୍ସ ମେଶିନକୁ ଏକ ଟ୍ରେଲରରେ ଅଣାଯାଉଛି।

# ପ୍ରଦର୍ଶିତ ହେବ ଲୋପ ପାଉଥିବା କଳାକୃତି

ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଇନ୍‌ଫୋସିସ୍ ଫାଉଣ୍ଡେଶନ୍ ଏବଂ ଭାରତୀୟ ବିଦ୍ୟା ଭବନ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ନଭେମ୍ବର ୫ରୁ ୧୧ ପର୍ଯ୍ୟନ୍ତ ଓଡ଼ିଶାର ସମୃଦ୍ଧ ଏବଂ ଦୀପ୍ତିମାନ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ ଲକ୍ଷ୍ୟରେ ଏକ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯିବ। ନଭେମ୍ବର ୫ରୁ ୧୦ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଳାଭୂମିଠାରେ ଆର୍ଟ-ଇନ୍- ଆକ୍ସନ (କାରିଗରମାନଙ୍କର କର୍ମଶାଳା) ଏବଂ ୧୧ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏକ କଳା ପ୍ରଦର୍ଶନୀର ଆୟୋଜନ କରାଯିବ। କଳାଭୂମିରେ ଆୟୋଜିତ ହେବାକୁ

#### ୫ରୁ ସପ୍ତାହବ୍ୟାପୀ ସାଂସ୍କୃତିକ ଉତ୍ସବ



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ଥିବା କାରିଗରମାନଙ୍କର କର୍ମଶାଳାରେ ପଟ୍ଟଚିତ୍ର, ପ୍ରସ୍ତର ଭାସ୍କର୍ଯ୍ୟ, ବ୍ରାସ୍ ଏବଂ ବେଲ୍ ମେଟାଲ କ୍ରାଫ୍ଟ, ଟେରାକୋଟା, ଡୋକ୍ରା, ରୁପା ତାରକସି କାମ, ଆପ୍ଲିକ୍ କାମ ଆଦି ସହିତ ଓଡ଼ିଶାର ଅନ୍ୟାନ୍ୟ ହସ୍ତଶିଳ୍ପର କାରୁକାର୍ଯ୍ୟ ମଧ୍ୟ ଜୀବନ୍ତ ପ୍ରଦର୍ଶିତ ହେବ। ନଭେମ୍ବର ୫ରେ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ସହିତ ୬ରୁ ୧୧ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଶାରୁ ସମ୍ପୂର୍ଣ୍ଣ ଲୋପ ପାଇଯାଉଥିବା କଳାକୃତି ଏଥିରେ ପ୍ରଦର୍ଶିତ ହେବ। କାରିଗରମାନଙ୍କ କର୍ମଶାଳାରେ ୩୦ରୁ ଅଧିକ ଦକ୍ଷ କାରିଗର ଅଂଶଗ୍ରହଣ କରିବା ସହିତ ୪୦୦ରୁ ଅଧିକ କୌଶଳ ପ୍ରଦର୍ଶନକାରୀ କାରିଗର, ୩୦ଟି କୌଶଳ ପ୍ରଦର୍ଶନକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବେ।

**ଗୋଚର ଜମିରୁ ମାଟି ଉଠାଣ: ଟ୍ରାକ୍ଟର ଜବତ**

ମାହାଙ୍ଗା,(ଯଯାତି ସିଂହ) : ମାହାଙ୍ଗା ତହସିଲ ଅନ୍ତର୍ଗତ କୋଳିଆଠା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ମଧୁପୁର ଗ୍ରାମ ବାଲିମନ୍ତପଡିଆ ଗୋଚର ଜମିରୁ ମାଟି ଉଠାଯାଇ ବାହାରକୁ ମାଟି ଚୋରା ଚାଲାଣ କରାଯାଉଥିଲା। ଏହା ଦେଖି ସ୍ଥାନୀୟ ମଧୁପୁର ଗ୍ରାମବାସୀ ଗୁରୁବାର ମାଟି ବୋଝେଇ ଟ୍ରାକ୍ଟରକୁ ଅଟକାଇ ରାଜସ୍ୱ ନିରୀକ୍ଷକଙ୍କୁ ଜିମା ଦେଇଥିଲେ। ପରେ ରାଜସ୍ୱ ନିରୀକ୍ଷକ କ୍ଷୀରୋଦ ସାହୁ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶଙ୍କର୍ଷଣ ପ୍ରଧାନ ଗାଡିକୁ ଜବତ କରିବା ସହ ୧୨ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି।

## ଆଜି କ'ଣ କେଉଁଠି

କଟକ

- ଦୁର୍ନୀତି ନିବାରଣ ବିଭାଗ କଟକ ଡିଭିଜନ ପକ୍ଷରୁ ପଥପ୍ରାନ୍ତ ନାଟକ କାର୍ଯ୍ୟକ୍ରମର ଶୁଭାରମ୍ଭ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଏସ୍‌ସିବି ମେଡିକାଲ ସତ୍‌ସଙ୍ଗୀବୃନ୍ଦଙ୍କ ପକ୍ଷରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାର୍ଷିକ ଉତ୍ସବ, ପୁରୁଣା ଅଡିଟୋରିୟମ, ମେଡିକାଲ ପରିସର, ସନ୍ଧ୍ୟା ୭ଟା।

# କୃଷକଙ୍କ ସାମଗ୍ରିକ ବିକାଶ ରାଜ୍ୟ ସରକାରଙ୍କ ଲକ୍ଷ୍ୟ

## ଆଠଗଡ଼ ଉପଖଣ୍ଡ ସ୍ତରୀୟ କୃଷି, ଯାନ୍ତ୍ରିକ ମେଳା

ଆଠଗଡ଼, ୨।୧୧(ସତ୍ୟ ପ୍ରସାଦ ରଥ)


ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କୃଷି ଓ ଯାନ୍ତ୍ରିକ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ଆଠଗଡ଼ କୃଷି ଓ କୃଷକର ବିକାଶ ପାଇଁ ଆଠଗଡ଼ କୃଷି ଜିଲା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡିଆଠାରେ ଉପଖଣ୍ଡ ସ୍ତରୀୟ କୃଷି ଓ ଯାନ୍ତ୍ରିକ ମେଳା ଆୟୋଜନ କରାଯାଇଥିଲା। ଏହି ମେଳାରେ ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସଭାପତିତ୍ୱରେ ଉକ୍ତ ମେଳାର ଉଦ୍ଦେଶ୍ୟ କୃଷକମାନେ ବୈଷୟିକ ଜ୍ଞାନକୌଶଳ ଜରିଆରେ ଅଧିକ ଉତ୍ପାଦନ କରିପାରିବେ ମତ ପ୍ରକାଶ କରିଥିଲେ। ଏହି ମେଳାରେ କୃଷି ଓ କୃଷକ ସଶକ୍ତି କରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୃଷକମାନଙ୍କର ସାମଗ୍ରିକ ବିକାଶ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ପ୍ରୟାସ। କୃଷି ସହିତ ଜଡିତ ମତ୍ସ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି ଓ କୃଷି ବିଭାଗ ଜିଲା ଓ ଉପଖଣ୍ଡ ସ୍ତରରେ ତୃଣମୂଳ ସ୍ତରରେ ଚାଷୀ ପାଖରେ ପହଞ୍ଚି ବିଭାଗ ପକ୍ଷରୁ ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ପହଞ୍ଚା ଯାଇପାରିଲେ ଏହି ମେଳାର ଆୟୋଜନ ସଫଳ ହୋଇପାରିବ ବୋଲି କହିଥିଲେ। ୧୦ବର୍ଷ ତଳେ ରାଜ୍ୟ କୃଷି ବଜେଟ ଯେତିକି ଥିଲା ଆଜି ତାହା ୩ ଗୁଣ ବୃଦ୍ଧି ହୋଇଛି। ଏହି ମେଳା ୩ ଦିନ ଧରି ଚାଲିବ। ଏହି ମେଳାରେ ଚାଷୀମାନେ ସିଧାସଳଖ କୃଷି ଯନ୍ତ୍ରପାତି ରିହାତି ଦରରେ ପାଇପାରିବେ। ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ହେମନ୍ତ କୁମାର ସ୍ୱାଇଁ, ଆଠଗଡ଼ ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ, ମୁଖ୍ୟ ଜିଲା କୃଷି ଅଧିକାରୀ ସୁଦାମ ଚରଣ ନାୟକ, କୃଷି ବିଭାଗ ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଜୟନ୍ତ କୁମାର ନାୟକ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁ ରଞ୍ଜନ ଦାସ, ଜିଲା ମତ୍ସ୍ୟ ଅଧିକାରିଣୀ ଇତିଶ୍ରୀ ରଥ, ନିର୍ବାହୀ ଯନ୍ତ୍ରୀ କୃଷି ଦେବବ୍ରତ ଦାସମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା, ଜିଲା କୃଷି ଅଧିକାରୀ ଆଠଗଡ଼ ପର୍ଶୁରାମ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋପାଳନ, କୁକୁଡା ପାଳନ, ଛେଳି, ମେଣ୍ଢା ଚାଷ ଚାଷୀ ଭାଇମାନେ ବ୍ୟବସାୟିକ ଭିତ୍ତିରେ କରି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆବେଦନ କଲେ ସରକାରୀ ରିହାତି ପାଇପାରିବେ ବୋଲି କହିଥିଲେ। ଫୁଲଚାଷ, ଫଳଚାଷ, ପନିପରିବା ଚାଷ କରି ଆମେ ଉତ୍ପାଦନ ବଢେଇବା ସହ ଏହାକୁ ଶୀତଳଭଣ୍ଡାରରେ ରଖିବାକୁ ରିହାତିର ବ୍ୟବସ୍ଥା ଅଛି। ଟିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ଦେବୀ ପ୍ରସାଦ ପୁଷ୍ଟି, ସହକାରୀ କୃଷି ଅଧିକାରୀ ରାକେଶ କୁମାର ରାଉତ, ବିଷ୍ଣୁ ପ୍ରସାଦ ସିଂ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଆଠଗଡ଼ ଧନଞ୍ଜୟ ରାଉତ, ଆଠଗଡ଼ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡ. ଶୁଭଶ୍ରୀ ନାୟକ ଉପସ୍ଥିତ ଥିଲେ। ଶେଷରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୃଷି ଅଧିକାରୀ କୁଳମଣି ବାରିକ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ୪୦ଟି ଷ୍ଟଲରେ ବିଭିନ୍ନ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ଉପଲବ୍ଧ ହେଉଛି।

## ଫାଇଲେରିଆ ରୋଗର ଚିହ୍ନଟ, ସଚେତନତା

ବଡ଼ମ୍ବା,୨।୧୧(ମାୟାଧର ମଲ୍ଲିକ)

ଫାଇଲେରିଆ ରୋଗର ଚିହ୍ନଟ ଓ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗାଁରେ ଗୁରୁବାର ଏହା ଅନୁଷ୍ଠିତ ହୋଇଛି। ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷ କରି ୨୦ବର୍ଷରୁ ଉର୍ଦ୍ଧ୍ୱ ମହିଳାପୁରୁଷଙ୍କର ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯିବ ବୋଲି ଉପସ୍ଥିତ ଲୋକଙ୍କୁ ସଚେତନ କରାଯିବ। ବ୍ଲକର ଇଚ୍ଛାପୁର, ଗୋପପୁର ଓ କଙ୍କଡ଼ାଯୋଡ଼ି ଗାଁରେ ଏହା ୩ ଦିନ ଧରି ଚାଲିବ। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ର ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସୁପରଭାଇଜର ନିରଞ୍ଜନ ନାଏକ, ସ୍ୱାସ୍ଥ୍ୟ କର୍ମୀ ମାନସୀ ସାହୁ, ସ୍ୱାସ୍ଥ୍ୟ କର୍ମୀ ଲଲାଟେନ୍ଦୁ ବରାଳ ପ୍ରମୁଖ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଶା, ଅଙ୍ଗନୱାଡି କର୍ମୀଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

## ବଧୂ ହତ୍ୟା ଘଟଣା: ପ୍ରଧାନ ଶିକ୍ଷକ ଫେରାର

### ମାହାଙ୍ଗା ବିଇଓ ଜାଣିନାହାନ୍ତି

ମାହାଙ୍ଗା, ୨।୧୧(ଯଯାତି ସିଂହ)

କଟକ ଜିଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତ ସବଳକଣା ଗାଁରେ ବଧୂହତ୍ୟା ଅଭିଯୋଗରେ ବେଗୁନିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀର୍ଘଦିନ ହେବ ଫେରାର ଅଛନ୍ତି। ଏପରିକି ବିଦ୍ୟାଳୟର କାର୍ଯ୍ୟ ଦିବସରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଯୋଗଦେଉନାହାନ୍ତି। ଅପରପକ୍ଷେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଯୋଗ ନ ଦେବା ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଜାଣିନାହାନ୍ତି। ଏ ନେଇ ଥାନାରେ ନଂ. ୧୧୮/୨୩ରେ ମାମଲା ରୁଜୁ ହୋଇଥିଲା।

ମାହାଙ୍ଗା ବିଇଓଙ୍କ ଅଧୀନରେ ଥିବା ବେଗୁନିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ତ୍ରିଲୋଚନ ଅଛନ୍ତି। ଅକ୍ଟୋବର ୧୬ରେ ତ୍ରିଲୋଚନଙ୍କ ନବବିବାହିତା ବୋହୂ ସୋନାଲିଙ୍କୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦିଆଯାଇଥିଲା। ଘଟଣାକୁ ନେଇ ସୋନାଲିଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରା ଶାଶୁଘର ବିରୋଧରେ ହତ୍ୟା ଅଭିଯୋଗ ଆଣିଥିଲେ। ପରେ ପୋଲିସର ତଦନ୍ତରୁ ହତ୍ୟାର ପ୍ରମାଣ ମିଳିବାରୁ ସ୍ୱାମୀ ଦେବୀପ୍ରସାଦ ଦାସଙ୍କୁ ପୋଲିସ ଗିରଫ କରିଥିଲା। ପୋଲିସର ଗିରଫଦାରି ଭୟରେ ଶ୍ୱଶୁର ତ୍ରିଲୋଚନ ଅକ୍ଟୋବର ୧୬ରୁ କୁଆଡେ ଫେରାରଥିବା ଅଭିଯୋଗ ହେଉଛି। ପ୍ରଧାନ ଶିକ୍ଷକ ଅନୁପସ୍ଥିତ ଥିବାରୁ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଦେଖାଦେଉଛି। ତେବେ ବିଦ୍ୟାଳୟର ଜଣେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଦୀର୍ଘଦିନ ହେବ ଅନୁପସ୍ଥିତ ଥିଲେ ମଧ୍ୟ ଘଟଣା ସମ୍ପର୍କରେ ବିଇଓ ଚକ୍ରଧର ବେହେରା ଜାଣି ନ ଥିବା କହିଛନ୍ତି। ତେବେ ତ୍ରିଲୋଚନ ଛୁଟିରେ ଥିବା ସିଆରସିସି ସରଫୁଦ୍ଦିନ ଖାନ କହିଛନ୍ତି।

# ପିଲାଙ୍କୁ ଗଢ଼ି ତୋଳିବା ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନିଶ୍ଚିନ୍ତକୋଇଲି,୨।୧୧(ଅଶୋକ ମହାପାତ୍ର)

## ସେଣ୍ଟ ଜାଭିୟର ହାଇସ୍କୁଲର ନୂତନ ଗୃହ ଉଦ୍‌ଘାଟିତ, ସମ୍ବର୍ଦ୍ଧନା ସମାରୋହ

ନିଶ୍ଚିନ୍ତକୋଇଲି ସେଣ୍ଟ ଜାଭିୟର ହାଇସ୍କୁଲର ଏକ ନୂତନ ଗୃହ ଉଦ୍‌ଘାଟନ ସହ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଡଗପୁର ଆଇଆଇଟିର ପ୍ରଫେସର ଡ.ଅରବିନ୍ଦ ରାଉତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ସଭ୍ୟା ସସ୍ମିତା ରାଉତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଡ. ରାଉତରାୟ, ମୁଖ୍ୟବକ୍ତା ରୂପେ ଚିନ୍ମୟ ମିଶନ କଟକର ସ୍ୱାମୀ ଓମ୍‌କାର ନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଏସ୍‌ଭିଏମ୍ କଲେଜ ଜଗତ୍‌ସିଂହପୁର ପ୍ରାଧ୍ୟାପକ ଡ. ଜ୍ୟୋତି ରଞ୍ଜନ ସାମଲ, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ କୁମାର ଓଝା, କଟରପଡା ସରପଞ୍ଚ ରାକେଶ କୁମାର ସାମଲ, ଆସ୍ଥା ଚାରିଟେବୁଲ ଟ୍ରଷ୍ଟର ଅଧକ୍ଷା ପ୍ରମିଳା ନାୟକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଖବରଦାତା ବଲ୍ଲଭ ଚରଣ ପଲେଇ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସେମାନେ କହିଥିଲେ, ବିଦ୍ୟାଳୟ ରୂପକ ମଣିଷ ତିଆରି କାରଖାନାରେ ଭଲ ମଣିଷ ଗଢ଼ା ହେଲେ ଏହା ଦେଶ ଓ ଜାତିର କଲ୍ୟାଣରେ ବିନିଯୋଗ ହୋଇପାରିବ। ଛାତ୍ରୀଛାତ୍ରମାନଙ୍କୁ ଗଢି ତୋଳିବା ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ବୋଲି ବକ୍ତାମାନେ କହିଥିଲେ। ବିଦ୍ୟାଳୟ ଅଧକ୍ଷ ତପନ କୁମାର ରାଉତ ସ୍ୱାଗତ ଭାଷଣ, ସମ୍ପାଦକ ସ୍ମିତିରଞ୍ଜନ ରାଉତରାୟ ବାର୍ଷିକ ବିବରଣୀ ପାଠ, ଉପାଧ୍ୟକ୍ଷ ବିରଜା ପ୍ରସାଦ ମିଶ୍ର, ଅତିଥି ପରିଚୟ ପ୍ରଦାନ ଓ ଶେଷରେ ଶିକ୍ଷୟିତ୍ରୀ ଯୋଗମାୟା ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବତନ ଅଧକ୍ଷ ନିତ୍ୟାନନ୍ଦ ମହାପାତ୍ର, ଶିକ୍ଷାବିତ ନିରଞ୍ଜନ ସ୍ୱାଇଁ, ସାମାଜିକ କର୍ମୀ ଶରତ ଚନ୍ଦ୍ର ରାଉତରାୟ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡା ଓ ଅନ୍ୟ ପ୍ରତିଯୋଗିତା କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବଡ଼ମ୍ବା ବ୍ଲକ ଅଧକ୍ଷଙ୍କ ମା'ଙ୍କ ପରଲୋକ

ବଡ଼ମ୍ବା,୨।୧୧(ମାୟାଧର ମଲ୍ଲିକ)

ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତିଙ୍କ ମା' ରାଧାରାଣୀ (୮୨)ଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଗୁରୁବାର ମୃତ୍ୟୁ ହୋଇଛି। ପରଲୋକ ବେଳେ ପରିବାରବର୍ଗ ତଥା ଜ୍ୟେଷ୍ଠ ପୁତ୍ର ଅଧକ୍ଷ ରଘୁପତି, କନିଷ୍ଠ ପୁତ୍ର ଆତ୍ମଜ ଲୋଚନ, ଝିଅଁ ବିଧାୟକ ସୁଧୀର ସାମଲ, ନାତୁଣୀ ନାତି, ପୌତ୍ର,ଗଙ୍ଗା ସାମଲଙ୍କ ସମେତ ଅନ୍ୟ ପରିବାରବର୍ଗ ଉପସ୍ଥିତ ଥିଲେ। ଖବରପାଇ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ମେଡିକାଲରେ ପହଞ୍ଚି ଶେଷ ଦର୍ଶନ କରି ମୃତଦେହରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ନିଜ ଗ୍ରାମ ଖାରୋଡ଼ରେ ମୃତଦେହ ପହଞ୍ଚିବା ପରେ ବହୁ ନେତା, କର୍ମୀ, ବିଶିଷ୍ଟ ବ୍ୟକ୍ତିଙ୍କ ସମେତ



ବହୁ ସଂଖ୍ୟାରେ ଜନସାଧାରଣ ତାଙ୍କ ଶେଷ ଦର୍ଶନ କରିଥିଲେ। ରାଧାରାଣୀ ଜଣେ ଧର୍ମପରାୟଣ, ପରୋପକାରୀ, ସ୍ନେହୀ ମହିଳା ଥିଲେ। ତାଙ୍କର ଶେଷକୃତ୍ୟ ନିଜ ଗ୍ରାମ ଖାରୋଡରେ ସମାହିତ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ରଘୁପତି ମୁଖାଗ୍ନି ଦେଇଥିଲେ।

## ଡମପଡ଼ା ବ୍ଲକ ପକ୍ଷରୁ କୃଷକ ମେଳା



କୃଷକ ମେଳାରେ ଉପସ୍ଥିତ ଅତିଥିମାନେ।

ବାଙ୍କୀ,୨।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଘାସିପୁଟଠାରେ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଜନା ଅନ୍ତର୍ଗତ କୃଷକ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ କୃଷକମାନେ କିପରି ଭଲ ଫସଲ ଆମଦାନୀ କରିପାରିବେ ତାହା ଉପରେ ବିଶେଷ ଆଲୋଚନା କରିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ ସମ୍ମାନନୀୟ ଅତିଥି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, ୩୮ନଂ. ଜିଲା ପରିଷଦ ସଦସ୍ୟା ଆଶିଷ କୁମାର ସାହୁ, କୃଷି ଜିଲା ଅଧିକାରୀ ବିଶ୍ୱନାଥ ଦାସ, ରଗଡି ସମିତିସଭ୍ୟ ଭାଗୀରଥି ପାଣି, କୁସୁପଙ୍ଗି ପଞ୍ଚାୟତ ସରପଞ୍ଚ ନରେଶ କୁମାର ବେଉରା, ଉପାଧ୍ୟକ୍ଷ ଗୀତାଞ୍ଜଳି ବେଉରା, ପାଥପୁର ସରପଞ୍ଚ ସୁରେନ୍ଦ୍ର ପରିଡା, ମୃତ୍ତିକାବିତ୍ ବୈଜ୍ଞାନିକ ଦିଲୀପ କୁମାର ଷଡଙ୍ଗୀ, ଉପପ୍ରକଳ୍ପ ନିର୍ଦ୍ଦେଶକ କୁଳମଣି ବାରିକ ପ୍ରଭୃତି ଯୋଗଦେଇ ବୈଜ୍ଞାନିକ ପଦ୍ଧତିରେ ଚାଷ କଲେ ଚାଷୀମାନେ କିପରି ଲାଭବାନ ହୋଇପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଆତ୍ମାର ଅଧକ୍ଷ ସଞ୍ଜୟ କୁମାର ମହାରଣା ସଭାପତିତ୍ୱ କରିଥିବା ବେଳେ ସହକାରୀ କୃଷି ଅଧିକାରୀ ବି.ପି. ରୋଜାଲିନ୍ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ୨୨ ମାସ ହେଲା ପାରିଶ୍ରମିକ ପାଇନାହାନ୍ତି

ବାଙ୍କୀ,୨।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

## ବାଙ୍କୀ, ଡମପଡ଼ା ବ୍ଲକର ଖାଉଟି ଡିଲର

ବାଙ୍କୀ ଓ ଡମପଡ଼ା ବ୍ଲକରେ ଖାଉଟି ଡିଲରମାନେ ଆଜକୁ ୨ ବର୍ଷ ହେବ ସେମାନଙ୍କର ପାରିଶ୍ରମିକ ଅର୍ଥ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୨ ବ୍ଲକର ଡିଲରମାନେ ଖାଉଟିମାନଙ୍କୁ ଠିକ୍ ସମୟରେ ମାଗଣା ଚାଉଳ ବଣ୍ଟନ କରିବା ସହ କୋଟା ଚାଉଳ ମଧ୍ୟ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ସୁଚାରୁ ରୂପେ ବଣ୍ଟନ କରି ଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଆଜକୁ ୨୨ମାସ ହେବ ସେମାନେ ଚାଉଳ ବଣ୍ଟନ କରି ସାରିଥିବା ବେଳେ ସେମାନଙ୍କର ପାରିଶ୍ରମିକ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୬ ମାସରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଚାଉଳ ବଣ୍ଟନ କରିଥିଲେ ମଧ୍ୟ ସେମାନଙ୍କ ପାରିଶ୍ରମକ ଟଙ୍କା ପାଇପାରୁନାହାନ୍ତି। ସେମାନେ ସହକାରୀ ଯୋଗାଣ ଅଧିକାରୀ ବାଙ୍କୀ ଏବଂ କଟକ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ସେମାନଙ୍କ ପାରିଶ୍ରମିକ ଟଙ୍କା ପାଇବାକୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ପାଇ ପାରୁନାହାନ୍ତି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଡିଲରମାନଙ୍କ ପକ୍ଷରୁ ଦାବି କରାଯାଇଛି। କଟକ ଜିଲାର ଅନ୍ୟ ବ୍ଲକଗୁଡିକରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିବା ବେଳେ ବାଙ୍କୀର ୨ଟି ବ୍ଲକରେ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ମିଳିନାହିଁ ବୋଲି ଡିଲରମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ସହକାରୀ ଯୋଗାଣ ଅଧିକାରୀ ପ୍ରଭାତ କୁମାର ସାହୁଙ୍କୁ ପଚାରିବାରେ ସେମାନଙ୍କ ପୁରୁଣା ପାରିଶ୍ରମିକ ଜିଲା ଅଫିସରୁ ଅର୍ଥ ମଞ୍ଜୁର ହୋଇଆସିଲେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପବିଜେତା

## ଆନ୍ତଃ କଲେଜ ପୁରୁଷ ଭଲିବଲ୍ ପ୍ରତିଯୋଗିତା

ବାଙ୍କୀ,୨।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଖେଳାଳିମାନଙ୍କୁ କଲେଜରେ ସମ୍ବର୍ଦ୍ଧିତ କରାଯାଉଛି।

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃ କଲେଜ ପୁରୁଷ ଭଲିବଲ୍ ଜୋନାଲ୍ ପ୍ରତିଯୋଗିତା ବାଣପୁରସ୍ଥ ଗୋଦାବରୀଶ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଷ ଭଲିବଲ୍ ଦଳ ଉପବିଜେତା ହୋଇ ରନର୍ସ କପ୍ ପାଇଛି। ଏହି ପ୍ରତିଯୋଗିତାରେ ସାତପଡା କଲେଜ ଚାମ୍ପିୟନ ହୋଇଥିଲା। ଗୁରୁବାର କଲେଜ ପରିସରରେ ଭଲିବଲ ଦଳକୁ ଅଧକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, କ୍ରୀଡା ସଂଘ ଉପସଭାପତି ଅଧ୍ୟାପକ ଯୁଗଳ କିଶୋର ମଣ୍ଡଳ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ ଓ ଡ. ଶୈଳେନ୍ଦ୍ର ନାରାୟଣ ଦେଓ, ପ୍ରାଧ୍ୟାପକ ତ୍ରୈଲୋକ୍ୟନାଥ ଦାସ, ଡ. ଶଶିଭୂଷଣ ମହାପାତ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଜିତେନ୍ଦ୍ର ଦେଓ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି। ବାଙ୍କୀ କଲେଜ କ୍ରୀଡା ଅଧ୍ୟାପକ ରବିନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଅଦ୍ୱୈତ୍ୟ ପ୍ରଧାନ, ଦେବୀ ପ୍ରସାଦ ରଥ, ବରଣ ଖଟୁଆ, ଶିବ ପ୍ରସାଦ ଷଡଙ୍ଗୀ, ବିଶ୍ୱଜିତ ମହାପାତ୍ର, ସୂର୍ଯ୍ୟଶାନ୍ତ ପଟ୍ଟନାୟକ, ସଂଗ୍ରାମ ନାୟକ, ଶିବପ୍ରସାଦ ନାୟକ, ବ୍ରହ୍ମାନନ୍ଦ ରାଉତ ଓ ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଭଲିବଲ୍ ଖେଳାଳିମାନେ ଯୋଗଦେଇଥିଲେ।

# କୌଳିକ ବୃତ୍ତି ବଞ୍ଚାଇବାକୁ କୁମ୍ଭକାରଙ୍କ ସଂଘର୍ଷ

## ଦୀପାବଳି ପାଇଁ ଆସୁନି ଅର୍ଡର

■ ସରକାରୀ ସହାୟତା ଦାବି

କଟକ,୨।୧୧(ଶିଲ୍ପା ପ୍ରିୟଦର୍ଶିନୀ)




ଆଲୋକର ପର୍ବ ଦୀପାବଳି। ଏଥିପାଇଁ ମାସକ ପୂର୍ବରୁ କଟକ ବିଡାନାସୀ କୁମ୍ଭାର ସାହିର କାରିଗରମାନେ ଦୀପ, ଝୁଣାଦାନୀ, କଳସ, ସରା ଆଦି ତିଆରି କରିଥାନ୍ତି। ଏପରି କି ପରିବାର ଲୋକଙ୍କୁ କାମ ପାଇଁ ଫୁରସତ୍ ମିଳି ନ ଥାଏ। ସେହିପରି ଦୀପ କିଣିବା ପାଇଁ ଏହି ଅଞ୍ଚଳର ଦୋକାନଗୁଡିକରେ ଗ୍ରାହକଙ୍କ ଧାଡି ଲାଗିଥାଏ। ଏପରି କି ଦୀପ କିଣିବା ନିମନ୍ତେ ବିଭିନ୍ନ ଅଞ୍ଚଳରୁ ସେମାନଙ୍କ ପାଖକୁ ଅର୍ଡର ଆସିଥାଏ। ଦୀପ ଦର ୧ ଟଙ୍କାରୁ ୫୦ ଟଙ୍କା, କଳସ ଦର ୬ ଟଙ୍କାରୁ ୧୦ ଟଙ୍କା, ସରା ଦର ୧ ଟଙ୍କାରୁ ୩ ଟଙ୍କା ରହିଥାଏ। କେବଳ ଦୀପାବଳି ସମୟରେ କାରିଗରମାନେ ସବୁ ଖର୍ଚ୍ଚ ବାଦ ୫୦ରୁ ୬୦ ହଜାର ଟଙ୍କା ରୋଜଗାର କରିଥାନ୍ତି। ହେଲେ ଚଳିତବର୍ଷ ଦୀପ ତିଆରି ପାଇଁ ଗୋଟିଏ ବି ଅର୍ଡର ଆସି ନ ଥିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯେଉଁଠି କାରିଗର ୧ଲକ୍ଷ ଦୀପ ତିଆରି କରୁଥିଲେ ଏବେ ୧୦୦ ଦୀପ ତିଆରି କରି ବିକିବା ସେମାନଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ବିଡ଼ାନାସୀ ଅଞ୍ଚଳରେ ବାସ କରୁଥିବା ୪୦୦ରୁ ଊର୍ଦ୍ଧ୍ୱ କୁମ୍ଭକାର ପରିବାର ଏବେ ନିଜର କୌଳିକ ବୃତ୍ତି ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳର ପ୍ରତ୍ୟେକ ପରିବାର ସଦସ୍ୟ ମାଟି କାମ କରୁଥିବାବେଳେ ଏବେ ମାତ୍ର ୧୦ଟି ପରିବାର କାଁ ଭାଁ କାମ କରୁଛନ୍ତି। ଦୀପ ତିଆରି ପାଇଁ ଆବଶ୍ୟକ ମାଟି, ଝାଟି ଦର ଦିନକୁ ଦିନ ବଢୁଛି। ଅପରପକ୍ଷରେ କୋଲକାତାରୁ ଫ୍ୟାନ୍ସି ଦୀପ ଆସୁଥିବାରୁ ଏହି କାରିଗରଙ୍କ ହାତ ତିଆରି ଦୀପର ଚାହିଦା କମିଛି। ପୂର୍ବରୁ କାରିଗରମାନେ ଦୀପାବଳି ସମୟରେ ଯାହା ରୋଜଗାର କରିଥାନ୍ତି ସେଥିରେ ବର୍ଷତମାମ୍ ତାଙ୍କ ପରିବାରର ଗୁଜୁରାଣ ମେଣ୍ଟିଥାଏ। ହେଲେ ଏବେ ସେମାନଙ୍କ ପରିବାରର ଗୁଜୁରାଣ କିଭଳି ମେଣ୍ଟିବ ତାହାକୁ ନେଇ ସେମାନେ ଚିନ୍ତିତ ଅଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେଇ ଆର୍ଥିକ ସହାୟତା ପ୍ରଦାନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

### ଏମାନେ କ'ଣ କୁହନ୍ତି...



"ବ୍ୟବସାୟକୁ ନେଇ ଚିନ୍ତା ବଢ଼ିଛି। ଏହି ସମୟରେ ଗ୍ରାହକ ଦୀପ କିଣିବା ପାଇଁ ଲମ୍ବା ଲାଇନ ଲଗାଇଥାନ୍ତି। ହେଲେ ଚଳିତବର୍ଷ ଗୋଟିଏ ବି ଅର୍ଡ଼ର ଆସିନାହିଁ। ବାହାର ସାମଗ୍ରୀ ଅପେକ୍ଷା ନିଜ ଅଞ୍ଚଳର କୁମ୍ଭକାର କାରିଗରଙ୍କ ଜିନିଷକୁ ସରକାର ଗୁରୁତ୍ୱ ଦେବା ଦରକାର।

-ନଗେନ୍ ବେହେରା, କାରିଗର



"ପ୍ରାୟ ୧୮ ବର୍ଷ ହେବ ସ୍ୱାମୀଙ୍କ ସହ ମିଶି ଏହି କାମ କରିଆସୁଛି। କିଛି ବର୍ଷ ହେବ ଦୀପ ତିଆରି ପାଇଁ ଅର୍ଡର ଆସୁଥିଲା। ହେଲେ ଚଳିତବର୍ଷ ଗୋଟିଏ ବି ଅର୍ଡ଼ର ଆସି ନାହିଁ। ମାଟି କାମ ପାଇଁ ଥିବା ଚକ ଏକ ପ୍ରକାର ଅଚଳ ହୋଇଯାଇଛି। ସରକାର ଦୃଷ୍ଟି ଦେଲେ ଆମ କୌଳିକ ବୃତ୍ତି ବଞ୍ଚିବ।

-ଟିନା ବେହେରା, କାରିଗର



"ଦୀପ ତିଆରି ପାଇଁ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପାଇଛି। ଅନ୍ୟପଟେ ବାହାର ଅଞ୍ଚଳର ସାମଗ୍ରୀକୁ ସରକାର ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରିବା ଉଚିତ୍। ଏଥିସହ କାରିଗର ସମସ୍ୟା ବୁଝିବା ସହ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ନିହାତି ଜରୁରୀ।

-ନରେନ୍ଦ୍ର ବେହେରା, କାରିଗର



"ଦୀପାବଳି ସମୟରେ ଦୀପ ତିଆରି ପାଇଁ ଫୁର୍‌ସତ୍ ମିଳି ନ ଥାଏ। ପରିବାରର ସମସ୍ତ ସଦସ୍ୟ କାର୍ଯ୍ୟରେ ଲାଗିପଡିଥାଉ। ଏଥିରୁ ଯାହା ରୋଜଗାର ହୁଏ ସେଥିରେ ବର୍ଷତମାମ ଘର ଚଳେ। ହେଲେ ଚଳିତବର୍ଷ ଗୋଟିଏ ବି ଅର୍ଡ଼ର ଆସି ନାହିଁ। ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

-ଶାନ୍ତି ବେହେରା, କାରିଗର

## ସଂକ୍ଷେପରେ

### ମୋବାଇଲ ଫାଇନାନ୍ସ ନାଁରେ ଟଙ୍କା ଠକେଇ, ୨ ଗିରଫ

ଭୁବନେଶ୍ୱର,୨।୧୧ (ସୂର୍ଯ୍ୟକାନ୍ତ ବେହେରା)

ଫାଇନାନ୍ସରେ ମୋବାଇଲ କରାଇଦେବାକୁ କହି ଲୋକଙ୍କୁ ଠକିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଫାଇନାନ୍ସ କର୍ମଚାରୀଙ୍କ ସମେତ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି । ସୂଚନା ମୁତାବକ ଏମାନେ ଫାଇନାନ୍ସରେ ମୋବାଇଲ୍ କରାଇଦେବା କହି ଲୋକଙ୍କୁ ଡାକୁଥିଲେ। ଯୋଜନା ମୁତାବକ ଲୋକମାନଙ୍କୁ ସେଠାରେ ଲୋନ୍ କରାଇବା ପରେ ମୋବାଇଲ ଧରାଇ ଫଟୋ ଉଠାଉଥିଲେ। କିନ୍ତୁ ଶେଷରେ ଲୋକମାନଙ୍କୁ ଲୋନ୍ ହୋଇପାରିଲା ନାହିଁ କହି ଫେରାଇ ଦେଉଥିଲେ। ଆଉ ପ୍ରକୃତରେ ଲୋନ୍‌ରେ ପ୍ରାପ୍ତ ହୋଇଥିବା ମୋବାଇଲଗୁଡ଼ିକୁ ଓଏଲ୍‌ଏକ୍ସରେ ବିକ୍ରିକରି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲେ। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ୟୁନିଟ-୩ର ରାଜା ନାୟକ ଓ ମଞ୍ଚେଶ୍ୱରରେ ରହୁଥିବା ପୁରୀର ଅବିନାଶ ମଲ୍ଲିକ। ଉଭୟଙ୍କଠାରୁ କିଛି ଆଧାର କାର୍ଡର ଜେରକ୍ସ କପି, ପ୍ୟାନ କାର୍ଡ, ବ୍ୟାଙ୍କ ପାସ୍‌ବୁକ ଓ ମୋବାଇଲ ବିଲ୍ ଜବତ କରାଯିବା ସହ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତଦ୍ୱୟ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ମୋବାଇଲ ଲୋନ୍ କରାଇ ଦେବା ଆଳରେ ୧୦ ଜଣ ବ୍ୟକ୍ତିଙ୍କଠାରୁ ୫ ଲକ୍ଷ ଟଙ୍କା ଠକିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ଠକାମିର ଶିକାର ହୋଇଥିବା ପୀଡିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

### ମଠ ନାମରେ ବିଜେସ୍ଥଳୀ ରେକର୍ଡ କରାଯିବାକୁ ଦାବି

ପୁରୀ, ୨।୧୧(ଅଜିତ ମହାନ୍ତି )

ପୁରୀରେ ଥିବା ମଠରେ ବିଜେସ୍ଥଳୀ ମଠ ନାମରେ ରେକର୍ଡ କରିବାକୁ ଶ୍ରୀକ୍ଷେତ୍ର ମଠାଧୀଶ ସେବାସଂଘ ଶ୍ରୀମନ୍ଦିର ପ୍ରଶାସନକୁ ନିବେଦନ କରିଛି। ଏନେଇ ସେବାସଂଘ ପକ୍ଷରୁ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ରାଧାବଲ୍ଲଭ ମଠାଧୀଶ ମହନ୍ତ ରାମକୃଷ୍ଣ ଦାସଙ୍କ ନେତୃତ୍ୱରେ ଉତ୍ତରପାର୍ଶ୍ୱ ମଠାଧୀଶ ମହନ୍ତ ନାରାୟଣ ରାମାନୁଜ ଦାସ, ବଳରାମ କୋଟ ମଠାଧୀଶ ରଘୁବୀର ଦାସ, ନେବଳଦାସ ମଠ ମଠାଧୀଶ ମହନ୍ତ ରାମଚରଣ ଦାସ ଓ କଟକୀ ମଠ ମହନ୍ତ ଡ. ବିଜୟ ରାମାନୁଜ ଦାସ ପ୍ରମୁଖ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କୁ ଭେଟି ଏଦିଗରେ ସରକାରଙ୍କୁ ସକାରାତ୍ମକ ସୁପାରିସ କରିବାକୁ ଅନୁରୋଧ ରଖିଛନ୍ତି। ସେମାନେ କହିଛନ୍ତି, ପରିଚାଳନା କମିଟି ପ୍ରସ୍ତୁତ କରୁଥିବା କାଗଜାତରେ ମଠର ନାମ ସଂଯୁକ୍ତ କରାଯାଉ। ଏହି ପ୍ରତିନିଧି ଦଳ ସହ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ଓଡ଼ିଶାର ରାଜ୍ୟ ସଭାପତି ବଦ୍ରି ମିଶ୍ର ଯୋଗଦେଇ ମଠ ଓ ସେବାୟତଙ୍କ ଜମି ରେକର୍ଡର ଏକର ସୀମା ବୃଦ୍ଧି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଖୁବ ଶୀଘ୍ର ଶ୍ରୀମନ୍ଦିର ଲ୍ୟାଣ୍ଡ କମିଟି ଓ ପରିଚାଳନା କମିଟି ଏଦିଗରେ ବିଚାର କରିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଥିବା ମିଶ୍ର କହିଛନ୍ତି।

# ୨ ଦିନରେ ୨ ଟ୍ରଲର ଜବତ, ୨୧ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ନିଷିଦ୍ଧାଞ୍ଚଳରୁ ମାଛ ଧରିବା ଅଭିଯୋଗରେ ନଭେମ୍ବର ୧ ଓ ୨ ତାରିଖରେ ଅସ୍ତରଙ୍ଗ ବନବିଭାଗ ଦୁଇଟି ଟ୍ରଲର ଜବତ କରିଥିବା ଜଣାଯାଇଛି। ୧ ତାରିଖରେ ଜବତ ହୋଇଥିବା ଟ୍ରଲର (ଆଇଏନଡି ଓଆର ୦୪ ଏମ୍‌ଏମ୍ -୪) ପାରାଦୀପ ଅଞ୍ଚଳର ଓ ଏଥିରୁ ମୋଟ ୨ କୁଇଣ୍ଟାଲ



୭୩ କିଗ୍ରା ମାଛ ଜବତ କରାଯିବା ସହ ୩୨୪୯ ଟଙ୍କାରେ ନିଲାମ କରାଯାଇଛି। ଏଥିରେ ଥିବା ୬ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ନଭେମ୍ବର ୨ ତାରିଖରେ ଦେବୀ ନଦୀ ମୁହାଣର ଉତ୍ତର ନଡ଼ିଆଖିଆ

### ନିଷିଦ୍ଧାଞ୍ଚଳରୁ ମାଛ ଧରିବା ଅଭିଯୋଗ

ନିକଟରେ ବାଲେଶ୍ୱରର ସାଥି ମଙ୍ଗଳା ନାମକ ଟ୍ରଲର (ଆଇଏନଡି-ଓଆର-୦୧-ଏମ୍‌ଏମ୍ -୧୦୫୭)କୁ ଜବତ କରାଯାଇଛି। ଏଥିରେ ଥିବା ୧୫ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ବନବିଭାଗ ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ, ଅଭିନାଶ ଖୁଣ୍ଟିଆ, ନିର୍ମଳ ପ୍ରଧାନଙ୍କ ସହାୟତାରେ ଏହି ଟ୍ରଲର ଜବତ କରାଯାଇଛି।

# କେନ୍ଦୁପତ୍ର କର୍ମଚାରୀ, ତୋଳାଳି ମହାସଂଘର ବିକ୍ଷୋଭ



ଭୁବନେଶ୍ୱର,୨।୧୧(ଅନୁରାଧା ମହାରଣା)

୧୫ ଦଫା ଦାବିନେଇ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମହାସଂଘ ପକ୍ଷରୁ ଲୋୟର ପିଏମଜିରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିଶାଳ ସମାବେଶକୁ ଉଦବୋଧନ ଦେଇ କହିଥିଲେ ସିଜିନାଲ କର୍ମଚାରୀଙ୍କ ଗ୍ରାଚୁଇଟିକୁ ୭ ଦିନ ପରିବର୍ତ୍ତେ ୧୫ ଦିନ କରିବା ପାଇଁ ରାଜ୍ୟ ସରକାର ଘୋଷଣା କରିବା ସହ ତୋଳାଳି ବନ୍ଧାଳିଙ୍କ ପାଇଁ ୧୦୦୦ ଟଙ୍କା ଓ ସିଜିନାଲ କର୍ମଚାରୀଙ୍କ ପାଇଁ ୧୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ମୁନସି, ଚପରାସୀ ଓ ଚେକରଙ୍କ କାର୍ଯ୍ୟକାଳ ୩ ମାସ ପରିବର୍ତ୍ତେ ସର୍ବନିମ୍ନ ୬ ମାସକୁ ବୃଦ୍ଧି, ଦାଇଡିଂ ଚେକ ଓ ସର୍କଲ ଚେକରଙ୍କ କାର୍ଯ୍ୟକାଳ ୧୨ ମାସକୁ ବୃଦ୍ଧି, ବର୍ଦ୍ଧିତ ବଜାର ଦରକୁ ଦୃଷ୍ଟିରେ ରଖି ସମସ୍ତ କର୍ମଚାରୀ ଓ ତୋଳାଳି, ବନ୍ଧାଳିଙ୍କ ପ୍ରାପ୍ୟ ୨୦୨୦ ମସିହାରୁ ପିଛିଲା ଭାବେ ବୃଦ୍ଧି, କେନ୍ଦୁପତ୍ର ତୋଳାଳି, ବନ୍ଧାଳିମାନଙ୍କ ଅବସର ବୟସ ମଧ ୬୨କୁ ବୃଦ୍ଧି, ୨୦୧୪ ମସିହାରେ ସରକାରଙ୍କ ଦ୍ୱାରା ବିଚାରାଧୀନ ଥିବା ୧୧୦୨ ଜଣ ବାଇଣ୍ଡିଂ ଚେକର, ସର୍କଲ ଚେକ ଓ ହେଡ ଚେକରଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦେବା, ୧୯୭୩ ମସିହାର କେନ୍ଦୁପତ୍ର ନିୟମାବଳୀର ସଂଶୋଧନ କରି କ୍ୟାଡର ପୁନଃ ଗଠନ କରି ପଦୋନ୍ନତିର ସୁଯୋଗ ଦେବା, ଭବାନୀପାଟଣା କେନ୍ଦୁପତ୍ର ଡିଭିଜନର ଯେଉଁସବୁ ଫଣ୍ଡିଂଙ୍କୁ ନିଜିକରଣ କରାଯାଇଛି, ତାହାର ତୁରନ୍ତ ଉଚ୍ଛେଦ, ତୋଳାଳି ବନ୍ଧାଳିଙ୍କ ସମେତ ସମସ୍ତ ସିଜିନାଲ କର୍ମଚାରୀଙ୍କ ସୁରକ୍ଷା ଓ ଦୟନୀୟ ଅବସ୍ଥାରେ ଅବସରକାଳୀନ ସମୟରେ କଲ୍ୟାଣମୂଳକ ଆର୍ଥିକ ସହାୟତା ପ୍ରଦାନ ଆଦି ଦାବି ପୂରଣ କରାଯାଇ ନାହିଁ । ମାସକ ମଧ୍ୟରେ ଦାବି ପୂରଣ ନହେଲେ ସାରା ପଶ୍ଚିମ ଓ ବିଭିନ୍ନ ଡିଭିଜନରେ ସରକାରଙ୍କ ଅବହେଳା ପ୍ରତିବାଦରେ ସଭାସମିତି କରାଯାଇ ଆନ୍ଦୋଳନକୁ ତୀବ୍ର କରାଯିବ ଓ କେନ୍ଦୁପତ୍ର କାର୍ଯ୍ୟ ଠପ ହେବ ବୋଲି ସମ୍ପାଦକ ସୁଜିତ ମନୋହାରୀ, ଉମା ପ୍ରଧାନ, ରବିନ୍ଦ୍ର ଦ୍ୱାରି, ଅରୁଣ ମୁଣ୍ଡ, ମଧୁ ପ୍ରଧାନ ପ୍ରମୁଖ କହିଥିଲେ। ଏହି ସମାବେଶରେ ୧୯ଟି କେନ୍ଦୁପତ୍ର ଡିଭିଜନରୁ ୧୦ ହଜାର ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ।

### ଗ୍ରନ୍ଥାଗାର ସପ୍ତାହ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡିଶା ଲାଇବ୍ରେରୀ ଏକାଡେମୀ ପକ୍ଷରୁ ଗ୍ରନ୍ଥାଗାର ସପ୍ତାହ ପାଳନ ନିମନ୍ତେ ରାଜ୍ୟ ଗ୍ରନ୍ଥାଗାର କର୍ମଚାରୀଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଆଭାସୀ ମାଧ୍ୟମରେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗ୍ରନ୍ଥାଗାର ଯୁଗ୍ମ ଶାସନ ସଚିବ ଉକ୍ତ ବୈଠକରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ବୈଠକରେ ଓଡିଶା ଲାଇବ୍ରେରୀ ଏକାଡେମୀ ସଭାପତି ଡ ବାନାମ୍ବର ସାହୁ, ସମ୍ପାଦକ ଡ. ବିଜୟ କେତନ ପଣ୍ଡା ଓ ଡ. ବିଭୂତି ଭୂଷଣ ସାହୁ ତଥା ଗ୍ରନ୍ଥାଗାରର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଚଳିତ ବର୍ଷ ଆସନ୍ତା ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଗ୍ରନ୍ଥାଗାର ସପ୍ତାହ ପାଳନ କରାଯିବ ନେଇ ଏହି ପ୍ରସ୍ତୁତି ବୈଠକରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା।

### ୯ମାସ ଶିଶୁର ବିରଳ ଚକ୍ଷୁ ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨।୧୧(ଅସମାପିକା ସାହୁ):** କନ୍‌ଜେନିଟାଲ୍ ଗ୍ଲୁକୋମା ଆକ୍ରାନ୍ତ ଜଣେ ୯ମାସ ଶିଶୁର ଚକ୍ଷୁ ଅସ୍ତ୍ରୋପଚାର କରିବାରେ କିମ୍ସ ଡାକ୍ତରମାନେ ସଫଳ ହୋଇଛନ୍ତି। ଏଭଳି ବିରଳ ଅସ୍ତ୍ରୋପଚାର ପରେ ଶିଶୁଟି ଏବେ ସମ୍ପୂର୍ଣ୍ଣ ଦେଖିପାରୁଛି। କିମ୍ସ ଚକ୍ଷୁରୋଗ ବିଭାଗ ମୁଖ୍ୟ ଡା. ମାତ୍ରୁଲି ଦାସଙ୍କ ତତ୍ତ୍ୱାବଧାନରେ ସହକାରୀ ପ୍ରଫେସର ଡା. ଶାଶ୍ୱତୀ ସେନ୍ ଓ ତାଙ୍କ ଡାକ୍ତରୀ ଦଳ ଟ୍ରାବେକ୍ୟୁଲୋଟୋମି ଓ ଟ୍ରାବେକ୍ୟୁଲେକ୍ଟୋମି ଭଳି ଅତ୍ୟାଧୁନିକ ପଦ୍ଧତିରେ ଏହି ଅସ୍ତ୍ରୋପଚାର କରି ସଫଳତା ପାଇଛନ୍ତି। ସ୍ୱଳ୍ପ ବ୍ୟୟରେ କିମ୍ସରେ ଏଭଳି ଅସ୍ତ୍ରୋପଚାର ହୋଇପାରୁଥିବା ଡା. ସେନ୍ ପ୍ରକାଶ କରିଛନ୍ତି। କନ୍‌ଜେନିଟାଲ୍ ଗ୍ଲୁକୋମା ଏଭଳି ଏକ ଅବସ୍ଥା, ଯେଉଁଥିରେ ରୋଗୀର ଆଖି ୧୦ ଭାଗରୁ ମାତ୍ର ୧ଭାଗ ଦେଖି ପାରିଥାଏ। ତେବେ ଏହି ଶିଶୁ କ୍ଷେତ୍ରରେ ମାତ୍ର ୪ ମାସରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ତେବେ ୧୦ହଜାର ରୋଗୀଙ୍କ ମଧ୍ୟରୁ ଜଣକୁ ଏଭଳି ରୋଗ ହୋଇଥାଏ। ଏଭଳି ବିଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା ଆରମ୍ଭ ହେଲେ ଏହା ମାରାତ୍ମକ ହୋଇ ନ ଥାଏ ବୋଲି ଡା. ସେନ୍ କହିଛନ୍ତି। ଏଭଳି ସଫଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇବା ସହ ଶିଶୁର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ରଦର୍ଶିତ ହେବ ଲୋପପାଇଯାଉଥିବା କଳାକୃତି

ଭୁବନେଶ୍ୱର,୨।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

### ୫ରୁ ସପ୍ତାହବ୍ୟାପୀ ସାଂସ୍କୃତିକ ଉତ୍ସବ

ଇନ୍‌ଫୋସିସ୍ ଫାଉଣ୍ଡେସନ୍ ଏବଂ ଭାରତୀୟ ବିଦ୍ୟା ଭବନ, ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ନଭେମ୍ବର ୫ରୁ ୧୧ ପର୍ଯ୍ୟନ୍ତ ଓଡ଼ିଶାର ସମୃଦ୍ଧ ଏବଂ ଦିପ୍ତୀମାନ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ ଲକ୍ଷ୍ୟରେ ଏକ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଉଛି। ନଭେମ୍ବର ୫ରୁ ୧୦ ପର୍ଯ୍ୟନ୍ତ ପ୍ରତ୍ୟେହ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଳାଭୂମିଠାରେ ଆର୍ଟ-ଇନ୍- ଆକ୍ସନ (କାରିଗରମାନଙ୍କର କର୍ମଶାଳା) ଏବଂ ୧୧ତାରିଖ ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏକ କଳା ପ୍ରଦର୍ଶନୀର ଆୟୋଜନ କରାଯାଉଛି। କଳାଭୂମିରେ ଆୟୋଜିତ ହେବାକୁ ଥିବା କାରିଗରମାନଙ୍କର କର୍ମଶାଳାରେ ପଟ୍ଟଚିତ୍ର, ପ୍ରସ୍ତର ଭାସ୍କର୍ଯ୍ୟ, ବ୍ରାସ୍ ଏବଂ ବେଲ୍ ମେଟାଲ କ୍ରାଫ୍ଟ, ଟେରାକୋଟା, ଡୋକ୍ରା, ରୁପା ତାରକସୀ କାମ, ଆପ୍ଲିକ୍ କାମ ଆଦି ସହିତ ଓଡ଼ିଶାର ଅନ୍ୟାନ୍ୟ ହସ୍ତଶିଳ୍ପର କାରୁକାର୍ଯ୍ୟ ମଧ୍ୟ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜୀବନ୍ତ ପ୍ରଦର୍ଶିତ ହେବ। ନଭେମ୍ବର ୫ରେ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରରେ ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ୬ରୁ ୧୧ତାରିଖ ପର୍ଯ୍ୟନ୍ତ ଭଞ୍ଜକଳା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଓଡ଼ିଶାରୁ ସମ୍ପୂର୍ଣ୍ଣ ଲୋପ ପାଇଯାଉଥିବା କଳାକୃତି ଏଥିରେ ପ୍ରଦର୍ଶିତ ହେବ। କାରିଗରମାନଙ୍କ କର୍ମଶାଳାରେ ୩୦ରୁ ଅଧିକ ଦକ୍ଷ କାରିଗର ଅଂଶଗ୍ରହଣ କରିବା ସହିତ ୪୦୦ରୁ ଅଧିକ କୌଶଳ ପ୍ରଦର୍ଶନକାରୀ କାରିଗର, ୩୦ଟି କୌଶଳ ପ୍ରଦର୍ଶନକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିବେ।

# ହବିଷିଆଳି କେନ୍ଦ୍ର ପରିଦର୍ଶନକଲେ ଜିଲାପାଳ



ପୁରୀ, ୨।୧୧(ଅଜିତ ମହାନ୍ତି):

ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପୁରୀରେ ୫ଟି କେନ୍ଦ୍ର ଖୋଲାଯାଇଛି। ସେଠାରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଗୁରୁବାର ଜିଲାପାଳ ସମର୍ଥ ବର୍ମା ବିଭିନ୍ନ କେନ୍ଦ୍ର ବୁଲି ଦେଖିବା ସହ ହବିଷିଆଳିମାନଙ୍କ ସହିତ କଥା ହୋଇଛନ୍ତି। ବୃନ୍ଦାବତୀ ନିବାସରେ ଜିଲାପାଳ ପହଞ୍ଚି ହବିଷିଆଳିମାନେ ରହୁଥିବା କୋଠରୀ ଓ ଶୌଚାଳୟ ଅନୁଧ୍ୟାନ କରିଥିଲେ। ସୁବିଧା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ସରକାର ଓ ପ୍ରଶାସନ କରିଥିବା ବ୍ୟବସ୍ଥାରେ ହବିଷିଆଳିମାନେ ଅତି ଖୁସି ବୋଲି କହିଥିଲେ। ସକାଳୁ ସ୍ନାନ ଠାରୁ ଆରମ୍ଭକରି ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ, ପ୍ରବଚନ ଶ୍ରବଣ ଇତ୍ୟାଦି ସୁନ୍ଦର ଓ ଶୃଙ୍ଖଳିତ ଭାବେ ହେଉଛି ବୋଲି ସେମାନେ କହିଥିଲେ। ସେହିପରି ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ସେବା ଉଚ୍ଚକୋଟୀର ବୋଲି ସେମାନେ ପ୍ରକାଶ କରିଥିଲେ। ଜିଲାପାଳ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ସହିତ ସେ ଆଲୋଚନା କରିବା ସହ ଫଟୋ ଉଠାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ସୁଶାନ୍ତ କୁମାର ପଟ୍ଟନାୟକ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥ ଲଗାଣକୁ ନେଇ ଥାନାରେ ମାମଲା

ଅସ୍ତରଙ୍ଗ,୨।୧୧ (ମମତା ଜେନା)

ଅସ୍ତରଙ୍ଗ ବ୍ଲକ ସୁନ୍ଦର ଗ୍ରାମର ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ କିଛି ମହିଳା ଅର୍ଥ ଲଗାଣକୁ ନେଇ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ୨୦୧୭ ମସିହାରୁ ଏହି ଗ୍ରାମର କିଛି ମହିଳା ଗ୍ରୁପ୍ କରି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନିକଟରେ ଅର୍ଥ ଜମା ରଖିଥିଲେ। ୫ ବର୍ଷ ପରେ କିଛି ମହିଳା ଜମା ରାଶି ଓ ସୁଧ ନ ପାଇବାରୁ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିବାରୁ ପୋଲିସ ତାଙ୍କୁ ଡାକି ପଚରାଉଚରା କରିଥିଲା।

# 'ସମସ୍ତଙ୍କ ଆପଣାର ଥିଲେ ପଦ୍ମଚରଣ'




ସ୍ମୃତିଚାରଣ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ଖୋର୍ଦ୍ଧା,୨।୧୧(ପ୍ରଭାତ ପାଣିଗ୍ରାହୀ)

ବରିଷ୍ଠ କଂଗ୍ରେସ ନେତା ତଥା ଖୋର୍ଦ୍ଧା ବ୍ଲକ କଂଗ୍ରେସ ସଭାପତି ସ୍ୱର୍ଗତ ପଦ୍ମଚରଣ ରାୟଙ୍କ ଏକଦଶାହ ଅବସରରେ ଗୁରୁବାର ଏକ ସ୍ମୃତିସଭା ବାଜପୁରସ୍ଥିତ ବାସଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାୟ ୧୯୪୭ ମେ' ୧୭ରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନିରାକାରପୁର କଲେଜର ଛାତ୍ର ସଭାପତି ହୋଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ କଂଗ୍ରେସରେ ସାମିଲ ହୋଇ ଜିଲା ଯୁବ ସଭାପତି ଭାବେ ଦାୟିତ୍ୱ ବହନ କରିଥିଲେ। କଂଗ୍ରେସ ଦଳର ଜଣେ ଆଗଧାଡିର କର୍ମୀଭାବେ ତୃଣମୂଳସ୍ତରରେ ଦଳକୁ ସୁଦୃଢ଼ କରିଥିଲେ। ତାଙ୍କ ବିୟୋଗ କଂଗ୍ରେସର ଏକ ବଡ଼ କ୍ଷତି ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ଆୟୋଜିତ ଏହି ସ୍ମୃତିସଭାରେ ଜିଲା କଂଗ୍ରେସ ଉପସଭାପତି ଭୂଷଣ ଛୋଟରାୟ ସଭାପତିତ୍ୱ କରିଥିଲେ। ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଯୁବନେତା ସଞ୍ଜୟ ପଟ୍ଟନାୟକ, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ଦିଲ୍ଲୀପ ଶ୍ରୀଚନ୍ଦନ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇଏମ୍ ନେତା ଅନନ୍ତ ମଙ୍ଗରାଜ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ରାମଚନ୍ଦ୍ର ମହାପାତ୍ର, ବାଖର ଦଳବେହେରା, ସୁବାସ ପାତ୍ର, ଶିଶିର ପରିଡ଼ା, ପ୍ରଦୋଷ ହରିଚନ୍ଦନ, ବାହୁ ଜୟସିଂ, ଯୋଗୀନାଥ ବାହୁବଳେନ୍ଦ୍ର, ରମାକାନ୍ତ ମହାପାତ୍ର, ଶିଳାଦିତ୍ୟ ପଟ୍ଟନାୟକ, ପ୍ରଫୁଲ୍ଲ ଜେନା, ପ୍ରଦୋଷ ସାହୁ, ଜିତେନ୍ଦ୍ର ଚମ୍ପତିଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା ସହ ସ୍ମୃତିଚାରଣ କରିଥିଲେ।

# ସଧବାଙ୍କୁ ଶଙ୍ଖା, ସିନ୍ଦୂର ବଣ୍ଟନ

ଖୋର୍ଦ୍ଧା/ନିରାକାରପୁର,୨।୧୧(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧାରେ ଚାଲିଛି ମା'ଗଜଲକ୍ଷ୍ମୀଙ୍କ ଆରାଧନା। ରଙ୍ଗିନ୍ ଆଲୋକମାଳାରେ ଝଲସୁଛି ସହର। ସବୁଠି ରହିଛି ଉତ୍ସାହ। ସମସ୍ତ ପୂଜା ମଣ୍ଡପରେ ନିଆରା ପୂଜା ଆୟୋଜନ କରାଯାଇଥାଏ। ସେଥିମଧ୍ୟରୁ ଅନ୍ୟତମ ଠେଙ୍ଗାହାଟସ୍ଥିତ ସାଗରକନ୍ୟା ଗଜଲକ୍ଷ୍ମୀ ପୂଜା କମିଟି। ପାରମ୍ପରିକ ରୀତିନୀତିରେ ଏଠାରେ ପ୍ରାୟ ୨୨ବର୍ଷ ଧରି ପାଳିତ ହୋଇଆସୁଛି ପୂଜା। ସପ୍ତଦିନ ବ୍ୟାପୀ ବୈଦିକ ରୀତିରେ ସକାଳେ ମଙ୍ଗଳ ଆଳତିଠାରୁ ରାତ୍ରି ପହଡ଼ ପର୍ଯ୍ୟନ୍ତ ବିଭିନ୍ନ ନୀତି ସମ୍ପନ୍ନ ହୋଇଥାଏ। ପ୍ରତିବର୍ଷ କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା ଏବଂ ସଚେତନତାମୂଳକ ବାର୍ତ୍ତା ରହିଥାଏ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଗୁରୁବାର ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଶଙ୍ଖାଚୁଡ଼ି, ସିନ୍ଦୂର, ଅଳତା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସଧବା ମହିଳାଙ୍କ ମଧ୍ୟରେ ବଣ୍ଟାଯାଇଛି । ଗୁରୁବାର ସନ୍ଧ୍ୟା ଆଳତି



ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ଶଙ୍ଖା ବଣ୍ଟନ କରୁଛନ୍ତି।

ପରେ ମା'ଙ୍କ ନିକଟରେ ଶଙ୍ଖା ସିନ୍ଦୂର ପୂଜା ହୋଇଥିଲା। ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାପତି ବାସନ୍ତୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମା'ଙ୍କ ଦର୍ଶନ ସହ ସଧବା ନାରୀଙ୍କୁ ଶଙ୍ଖା ସିନ୍ଦୂର ବାଣ୍ଟିଥିଲେ। କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ସେହିପରି ମହାପାତ୍ର ଟାଙ୍ଗୀ ବ୍ଲକର ବିଭିନ୍ନ ମଣ୍ଡପରେ ପୂଜା ପାଉଥିବା ମା' ଧନଦାତ୍ରୀଙ୍କ ଦର୍ଶନ ସହ ଲୋକଙ୍କ ମଙ୍ଗଳ କାମନା କରିଥିଲେ। ଡିଆ ପଞ୍ଚାୟତରେ ଥିବା ମା'ମଙ୍ଗଳାଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ।

# ଇଓଡବ୍ଲ୍ୟୁ, ଇଡିର ତନାଘନା ପରେ ବି ଆର୍‌ବିଆଇରେ ଲୋକଙ୍କ ଭିଡ଼

### ୨ ହଜାରିଆ ନୋଟ୍ ବଦଳାଇବା ଘଟଣା

ଭୁବନେଶ୍ୱର,୨।୧୧(ସତ୍ୟଜିତ୍ ରାଉତ)

୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ସାଧାରଣ ଲୋକଙ୍କ ଲମ୍ବା ଧାଡ଼ି ଲାଗିବା ପ୍ରସଙ୍ଗ ଚାରିଆଡ଼େ ଚର୍ଚ୍ଚା ସୃଷ୍ଟି କରିଛି। ସାଧାରଣ ଲୋକଙ୍କୁ ଢାଲ କରି କେତେଜଣ ବ୍ୟକ୍ତି ବେଆଇନ ଭାବେ ଗଚ୍ଛିତ ନୋଟ୍ ବଦଳାଉଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଟିମ୍ ବୁଧବାର ତଦନ୍ତ ଆରମ୍ଭ କରିଥିଲା। ତେବେ ଇଓଡବ୍ଲ୍ୟୁ ଓ ଇଡିର ତନାଘନା ପରେ ବି ଆର୍‌ବିଆଇ ସାମ୍ନାରେ ନୋଟ ବଦଳାଇବାକୁ ସାଧାରଣ ଲୋକଙ୍କ ଭିଡ଼ ଲାଗି ରହିଛି।



ଗୁରୁବାର ମଧ୍ୟ ଶହଶହ ଲୋକ ଖରାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ସକାଳ ପ୍ରାୟ ୭ଟାରୁ ଅପରାହ୍ନ ପ୍ରାୟ ୨ ପର୍ଯ୍ୟନ୍ତ ଏହି ଭିଡ଼ ଲାଗି ରହିଥିଲା। କେତେଜଣ ଲୋକ ଭିଡ଼ ପାଇଁ ଟଙ୍କା ନ ବଦଳାଇପାରି ଫେରିଯାଇଥିଲେ। ଏଥିରେ ଏକାଧିକ ର୍‍ୟାକେଟ କାର୍ଯ୍ୟ କରୁଥିବାବେଳେ ଦଲାଲମାନେ କମିଶନି ଦେଇ ଲୋକଙ୍କୁ ଏହି କାର୍ଯ୍ୟରେ ଲଗାଉଥିବା ଚର୍ଚ୍ଚା ହୋଇଥିଲା। ତେଣୁ ଇଡି ଓ ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ସେଭଳି କିଛି ଫରକ ପଡ଼ି ନ ଥିବା ଭିଡ଼ରୁ ବାରି ହୋଇପଡୁଛି। ଏଜେଣ୍ଟମାନେ ଏହି କାରବାରରେ ସକ୍ରିୟ ଥିବା କୁହାଯାଉଛି। ସୂଚନାଯୋଗ୍ୟ, ବୁଧବାର ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ୍ ଓ ମଧ୍ୟାହ୍ନରେ ଇଡିର ଦୁଇ ଜଣିଆ ଟିମ୍ ପର୍ଯ୍ୟାୟକ୍ରମେ ଆର୍‌ବିଆଇରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଆରମ୍ଭ କରିଥିଲେ। ତେବେ ତଦନ୍ତର ଅଗ୍ରଗତି ନେଇ ଇଡି ଓ ଇଓଡବ୍ଲ୍ୟୁ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ମୋ ଦଳର ଦାବିପତ୍ର**

ପୁରୀ ( ଅଜିତ୍ ମହାନ୍ତି) - ମୋ ଦଳ ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲେଖ ହୋଇଛି କି ଦଳର ମହାସଚିବ ପ୍ରଦୀପ ପ୍ରଧାନଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ପୋଲିସ ଗତ ୨୮ ତାରିଖରେ ଗିରଫ କରିଛି। ତାଙ୍କ ନାମରେ ବିଭିନ୍ନ ମିଥ୍ୟା ମାମଲା ଦାୟର କରିଛି । ଲୋକଙ୍କ ଧନଜୀବନ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଦୁର୍ନୀତି, ଅନ୍ୟାୟ ବିରୋଧରେ ସଂଗ୍ରାମ କରୁଥିବା ରାଜନେତାଙ୍କ ନାମରେ ଲଗାଇଥିବା ମାମଲା ଓ ଦଫାରେ କେତେ ସତ୍ୟତା ରହିଛି ତାହାର ନିରପେକ୍ଷ ତଦନ୍ତ କରାଯାଉ। ଦୋଷୀ ପୋଲିସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ନିର୍ଦ୍ଦୋଷ ପ୍ରଦୀପଙ୍କୁ ଖଲାସ କରାଯାଉ ବୋଲି ମୋ ଦଳ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାସ୍କର ଚନ୍ଦ୍ର ସାହୁ, ଈଶ୍ୱର ପ୍ରଧାନ, ସହଦେବ ନାୟକ, ସୂର୍ଯ୍ୟ ନାରାୟଣ ରଥ, ଭରତ ଚନ୍ଦ୍ର, ଜୟନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧୧।୨୦୨୩

| | |
|---|---|
| ୩,୪୬,୦୩୧ ଟଙ୍କା | |
| ସୁନା | ୯.୫୫୦ ଗ୍ରାମ୍ |
| ରୁପା | ୪୮.୫୦୦ ଗ୍ରାମ୍ |

# ଦୁଇ ଦିନରେ ୨ ଟ୍ରଲର ଜବତ, ୨୧ ମତ୍ସ୍ୟଜୀବୀ ଅଟକ

## ନିଷିଦ୍ଧାଞ୍ଚଳରୁ ମାଛ ଧରିବା ଅଭିଯୋଗ

ଅସ୍ତରଙ୍ଗ, ୨।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ତେବେ ନିଷିଦ୍ଧାଞ୍ଚଳରୁ ମାଛ ଧରିବା ଅଭିଯୋଗରେ ନଭେମ୍ବର ୧ ଓ ୨ ତାରିଖରେ ଅସ୍ତରଙ୍ଗ ବନବିଭାଗ ଦୁଇଟି ଟ୍ରଲର ଜବତ କରିଥିବା ଜଣାଯାଇଛି। ୧ ତାରିଖରେ ଜବତ ହୋଇଥିବା ଟ୍ରଲର (ଆଇଏନଡି ଓଆର ୦୪ ଏମ୍‌ଏମ୍ -୪) ପାରାଦୀପ ଅଞ୍ଚଳର ଓ ଏଥିରୁ ମୋଟ ୨ କୁଇଣ୍ଟାଲ




୭୩ କିଗ୍ରା ମାଛ ଜବତ କରାଯିବା ସହ ୩୨୪୯ ଟଙ୍କାରେ ନିଲାମ କରାଯାଇଛି। ଏଥିରେ ଥିବା ୬ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ନଭେମ୍ବର ୨ ତାରିଖରେ ଦେବୀ ନଦୀ ମୁହାଣର ଉତ୍ତର ନଡ଼ିଆଖିଆ ନିକଟରେ ବାଲେଶ୍ୱରର ସାଥି ମଙ୍ଗଳା ନାମକ ଟ୍ରଲର (ଆଇଏନଡି-ଓଆର-୦୧-ଏମ୍‌ଏମ୍ -୧୦୫୭)କୁ ଜବତ କରାଯାଇଛି। ଏଥିରେ ଥିବା ୧୫ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଅଟକ ରଖିଛି। ବନବିଭାଗ ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ, ଅଭିନାଶ ଖୁଣ୍ଟିଆ, ନିର୍ମଳ ପ୍ରଧାନଙ୍କ ସହାୟତାରେ ଏହି ଟ୍ରଲର ଜବତ କରାଯାଇଛି।

# ହବିଷିଆଳି କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ



ଜିଲାପାଳ ସମର୍ଥ ବର୍ମା ଏକ ଶିବିରରେ ହବିଷିଆଳିଙ୍କୁ ସୁବିଧା ଅସୁବିଧା ପଚାରି ବୁଝୁଛନ୍ତି ।

ପୁରୀ, ୨।୧୧(ଅଜିତ ମହାନ୍ତି):

ରାଜ୍ୟ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ପୁରୀରେ ୫ଟି କେନ୍ଦ୍ର ଖୋଲାଯାଇଛି। ସେଠାରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ହବିଷିଆଳିମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି। ଗୁରୁବାର ଜିଲାପାଳ ସମର୍ଥ ବର୍ମା ବିଭିନ୍ନ କେନ୍ଦ୍ର ବୁଲି ଦେଖିବା ସହ ହବିଷିଆଳିମାନଙ୍କ ସହିତ କଥା ହୋଇଛନ୍ତି। ବୃନ୍ଦାବତୀ ନିବାସରେ ଜିଲାପାଳ ପହଞ୍ଚି ହବିଷିଆଳିମାନେ ରହୁଥିବା କୋଠରୀ ଓ ଶୌଚାଳୟ ଅନୁଧ୍ୟାନ କରିଥିଲେ। ସୁବିଧା ଅସୁବିଧା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ। ସରକାର ଓ ପ୍ରଶାସନ କରିଥିବା ବ୍ୟବସ୍ଥାରେ ହବିଷିଆଳିମାନେ ଅତି ଖୁସି ବୋଲି କହିଥିଲେ। ସକାଳୁ ସ୍ନାନ ଠାରୁ ଆରମ୍ଭକରି ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ଭଜନ କୀର୍ତ୍ତନ, ପ୍ରବଚନ ଶ୍ରବଣ ଇତ୍ୟାଦି ସୁନ୍ଦର ଓ ଶୃଙ୍ଖଳିତ ଭାବେ ହେଉଛି ବୋଲି ସେମାନେ କହିଥିଲେ। ସେହିପରି ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କ ସେବା ଉଚ୍ଚକୋଟୀର ବୋଲି ସେମାନେ ପ୍ରକାଶ କରିଥିଲେ। ଜିଲାପାଳ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡ଼ିଆ ଧର୍ମଶାଳା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ସହିତ ସେ ଆଲୋଚନା କରିବା ସହ ଫଟୋ ଉଠାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ସୁଶାନ୍ତ କୁମାର ପଟ୍ଟନାୟକ, ଆର୍‌ଟିଓ ରବିନ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘରେ ଶୋଇଥିବା ଅବସ୍ଥାରେ ଯୁବତୀଙ୍କୁ ଅପହରଣ ଅଭିଯୋଗ

ପିପିଲି,୨।୧୧(ଦୁର୍ଗାମାଧବ ମିଶ୍ର)

ପିପିଲିଥାନା ଅଞ୍ଚଳର ଜଣେ ଯୁବତୀ ଘରେ ଶୋଇଥିବାବେଳେ ତାଙ୍କୁ ଅପହରଣ କରାଯାଇଥିବା ନେଇ ଗୁରୁବାର ପିପିଲି ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଦଫା ୩୬୩ରେ ଏକ ମାମଲା (ନଂ. ୪୯୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ଯୁବତୀ ଜଣକ ଘରେ ଶୋଇଥିବାବେଳେ ଗ୍ରାମର ଦୀପକ ସାହୁ ଗତ ୨୯ ତାରିଖରେ ତାଙ୍କୁ ଅପହରଣ କରିନେଇଥିବା ଯୁବତୀଙ୍କ ପରିବାର ଲୋକ ଅଭିଯୋଗ କରଛନ୍ତି। ରିପୋର୍ଟ ଲେଖାଯିବା ବେଳକୁ ପିପିଲି ଥାନାର ତଦନ୍ତକାରୀ ଅଫିସର ଏସ୍‌ଆଇ ଏସ୍.ପି ନନ୍ଦଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ପୁରୀ ରେଳଷ୍ଟେଶନ ଅଟୋ ଚାଳକ ସଂଘ ପକ୍ଷରୁ ଆୟୋଜିତ ୨୩ତମ ମା' ଗଜଲକ୍ଷ୍ମୀ ପୂଜା ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଅଙ୍ଗନୱାଡ଼ି କେନ୍ଦ୍ରର ଅର୍ଥ ହେରଫେର

## ତଦନ୍ତ ଦାବି

ଚାରିଛକ,୨।୧୧(ଶିଶିର ସ୍ୱାଇଁ)

ରାଜ୍ୟ ସରକାର ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ନିମାପଡ଼ା ବ୍ଲକ ଅଧୀନ ବାହାରଣା ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶିଶୁଙ୍କ ପାଇଁ ଆସୁଥିବା ଜୋତା, ପୋଷାକ, ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ରାଜ୍ୟ ସରକାର ଦେଉଥିବା ଅର୍ଥକୁ ବାଟମାରଣା କରାଯାଇଛି। ଗୁରୁବାର ଏ ବାବଦରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ବୈଠକ ଡକାଯାଇଥିଲା। ଏଥିରେ ୨୧ନମ୍ବର ଜୋନ୍ ପୂର୍ବତନ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅଙ୍ଗନୱାଡ଼ି ସୁପରଭାଇଜର ମମତା ବିଶ୍ୱାଳ, ଶିକ୍ଷୟିତ୍ରୀ ଭାନୁମତୀ ବେହେରା, ୱାର୍ଡ଼ ସଭ୍ୟ ସରୋଜ ମହାନ୍ତି, ଗ୍ରାମବାସୀ ଅଚ୍ୟୁତାନନ୍ଦ ମିଶ୍ର, ରୋହିତ ବିଶ୍ୱାଳ, ରମେଶ ବାରିକ୍, ଈଶ୍ୱର ଭୋଇ, ମୁନା ଭାରତୀ, ଅଙ୍ଗନୱାଡ଼ି ପରିଚାଳନା କମିଟି ସଭାପତି ଦାମୋଦର ମିଶ୍ର ଓ ଅରବିନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ଉଭୟ ସୁପରଭାଇଜର ମମତା କିମ୍ବା ଶିକ୍ଷୟିତ୍ରୀ ଭାନୁମତୀ ଆସୁଥିବା ଅର୍ଥର କୌଣସି ସନ୍ତୋଷଜନକ ଉତ୍ତର ଗ୍ରାମବାସୀଙ୍କୁ ଦେଇ ପାରି ନ ଥିଲେ। ଉତ୍ତର ଦେବାକୁ ୧୫ ଦିନ ସମୟ ମାଗିଥିଲେ। ସଭାପତିଙ୍କ ପକ୍ଷରୁ ସେମାନଙ୍କୁ ସମୟ ମଧ୍ୟ ଦିଆଯାଇଛି। ଏହାର ଉଚିତ୍ ତଦନ୍ତ ପାଇଁ ଗ୍ରାମବାସୀ ସରକାରଙ୍କ ପାଖରେ ଦାବି ରଖିଛନ୍ତି। ଅଙ୍ଗନୱାଡ଼ିରେ ପିଇବା ପାଣି ଓ ଶୌଚାଳୟର ସୁବିଧା ମଧ୍ୟ ନାହିଁ। ସେହିପରି ଛଣିଜଙ୍ଗ ପଞ୍ଚାୟତରେ ବହୁ ଅଙ୍ଗନୱାଡ଼ି କେନ୍ଦ୍ରରେ ସମାନ ଅବସ୍ଥା ଦେଖିବାକୁ ମିଳୁଛି। କୋଉଠି କେନ୍ଦ୍ର ବନ୍ଦ ଅଛି ତ ଆଉ କେଉଁଠି କେନ୍ଦ୍ରକୁ ପିଲା ଆସୁନାହାନ୍ତି। ଫଳରେ ବହୁ ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀଙ୍କ ପାଇଁ ବନ୍ଦ ହୋଇ ପଡ଼ିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଗଜଲକ୍ଷ୍ମୀ ପୂଜା ବାର୍ଷିକ ଉତ୍ସବ

ପୁରୀ, ୨।୧୧(ଅଜିତ୍ ମହାନ୍ତି):

ପୁରୀ ରେଳଷ୍ଟେଶନ ଅଟୋ ଚାଳକ ସଂଘ ପକ୍ଷରୁ ୨୩ତମ ମା' ଗଜଲକ୍ଷ୍ମୀ ପୂଜା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ମେୟର ତଥା ନିଖିଳ ଓଡ଼ିଶା ଅଟୋ ଟ୍ୟାକ୍ସି ଚାଳକ ମହାସଂଘ ସଭାପତି ସୁବାସ ଚନ୍ଦ୍ର ସିଂ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଜୁ ଯୁବ ଜନତା ଦଳ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ନିଖିଳ ଓଡ଼ିଶା ଅଟୋ ଚାଳକ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାମଲ, ପୁରୀ ଜିଲା ଅଟୋ ମହାସଂଘ ସଭାପତି ଦୁର୍ଗାଚରଣ ଖୁଣ୍ଟିଆ, ଉପସଭାପତି ଭଗବାନ ପଡ଼ିଆରୀ, ସମ୍ପାଦକ ରାଜକିଶୋର ମହାନ୍ତି ମଞ୍ଚାସୀନ ଥିଲେ। ଅତିଥିମାନେ ସଂଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପୁରୀ ଏକ ପର୍ଯ୍ୟଟନ ତଥା ଧାର୍ମିକସ୍ଥଳୀ ହୋଇଥିବାରୁ ଯାତ୍ରୀମାନଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଂଘର ସମସ୍ତ ସଦସ୍ୟଙ୍କୁ ଡ୍ରେସ୍ କୋଡ୍ ଓ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସଂଘର ସମ୍ପାଦକ ଅକ୍ଷୟ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବଡ଼ଶଙ୍ଖ ବଜାର ଗଜଲକ୍ଷ୍ମୀ ପୂଜା କମିଟିର ବାର୍ଷିକ ଉତ୍ସବ




ଉତ୍ସବରେ ଜଣେ କୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି ।

ପୁରୀ, ୨।୧୧(ଅଜିତ୍ ମହାନ୍ତି):

ବଡ଼ଶଙ୍ଖ ବଜାରସ୍ଥିତ ମା' ଗଜଲକ୍ଷ୍ମୀ ପୂଜା କମିଟିର ୨୦ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଯୁବ ଜନତା ଦଳର ଉପସଭାପତି ସୁନିଲ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ରନାଥ ଦାଶ, ଷ୍ଟାଲିନ ପରିଜା, ସରୋଜ ନାୟକ, ଘନଶ୍ୟାମ ମର୍ଦ୍ଦରାଜ, ହରିହର ପାଢ଼ୀ, ସନ୍ଦୀପ ଦାଶ, ଇଂ. ସୁବ୍ରତ ମହାନ୍ତି ଏବଂ ଆଇନଜୀବୀ ଦେବାଶିଷ ଦାଶ ମଞ୍ଚାସୀନ ଥିଲେ। ଉତ୍ସବରେ ଶିଶୁ କଳାକାରଙ୍କ ନୃତ୍ୟ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କୁନି କଳାକାରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଏସ୍. ରାଜୁ ରାଓ, ସମ୍ପାଦକ ନିରଞ୍ଜନ ମଙ୍ଗରାଜ, ଉପସମ୍ପାଦକ ବୀରେନ ସାମନ୍ତରାୟ, ଉପସଭାପତି ବଳରାମ ସାହୁ, କୋଷାଧ୍ୟକ୍ଷ ମାନସ ସାହୁ ଏବଂ କମିଟିର ସମସ୍ତ ସଦସ୍ୟ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଦେଷ୍ଟା ପ୍ରମୋଦ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ଧାନ କିଆରିରେ ଗୋରୁ ଚରିଲେ



କଣାସ, ୨।୧୧(ବିଭୂତି ଭୂଷଣ ତ୍ରିପାଠୀ):

ଦୀର୍ଘଦିନ ହେଲା ବର୍ଷା ଅଭାବରୁ ପୁରୀ ଜିଲା କଣାସ ବ୍ଲକର ବକୁ, ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ସାହୁପଡ଼ା, ବଡାଲ, ଦୋଛିଆଁ ଗ୍ରାମପଞ୍ଚାୟତର ଥୋଉଅ ଧାନଜମି ଫାଟି ଆଁ କରିଛି। ମଲାଗୁଣି ନଦୀରେ ଜଳ ନ ଥିବାରୁ ଧନଜମିକୁ ସଂଯୋଗ କରିଥିବା ଲିଫ୍ଟ ପଏଣ୍ଟଗୁଡ଼ିକ ଅଚଳ ହୋଇପଡିଛି। ଏପରି ଅବସ୍ଥାରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଥିବା ବେଳେ ନିଜ ନିଜର ଗୃହପାଳିତ ଗାଇଗୋରୁଙ୍କୁ ଧାନଜମିକୁ ଚରିବାକୁଛାଡ଼ିଦେଇଥିବା ଦେଖିବାକୁମିଳିଛି।

# ଅଗ୍ନିବିପନ୍ନ ପରିବାରଙ୍କୁ ୨୦ ହଜାର ଟଙ୍କା ଲେଖାଏ ସହାୟତା

କଣାସ, ୨।୧୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅନ୍ତର୍ଗତ ସାହୁପଡ଼ା ଗ୍ରାମପଞ୍ଚାୟତର ସାହୁପଡ଼ା ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ୧୧ ବଖରା ବାସଗୃହ ଜଳିଯାଇଥିବାବେଳେ ୩ଟି ଗାଈ ପୋଡ଼ିଯାଇ ମୃତ୍ୟୁବରଣ କରିଥିଲେ। ତୁରନ୍ତ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଅଗ୍ନିବିପନ୍ନ ପରିବାର ଲୋକମାନଙ୍କ ପାଖରେ ପହଞ୍ଚି ପ୍ରତିପରିବାରକୁ ଗୋଟିଏ ଲେଖାଏଁ ପଲିଥିନ୍ ପ୍ରଦାନ କରିଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର କଣାସ ତହସିଲଦାର ପ୍ରତି ପରିବାରକୁ ରେଡକ୍ରସ୍ ତରଫରୁ ୨୦ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ସାହୁପଡ଼ା ସରପଞ୍ଚ ଭିକାରୀ ବଳିଆରସିଂହ ଉପସ୍ଥିତ ରହିଥିଲେ।

# ରେଡକ୍ରସ ପକ୍ଷରୁ ପ୍ରଶିକ୍ଷଣ ଶିବିର




ଶିବିରରେ ମଞ୍ଚାସୀନ ଅତିଥିମାନେ ।

ଡେଲାଙ୍ଗ,୨।୧୧ (ରଶ୍ମୀରଞ୍ଜନ ପ୍ରଧାନ):

ଗାଦିବ୍ରହ୍ମ ଡିଗ୍ରୀ ମହାବିଦ୍ୟାଳୟ ରେଡକ୍ରସ୍ ୟୁନିଟ୍ ପକ୍ଷରୁ ରେଡକ୍ରସ୍ ସ୍ୱେଚ୍ଛାସେବୀମାନଙ୍କ ପାଇଁ ପ୍ରବେଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜିଲା ରେଡକ୍ରସ୍ ସଂଯୋଜକ ରବୀନ୍ଦ୍ର କୁମାର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ କମଳ କୁମାର ଦାଶ, ଇତିଶ୍ରୀ ସୁନ୍ଦରାୟ, ଅଧ୍ୟାପକ ଯୁଧିଷ୍ଠିର ଘଡୁଆରୀ, ଅଧ୍ୟାପିକା ପ୍ରମୋଦିନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀଙ୍କୁ ରେଡକ୍ରସ୍‌ର ଇତିହାସ ଓ ସମାଜିକ ପରିବର୍ତ୍ତନ ଦିଗରେ ଥିବା ଅବଦାନ, ପ୍ରାଥମିକ ଉପଚାରର କୌଶଳ ଓ ଉପକାରିତା ବିଷୟରେ ଜିଲା ସଂଯୋଜକ ସାହୁ ମତବ୍ୟକ୍ତ କରିଥିଲେ। ସେହିପରି ଚଳିତ ମାସ ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ତିନିଦିନିଆ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ସୂଚନା ଦିଆଯାଇଥିଲା। ମହାବିଦ୍ୟାଳୟର ରେଡକ୍ରସ୍ ପରାମର୍ଶଦାତା ତଥା ଅଧ୍ୟାପକ ତ୍ରିନାଥ ପରିଡ଼ା ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପିକା କବିତା ମିଶ୍ର, ଭବାନୀ ପ୍ରିୟଦର୍ଶିନୀ ମହାନ୍ତି, ଦୀପ୍ତି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ବୈଠକ

ପୁରୀ, ୨।୧୧(ଅଜିତ ମହାନ୍ତି):

ପୁରୀ ସଦର ବ୍ଲକ ଚାଳିଶିବାଟିଆ ପଞ୍ଚାୟତର ଭିକାରୀପଡ଼ା ଗ୍ରାମରେ ମଙ୍ଗଳବାର ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବେଦାନ୍ତ ସଂଘର୍ଷ ସମିତିର ସଂଯୋଜକ ବିଷ୍ଣୁ ପ୍ରସାଦ ମିଶ୍ର ଆବାହକତ୍ୱ କରିଥିବାବେଳେ ପୂର୍ବତନ ବିଧାୟକ ତଥା ସଂଘର୍ଷ ସମିତିର ଆବାହକ ଉମାବଲ୍ଲଭ ରଥ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଆଳରେ ଅନୀଲ ଅଗ୍ରୱାଲା ଫାଉଣ୍ଡେଶନର ଜମି ହଡ଼ପ ଅଭିମୁଖ୍ୟ, ରାଜ୍ୟ ସରକାରଙ୍କ କମ୍ପାନୀ ପ୍ରୀତି, ଏପରିକି ଏହି ମାମଲାରେ ଲୋକପାଳ ଓ ହାଇକୋର୍ଟରେ ବେଆଇନ ଘୋଷଣା ପରେ ବି ସୁପ୍ରିମକୋର୍ଟ ଯିବା, ସେଠାରେ ମାମଲା ତର୍ଜମା ପରେ ଦୁର୍ନୀତି ଓ ବେଆଇନ ଘଟଣାର ପର୍ଦ୍ଦାଫାଶ ସମ୍ପର୍କରେ ଲୋକଙ୍କୁ ରଥ ସଚେତନ କରାଇଥିଲେ। ଦୀର୍ଘ ୧୭ବର୍ଷର ଏହି ଲଢେଇ ସମ୍ପର୍କରେ ସେ ବୁଝାଇଥିଲେ। ଆଗାମୀ ଦିନରେ କିଭଳି ଚାଷୀମାନେ ସେମାନଙ୍କ ଜମିକୁ ପୁନର୍ବାର ନିଜ ନାମକୁ ଫେରିପାଇବେ ଓ ସୁପ୍ରିମକୋର୍ଟଙ୍କ ରାୟ ବିଷୟରେ ଭିକାରୀପଡ଼ା ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। ରଥଙ୍କୁ ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ପ୍ରଶଂସା କରିଥିଲେ। ସଂଘର୍ଷ ସମିତିର ସଭାପତି ଦାମୋଦର ପ୍ରଧାନ, ହର ପ୍ରସାଦ ଜେନା, ଅବିନାଶ ମିଶ୍ର, ପର୍ଶୁରାମ ପ୍ରଧାନ, ରାମ ପ୍ରଧାନ, ବୈରାଗୀ ପ୍ରଧାନ, ସଦାଶିବ ପ୍ରଧାନ, ସୁଦାମ ପ୍ରଧାନ ଏବଂ ଲକ୍ଷ୍ମୀଧର ପ୍ରଧାନଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଯୁବତୀଯୁବକଙ୍କ ନିଯୁକ୍ତି ପାଇଁ କାଉନସେଲିଂ କ୍ୟାମ୍ପ

କାକଟପୁର, ୨।୧୧ (ଶୁଭଦର୍ଶନ ମିଶ୍ର):

କାକଟପୁର ବ୍ଲକ ପରିସରସ୍ଥ ସଭାଗୃହରେ ୧୬ଟି ପଞ୍ଚାୟତର ଶତାଧିକ ଶିକ୍ଷିତ ଯୁବତୀଯୁବକମାନଙ୍କୁ କାଉନସେଲିଂ କରାଯାଇ ଗ୍ରାମତରଙ୍ଗ ସଂସ୍ଥା ମାଧ୍ୟମରେ ଟ୍ରେନିଂ ପାଇଁ ୧୧୫ଜଣଙ୍କୁ ମନୋନୀତ କରାଯାଇଛି ବୋଲି କ୍ୟାମ୍ପ ପରିଚାଳନା କରୁଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଯୋଗଦେଇ ସରକାର ଗ୍ରାମାଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଗୁରୁତ୍ୱ ଦେଉଥିବା କହିଥିଲେ। ସୁଇଙ୍ଗ ମେସିନ ଅପରେଟର, ଫୁଡ୍ ବେଭରେଜ ଷ୍ଟିୱାର୍ଡ, ସିଏନ୍‌ସି ଅପରେଟର ଟର୍ଣ୍ଣ ଏବଂ ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ଭଳି ୪ଟି ବିଭାଗ ପାଇଁ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା। ଗ୍ରାମ ତରଙ୍ଗ ସଂସ୍ଥାର ଅଧିକାରୀମାନେ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ।

# 'ଅଦ୍ୱିତୀୟ ପ୍ରତିଭା ଥିଲେ ଭଜନ ସମ୍ରାଟ ଭିକାରୀ ବଳ'

## ସଙ୍ଗୀତ ସ୍ମୃତି ସନ୍ଧ୍ୟା

ପୁରୀ, ୨।୧୧(ଅଜିତ୍ ମହାନ୍ତି):

ସଙ୍ଗୀତ ଅନୁଷ୍ଠାନ ଶ୍ରୀକ୍ଷେତ୍ର ଓଡ଼ିଶୀ ସଙ୍ଗୀତ ବିକାଶ ପରିଷଦ ତରଫରୁ ଗୁରୁବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଗୁରୁ ତଥା ଭଜନ ସମ୍ରାଟ ଭିକାରୀ ଚରଣ ବଳଙ୍କ ଉଦ୍ଦେଶ୍ୟରେ ତ୍ରୟୋଦଶ ସଙ୍ଗୀତ ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତ ଗୁରୁ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଓଡ଼ିଶୀ ସଙ୍ଗୀତ ଗୁରୁ ରାମହରି ଦାସ, ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଚ୍ଚିଦାନନ୍ଦ ଦାଶ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଜେନା, ଓଡ଼ିଶା ନାଟକ ଏକାଡେମୀ ସଚିବ ଡ. ପ୍ରବୋଧ କୁମାର ରଥ, ଗୁରୁ ନିମାକାନ୍ତ ରାଉତ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଭଜନ ସମ୍ରାଟ ଭିକାରୀ ବଳ ଜଣେ ଅଦ୍ୱିତୀୟ ପ୍ରତିଭା ଥିଲେ। ସେ ପରଂବ୍ରହ୍ମଙ୍କ ଭକ୍ତି ଭାବପୂର୍ଣ୍ଣ ଭଜନ ପରିବେଷଣ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଅତିଥିମାନେ କହିଥିଲେ। ଏହିପରି ଏକ ସ୍ମୃତିସନ୍ଧ୍ୟା ଆୟୋଜନ କରିଥିବାରୁ ଅନୁଷ୍ଠାନର କର୍ମକର୍ତ୍ତା ଓ ଛାତ୍ରୀଛାତ୍ରଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିବା ସହ ସମସ୍ତଙ୍କୁ ସାଧୁବାଦ ପ୍ରଦାନ କରିଥିଲେ। ପରେ ସଙ୍ଗୀତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ର, ଓଡ଼ିଶାର ସଙ୍ଗୀତଜ୍ଞ ଓ କଳାକାରମାନେ ସ୍ୱର୍ଗତ ଭଜନ ସମ୍ରାଟ ଗାଇଥିବା ଓଡ଼ିଶୀ ଏବଂ ଭଜନ ଗାୟନ ଓ ବାଦନ କରିଥିଲେ। ଉଦ୍‌ଘୋଷକ ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ମହାରଣା, ସଭାପତି ରବିନାରାୟଣ ପଣ୍ଡା, ଉପଦେଷ୍ଟା ସୁରେନ୍ଦ୍ର କୁମାର ଦାଶ, ଭରତ ନାୟକ ଏବଂ ପ୍ରତିଷ୍ଠାତା ଗୁରୁ ସ୍ୱର୍ଗତ ଚନ୍ଦ୍ରମଣି ଲେଙ୍କାଙ୍କ ପୁଅ ପ୍ରକାଶ କୁମାର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି ।




ସଙ୍ଗୀତ ସ୍ମୃତି ସନ୍ଧ୍ୟା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ସିଟିବିଟିରୁ ଓହରିଲା ରୁଷିଆ**

ବ୍ୟାପକ ଆଣବିକ ପରୀକ୍ଷଣ ନିଷେଧ ସନ୍ଧି (ସିଟିବିଟି)ରୁ ରୁଷିଆ ଓହରିଯାଇଛି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଗୁରୁବାର ଏ ସମ୍ପର୍କିତ ଏକ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଆମେରିକା ସହ ସମକକ୍ଷ ହେବା ପାଇଁ ରୁଷିଆକୁ ଏହି ପଦକ୍ଷେପ ସହାୟକ ହେବ ବୋଲି ମସ୍କୋ କହିଛି। ରୁଷୀୟ ପାର୍ଲାମେଣ୍ଟର ଉଭୟ ସଦନ ଗତମାସରେ ଉକ୍ତ ଚୁକ୍ତିରୁ ଓହରିବା ପ୍ରସ୍ତାବକୁ ଅନୁମୋଦନ କରିଥିଲେ।

# ଦିଲ୍ଲୀରେ ସାଂଘାତିକ ବାୟୁ ପ୍ରଦୂଷଣ



■ ନିର୍ମାଣ କାର୍ଯ୍ୟ, ଡିଜେଲ ଟ୍ରକ୍ ପ୍ରବେଶ ବନ୍ଦ
■ ୨ ଦିନ ସ୍କୁଲ ବନ୍ଦ

**ନୂଆଦିଲ୍ଲୀ,୨।୧୧**

ଦୀପାବଳି ପୂର୍ବରୁ ଦିଲ୍ଲୀର ଅଧିକାଂଶ ଅଞ୍ଚଳରେ ବାୟୁ ପ୍ରଦୂଷଣ ଉତ୍କଟ ସ୍ଥିତିରେ ପହଞ୍ଚିଛି। ଫଳରେ ଜାତୀୟ ରାଜଧାନୀ ଅଞ୍ଚଳରେ ଅତିଜରୁରୀ ନ ଥିବା ନିର୍ମାଣ କାର୍ଯ୍ୟ ବନ୍ଦ ରଖିବା ସହ ସହର ମଧ୍ୟକୁ ଡିଜେଲ ଟ୍ରକ୍ ପ୍ରବେଶକୁ ନିଷେଧ କରାଯାଇଛି। ଗ୍ରେଡେଡ୍ ରେସ୍ପନ୍ସ ପ୍ଲାନ୍‌ର ତୃତୀୟ ପର୍ଯ୍ୟାୟରେ ଆହୁରି କେତେକ କଟକଣା ଲାଗୁ ହେବାକୁ ଯାଉଛି। ଗୁରୁବାର ଜାତୀୟ ପ୍ରଦୂଷଣ କମିଶନ୍‌ର ବାୟୁ ମାନ ପରିଚାଳନା ସବ୍‌କମିଟି ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଗୁରୁବାର ଅପରାହ୍ନ ୫ଟାରେ ଦିଲ୍ଲୀର ହାରାହାରି ବାୟୁ ମାନ ସୂଚକାଙ୍କ ୪୦୨ ରହିଥିଲା, ଯାହାକି ଅତି ଗମ୍ଭୀର ବିବେଚନା କରାଯାଉଛି। ଆଗକୁ ଏହା ଆହୁରି ଖରାପ ହେବାକୁ ଯାଉଛି। ପଡୋଶୀ ରାଜ୍ୟଗୁଡ଼ିକରେ ନଡ଼ା ପୋଡ଼ି ଯୋଗୁ ସହର ଧୂଆଁରେ ଘୋଡେଇହୋଇ ରହୁଛି। ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଶୁକ୍ରବାର ଓ ଶନିବାର ସରକାରୀ ଏବଂ ଘରୋଇ ସ୍କୁଲଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଛୁଟି ଘୋଷଣା କରିଛନ୍ତି।

# ବିଶ୍ୱବ୍ୟାପୀ ବିପଦରେ ଗଣତନ୍ତ୍ର

**ବିଶ୍ୱର ପ୍ରାୟ ଅଧା ରାଷ୍ଟ୍ର ଗଣତାନ୍ତ୍ରିକ ଅବକ୍ଷୟ ଦେଇ ଗତି କରୁଛନ୍ତି। ଏହି ଦେଶଗୁଡ଼ିକରେ ତ୍ରୁଟିପୂର୍ଣ୍ଣ ନିର୍ବାଚନ ଭଳି ଅବ୍ୟବସ୍ଥାଠୁ ନେଇ ଅଭିବ୍ୟକ୍ତି ପରିପ୍ରକାଶ ଓ ସମାବେଶ ଅଧିକାର ଉପରେ ଅଙ୍କୁଶ ଲାଗିଥିବା ଏକ ଆନ୍ତଃ ସରକାରୀ ଜଗୁଆଳି ସଂସ୍ଥା ରିପୋର୍ଟ କରିଛି।**



୨୦୨୨ ସେପ୍ଟେମ୍ବର ୨୪ରେ ୟୁକ୍ରେନ୍ ଉପରେ ରୁଷୀୟ ସାମରିକ ପଦକ୍ଷେପ ବିରୋଧୀ ବିକ୍ଷୋଭ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବାନ୍ଧିନେଉଛି ପୋଲିସ।

**ଷ୍ଟକ୍‌ହୋମ୍,୨।୧୧**

ସୁଇଡେନ୍‌ର ଷ୍ଟକ୍‌ହୋମ୍‌ସ୍ଥିତ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ୍ ଇଲେକ୍ଟୋରାଲ ଆସିଷ୍ଟାନ୍ସ (ଆଇଡିଆ) ପକ୍ଷରୁ ଗୁରୁବାର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ୨୦୨୨ରେ ଦେଶଗୁଡ଼ିକର ଗଣତାନ୍ତ୍ରିକ ମୂଲ୍ୟବୋଧ ଅଗ୍ରଗତି ତୁଳନାରେ ଅଧିକ ତଳକୁ ଖସିଛି। ଲଗାତର ଷଷ୍ଠ ବର୍ଷ ଧରି ଏଭଳି ସ୍ଥିତି ଲାଗିରହିଛି, ଯାହାକି ୧୯୭୫ରେ ଆଇଡିଆ ରେକର୍ଡ ଆରମ୍ଭ କରିବା ପରଠୁ ଦେଖିବାକୁ ମିଳି ନ ଥିଲା। ମୋଟାମୋଟି ଭାବେ ଗଣତନ୍ତ୍ର ପ୍ରତି ଏବେ ମଧ୍ୟ ବିପଦ ରହିଛି ବୋଲି ଉକ୍ତ ଜଗୁଆଳି ସଂସ୍ଥାର ମହାସଚିବ କେଭିନ୍ କାସାସ୍‌-ଜାମୋରା ରିପୋର୍ଟରେ ଦର୍ଶାଇଛନ୍ତି। ନିର୍ବାଚନ, ସଂସଦ ଓ ଅଦାଲତ ଆଦିର ଅଧୋଗତି ଆଇନର ଶାସନକୁ ସୁରକ୍ଷା ଦେବାରେ ବିଫଳ ହୋଇଛି। ଏଥିଲାଗି ରାଜନେତାମାନଙ୍କୁ ମଧ୍ୟ ଉତ୍ତରଦାୟୀ କରାଯାଇପାରୁନାହିଁ। ବ୍ୟବସ୍ଥାପିକା ଭଳି ଆନୁଷ୍ଠାନିକ ସଂସ୍ଥାଗୁଡ଼ିକ ଦୁର୍ବଳ ହେବାରେ ଲାଗିଥିବାବେଳେ ଖବରଦାତାଙ୍କଠାରୁ ନେଇ ନିର୍ବାଚନ ପରିଚାଳକ ଏବଂ ଦୁର୍ନୀତି ନିରୋଧୀ ଆୟୁକ୍ତମାନେ ଏକଛତ୍ରବାଦୀ ଓ ଲୋକପ୍ରିୟ ଟ୍ରେଣ୍ଡ୍ ବିରୋଧୀ ଲଢ଼େଇକୁ ମଜଭୁତ କରିବେ ବୋଲି ସେମାନଙ୍କଠାରୁ ଆଶା କରାଯାଏ। ଅନେକ ନିର୍ବାଚିତ ନେତାଙ୍କ ଆଗରେ ବୃହତ୍ ଆହ୍ୱାନ ସୃଷ୍ଟି କରିଥିବା ଜୀବନ ଧାରଣ ବ୍ୟୟ ସଙ୍କଟ, ଜଳବାୟୁ ପରିବର୍ତ୍ତନ ଏବଂ ୨୦୨୨ରେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ଏହି ଅଧଃପତନ ପାଇଁ ଦାୟୀ କରାଯାଉଛି।

ଏହି ସର୍ବେକ୍ଷଣ କରାଯାଇଥିବା ବିଶ୍ୱର ୧୭୩ ଦେଶ ମଧ୍ୟରୁ ୮୫ଟିରେ ଗତ ୫ ବର୍ଷ ଧରି ନାଗରିକ ସ୍ୱାଧୀନତାଠୁ ଆରମ୍ଭକରି ନ୍ୟାୟିକ ସ୍ୱାଧୀନତା ପର୍ଯ୍ୟନ୍ତ ଅନ୍ୟୂନ ଗୋଟିଏ ଲେଖାଏ ମୁଖ୍ୟ ସୂଚକାଙ୍କର ଦୁର୍ବଳ ପ୍ରଦର୍ଶନ ଦେଖିବାକୁ ମିଳିଛି। ଏପରି ଦେଖାଯିବାରେ ୨୦୨୨ ଥିଲା ଷଷ୍ଠ ବର୍ଷ। ଦକ୍ଷିଣ କୋରିଆରୁ ନେଇ ବେନିନ୍ ଓ ବ୍ରାଜିଲ, କାନାଡାଠୁ ଏଲ୍ ସାଲଭାଡୋର ଏବଂ ହଙ୍ଗେରି ପର୍ଯ୍ୟନ୍ତ ଗଣତନ୍ତ୍ରଗୁଡ଼ିକରେ ଏପରି ସ୍ଥିତି ଲାଗିରହିଛି। ଗୁରୁବାର ଉପସ୍ଥାପିତ ଉକ୍ତ ରିପୋର୍ଟରେ ବୈଶ୍ୱିକ ଗଣତାନ୍ତ୍ରିକ ପୁନରୁତ୍ଥାନ ପାଇଁ ନୀତି ପ୍ରଣୟନକାରୀ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ ସୁପାରିସ କରାଯାଇଛି।

# ୧୨ ଟଙ୍କାରେ ପାପମୁକ୍ତି ପ୍ରମାଣପତ୍ର

## ଶ୍ରଦ୍ଧାଳୁଙ୍କୁ ଦେଉଛି ରାଜସ୍ଥାନ ମନ୍ଦିର

**ପ୍ରତାପଗଡ଼,୨।୧୧**

ପବିତ୍ର ବିବେଚନା କରାଯାଉଥିବା କେତେକ ନଦୀ ଓ ପୁଷ୍କରିଣୀରେ ବୁଡ଼ ପକାଇଲେ ପାପ ଧୋଇଯାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଉକ୍ତ ତୀର୍ଥସ୍ଥଳକୁ ଆସି ବୁଡ଼ ପକାଇଥାନ୍ତି। ରାଜସ୍ଥାନର ପ୍ରତାପଗଡ଼ ଜିଲାରେ ଥିବା ଏକ ମନ୍ଦିର ଉକ୍ତ ବିଶ୍ୱାସକୁ ଆନୁଷ୍ଠାନିକ ଭାବେ ସତ୍ୟସିଦ୍ଧ କରିଛନ୍ତି। ପାପକ୍ଷୟ ବିଶ୍ୱାସ ନେଇ ସେଠାରେ ଥିବା ପବିତ୍ର ମନ୍ଦାକିନୀ କୁଣ୍ଡରେ ବୁଡ଼ ପକାଉଥିବା ଭକ୍ତମାନଙ୍କୁ ଗୋତାମେଶ୍ୱର ମହାଦେବ ମନ୍ଦିର କର୍ତ୍ତୃପକ୍ଷ ୧୨ ଟଙ୍କାରେ 'ପାପମୁକ୍ତି' ସାର୍ଟିଫିକେଟ ପ୍ରଦାନ କରୁଛନ୍ତି। ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନରେ ଏହି ମନ୍ଦିର ଟ୍ରଷ୍ଟ ରହିଛି। ବର୍ଷକୁ ୨୫୦ରୁ ୩୦୦ ଶ୍ରଦ୍ଧାଳୁ ଉକ୍ତ ମନ୍ଦିର ଟ୍ରଷ୍ଟରୁ ପାପମୁକ୍ତି ସାର୍ଟିଫିକେଟ୍ ନେଇଥାନ୍ତି। ସାଧାରଣତଃ ଜାଣତରେ ହେଉ ବା ଅଜାଣତରେ କୌଣସି ଜୀବ ହତ୍ୟା କରିଥିଲେ କିମ୍ବା ନିଜ ଜାତି ଓ ସମ୍ପ୍ରଦାୟରୁ ବାସନ୍ଦ ହୋଇଥିଲେ ଜଣେ ମନ୍ଦିରର ପବିତ୍ର କୁଣ୍ଡରେ ବୁଡ଼ ପକାଇ ସାର୍ଟିଫିକେଟ ଚାହିଁଥାନ୍ତି। ସେମାନଙ୍କ ମୁଣ୍ଡରେ ଆଉ ପାପ ନାହିଁ ବୋଲି ଏହା ପ୍ରମାଣପତ୍ର। ଏହି ସାର୍ଟିଫିକେଟ ଦେଖାଇବା ପରେ ଜାତିଭାଇ ତାଙ୍କ ଉପରୁ ବାସନ୍ଦ କଟକଣା ହଟାଇଥାନ୍ତି।




# ସରକାରୀ ପ୍ରତିନିଧି ଭେଟିବା ପରେ ଅନଶନ ଭାଙ୍ଗିଲେ ମନୋଜ

## ମରାଠା କୋଟା ଆନ୍ଦୋଳନ

**ମୁମ୍ବାଇ,୨।୧୧**

ମରାଠାମାନଙ୍କ ପାଇଁ କୋଟା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନରେ ବସିଥିବା ସଂରକ୍ଷଣ କର୍ମୀ ମନୋଜ ଜରାଙ୍ଗେଙ୍କୁ ସରକାରଙ୍କ ପ୍ରତିନିଧି ଗୁରୁବାର ଭେଟିବା ପରେ ସେ ଅନଶନ ଭାଙ୍ଗିଛନ୍ତି। ମରାଠାମାନଙ୍କୁ ସଂରକ୍ଷଣ ନ ମିଳିବା ପର୍ଯ୍ୟନ୍ତ ରାଜ୍ୟ ସରକାର ନିଯୁକ୍ତି ବନ୍ଦ ରଖିବାକୁ ମନୋଜ ଅପିଲ କରିଥିଲେ। ସରକାରୀ ପ୍ରତିନିଧି ଦଳରେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ସନ୍ଦିପ୍ ଶିନ୍ଦେ, ଏମ୍.ଜେ. ଗାଏକୱାଡ୍ ଓ ଅନ୍ୟମାନେ ଥିଲେ। ମରାଠାୱାଡ଼ା ପ୍ରଶ୍ନର ସମାଧାନ ହୋଇଥିଲେ ମଧ୍ୟ ମରାଠାମାନଙ୍କ ପାଇଁ ୪୦ ବର୍ଷ ହେଲା ଆମେ ଆନ୍ଦୋଳନ ଚଳାଇଛୁ ଓ ଅପେକ୍ଷା କରିଛୁ ବୋଲି ମନୋଜ କହିଛନ୍ତି।



ମନୋଜ ଜରାଙ୍ଗେ

**ଫୁର୍‌ସତ**

# ରତୁସ୍ରାବଜନିତ କଷ୍ଟରୁ ବର୍ତ୍ତିବାକୁ ଗର୍ଭଧାରଣ

**ତାଲାହାସି:** ଯୁବତୀମାନଙ୍କ କ୍ଷେତ୍ରରେ ରତୁସ୍ରାବ ଏକ ମାସିକିଆ ପ୍ରକ୍ରିୟା। ଏହା ଯୁବତୀଙ୍କୁ ଭବିଷ୍ୟତରେ ଗର୍ଭଧାରଣ କରିବାରେ ସାହାଯ୍ୟ କରେ। ପ୍ରତି ମାସରେ ହେଉଥିବା ଏହି ପ୍ରକ୍ରିୟା ଦ୍ୱାରା ଅନେକଙ୍କୁ କଷ୍ଟ ସହିବାକୁ ପଡ଼ିଥାଏ। ଜଣେ ମହିଳା ଏହି ରତୁସ୍ରାବଜନିତ କଷ୍ଟରୁ ବର୍ତ୍ତିବାକୁ ଗର୍ଭଧାରଣ କରୁଥିବା ଜଣାପଡ଼ିଛି। ଏହି କାରଣରୁ ସେ ୨୦୧୪ରୁ ଲଗାତର ଗର୍ଭଧାରଣ କରୁଛନ୍ତି। ରିପୋର୍ଟ ମୁତାବକ, ଫ୍ଲୋରିଡ଼ା ଯୁସଟିସ୍‌ର ବାସିନ୍ଦା ୨୫ ବର୍ଷୀୟା ମାଡିଶନ ଚାଭେଜ୍ ଓ ଜୋସ୍ ଚାଭେଜ୍ ପିଲାବେଳ ସାଥୀ ହୋଇଥିବାବେଳେ ପରେ ସେମାନେ ବିବାହ କରିଛନ୍ତି। ୨୦୧୪ରେ ଉଭୟଙ୍କ ପ୍ରଥମ ସନ୍ତାନ ଜନ୍ମ ହୋଇଥିଲା। ୨୦୧୭ରେ ତାଙ୍କ ୨ୟ ସନ୍ତାନ ଜନ୍ମ ହେଲା। ପରେ ୨୦୨୦ରେ ସେମାନଙ୍କ ପ୍ରଥମ କନ୍ୟା ସନ୍ତାନ ଏବଂ ୨୦୨୨ରେ ତାଙ୍କ ଦ୍ୱିତୀୟ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏବେ ମାଡିଶନ ୨୦୨୪ରେ ତାଙ୍କ ୫ମ ସନ୍ତାନକୁ ଜନ୍ମ ଦେବାକୁ ଯାଉଛନ୍ତି। ଏପରି ବାରମ୍ବାର ଗର୍ଭବତୀ ହେବା କ୍ଷେତ୍ରରେ ସ୍ୱାମୀ ଜୋସ୍ ତାଙ୍କୁ ସମର୍ଥନ ଜଣାଇଛନ୍ତି। ଜୋସ୍ ଚାହାନ୍ତିନି କି ପ୍ରତି ମାସରେ ମାଡିଶନଙ୍କୁ ରତୁସ୍ରାବଜନିତ କଷ୍ଟ ସହିବାକୁ ପଡୁ। ସେଥିପାଇଁ ଦମ୍ପତି ଏହି କଷ୍ଟରୁ ବଞ୍ଚିବାକୁ ସନ୍ତାନ ଜନ୍ମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିକଟରେ ଦମ୍ପତି ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭିଡିଓରେ ମାଡିଶନ ତାଙ୍କର ଏପରି ଗର୍ଭଧାରଣ ପଛର କାରଣ କହିବା ସହ ୫ମ ଗର୍ଭଧାରଣ କରିଥିବା କହିଥିଲେ। ଏଥିପାଇଁ ଲୋକେ ସେମାନଙ୍କୁ ଟ୍ରୋଲ ମଧ୍ୟ କରିଛନ୍ତି।





# ଦୀପାବଳିରେ ଟାଇଗର-୩

**ମୁମ୍ବାଇ:** ଦୀର୍ଘଦିନ ପରେ ବଲିଉଡ୍ ଭାଇଜାନ ସଲମାନ ଖାନ୍ ବଡ଼ ପରଦାକୁ କମ୍‌ବ୍ୟାକ୍ କରୁଛନ୍ତି। ଦୀପାବଳି ଅବସରରେ ତାଙ୍କ ଆଗାମୀ ଫିଲ୍ମ ଟାଇଗର-୩ ରିଲିଜ୍ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଫିଲ୍ମର ଆଡଭାନ୍ସ ବୁକିଂ ମଧ୍ୟ ଆରମ୍ଭ ହେବାକୁ ଯାଉଛି। ତେବେ ପ୍ରଶଂସକମାନେ ଦୀପାବଳିରେ ସକାଳ ୭ଟାରୁ ହିଁ ଚଳଚ୍ଚିତ୍ର ଦେଖିପାରିବେ। ସିନେମାରେ ସଲମାନଙ୍କ ସହିତ ଅଭିନେତ୍ରୀ କ୍ୟାଟ୍ରିନା କୈଫ ନଜରକୁ ଆସିବେ। ଇମ୍ରାନ ହାସ୍ମି ଖଳନାୟକ ଭୂମିକା ନିଭାଇବେ। ଇମ୍ରାନଙ୍କୁ ସବୁବେଳେ ରୋମାଣ୍ଟିକ୍ ଫିଲ୍ମରେ ଅଭିନୟ କରୁଥିବା ଦେଖିବାକୁ ମିଳୁଥିବାବେଳେ ଏଥର ଖଳନାୟକ ଚରିତ୍ରରେ ଦେଖିବାକୁ ପ୍ରଶଂସକ ଅପେକ୍ଷା କରିଛନ୍ତି। ଏନେଇ ବାଣିଜ୍ୟ ବିଶ୍ଳେଷକ ତରନ ଆଦର୍ଶ ଫିଲ୍ମର ପ୍ରଥମ ଶୋ' ଏବଂ ଆଡଭାନ୍ସ ବୁକିଂ ବିଷୟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ସଲମାନ ଖାନ୍, ଟାଇଗର- ୩ ଶୋ' ସକାଳ ୭ଟାରୁ ଆରମ୍ଭ ହେବ। ଦୀପାବଳି ସକାଳ ୭ଟାରେ ଶୋ' ଦେଖାଇବାକୁ ୟଶ୍ ରାଜ ଫିଲ୍ମସ ନିଷ୍ପତ୍ତି ନେଇଛି। ଫିଲ୍ମର ଆଡଭାନ୍ସ ବୁକିଂ ନଭେମ୍ବର ୫ରୁ ଆରମ୍ଭ ହେବାକୁ ଯାଉଛି। ଅନ୍ତର୍ଜାତୀୟ ବଜାରରେ ଟାଇଗର- ୩ର ଆଡଭାନ୍ସ ବୁକିଂ ଆରମ୍ଭ ହୋଇଛି। ବ୍ରିଟେନ, ୟୁଏଇ ଏବଂ ଯୁକ୍ତରାଷ୍ଟ୍ରରେ ବହୁତ ବୁକିଂ ସରିଛି। ନିର୍ମାତାମାନେ ଏହାକୁ ଭାରତର ଗୋଟିଏ ଦିନ ପୂର୍ବରୁ ଆମେରିକା ଏବଂ କାନାଡାରେ ମୁକ୍ତିଲାଭ କରିବାକୁ ପ୍ଲାନ କରୁଛନ୍ତି।



ସଲମାନ ଖାନ

# ୯୧ ବର୍ଷୀୟା ସ୍ତ୍ରୀଙ୍କ ମୃତ୍ୟୁ ପରେ ପେନ୍‌ସନ ଦାବିକଲେ ଓକିଲ



**ବୋଇନୋସ୍ ଏୟାରିଜ୍:** ଆର୍ଜେଣ୍ଟିନାର ଜଣେ ଓକିଲ ତାଙ୍କ ୯୧ ବର୍ଷୀୟା ସ୍ତ୍ରୀଙ୍କ ମୃତ୍ୟୁ ପରେ ପେନ୍‌ସନ ପାଇଁ ଦାବି କରିଛନ୍ତି। ୨୩ ବର୍ଷୀୟ ମୌରିସିଓ ଓସୋଲା ଓକିଲାତି କରୁଥିବାବେଳେ ୨୦୧୫ ଫେବୃୟାରୀରେ ତାଙ୍କ ଆଇଙ୍କ ଭଉଣୀ ୯୧ ବର୍ଷୀୟା ୟୋଲଣ୍ଡା ଟୋରେସ୍‌ଙ୍କୁ ବିବାହ କରିଥିଲେ। ପରେ ୨୦୧୬ ଏପ୍ରିଲରେ ୟୋଲଣ୍ଡାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ମୌରିସିଓ ସ୍ତ୍ରୀଙ୍କ ବିଧବା ଭତ୍ତା ପାଇବାକୁ ଆବେଦନ କରିଥିଲେ। ହେଲେ ପରିବାର ଓ ପଡ଼ୋଶୀଙ୍କ ସୂଚନା ମୁତାବକ, ମୌରିସିଓଙ୍କ ବିବାହର କୌଣସି ପ୍ରମାଣ ନ ଥିବାରୁ ତାହା ମିଛ। ଏହାପରେ ପ୍ରଶାସନ ତାଙ୍କ ବିବାହକୁ ମିଛ ଦର୍ଶାଇ ପେନ୍‌ସନ ଆବେଦନକୁ ଖାରଜ କରିଥିଲେ। ଏବେ ସେ ସର୍ବୋଚ୍ଚ ନ୍ୟାୟାଳୟକୁ ଯିବେ ବୋଲି କହିଛନ୍ତି। ୨୦୦୯ରେ ମୌରିସିଓଙ୍କ ମା'-ବାପାଙ୍କ ବିଚ୍ଛେଦ ପରେ ସେ ତାଙ୍କ ମା'ଙ୍କ ଭଉଣୀ, ଜେଜେ ମା' ଏବଂ ଆଇଙ୍କ ଭଉଣୀଙ୍କ ସହିତ ରହୁଥିଲେ। ତାଙ୍କୁ ବିବାହ କରି ସମସ୍ତ ଦୁଃଖ ଭୁଲିଯିବା ୟୋଲଣ୍ଡାଙ୍କ ଶେଷ ଇଚ୍ଛା ଥିବା ମୌରିସିଓ କହିଛନ୍ତି। ୟୋଲଣ୍ଡାଙ୍କୁ ୯୦ ବର୍ଷ ପୂରିଥିଲେ ମଧ୍ୟ ମୌରିସିଓ ବିବାହ କରିବାକୁ ଆଦୌ ଅନିଚ୍ଛା ପ୍ରକାଶ କରି ନ ଥିଲେ। ମୌରିସିଓ କହିଛନ୍ତି, ଓକିଲାତି ପଢ଼ିବା ପାଇଁ ତାଙ୍କ ପାଖରେ ସମ୍ବଳ ନ ଥିବାବେଳେ ମହିଳା ତାଙ୍କୁ ପାଠ ପଢ଼ାଇବାକୁ ଅର୍ଥ ଦେବାକୁ ପ୍ରତିଶ୍ରୁତି ଦେବାରୁ ସେମାନେ ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ୟୋଲଣ୍ଡା ମୌରିସିଓଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ସେ କହିଛନ୍ତି।

# କ୍ୟାଟ୍ ଲେଡି ହେବାକୁ ଶରୀରରେ ୭୨ ପିଅର୍ସିଂ



**ରୋମ:** ଲୋକେ ନିଜର ଚେହେରା ବଦଳାଇବାକୁ ଅନେକ ପ୍ରକାରର ସର୍ଜରି କରୁଛନ୍ତି। ଇଟାଲୀର ରୋମରେ ରହୁଥିବା ୨୨ ବର୍ଷୀୟା ଟିଆରା ଡେଲ୍ ଏବାଟା ସବୁବେଳେ ବିଲେଇ ଭଳି ହେବାକୁ ଚାହୁଁଥିଲେ। ସେଥିପାଇଁ ସେ ନିଜ ଭିତରେ ଅନେକ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲେ। ସେ ୧୧ ବର୍ଷ ବୟସରେ ଶରୀରରେ ପରିବର୍ତ୍ତନ କରିବା ଆରମ୍ଭ କରିଥିଲେ। ପ୍ରଥମେ ଟିଆରା ପିଅର୍ସିଂ(ମୁହଁ ଫୋଡ଼ି ଚିତା କୁଟାଇବା) ଏବଂ ଇୟର ଷ୍ଟ୍ରେଚିଂ କରିଥିଲେ। ଏହାର ୫ବର୍ଷ ପରେ ସେ ତାଙ୍କ ଶରୀରରେ ୭୨ ପ୍ରକାରର ପିଅର୍ସିଂ କରିସାରିଥିଲେ। ଟିଆରା ତାଙ୍କ ଜିଭକୁ କାଟି ଦୁଇ ଭାଗରେ ବିଭକ୍ତ କରିଦେଇଛନ୍ତି। ମଥାରେ ଦୁଇଟି ଶିଙ୍ଘ ମଧ୍ୟ କରିଛନ୍ତି। ଏଥିସହ ତାଙ୍କ ନାକ ଏବଂ ମଥାରେ ବହୁତ ପିଅର୍ସିଂ କରିଛନ୍ତି। ଟିଆରା କସମେଟିକ୍ ସର୍ଜରି ମଧ୍ୟ କରିଛନ୍ତି। ତାଙ୍କ ଆଖି ବିଲେଇ ପରି ଦେଖାଯିବା ପାଇଁ ସେ ଆଖିରେ ଏବଂ ଦେହ ଓ ମୁହଁରେ ଟାଟୁ କରିଛନ୍ତି। ଟିଆରାଙ୍କ କହିବା କଥା, ସେ ଜଣେ ଭଲ କ୍ୟାଟ ଲେଡି । ସେ ମଣିଷ ରୂପି ବିଲେଇ ହେବାକୁ ଚାହୁଁଛନ୍ତି। ତାଙ୍କୁ ସବୁବେଳେ ବିଲେଇ ପସନ୍ଦ। ସେଥିପାଇଁ ନିଜ ଶରୀରରେ ପରିବର୍ତ୍ତନ ଆଣି ଜଣେ କ୍ୟାଟ ଲେଡି ହେବାକୁ ତାଙ୍କ ଇଚ୍ଛା ବୋଲି ସେ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଂଗ୍ରେସକୁ ନୀତୀଶଙ୍କ ସମାଲୋଚନା

**ପାଟନା,୨।୧୧:** କଂଗ୍ରେସ ୫ ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ଅତ୍ୟଧିକ ଧ୍ୟାନ ଦେଉଥିବାରୁ ଇଣ୍ଡିଆ ମେଣ୍ଟର ଅଗ୍ରଗତିରେ ବାଧକ ହେଉଥିବା ବିଶ୍ୱାସ କରାଯାଉଛି। ଏନେଇ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କଂଗ୍ରେସକୁ ସମାଲୋଚନା କରିଛନ୍ତି। ସିପିଆଇ ଦ୍ୱାରା ଆୟୋଜିତ 'ଭାଜପା ହଟାଓ ଦେଶ ବଚାଓ' ରାଲିରେ ଯୋଗଦେଇ ନୀତୀଶ କହିଛନ୍ତି, ବର୍ତ୍ତମାନର ସରକାରକୁ ବିରୋଧ କରୁଥିବା ଦଳଗୁଡ଼ିକୁ ନେଇ ନୂଆ ମେଣ୍ଟ ଗଢ଼ାଯାଇଥିଲା। ଯଦିଓ ଇଣ୍ଡିଆ ମେଣ୍ଟରେ କଂଗ୍ରେସ ପ୍ରମୁଖ ଭୂମିକା ନେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହି ଦଳ ବର୍ତ୍ତମାନ ୫ ରାଜ୍ୟ ବିଧାନସଭା ନିର୍ବାଚନରେ ବ୍ୟସ୍ତ ରହିଛି। ଯାହା ଜଣାପଡୁଛି ନିର୍ବାଚନ ଶେଷ ହେବା ପରେ ସେମାନେ ଆଲୋଚନାରେ ଭାଗ ନେବେ। ଭାଜପା ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭାଜନ ପାଇଁ ଉଦ୍ୟମ ଚଳାଇଥିବା ନୀତୀଶ ଅଭିଯୋଗ କରିଛନ୍ତି। ଦେଶର ଇତିହାସ ବଦଳାଇ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ନେତାଙ୍କ ଭୂମିକାକୁ ଗୌଣ କରିବାକୁ ଉଦ୍ୟମ କରୁଥିବା କେନ୍ଦ୍ରର ଶାସକ ଭାଜପାକୁ ନୀତୀଶ ସମାଲୋଚନା କରିଛନ୍ତି। ଉକ୍ତ ରାଲିରେ ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଓ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।



ମଧ୍ୟପ୍ରଦେଶ ସିଂଗରୌଲି ଜିଲାରେ ଅନୁଷ୍ଠିତ ରୋଡ୍ ଶୋ'ରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଓ ଦଳୀୟ ନେତୃବୃନ୍ଦ।

# 'ଇଣ୍ଡିଆ'କୁ ୧୫ ଲୋକ ସଭା ଆସନ ଛାଡ଼ିବ ଏସ୍‌ପି

**ଉତ୍ତରପ୍ରଦେଶ**

**ନୂଆଦିଲ୍ଲୀ,୨।୧୧:** ଆସନ୍ତା ବର୍ଷ ହେବାକୁ ଥିବା ଲୋକ ସଭା ନିର୍ବାଚନ ପାଇଁ ଉତ୍ତରପ୍ରଦେଶର ୮୦ ଆସନ ମଧ୍ୟରୁ ସମାଜବାଦୀ ପାର୍ଟି (ଏସ୍‌ପି) ୬୫ ଆସନରେ ଲଢ଼ିବ ଏବଂ ଅବଶିଷ୍ଟ ୧୫ ଆସନ ଇଣ୍ଡିଆ ମେଣ୍ଟକୁ ଛାଡ଼ିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ୬୫ ଆସନ ପାଇଁ ସମାଜବାଦୀ ପାର୍ଟିର ସମ୍ଭାବ୍ୟ ପ୍ରାର୍ଥୀ ପ୍ରାୟ ଚୂଡ଼ାନ୍ତ ହୋଇଯାଇଛି। ଅବଶିଷ୍ଟ ୧୫ ଆସନରେ ଇଣ୍ଡିଆ ମେଣ୍ଟ ସଦସ୍ୟ କଂଗ୍ରେସ ଓ ଅନ୍ୟମାନେ ପ୍ରାର୍ଥୀ ଦେବେ। ବିରୋଧୀଙ୍କ ମେଣ୍ଟ ଉଦ୍ୟମ ବିଫଳ ହେଲେ ସମାଜବାଦୀ ପାର୍ଟି ଏକାକୀ ଭାଜପା ସହ ଲଢ଼ିବାକୁ ପ୍ରସ୍ତୁତ ଥିବା କହିଛି। ଯଦି ଇଣ୍ଡିଆ ମେଣ୍ଟ ତିଷ୍ଠି ରହିବା ସହ ଆସନ୍ତାବର୍ଷ ନିର୍ବାଚନକୁ ଓହ୍ଲାଏ, ତେବେ ସମାଜବାଦୀ ପାର୍ଟି ସୋନିଆ ଗାନ୍ଧୀଙ୍କ ଆସନ ରାଏବରେଲୀ ଏବଂ ପୂର୍ବରୁ କଂଗ୍ରେସ ନିୟନ୍ତ୍ରଣରେ ଥିବା ଆମେଠି ଆସନରେ ପ୍ରାର୍ଥୀ ଦେବ ନାହିଁ। ମଧ୍ୟପ୍ରଦେଶରେ ଆସନ ଭାଗବଣ୍ଟାକୁ ନେଇ କଂଗ୍ରେସ ସହ ମତଭେଦ ଦେଖାଦେଇଥିବାବେଳେ ସମାଜବାଦୀ ପାର୍ଟି ପକ୍ଷରୁ ଏଭଳି ଘୋଷଣା କରାଯାଇଛି।

**୨ ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଲମ୍ବା ଲାଇନ ଲାଗିବା ଘଟଣା**

# ପୋଲିସ, ଇଓଡବ୍ଲ୍ୟୁ, ଇଡି ଚୁପ୍ ବସିବା ଚିନ୍ତାଜନକ: କଂଗ୍ରେସ

**ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର)**

ରାଜଧାନୀ ଛାତି ଉପରେ ଆର୍‌ବିଆଇ କାର୍ଯ୍ୟାଳୟ ରହିଛି। ଏହି କାର୍ଯ୍ୟାଳୟ ସାମ୍ନାରେ ୬୦୦ରୁ ୭୦୦ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକ ଧାଡ଼ିରେ ପୁଳା ପୁଳା ୨ ହଜାର ଟଙ୍କିଆ ନୋଟ୍ ଧରି ତାହା ବଦଳାଇବା ପାଇଁ ଛିଡ଼ା ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଭଳି ଲମ୍ବା ଲାଇନ ଗତ ୧୪ ତାରିଖଠାରୁ ଆରମ୍ଭ ହୋଇ ୧୮ ଦିନ ଧରି ଲାଗି ରହିଥିଲେ ମଧ୍ୟ କମିଶନରେଟ୍‌ର ପୋଲିସ ଅଧିକାରୀ, ଇଓଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଏବଂ କେନ୍ଦ୍ର ସରକାରଙ୍କର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମସ୍ତେ ଚୁପ୍ ହୋଇ ବସିଥିଲେ। ଗଣମାଧ୍ୟମ ଏହି ଘଟଣାକୁ ବାରମ୍ବାର ଦେଖାଇବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ନେଇ ଏହି ତଦନ୍ତକାରୀ ସଂସ୍ଥା ଚୁପ୍ ବସି ରହିବା ଅତ୍ୟନ୍ତ ଚିନ୍ତାଜନକ ବୋଲି କଂଗ୍ରେସ ନେତା ରଜନୀ ମହାନ୍ତି କହିଛନ୍ତି।

କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ୨୦୧୬ ନଭେମ୍ବର ୮ ତାରିଖରେ କେନ୍ଦ୍ର ସରକାର ୫ ଶହ ଓ ହଜାର ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ। ପୁନର୍ବାର ଗତ ମେ ମାସରେ କେନ୍ଦ୍ର ସରକାର ୨ ହଜାର ଟଙ୍କିଆ ନୋଟ୍ ପ୍ରଚଳନକୁ ବନ୍ଦ କରିବା ପାଇଁ ଆଉ ଏକ ବିମୁଦ୍ରୀକରଣ ଘୋଷଣା କଲେ। ସରକାର ଗତ ମେ ମାସରୁ ଅକ୍ଟୋବର ୭ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ବିଭିନ୍ନ ବ୍ୟାଙ୍କରେ ଏହି ଟଙ୍କା ବଦଳାଇବା ପାଇଁ ସମୟ ଦେଲେ। କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟ କଥା ଦୀର୍ଘ ଏତେଦିନ ଭିତରେ ଭୁବନେଶ୍ୱରରେ କେଉଁ ବ୍ୟବସାୟୀମାନଙ୍କ ଠାରେ ଏତେ କୋଟି କୋଟି ଟଙ୍କାର ୨ ହଜାର ଟଙ୍କିଆ ନୋଟ୍ ଠୁଳ ହୋଇ ରହିଥିଲା ତାକୁ ସେମାନେ ୭ ମାସ ମଧ୍ୟରେ ବଦଳାଇପାରିଲେ ନାହିଁ ବୋଲି ରଜନୀ ପ୍ରଶ୍ନ କରିଛନ୍ତି।

# ୟୁଏଇ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀଙ୍କୁ ଭେଟିବା ସହ ଆବୁଧାବିର ଗ୍ଲୋବାଲ ଟେକ୍ ଇକୋସିଷ୍ଟମ୍ ହବ୍ ୭୧ ପରିଦର୍ଶନ କରିଛନ୍ତି। ଏହି ବୈଠକରେ ଭାରତ ଓ ୟୁଏଇ ଦ୍ୱିପାକ୍ଷିକ ସମ୍ପର୍କର ଶିକ୍ଷାକୁ ଶକ୍ତିଶାଳୀ ସ୍ତମ୍ଭ ଭାବେ ପ୍ରତିଷ୍ଠା କରିବା ପାଇଁ ଆଲୋଚନା ହୋଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି।

ଧର୍ମେନ୍ଦ୍ର ୟୁଏଇର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶେଖ୍ ଅବଦୁଲ୍ଲା ବିନ୍ ଜାୟେଦଙ୍କ ସହ ଭାରତ ଓ ୟୁଏଇ ମଧ୍ୟରେ ବହୁମୁଖୀ ସହଭାଗିତାକୁ ଅଧିକ ଶକ୍ତିଶାଳୀ କରିବା ସହ ଭାଗୀଦାରିକୁ ଆଗେଇନେବା ଉପରେ ଆଲୋଚନା କରିଛନ୍ତି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ପ୍ରତିଷ୍ଠା ସହ ୟୁଏଇରେ ରହୁଥିବା ଭାରତୀୟଙ୍କୁ ସହଯୋଗ ପ୍ରଦାନ କରୁଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଧନ୍ୟବାଦ ଦେଇଛନ୍ତି। ସେହିପରି ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ତଥା ଆବୁଧାବି ଶିକ୍ଷା ଓ ଜ୍ଞାନ ବିଭାଗ (ଏଡିଇକେ)ର ଅଧ୍ୟକ୍ଷା ସାରା ମୁସଲ୍ଲମଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ଏକ ପୃଥକ୍ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ବ୍ୟାପକ କରିବା ଏବଂ ଶିକ୍ଷାକୁ ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟତମ ଶକ୍ତିଶାଳୀ ସ୍ତମ୍ଭ ଭାବେ ପ୍ରତିଷ୍ଠା କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସର ଅଗ୍ରଗତିକୁ ସହଜ କରିବା ପାଇଁ ଭାରତ ପକ୍ଷରୁ ଆବଶ୍ୟକ ସହଯୋଗ, ୟୁଏଇରେ କାର୍ଯ୍ୟ କରୁଥିବା ସିବିଏସ୍‌ଇ ଅନୁବନ୍ଧିତ ଭାରତୀୟ ବିଦ୍ୟାଳୟଗୁଡ଼ିକୁ ଏଡିଇକେର ସମର୍ଥନ ଏବଂ ଦୁବାଇରେ ସିବିଏସ୍‌ଇର ଏକ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଯୋଜନା ଉପରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି। ଆବୁଧାବିରେ ନିର୍ମାଣାଧୀନ ବିଏପିଏସ୍ ହିନ୍ଦୁ ମନ୍ଦିର ଦର୍ଶନ ସହ କେନ୍ଦ୍ରମନ୍ତ୍ରୀ ସେଠାରେ ପୂଜାର୍ଚ୍ଚନା କରିଛନ୍ତି। ଉକ୍ତ ମନ୍ଦିରର କାନ୍ଥରେ ଥିବା ଜଗନ୍ନାଥ ସଂସ୍କୃତି ସହ ରଥଯାତ୍ରା କଳାକୃତିକୁ ସେ ପ୍ରଶଂସା କରିଛନ୍ତି। ମନ୍ଦିରରେ ଜଗନ୍ନାଥ ସଂସ୍କୃତିର ଚିତ୍ରଣ ଜଗନ୍ନାଥ ଭକ୍ତ ଏବଂ ବିଶ୍ୱର ସମସ୍ତ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ପିଆଜ ଦର ବୃଦ୍ଧି ନେଇ ମହିଳା କଂଗ୍ରେସର ପ୍ରତିବାଦ

**ଭୁବନେଶ୍ୱର, ୨।୧୧(ସୁନିତ୍ ମିଶ୍ର)**

ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ଗୀତାଞ୍ଜଳି ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ପିଆଜ ଦର ବୃଦ୍ଧି ନେଇ ପ୍ରତିବାଦ କରାଯାଇଛି। ଭୁବନେଶ୍ୱର ଜିଲା ମହିଳା କଂଗ୍ରେସର ବହୁ କର୍ମୀ ଦଳର ଜିଲା କାର୍ଯ୍ୟାଳୟରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ବାହାରି ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ପିଆଜି କେ.ଜି ପ୍ରତି ୩୦ ଟଙ୍କାରେ ବିକ୍ରି କରିଛନ୍ତି। କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟ ପିଆଜ ବଜାରରେ ନିଆଁ ଲାଗିଛି। ୨୩ ବର୍ଷର ସରକାର ପ୍ରତିବର୍ଷ ରାଜ୍ୟର ଖାଉଟିମାନଙ୍କୁ ପିଆଜ ଓ ଆଳୁ ଚଢ଼ା ଦାମ୍‌ରେ ବିକ୍ରିକରି ହନ୍ତସନ୍ତ କରୁଛନ୍ତି। ରାଜ୍ୟରେ ୩.୯୫ ଲକ୍ଷ ମେଟ୍ରିକ୍ ଟନ୍‌ର ପିଆଜ ଉତ୍ପାଦନ ହେଉଛି ବୋଲି ରାଜ୍ୟ ଉଦ୍ୟାନ ବିଭାଗ ଅଧିକାରୀମାନେ କହୁଥିବା ବେଳେ ରାଜ୍ୟର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଭିନ୍ନ ତଥ୍ୟ ଦେଉଛନ୍ତି। କୃଷିମନ୍ତ୍ରୀ ବିଧାନସଭାରେ ରାଜ୍ୟର ୩.୭୫ ଲକ୍ଷ ମେଟ୍ରିକ ଟନ୍‌ର ପିଆଜ ଉତ୍ପାଦନ ହେଉଛି ବୋଲି କହୁଛନ୍ତି। ରାଜ୍ୟବାସୀ କାହିଁକି ପିଆଜ କିଲୋ ୮୦ ଟଙ୍କା ଦେଇ ଚଢ଼ା ଦରରେ କିଣୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।


ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ଶସ୍ତାରେ ପିଆଜ ବିକ୍ରି କରାଯାଉଛି।

# ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ

**ରାଉରକେଲା,୨।୧୧(ସଙ୍ଗୀତା ଜେନା):** ଭାଜପା ରାଜ୍ୟ ଯୁବମୋର୍ଚ୍ଚାର ନୂତନ କାର୍ଯ୍ୟକାରିଣୀ ଓ ଜିଲା ସଭାପତିଙ୍କୁ ନେଇ ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଉଦ୍‌ଘାଟିତ ହୋଇଛି। ରାଉରକେଲାର ଏକ ହୋଟେଲରେ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି, ସାଧାରଣ ସମ୍ପାଦକ ଶାରଦା ଶତପଥୀ ଯୋଗ ଦେଇଥିଲେ। ଏଥିରେ ରାଜନୈତିକ ଚିଠା ପ୍ରସ୍ତୁତ ହୋଇ ରାଜ୍ୟ ଉପସଭାପତି ଓ ସମ୍ପାଦକଙ୍କ ଦ୍ୱାରା ସର୍ବସମ୍ମତି କ୍ରମେ ପାରିତ ହୋଇଥିଲା। ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ଅପରାଜିତା ବଡ଼ଜେନା, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଅଙ୍କୁଶ ବର୍ମା, ସାଧାରଣ ସମ୍ପାଦକ ସୁଜିତ ସିଂ, ଓଡ଼ିଶା ଯୁବମୋର୍ଚ୍ଚା ପ୍ରଭାରୀ ଶଶାଙ୍କ ଶେଖର ରାଜ, ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକ, ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନଙ୍କୁ ରାଉରକେଲା ରେଳ ଷ୍ଟେଶନଠାରେ ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ସଭାନେତ୍ରୀ ଲତିକା ପଟ୍ଟନାୟକ, ଜଗବନ୍ଧୁ ବେହେରା, ନିହାର ରାୟ, ପ୍ରବାଳ ବାରିକ, ଅଙ୍କୁଶ ବର୍ମା, ଭଗବାନ ରାଉତ, ଦୁର୍ଗା ତନ୍ତୀଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept., Govt. of Odisha
**GNM** Duration : 3 Year, Eligibility : +2 Pass (Any Stream) 40% Mark
**ANM** Duration : 2 Year, Eligibility : +2 Pass (Any Stream)
**DMRT DMLT** Duration : 2 Year, Eligibility : +2 Science
**CBCA** Certified Blood Collection Assistant Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702

**ଲୋନ୍! ଲୋନ୍! ଲୋନ୍!**
ଦୀପାବଳି ଧମାକା
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
0674-2580101, 2549949


REAL ESTATE
SALE

2400 Sqft. Gharabari Land for Sale Samanta Sahi, Cuttack. Contact. 8114860043. D-71568

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ- 850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର ଖୋର୍ଦ୍ଧା NH side Gandhi College ଲାଗି 60' road, electricity, boundarywall ଥାଇ immediatly ଘର କରିବା ପାଇଁ ପ୍ଲଟ୍ ମିଳୁଛି। 9090963952. D-75250

Available plots 500/- sqft. 30ft road, Electricity, Backside SOG, Chandaka, Bhubaneswar- 8917439982. D-75253

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରିହେବ-7008833643. D-75257

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 9938368479. D-75248

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - 9437205314, 9937513595. D-75243

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ (General / SC) possession plot ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। 9438315973 / 9938066403. D-1655

ଭୁବନେଶ୍ୱର ତମାଣ୍ଡୋ Hyundai Showroom ପାଖରେ ଏବଂ ଯାଆଁଳା Overbridgeଠାରୁ 1 Km ଦୂରରେ ସ୍ଥିତିବାନ possession plot ସୁଲଭ ମୂଲ୍ୟରେ ବିକ୍ରି ହେଉଛି। Contact: 9777067303. D-1656

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242




Newly open Spa positively health benefits with expert therapist. 9938843929. D-75167

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Newly open SPA positively health benefit with expert. Contact: 7749976301. D-1681

All types of professional body massage by professional therapy. Contact 7077933109, 9556924059, 8658803018. D-1669

Full body massage by expert therapist positively health benefits. 7381172169. D-75165

Relax, Refresh your body, Mind at Saikrupa Spa with best therapies. 8984068077. D-1696

Newly open health benefits Spa special offer @999. Contact: 7749034655. D-75166


BUSINESS

Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜଚିନ୍ଦ୍ର କୁମାର ରାୟ
ଜିତିକାରସୁଆଁଲୋ, ଭିଙ୍ଗାରପୁର, ଖୋର୍ଦ୍ଧା
ଆବିର୍ଭାବ: ତା. ୨୭।୦୭।୧୯୬୮
ତିରୋଧାନ: ତା. ୧୯।୧୦।୨୦୧୯
ଚାହୁଁ ଚାହୁଁ ଚାରିବର୍ଷ ବିତି ଗଲା କିନ୍ତୁ ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ତୁମର ବାପା, ବୋଉ, ସ୍ତ୍ରୀ-ରିତା, ପୁଅ, ଝିଅ, ଭାଇ, ଭାଉଜ ତଥା ପରିବାରବର୍ଗ
ଧ-୧୭୦୮

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ୧.୪ ଲକ୍ଷ ଲୋକଙ୍କୁ ଅନ୍ନ ସେବା

ଭୁବନେଶ୍ୱର,୨।୧୧ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ ୩୦୦୦ ବଞ୍ଚିତ ବର୍ଗର ପିଲାଙ୍କ ସହ ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଫାଉଣ୍ଡେଶନ ପକ୍ଷରୁ ସାରା ଦେଶରେ ଅନ୍ନ ସେବା ନାମରେ ଏକ ମହତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଫାଉଣ୍ଡେଶନ ୧୫ଟି ରାଜ୍ୟର ୧.୪ ଲକ୍ଷ ଲୋକଙ୍କୁ ଉଭୟ ରନ୍ଧାଖାଦ୍ୟ ଓ ରାଶନ ସାମଗ୍ରୀ ଯୋଗାଇଛି। ଏପରିକି ଅନ୍ନ ସେବା ଜରିଆରେ ପ୍ରାୟ ୭୫,୦୦୦ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୬୫,୦୦୦ ଲୋକଙ୍କୁ ଶୁଖିଲା ରାଶନ ସାମଗ୍ରୀ (ଗ୍ରୋସେରି) ପ୍ରଦାନ କରାଯାଇଛି। ବିଶେଷକରି ଶିଶୁ ଓ ବୃଦ୍ଧାଶ୍ରମଠାରେ ରହୁଥିବା ବରିଷ୍ଠ ନାଗରିକ, ଦିନ ମଜୁରିଆ, କୁଷ୍ଠ ଆକ୍ରାନ୍ତ ବ୍ୟକ୍ତି, ଭିନ୍ନକ୍ଷମ ଏବଂ ବିଶେଷ ଆବଶ୍ୟକତା ରହିଥିବା ଲୋକମାନଙ୍କୁ ଅନ୍ନ ସେବାରେ ସାମିଲ କରାଯାଇଥିଲା ବେଳେ ରନ୍ଧାଖାଦ୍ୟ ବିତରଣଠାରୁ ଆରମ୍ଭକରି ରାଶନ ସାମଗ୍ରୀ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ରିଲାଏନ୍ସର ସ୍ୱୟଂସେବକମାନେ କରିଛନ୍ତି। ଅପରପକ୍ଷରେ ନୀତା ଅମ୍ବାନୀ ମୁମ୍ବାଇର ଧୀରୁଭାଇ ଅମ୍ବାନୀ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ବଞ୍ଚିତ ବର୍ଗର ୩୦୦୦ ପିଲାଙ୍କ ସହିତ ନିଜ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସ୍କୁଲ ଯାଉଥିବା ୩୦୦୦ ବଞ୍ଚିତ ବର୍ଗର ପିଲା ମନୋରଞ୍ଜନ ଓ ଉପହାରର ମଜା ନେବା ସହିତ ଅନ୍ନ ସେବାରେ ସାମିଲ ହୋଇଥିଲେ। ଏଥିରେ ନୀତା ଅମ୍ବାନୀ ସମସ୍ତଙ୍କୁ ରନ୍ଧାଖାଦ୍ୟ ପରଷିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର, ପୁରୀ ଓ ବରଗଡ଼ ଭଳି ପ୍ରମୁଖ ଅଞ୍ଚଳର ୫୫୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶୁଖିଲା ରାଶନ ସାମଗ୍ରୀ ଫାଉଣ୍ଡେଶନ ପକ୍ଷରୁ ସ୍ଥାନୀୟ ଏନ୍‌ଜିଓ ସହଯୋଗୀଙ୍କ ଜରିଆରେ ବଣ୍ଟନ କରାଯାଇଛି।

ସୂଚନାଯୋଗ୍ୟ, କରୋନା ମହାମାରୀ ସମୟରେ ନୀତାଙ୍କ ରିଲାଏନ୍ସ ଫାଉଣ୍ଡେଶନ ଅନ୍ନ ସେବା ନାମରେ ସେହି ସମୟର ସବୁଠାରୁ ବଡ ଭୋଜନ ବିତରଣ କାର୍ଯ୍ୟକ୍ରମ କରିଥିଲା। ନୀତାଙ୍କ ଜନ୍ମଦିନରେ ଭୋଜନ ବିତରଣ ସେହି ପରମ୍ପରାର ସମ୍ପ୍ରସାରଣ ବୋଲି ଫାଉଣ୍ଡେଶନ ପକ୍ଷରୁ ପ୍ରକାଶ କରାଯାଇଛି। ଶିକ୍ଷା, ମହିଳା ସଶକ୍ତୀକରଣ, କ୍ରୀଡ଼ା, କଳା ଓ ସଂସ୍କୃତି କ୍ଷେତ୍ରରେ ନୀତାଙ୍କ ଅନେକ ଅନନ୍ୟ ଉପଲବ୍ଧି ରହିଛି। ନୀତାଙ୍କ ନେତୃତ୍ୱରେ ରିଲାଏନ୍ସ ଫାଉଣ୍ଡେଶନ ସାରା ଦେଶରେ ୭କୋଟି ୧୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବରେ ପ୍ରଭାବିତ କରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୨।୧୧

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୯୦ (୪୮୯.୫୭) ପଏଣ୍ଟ ବଢି ୬୪,୦୮୧ (୬୪,୦୮୦.୯୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୪ (୧୪୪.୧୦) ପଏଣ୍ଟ ବୃଦ୍ଧି ଘଟି ୧୯,୧୩୩ (୧୯,୧୩୩.୨୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍ଏସ୍ଇ ନିଫ୍ଟିମିଡ୍‌କ୍ୟାପ, ସ୍ମଲ୍ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଥିଲା। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି।

# ପ୍ଲାଟିନମ୍ ଇଭାରାର ନ୍ୟୁ କଲେକ୍ସନ

ଭୁବନେଶ୍ୱର,୨।୧୧



ପ୍ଲାଟିନମ୍ ଗ୍ଲିଡି ଇଣ୍ଟରନ୍ୟାଶନାଲ (ପିଜିଆଇ) ଇଣ୍ଡିଆର ଅଗ୍ରଣୀ ବ୍ରାଣ୍ଡ୍ 'ପ୍ଲାଟିନମ୍ ଇଭାରା'ର ନ୍ୟୁ କଲେକ୍ସନ (ନୂତନ ସଂଗ୍ରହ)ଗୁଡିକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ଉତ୍ସବ ଉପଯୋଗୀ ଓ ଆଜିର ମହିଳାମାନଙ୍କ ମନପସନ୍ଦର ଉତ୍ପାଦ ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ଏପରିକି ୯୫% ଶୁଦ୍ଧ ପ୍ଲାଟିନମ୍‌ରୁ ନିର୍ମିତ ପ୍ରତ୍ୟେକ ଖଣ୍ଡ ଅର୍ଥ ସହ ଉକ୍ତ ଉତ୍ପାଦଗୁଡ଼ିକ ସନ୍ନିବେଶିତ ହୋଇଛି ଓ ପ୍ରତ୍ୟେକ ମହିଳାଙ୍କ ପାଇଁ ଏହା ସ୍ୱତନ୍ତ୍ରତା ବହନ କରିଥାଏ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ନୂଆ ଇଭାରା ସଂଗ୍ରହ ଆଧୁନିକ ମହିଳାମାନଙ୍କ ସହ ନିଜର ଭାବକୁ ପ୍ରକାଶ କରିଥାଏ। ଏପରିକି ଯେଉଁମାନେ ସାମ୍ପ୍ରତିକ ମୂଲ୍ୟବୋଧ ଉପରେ ଦୃଷ୍ଟି ଦିଅନ୍ତି ଓ ଉତ୍ସବକୁ ସ୍ମରଣୀୟ କରିବାକୁ ଚାହିଁଥାନ୍ତି। ସେହିଭଳି ବିଭିନ୍ନ ପ୍ରକାର ଡିଜାଇନକୁ ନେଇ ବ୍ରାଣ୍ଡର ଉତ୍ପାଦଗୁଡ଼ିକ ପ୍ରସ୍ତୁତ ହୋଇଛି, ଯାହା ଜୀବନକୁ ଏକ ଖୋଲା କାନ୍‌ଭାସ ରୂପେ ପ୍ରତିଫଳିତ କରିଥାଏ। ଏପରିକି ଅଧିକ ବହୁମୁଖୀ ପ୍ଲାଟିନମ୍ ଇଭାରାର କ୍ୟୁରେଟ ହୋଇଥିବା ବେଳେ ଉକ୍ତ ସଂଗ୍ରହରେ ଥିବା ପ୍ରତ୍ୟେକ ଖଣ୍ଡ ସହଜରେ ମହିଳାମାନଙ୍କ ସହିତ ଅଧିକ କ୍ଲାସିକ ଓ ସୂକ୍ଷ୍ମ ବ୍ରୋଞ୍ଚ ସୋରିକୁ ଯାଇପାରେ ବୋଲି ବ୍ରାଣ୍ଡ୍ ପକ୍ଷରୁ ମତପ୍ରକାଶ କରାଯାଇଛି। ସେହିପରି ବ୍ରାଣ୍ଡ୍‌ର ନୂଆ ଡିଜାଇନ ସଂଗ୍ରହରେ ଆରେ ଅନ୍ତର୍ଭୁକ୍ତ ରହିଛି। ଏହାର ବିଶେଷ ଶୈଳୀର ସ୍ୱତନ୍ତ୍ରତା ବାରି ହୋଇପଡ଼େ। ଏହି ଡିଜାଇନଗୁଡ଼ିକ ଉଭୟ କ୍ଲାସିକ ଓ ପାରମ୍ପରିକ ଶୈଳୀକୁ ପ୍ରତିପାଦିତ କରିଥାଏ; ଯାହାକି ଯେକୌଣସି ଉତ୍ସବ ବା ବିବାହ ଋତୁର ମହତ୍ତ୍ୱକୁ ବହୁ ଗୁଣରେ ବଢାଇଥାଏ।

# ଟାଟା ଷ୍ଟିଲ୍‌ର ୨ୟ ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨।୧୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ଟାଟା ଷ୍ଟିଲ୍' ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ବିଶେଷକରି ୨୦୨୩ ସେପ୍ଟେମ୍ବର ୩୦ ସୁଦ୍ଧା ଶେଷ ହୋଇଥିବା କମ୍ପାନୀ କାରବାର ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ମଧ୍ୟରେ କମ୍ପାନୀର ରାଜସ୍ୱ ୫୫,୬୮୨ କୋଟି ଟଙ୍କା ହୋଇଥିବା ବେଳେ ଭାରତୀୟ ବ୍ୟବସାୟର ମାର୍ଜିନ ୨୦% ଅଧିକ ରହିଛି ଏବଂ ଇବିଆଇଟିଡିଏ ୬,୮୪୧ କୋଟି ଟଙ୍କା ହୋଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ କମ୍ପାନୀର ରାଜସ୍ୱ ୧,୧୫,୧୭୨ କୋଟି ଟଙ୍କା ରହିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ କହିଛନ୍ତି, ପ୍ରାୟ ୫ ନିୟୁତ ଟନ୍ ଅଶୋଧିତ ଇସ୍ପାତ ଉତ୍ପାଦନ ସହ କମ୍ପାନୀ (ଟାଟା ଷ୍ଟିଲ୍ ଇଣ୍ଡିଆ) ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଅସ୍ଥିରତା ଓ ଋତୁଭିତ୍ତିକ ବିଷୟ ସତ୍ତ୍ୱେ ଘରୋଇ ଡେଲିଭରି ବର୍ଷକୁ ବର୍ଷ ଭିତ୍ତିରେ ୬% ବୃଦ୍ଧି ପାଇଥିଲାବେଳେ ୨ୟ ତ୍ରୈମାସିକରେ ଅଟୋ, ବ୍ରାଣ୍ଡେଡ୍ ଉତ୍ପାଦ ଓ ରିଟେଲ୍ ବିକ୍ରି ବହୁତ ଭଲ ରହିଛି। ସେହିଭଳି କମ୍ପାନୀର କଳିଙ୍ଗନଗର ସିଆର୍‌ଏମ୍ କମ୍ପ୍ଲେକ୍ସରେ ଏଫ୍ଏଚ୍‌ସିଆର୍ କଏଲ୍ ଉତ୍ପାଦନ ଆରମ୍ଭ କରାଯାଇଥିବା ବେଳେ କମ୍ପାନୀ କୋଲ୍ଡ ରୋଲ୍ଡ ଷ୍ଟିଲ୍ ପାଇଁ ଅଟୋମେଟିଭ୍ ଓଇଏମ୍‌ଙ୍କଠାରୁ ଅନୁମୋଦନ ମିଳିବା ଆରମ୍ଭ ହୋଇଛି। ଏପରିକି ଆମର ଦୃଢ଼ ବଣ୍ଟନ ନେଟ୍‌ୱର୍କ ଜରିଆରେ ଗୃହ ନିର୍ମାତାଙ୍କ ରିଟେଲ୍ ବିକ୍ରିବୃଦ୍ଧି ଜାରି ରହିଛି, ଇ-କମର୍ସ ପ୍ଲାଟ୍‌ଫର୍ମ ଟାଟା ଷ୍ଟିଲ୍ ଆସିଆନା ପ୍ରତି ମାସରେ ୧୦,୦୦୦ ସ୍ୱତନ୍ତ୍ର ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି।

# ସିପେଟ୍ ପକ୍ଷରୁ ୨ଦିନିଆ ଜାତୀୟ ସମ୍ମିଳନୀ




ଭୁବନେଶ୍ୱର,୨।୧୧

ସିପେଟ୍ ଏବଂ ଆଇପିଟି ଭୁବନେଶ୍ୱର ପକ୍ଷରୁ 'ରିସେଣ୍ଟ ଆଡଭାନ୍ସମେଣ୍ଟ ଇନ୍ ମ୍ୟାଟେରିଆଲ ଆଣ୍ଡ୍ ମାନୁଫାକ୍ଚରିଂ' ସମ୍ପର୍କିତ ଏକ ୨ଦିନିଆ ଜାତୀୟ ସମ୍ମିଳନୀ ଗୁରୁବାରଠାରୁ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ଏସ୍‌ଡି ଏବଂ ଟିଇ ଡିପାର୍ଟମେଣ୍ଟର ପ୍ରିନ୍ସିପାଲ ସେକ୍ରେଟାରି ଉଷା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପେଟ୍‌ର ଡାଇରେକ୍ଟର ଜେନେରାଲ ପ୍ରଫେସର ଡ. ଶିଶିର ସିହ୍ନା, ଆଇଆଇଏସ୍ଇଆର୍ ବ୍ରହ୍ମପୁରର ଡାଇରେକ୍ଟର ଅଶୋକ କୁମାର ଗାଙ୍ଗୁଲି, ଭିଏସ୍‌ଏସ୍‌ୟୁଟି ବୁର୍ଲାର କୁଳପତି ବଂଶୀଧର ମାଝି, ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସି ଭୁବନେଶ୍ୱରର ଡ. ସଂଘମିତ୍ରା ପତି, ଏସ୍‌ଭିଏନ୍‌ଆଇଆର୍‌ଟି ଆଣ୍ଡ୍ ଆର୍ ଓଲଟପୁର କଟକର ଡାଇରେକ୍ଟର ଡ. ପି. ପି. ମହାନ୍ତି, ଆଇସିଟି-ଆଇଓସି ଭୁବନେଶ୍ୱରର ଡାଇରେକ୍ଟର ପ୍ରଦୀପ ଆର୍ ଭାଭିଆଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ଏକାଡେମିସିଆନ୍ ଓ ରିସର୍ଚ୍ଚ ସ୍କଲାରମାନେ ଯୋଗଦେଇଥିଲେ। ଅପରପକ୍ଷରେ ସିପେଟ୍,ଆଇପିଟି ଭୁବନେଶ୍ୱରର ପ୍ରିନ୍ସିପାଲ ଡାଇରେକ୍ଟର ତଥା ମୁଖ୍ୟ ପି.କେ. ସାହୁଙ୍କ ନେତୃତ୍ୱରେ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ଓଜିବି ପକ୍ଷରୁ ସତର୍କତା ଦିବସ

ନୂଆଦିଲ୍ଲୀ,୨।୧୧

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ଆଞ୍ଚଳିକ ଶାଖା କଟକ ପକ୍ଷରୁ ସତର୍କତା ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଜିବି ବେଣ୍ଟକାର ଶାଖା ନିକଟସ୍ଥ ପାର୍ବତୀ ବିଦ୍ୟାପୀଠ ଦଧିବାମନପୁରଠାରେ ସତର୍କତା ଦିବସ ପାଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ଶାଖା କଟକର ରିଜିଓନାଲ ମ୍ୟାନେଜର ଆଶିଷ ନାୟକ ଓ ଲିଡ୍ ବ୍ୟାଙ୍କ ମ୍ୟାନେଜର ଅମରେଶ ସତ୍ୟନାରାୟଣ ରାଉତଙ୍କ ସହାୟତାରେ ବେଣ୍ଟକାର ଶାଖା ପକ୍ଷରୁ ପାର୍ବତୀ ବିଦ୍ୟାପୀଠ ଦଧିବାମନପୁରଠାରେ ସତର୍କତା ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଶାଖା ପ୍ରବନ୍ଧକ ପ୍ରଦୀପ୍ତ କୁମାର ନାୟକ ଏବଂ ବହୁ ବରିଷ୍ଠ ଅଧିକାରୀ ଓ ଷ୍ଟାଫ୍‌ଙ୍କ ସହାୟତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ଷ୍ଟାଫ୍ ଓ ଛାତ୍ରମାନେ ଶପଥ ଗ୍ରହଣ କରିବା ଏବଂ ଏକ ବକ୍ତୃତା ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ମ୍ୟାନେଜର ସତ୍ୟନାରାୟଣ ରାଉତ ପୁରସ୍କାର ପ୍ରଦାନ କରିଥିଲେ।

# ଆଜିଓଗ୍ରାମର ଶୁଭାରମ୍ଭ




ଭୁବନେଶ୍ୱର,୨।୧୧

ଅଗ୍ରଣୀ ଫ୍ୟାଶନ ଇ-ଟେଲର ଆଜିଓ ପକ୍ଷରୁ ଗୁରୁବାର ଇ- କମର୍ସ ପ୍ଲାଟ୍‌ଫର୍ମ ଆଜିଓଗ୍ରାମ୍ ଶୁଭାରମ୍ଭ ହୋଇଯାଇଛି। ଭାରତୀୟ ଫ୍ୟାଶନ ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଜିଓ ଆପ୍ ମାଧ୍ୟମରେ ସହଜରେ ଆଜିଓଗ୍ରାମରେ ପ୍ରବେଶ କରିବା ସହ ୨୦୦ରୁ ଅଧିକ ଘରୋଇ ଉତ୍ପାଦ ପାଇପାରିବେ। ଷ୍ଟ୍ରିଟ୍ ୱେରଠାରୁ ଆରମ୍ଭ କରି ଆଧୁନିକ ଓ ପାରମ୍ପରିକ ପୋଷାକ ହାତ ପାହାନ୍ତାରେ ଗ୍ରାହକ ପାଇପାରିବେ। ତେବେ ଆଜିଓଗ୍ରାମର ଲଞ୍ଚ ଅବସରରେ ଆଜିଓର କାର୍ଯ୍ୟନିର୍ବାହୀ ଅଧିକାରୀ ଭିନିଥ୍ ନାଏର୍ କହିଛନ୍ତି, ବର୍ତ୍ତମାନର ପିଢ଼ି କେବଳ ନାମିଦାମୀ କମ୍ପାନୀ ନୁହେଁ ବରଂ ଅନ୍ୟ କମ୍ପାନୀର ପୋଷାକ କ୍ରୟକୁ ମଧ୍ୟ ପସନ୍ଦ କରୁଛନ୍ତି। ଡିଟୁସି ରିଭୋଲ୍ୟୁଶନ ଅନେକ ଏପରି ବ୍ରାଣ୍ଡ୍ ସୃଷ୍ଟି କରିଛି ଯାହାକି ଫ୍ୟାଶନରେ ସ୍ୱତନ୍ତ୍ରତା ସହ ନୂତନତା ଆଣିପାରୁଛି। ଏପରି କମ୍ପାନୀଗୁଡ଼ିକୁ ପ୍ରୋତ୍ସାହିତ କରିବା ସହ ଗ୍ରାହକଙ୍କ ଶପିଂକୁ ସରଳ କରିପାରିବ ବୋଲି ନାଏର କହିଛନ୍ତି। କ୍ରିଏଚରସ୍ ଅଫ୍ ହାବିଟ୍‌ର ସହ ପ୍ରତିଷ୍ଠାତ୍ରୀ ପଲ୍ଲବୀ ଦେଶାଇ କହିଛନ୍ତି, କ୍ରିଏଚରସ୍ ଅଫ୍ ହାବିଟ୍ ଏକ ନୂଆ ଷ୍ଟାର୍ଟଅପ୍ ହୋଇଥିବାବେଳେ କୌଣସି ମାର୍କେଟପ୍ଲେସ୍‌ରେ ସ୍ଥାନ ମିଳିନାହିଁ। ତେବେ ଆଜିଓଗ୍ରାମ ଗ୍ରାହକଙ୍କ ସହ ଯୋଡ଼ିହେବା ପାଇଁ ରାସ୍ତା ପ୍ରଶସ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ସୂଚନା ଥାଉ କି, ଆଜିଓଗ୍ରାମରେ ଅର୍ବାନ ମଙ୍କି, ସୁପରଡେକ୍, କ୍ୱିର୍କସ୍ମିଥ୍, କେଆର୍‌ଏ ଲାଇଫ୍, କ୍ରିଏଚରସ୍ ଅଫ୍ ହାବିଟ, ସେସିଲ, ଟ୍ରସର, ଫ୍ୟାନ୍ସିପ୍ୟାଣ୍ଟସ୍, ମିଡ୍ ନାଇଟ୍ ଆଞ୍ଜେଲସ୍ ବାଏ ପିସି, ମଙ୍କସ୍ ଅଫ୍ ମେଥଡ୍, କ୍ରାଫ୍ଟସ୍ ଆଣ୍ଡ ଗ୍ଲୋରି ଆଦି ସହ ଅନ୍ୟ ବ୍ରାଣ୍ଡ୍‌କୁ ଯୋଡ଼ାଯାଇଛି।

# ରାମ ଚରଣ ମାନ୍ୟବରର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨।୧୧




ଭାରତର ଅଗ୍ରଣୀ ପୁରୁଷ ଫ୍ୟାଶନ ତଥା ସେଲିବ୍ରେଶନ ଡ୍ରେସ୍ ବ୍ରାଣ୍ଡ , ମାନ୍ୟବର ଗ୍ଲୋବାଲ ଷ୍ଟାର ରାମ ଚରଣଙ୍କୁ ବ୍ରାଣ୍ଡ୍‌ର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଥିବା ଘୋଷଣା କରିଛି। ବିଶେଷକରି ଚଳିତ ବିବାହ ଋତୁ ପାଇଁ ବ୍ରାଣ୍ଡ୍‌ର ନୂତନ ଅଭିଯାନ 'ତୟାର ହୋ କର ଆୟେ' ସହିତ ମାନ୍ୟବର ଉତ୍ସବ ପାଳନ କରୁଛି। ଏପରିକି ରାମ ଚରଣ ସର୍ବଭାରତୀୟସ୍ତରରେ ଆଧୁନିକ ମଣିଷର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରତୀକ ଭାବେ ସମସାମୟିକ ଭାରତର ଆଭିମୁଖ୍ୟକୁ ପ୍ରତିପାଦନ କରୁଛନ୍ତି। ଅପରପକ୍ଷରେ ରାମ ଚରଣଙ୍କର ମୂଲ୍ୟବୋଧ ମାନ୍ୟବରର ଦର୍ଶନ ସହିତ ନିରବଚ୍ଛିନ୍ନ ଭାବେ ପୁନଃ ପ୍ରତିଫଳିତ ହେଉଛି ବୋଲି ବ୍ରାଣ୍ଡ୍ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଫ୍ୟାଶନ ଲିମିଟେଡ୍‌ର ମୁଖ୍ୟ ରାଜସ୍ୱ ଅଧିକାରୀ ବେଦାନ୍ତ ମୋଦି କହିଛନ୍ତି, ରାମ ଚରଣଙ୍କୁ ମାନ୍ୟବର ପରିବାର ସ୍ୱାଗତ କରୁଛି ଓ ଆମ ପାଇଁ ଏହା ଏକ ଗୌରବର ବିଷୟ ହୋଇଥିବାବେଳେ ତାଙ୍କ ସହ ଦର୍ଶକଙ୍କର ଏକ ଅବିସ୍ମରଣୀୟ ସମ୍ପର୍କ ରହିବ। ସେହିଭଳି ରାମ ଚରଣ କହିଛନ୍ତି, ମୁଁ ମାନ୍ୟବର ସହ ଜଡ଼ିତ ହୋଇ ବହୁ ଆନନ୍ଦିତ। ଏହି ବ୍ରାଣ୍ଡ୍ ଆଜି ଭାରତର ପୁରୁଷଙ୍କ ପାଇଁ ଉତ୍ସବର ଫ୍ୟାଶନକୁ ଅଧିକ ଜୀବନ୍ତ କରିଛି। ଅଭିନବତା, ପରମ୍ପରା ଓ ପାରିବାରିକ ମୂଲ୍ୟବୋଧ ପ୍ରତି ମାନ୍ୟବର ସର୍ବଦା ଯତ୍ନବାନ ରହିଆସିଛି। ଏହା ସହ ସହଭାଗିତା ମୋ ପାଇଁ ସ୍ୱତନ୍ତ୍ର। ବିଶେଷକରି ବିବାହ ଓ ଉତ୍ସବ ପାଳନ ଲାଗି ମାନ୍ୟବର ଷ୍ଟାଇଲ ସମସ୍ତଙ୍କ ପାଇଁ ଗୌରବର ବିଷୟ ହେବ ବୋଲି ମୁଁ ଆଶା କରୁଛି। ଏହି ଅଭିଯାନକୁ ଶ୍ରେୟାଂଶ ଇନୋଭେସନ ଦ୍ୱାରା ପରିକଳ୍ପିତ ଓ କାର୍ଯ୍ୟକାରୀ କରାଯାଉଛି। ପ୍ରତିଷ୍ଠାତା ଶ୍ରେୟାଂଶ ବୈଦ ପିତା ପୁତ୍ରଙ୍କ ସମ୍ପର୍କକୁ ଆଲୋକିତ କରି ତୟାର ହୋକର ଆୟେ ବାର୍ତ୍ତାକୁ ଅଧିକ ଜୀବନ୍ତ କରିଛନ୍ତି। ଦର୍ଶକଙ୍କ ପାଇଁ ଏହାକୁ ପହଞ୍ଚାଇ ଆମେ ବହୁତ ଖୁସି ଅନୁଭବ କରୁଛୁ।

# ଇଣ୍ଡଲଜ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୨।୧୧

ରାଜ୍ୟର ଅଗ୍ରଣୀ ସେଲୁନ ପ୍ଲାଟ୍‌ଫର୍ମ ଇଣ୍ଡଲଜ୍‌ର ନୂତନ ଉତ୍ପାଦ ଗୁରୁବାର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ଠାରେ ଥିବା ଇଣ୍ଡଲଜ୍‌ର ନୂତନ ସେଲୁନ୍‌ରେ ଅନ୍ତର୍ଜାତୀୟ କେଶ ଉତ୍ପାଦର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଜ୍ୟୋତି ମୋଟର୍ସର ନିର୍ଦ୍ଦେଶିକା ମେନୁ ପଟ୍ଟନାୟକ, ଉତ୍କଳ କନିକା ଗ୍ୟାଲେରିଆ ମଲ୍ ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦ , ଓଲିଉଡ୍ ଅଭିନେତ୍ରୀ ଅନିଷା ଓ ଇଣ୍ଡଲଜ୍ ସାଲୁନ୍ ପ୍ରତିଷ୍ଠାତା ସୁକୀର୍ତ୍ତି ପଟ୍ଟନାୟକ ଯୋଗଦେଇଥିଲେ।

ସେହିଭଳି ଏହି ଗାଲା ଇଭେଣ୍ଟରେ ଦୁଇଟି ନୂତନ ଉତ୍ପାଦର ଶୁଭାରମ୍ଭ କରାଯାଇଥିଲା। ଏପରିକି କୋପାକାବାନା ଓ ଟାନିନୋ ପ୍ରୋଟିନ୍ ସହିତ ଏକ ବୈପ୍ଳବିକ ହେୟାର ଏକ୍ସଟେନ୍ସନ ଚିକିତ୍ସା ଯାହା କ୍ଷତିଗ୍ରସ୍ତ କେଶକୁ ମରାମତି କରିଥାଏ। ଏହାର ପ୍ରାକୃତିକ ଗୁଣବତ୍ତା ଓ କେଶ ଏବଂ ଶୈଳୀ ଯୋଗୁ ବେଶ୍ ପସନ୍ଦଯୋଗ୍ୟ। ସମଗ୍ର ବିଶ୍ୱରେ ଅନେକ ସେଲିବ୍ରିଟି ଏହି ଏକ୍ସଟେନ୍ସନ୍ ବ୍ୟବହାର କରୁଛନ୍ତି। ଅପରପକ୍ଷରେ ପରାମର୍ଶ ଯୋଗାଇବା ଏବଂ ଉତ୍ପାଦଗୁଡ଼ିକ ପ୍ରଦର୍ଶନ କରିବା ପାଇଁ ମୁମ୍ବାଇର ବିୟୁଟି ଏସେନ୍‌ସିଆଲ୍ସ ଦଳ ଯୋଗ ଦେଇଥିଲେ। ଇଭେଣ୍ଟ ସମୟରେ ଅନେକ ଅତିଥି ଉତ୍ପାଦ ଏବଂ ସେବାଗୁଡ଼ିକ ଅନୁଭବ କରିଥିଲେ ଏବଂ ଉତ୍ପାଦର ରେଜଲ୍ଟ ମଞ୍ଚରେ ଉପସ୍ଥାପିତ ହୋଇଥିଲା। ମହିଳା ଉଦ୍ୟୋଗର ଉନ୍ନତୀକରଣର ଶୀର୍ଷଭାଗରେ ଥିବାରୁ ଶ୍ରୀମୟୀ ମିଶ୍ର ଓଡ଼ିଶାର ମହିଳାମାନଙ୍କୁ ପ୍ରଶଂସା କରିଥିଲେ। ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଓଡ଼ିଶାକୁ ଏକ ନିରାପଦ ତଥା ସହାୟକ ଗନ୍ତବ୍ୟସ୍ଥଳ କରିବା ପାଇଁ ସେ ସରକାରଙ୍କ ଦୃଷ୍ଟିକୋଣ ବାଣ୍ଟିଥିଲେ। ଅନେକ ମହିଳାଙ୍କୁ ଉଦ୍ୟୋଗୀ ହେବାକୁ ସୁଯୋଗ ଦେଇଥିବାରୁ ସେ ସୁକୀର୍ତ୍ତିଙ୍କୁ ପ୍ରଶଂସା କରିଥିଲେ। ମେନୁ ପଟ୍ଟନାୟକ ତାଙ୍କ ନେତୃତ୍ୱ ପାଇଁ ଏବଂ କ୍ରମାଗତ ଭାବେ ନବସୃଜନ ଆଣିବା ଏବଂ ଓଡ଼ିଶାର ସର୍ବଶେଷ ସେବା ପ୍ରଦାନ ପାଇଁ ମଧ୍ୟ ସୁକୀର୍ତ୍ତିଙ୍କୁ ପ୍ରଶଂସା କରିଥିଲେ। ପୂର୍ଣ୍ଣିମା ବୈଦ ଉତ୍କଳ ମଲ୍ ମାଧ୍ୟମରେ ଏକ ଭଲ ପରିବେଶ ସୃଷ୍ଟି କରିବାର ଦୃଷ୍ଟିକୋଣ ବାଣ୍ଟିଥିଲେ। ଇଣ୍ଡଲଜ୍ ସେଲୁନ୍ ଏବଂ ଅନ୍ତର୍ଜାତୀୟ ଉତ୍ପାଦକୁ ସ୍ୱାଗତ କରିଥିଲେ ଯାହା ଓଡ଼ିଶା ଗ୍ରାହକଙ୍କ ପାଇଁ ଆବଶ୍ୟକତା ଥିଲା ବୋଲି କହିଥିଲେ।

# ଆଇସିସି ପକ୍ଷରୁ ଜାତୀୟ ପାନୀୟ ଜଳ ସମ୍ମିଳନୀ




ଭୁବନେଶ୍ୱର,୨।୧୧

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ପକ୍ଷରୁ ଗୁରୁବାର ଜାତୀୟ ପାନୀୟ ଜଳ ସମ୍ମିଳନୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହା ୨ ଦିନ ଧରି ଚାଲିବ । ଆଇସିସି ଜଳ କମିଟିର ଅଧ୍ୟକ୍ଷ ଅଙ୍କୁର ପଟାନି ସ୍ୱାଗତ ଭାଷଣ ଦେଇ କହିଥିଲେ, ଆମ ଦେଶରେ ଜଳର ଗୁଣବତ୍ତା ଏବଂ ବୈଶିଷ୍ଟ୍ୟରେ ଉନ୍ନତି ଆଣିବାକୁ ଚେଷ୍ଟା କରିବୁ। ଏପରିକି ପାନୀୟ ଜଳ ସଞ୍ଚୟ କରିବା ପାଇଁ ଆମେ ଉପଯୁକ୍ତ ପଦକ୍ଷେପ ନେବା ଉଚିତ। ବିଭିନ୍ନ ସରକାରୀ ଅଂଶଧନଧାରୀଙ୍କ ଦ୍ୱାରା ସକାରାତ୍ମକ ନୀତିଗତ ହସ୍ତକ୍ଷେପ ତଥା ଘରୋଇ କ୍ଷେତ୍ରର ସକ୍ରିୟ ଅବଦାନ ସହିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଦେଶ ତଥା ଓଡ଼ିଶା ରାଜ୍ୟରେ ପାନୀୟ ଜଳର ଉପଲବ୍ଧତା ବୃଦ୍ଧି ପାଇଁ ଭଲ ଅଗ୍ରଗତି ବିଷୟରେ ସେ ଉଲ୍ଲେଖ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଆମ ଅନୁଭୂତିରୁ ଶିଖିବା ଏବଂ ସରକାରୀ ଏବଂ ବେସରକାରୀ କ୍ଷେତ୍ର ମଧ୍ୟରେ ସହଯୋଗ ବୃଦ୍ଧି ସହିତ ଭବିଷ୍ୟତର କାର୍ଯ୍ୟକାରିତାକୁ ଆହୁରି ଉନ୍ନତ କରିବା ଆବଶ୍ୟକ ରହିଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଯୋଗଦେଇ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆଇସିସିକୁ ଧନ୍ୟବାଦ ଜଣାଇବା ସହ ପ୍ରତ୍ୟେକ ଦ୍ୱାର ପାହାଚରେ ଜଳର ସର୍ବୋତ୍ତମ ଗୁଣ କିପରି ପହଞ୍ଚିବ ସେ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଥିଲେ, ବିଶେଷ ଭାବେ ପାନୀୟ ଜଳର ଚାପ ଦେଶ କିମ୍ବା ରାଜ୍ୟର ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଉପରେ କିପରି ପ୍ରଭାବ ପକାଇଥାଏ ସେ ବିଷୟରେ ସେ ବିସ୍ତୃତ ଆଲୋକପାତ କରିଥିଲେ। ୱାଟ୍‌କୋର ସିଇଓ ଇଂ. ପ୍ରଦୀପ୍ତ କୁମାର ସ୍ୱାଇଁ କହିଥିଲେ, ଜଳ ସଂରକ୍ଷଣ ସ୍ଲୋଗାନ କେବଳ ସ୍ଲୋଗାନରେ ରହିଯାଇଛି। ଆଇସିସି ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି .ପାଣି ଏହି ଅବସରରେ ସମ୍ମିଳନୀରେ ଉପସ୍ଥିତ ଥିବା ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଏମ୍ଏସ୍ଏମ୍ଇ ପାଇଁ 'ବିକଳ୍ପ ପାଣ୍ଠି ଉତ୍ସ' ସମ୍ପର୍କିତ ଜାତୀୟ କର୍ମଶାଳା

ଭୁବନେଶ୍ୱର,୨।୧୧ (ଅନୁରାଧା ମହାରଣା)




ଓଡ଼ିଶାର ଏମ୍ଏସ୍ଏମ୍ଇଗୁଡ଼ିକର ଲାଭ ପାଇଁ 'ବିକଳ୍ପ ପାଣ୍ଠି ଉତ୍ସ' ସମେତ ଏମ୍ଏସ୍ଏମ୍ଇଗୁଡ଼ିକର ଋଣ ସୁବିଧା ଉପରେ ଗୁରୁବାର ଭୁବନେଶ୍ୱରଠାରେ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଲ୍ଏଚ୍ଓ ଭୁବନେଶ୍ୱରର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦର ଶେଖର ଶର୍ମା ଏବଂ ଫୋରମ୍ ଫର୍ ଏଣ୍ଟରପ୍ରାଇଜ୍ ଡେଭଲପମେଣ୍ଟ, ଭୁବନେଶ୍ୱରର ସଭାପତି ପଞ୍ଚାନନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଇଇଡିଏସ୍‌ର ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଏହି କର୍ମଶାଳାରେ ଯୋଗଦେଇଥିବା ଉଦ୍ୟୋଗୀମାନଙ୍କୁ ଋଣ ସୁବିଧା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଏମ୍ଏସ୍ଏମ୍ଇ ଡିଏଫ୍ଓ କଟକର ଉପନିର୍ଦ୍ଦେଶକ ନୀତୀଶା ମାନ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏମ୍ଏସ୍ଏମ୍ଇ ଡିଏଫ୍ଓ କଟକର ସହକାରୀ ନିର୍ଦ୍ଦେଶକ ଡ. ଏସ୍ .ଏନ୍. ନାୟକ୍ ଧନ୍ୟବାଦ ଅର୍ପଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୪୦ରୁ ଊର୍ଦ୍ଧ୍ୱ ଏମ୍ଏସ୍ଏମ୍ଇ ଉଦ୍ୟୋଗୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ବୈଷୟିକ ଅଧିବେଶନ, ପାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଉଦ୍ୟୋଗୀମାନେ କିପରି ସହଜରେ ଓ ସୁବିଧାରେ ବିଭିନ୍ନ କ୍ଷେତ୍ରରୁ ପାଣ୍ଠି ଯୋଗାଡ କରିପାରିବେ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏମ୍ଏସ୍ଏମ୍ଇ ଏକ୍ସଚେଞ୍ଜ, ଏନ୍‌ବିଏଫ୍‌ସି ଫଣ୍ଡିଂ ସମେତ ଇକ୍ୱିଟି ଫଣ୍ଡିଂ ବିଷୟକୁ ଦେବାଶିଷ ପାଣିଗ୍ରାହୀ ଉପସ୍ଥାପନ କରିଥିଲେ। ସିଜିଟିଏମ୍ଏସ୍ଇ ସମେତ ଏସ୍ଆଇଡିବିଆଇ ଦ୍ୱାରା କ୍ରେଡିଟ୍ ସୁବିଧା ପ୍ରଦାନ ବିଷୟରେ ଏସ୍ଆଇଡିବିଆଇର ଜିଜିଏମ୍ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଆଇଇ ଇଣ୍ଡିଆ ଆଞ୍ଚଳର ଅଧ୍ୟକ୍ଷ ମହାବୀର ପ୍ରତାପ ଶର୍ମା, ଏସ୍‌ବିଆଇର ସହକାରୀ ମହାପ୍ରବନ୍ଧକ କମଳ ଲୋଚନ ଷଡ଼ଙ୍ଗୀ, ବରିଷ୍ଠ ମିଶନ ଆସୋସିଏଟ୍ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଛନ୍ତି। ଅପରାହ୍ନ ବୈଷୟିକ ଅଧିବେଶନରେ ଏନ୍ଏସ୍ଆଇସିର ଭେଞ୍ଚର କ୍ୟାପିଟାଲ୍ ଫଣ୍ଡ ଲିମିଟେଡ୍‌ର ନିର୍ଦ୍ଦେଶକ ସରଭାନା କୁମାର ଅନନ୍ତନ ଏଚ୍‌ଡିଏଫ୍‌ସ ଜୋନାଲ ହେଡ୍ ଦୀପକ କୁମାର ସିଂହ ପ୍ରମୁଖ ଆଲୋଚନା କରିଥିଲେ। ଭୁବନେଶ୍ୱରର ଏନ୍ଏସ୍ଏସ୍ଏଚ୍‌ର ମୁଖ୍ୟ ପରିଚାଳକ ଶୁଭାଶିଷ୍ ଦାସ ମଧ୍ୟ ଯୋଗଦେଇଥିଲେ।



# ଶାମିଙ୍କ ନୂଆ ରେକର୍ଡ


ମହମ୍ମଦ ଶାମି

**ମୁମ୍ବାଇ,୨।୧୧**

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ଏକ ନୂଆ ରେକର୍ଡ ନିଜ ନାମରେ କରିଛନ୍ତି। ଗୁରୁବାର ଶ୍ରୀଲଙ୍କା ବିପକ୍ଷରେ ୫ ଉଇକେଟ ନେବା ସହିତ ସେ ଭାରତୀୟ ବୋଲରଙ୍କ ମଧ୍ୟରେ ବିଶ୍ୱକପରେ ସର୍ବାଧିକ ଉଇକେଟ ନେବାର ରେକର୍ଡ କରିଛନ୍ତି। ଜାଭାଗଲ ଶ୍ରୀନାଥ ଓ ଜାହିର ଖାନ୍ ସମାନ ୪୪ ଉଇକେଟ ନେଇଥିଲେ ମଧ୍ୟ ଶାମି ଏହି ମ୍ୟାଚ୍‌ରେ ତାଙ୍କୁ ଅତିକ୍ରମ କରିଛନ୍ତି। ଏହି ମ୍ୟାଚ୍ ପୂର୍ବରୁ ଜାହିର ଓ ଶ୍ରୀନାଥଙ୍କ ସମକକ୍ଷ ହେବା ପାଇଁ ଶାମିଙ୍କୁ ୪ ଉଇକେଟର ଆବଶ୍ୟକତା ରହିଥିଲା। ଜାହିର ୨୩ ମ୍ୟାଚ୍ ଖେଳି ଓ ଶ୍ରୀନାଥ ୩୪ ମ୍ୟାଚ୍ ଖେଳି ୪୪ ଉଇକେଟ ନେଇଥିବା ବେଳେ ଶାମି ମାତ୍ର ୧୪ ମ୍ୟାଚ୍‌ରେ ତାଙ୍କୁ ଅତିକ୍ରମ କରିଛନ୍ତି। ବିଶ୍ୱକପ ପୂର୍ବରୁ ଶାମି ୧୧ ମ୍ୟାଚ୍‌ରୁ ୩୧ ଉଇକେଟ ନେଇ ଅନୀଲ କୁମ୍ବଲେଙ୍କ ରେକର୍ଡର ସମକକ୍ଷ ହୋଇଥିଲେ। ପ୍ରଥମ ୪ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳି ନ ଥିବା ବେଳେ ଧର୍ମଶାଳାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏହି ମ୍ୟାଚ୍‌ରେ ୫ ଉଇକେଟ ନେଇଥିବା ବେଳ ପରବର୍ତ୍ତୀ ମ୍ୟାଚରେ ୪ ଉଇକେଟ ନେଇଥିଲେ। ମୁମ୍ବାଇରେ ଗୁରୁବାର ନିଜ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରିବା ସହିତ ଶାମି ଚତୁର୍ଥ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଏହା ସହ ଜାଭାଗଲ ଶ୍ରୀନାଥଙ୍କୁ ସେ ପଛରେ ପକାଇଛନ୍ତି। ଚଳିତ ବିଶ୍ୱକପର ତୃତୀୟ ମ୍ୟାଚରେ ଏହା ଶାମିଙ୍କ ଦ୍ୱିତୀୟ ୫ ଉଇକେଟ ସଫଳତା। ୩ ମ୍ୟାଚ୍‌ରୁ ୧୪ ଉଇକେଟ ନେଇ ଚଳିତ ବିଶ୍ୱକପର ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ମଧ୍ୟରେ ୬ ନମ୍ବର ସ୍ଥାନରେ ରହିଛନ୍ତି ଶାମି।


ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍ ଅବସରରେ ଉଲ୍ଲସିତ ଭାରତୀୟ ପ୍ରଶଂସକ।

# ଏକାନାରେ ଆଫଗାନିସ୍ତାନ ଫେଭରିଟ୍

**ଲକ୍ଷ୍ନୌ,୨।୧୧(ପି.ଟି.)**

ଲକ୍ଷ୍ନୌର ଏକାନା କ୍ରିକେଟ ଷ୍ଟାଡିୟମରେ ବିଶ୍ୱକପ୍‌ର ୩୪ତମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ଆଫଗାନିସ୍ତାନ ଓ ନେଦରଲାଣ୍ଡ୍ସ। ଏକାନାର ସ୍ଲୋ ଉଇକେଟରେ ଆଫଗାନିସ୍ତାନକୁ ଏହି ମ୍ୟାଚ୍ ପାଇଁ ଫେଭରିଟ୍ ବିବେଚନା କରାଯାଉଛି। ଟୁର୍ନାମେଣ୍ଟର ଡାର୍କ ହର୍ସ ରହିଥିବା ଆଫଗାନିସ୍ତାନ ଦୁଇଟି ବଡ ଦଳକୁ ପରାସ୍ତ କରି ସାରିଥିବା ବେଳେ ସେମିଫାଇନାଲ ସମ୍ଭାବନା ଉନ୍ମୁକ୍ତ ରଖିଛି। ଏହି ମ୍ୟାଚକୁ ବଡ ବ୍ୟବଧାନରେ ଜିତିବା ସହିତ ରନରେଟ୍‌ରେ ଉନ୍ନତି ଆଣିବାକୁ ଦଳ ପ୍ରୟାସ କରିବ। ଲକ୍ଷ୍ନୌର ପିଚ୍‌ରେ ସ୍ପିନରଙ୍କୁ ପ୍ରଚୁର ସହାୟତା ମିଳୁଥିବା ବେଳେ ଏହି ମ୍ୟାଚ୍‌ରେ ଆଫଗାନିସ୍ତାନ ୪ ସ୍ପିନରଙ୍କୁ ଖେଳାଇପାରେ। ଆଫଗାନିସ୍ତାନ ୬ ପଏଣ୍ଟ ହାସଲ କରିଥିବା ବେଳେ ଏହି ମ୍ୟାଚ୍ ଜିତିଲେ ଦଳ ୮ ପଏଣ୍ଟ ହେବ। ତେବେ ଦଳ କେବଳ ଦୁଇ ପଏଣ୍ଟ ନୁହେଁ ବରଂ ନେଟ୍ ରନ୍ ରେଟ୍‌ରେ ଅଭିବୃଦ୍ଧି ଆଣିବା ସହିତ ସେମିଫାଇନାଲ ଦୌଡରେ ଆଗୁଆ ହେବାକୁ ପ୍ରୟାସ କରିବ।

ଏହି ଟୁର୍ନାମେଣ୍ଟ ପୂର୍ବରୁ ଆଫଗାନିସ୍ତାନର ବୋଲିଂକୁ ଶକ୍ତିଶାଳୀ ବୋଲି ବିବେଚନା କରାଯାଉଥିଲା। ତେବେ ଏହି ଟୁର୍ନାମେଣ୍ଟରେ ଦଳର ବ୍ୟାଟିଂ ସମସ୍ତଙ୍କୁ ପ୍ରଭାବିତ କରିଛି। ପାକିସ୍ତାନ ଓ ଶ୍ରୀଲଙ୍କା ବିପକ୍ଷରେ ଦଳ ସଫଳତାର ସହ ରନ୍ ଚେଜ୍ କରିଥିଲା। ଏହାର ପରବର୍ତ୍ତୀ ଦୁଇ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରି ଶକ୍ତିଶାଳୀ ଦଳ ସହିତ ରହିଛି। ଏହି ମ୍ୟାଚ୍ ଦୁଇଟିରେ ପ୍ରଦର୍ଶନ ଆଧାରରେ ଦଳର ସେମିଫାଇନାଲ ପ୍ରବେଶ ନିଷ୍ପତ୍ତି ଚୂଡାନ୍ତ ହେବ। ଅନ୍ୟପକ୍ଷରେ ଅରେଞ୍ଜ ଆର୍ମି ନେଦରଲାଣ୍ଡ୍ସ ମଧ୍ୟ ଟୁର୍ନାମେଣ୍ଟରେ ଦୁଇଟି ବିପର୍ଯ୍ୟୟ ଘଟାଇ ସାରିଛି। ଦଳ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ବେଳେ ପଏଣ୍ଟ ଟେବୁଲର ଅଷ୍ଟମ ସ୍ଥାନରେ ରହିଛି। ପାକିସ୍ତାନ ଓ ଆଫଗାନିସ୍ତାନ ଯଥାକ୍ରମେ ପଏଣ୍ଟ ଟେବୁଲର ଷଷ୍ଠ ସ୍ଥାନରେ ରହିଛନ୍ତି। ଦଳ ପକ୍ଷରୁ କୌଣସି ବ୍ୟାଟର ଶତକ ହାସଲ କରି ନ ଥିଲେ ହେଁ ହସମତୁଲ୍ଲା ଶାହିଦି (୨୨୬ ରନ୍), ଅଜମତଉଲ୍ଲା ଓମାରଜାଇ(୨୦୩ ରନ୍), ରହମାନୁଲ୍ଲା ଗୁରବାଜ(୨୨୪ ରନ୍), ରେହମତ ଶାହ(୨୧୨ ରନ୍), ଇବ୍ରାହିମ୍ ଜଦ୍ରାନ(୨୧୨ ରନ୍) ଓ ଇକ୍ରାମ ଅଖିଲ(୭୭ ରନ୍) ଉପଯୋଗୀ ଅବଦାନ ଦେଇଛନ୍ତି। ଏକାନା ଷ୍ଟାଡିୟମର ଧିମା ଟ୍ରାକ୍‌ରେ ଖେଳିବାର ଅଭିଜ୍ଞତା ରାଶିଦ୍ ଖାନ୍, ମୁଜିବ୍ ଓ ନୁର ଅହମ୍ମଦଙ୍କ ପରି ସ୍ପିନରଙ୍କ ନିକଟରେ ରହିଛି। ଅନ୍ୟପକ୍ଷରେ ଆଇପିଏଲ୍‌ରେ ଲକ୍ଷ୍ନୌ ପକ୍ଷରୁ ଖେଳୁଥିବା ନବୀନ ଉଲ୍ ହକଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ।

ଅପରପକ୍ଷରେ ନେଦରଲାଣ୍ଡ୍ସ ଅଧିନାୟକ ସ୍କଟ୍ ଏଡ୍‌ୱାର୍ଡ୍ସ ଏହାର ବ୍ୟାଟିଂର ମୁଖ୍ୟ ରହିଛନ୍ତି। ବାସ୍ ଡି ଲିଡ୍, କଲିନ୍ ଆକର୍‌ମାନ୍ ଓ ଭେଟେରାନ୍ ସିବ୍ରାଣ୍ଡ ଏନ୍‌ଗେଲବ୍ରେଚ୍‌ଙ୍କ ଉପରେ ବ୍ୟାଟିଂ ଭାର ନିର୍ଭର କରିବ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୭ | ୭ | ୦ | ୧୪ | +୨.୧୦୨ |
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୨୪ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୭ | ୨ | ୫ | ୪ | -୧.୧୬୨ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ମିଆଁଦାଦଙ୍କୁ ଚାପୁଡ଼ା ମାରିଥିଲେ ଲତିଫ୍

**ଇସଲାମାବାଦ,୨।୧୧(ପି.ଟି.)**

ପାକିସ୍ତାନ କ୍ରିକେଟରେ ବର୍ତ୍ତମାନ ଦେଖାଦେଇଛି ନୂଆ ବିବାଦ। ଭାଷ୍ୟକାର ଭାବରେ କାମ କରୁଥିବା ପୂର୍ବତନ କ୍ରିକେଟର ପରଭେଜ୍ ମୀରଙ୍କ ବୟାନକୁ ନେଇ ଦେଖାଦେଇଛି ଏହି ବିବାଦ। ପାକିସ୍ତାନ କ୍ରିକେଟ୍‌ର କିମ୍ବଦନ୍ତୀ ତଥା ବିବାଦର ପୋଷ୍ଟର ବୟ ଜାଭେଦ୍ ମିଆଁଦାଦ ଓ ରଶିଦ ଲତିଫ୍‌ଙ୍କୁ ନେଇ ଏହି ଘଟଣା ଘଟିଥିଲା। କମେଣ୍ଟ୍ରି କରୁଥିବା ସମୟରେ ମୀର କହିଥିଲେ ଯେ ୧୯୯୩ ମସିହାରେ ଡ୍ରେସିଂରୁମ୍‌ରେ କଥା କଟାକଟିକୁ ନେଇ ଜାଭେଦ୍ ମିଆଁଦାଦଙ୍କୁ ଉଇକେଟକିପର ଲତିଫ୍ ଚାପୁଡା ମାରିଥିଲେ। ୧୯୯୩ ମସିହାରେ ୱେଷ୍ଟଇଣ୍ଡିଜ୍ ଗସ୍ତ ସମୟରେ ଏହି ଘଟଣା ଘଟିଥିବା ନେଇ ମୀର୍ ସୂଚନା ଦେଇଥିଲେ। ପାକିସ୍ତାନ ପାଇଁ ୩ ଦିନିକିଆ ଖେଳିଥିବା ତଥା ୧୯୭୫ ବିଶ୍ୱକପ୍ ଦଳର ସଦସ୍ୟ କମେଣ୍ଟ୍ରି ସମୟରେ ଖେଳାଳିଙ୍କ ମଧ୍ୟରେ ଝଗଡାକୁ ନେଇ ହେଉଥିବା ଆଲୋଚନା ସମୟରେ ଏଭଳି କହିଥିଲେ। ଖେଳାଳିଙ୍କ ମଧ୍ୟରେ ସଦାବେଳେ ବିବାଦ ରହିଥାଏ। ୧୯୯୩ରେ ଆଣ୍ଟିଗୁଆ ଟେଷ୍ଟ ମ୍ୟାଚର ଡ୍ରେସିଂରୁମ୍ ଭିତରେ ଲତିଫ୍ ଓ ମିଆଁଦାଦଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ମିଆଁଦାଦ ଡ୍ରେସିଂରୁମ୍ ବାହାରେ ବସିଥିବା ବେଳେ ଲତିଫ୍ ତାଙ୍କୁ ଏକ ଚାପୁଡା ମାରିଥିଲେ। ତେବେ ଉଭୟ ଲତିଫ୍ ଓ ମିଆଁଦାଦ ଏହାକୁ ଅସ୍ୱୀକାର କରିଛନ୍ତି। ଦେଶ ଆଗରେ ମୀର ଏଭଳି ମିଥ୍ୟା କାହାଣୀ କହିଥିବାରୁ ମୁଁ ତାଙ୍କୁ ଏକ କୋର୍ଟ ନୋଟିସ ପଠେଇବି ବୋଲି କହିଛନ୍ତି ରଶିଦ ଲତିଫ୍। ଅନ୍ୟପକ୍ଷରେ ମିଆଁଦାଦ ଟୁଇଟ୍ କରି ଏହାକୁ ଅସ୍ୱୀକାର କରିଛନ୍ତି। ମିଆଁଦାଦ କହିଛନ୍ତି ଲତିଫ୍ ମୋର ସାନଭାଇ ଭଳି। ସେ ମୋତେ କେବେ ବି ଅସମ୍ମାନ କରିନାହାନ୍ତି।



ମୋରାଦାବାଦ ସ୍ଥିତ ଏକ ସ୍କୁଲରେ 'ୱାନ ଡେ ଫୋର୍ ଚିଲ୍‌ଡ୍ରେନ୍' ପାଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପୂର୍ବକ ମୁହଁକୁ ଚିତ୍ରିତ କରିଥିବା ପିଲାମାନେ। ଆଶା ଓ ସମର୍ଥନ ସହ ପ୍ରତ୍ୟେକ ଶିଶୁ ବଞ୍ଚିବାର ଅଧିକାର ବାର୍ତ୍ତାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ଶ୍ରୀଲଙ୍କା କ୍ରିକେଟ ସହିତ ଭାଗୀଦାରିରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ୟୁନିସେଫ୍ ନଭେମ୍ବର ୨ରେ 'ୱାନ ଡେ ଫୋର ଚିଲ୍‌ଡ୍ରେନ୍' ପାଳନ କରାଯାଇଛି।

# ଶ୍ରାବଣୀଙ୍କୁ ସ୍ୱର୍ଣ୍ଣ, ଅନିମେଶଙ୍କୁ ବ୍ରୋଞ୍ଜ

**ଜାତୀୟ କ୍ରୀଡ଼ା**

**ସ୍ୱସ୍ତି ସିଂଙ୍କୁ ଡବଲ୍ ପଦକ**

**ଭୁବନେଶ୍ୱର,୨।୧୧**
**(ସରୋଜ ଜେନା)**

ଗୋଆରେ ଅନୁଷ୍ଠିତ ୩୭ ତମ ଜାତୀୟ କ୍ରୀଡାରେ ଗୁରୁବାର ଓଡ଼ିଶାକୁ ଆଉ ଏକ ସ୍ୱର୍ଣ୍ଣିମ ସଫଳତା। ଗୁରୁବାର ଆଥଲେଟିକ୍ସରୁ ଓଡ଼ିଶା ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଛି। ୨୦୦ ମିଟର ମହିଳା ସ୍ପ୍ରିଣ୍ଟରେ ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁରୁଷ ବର୍ଗରେ ଅନିମେଶ କୁଜୁର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଆ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୧୦ କି.ମି. ସ୍କ୍ରାଚ୍ ରେସ୍‌ରେ ସ୍ୱସ୍ତି ଓ ବର୍ଷାରାଣୀ ବାରିକ ଏକ ବ୍ରୋଞ୍ଜ ପଦକ ହାତେଇଥିବା ବେଳେ ବ୍ୟକ୍ତିଗତ ପର୍ସୁଟ ଇଭେଣ୍ଟରେ ସ୍ୱସ୍ତି ଦ୍ୱିତୀୟ ବ୍ରୋଞ୍ଜ ହାସଲ କରିଥିଲେ। ଏହାକୁ ମିଶାଇ ୬ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୧୫ ବ୍ରୋଞ୍ଜ ସହିତ ଓଡ଼ିଶା ସମୁଦାୟ ୩୧ ପଦକ ହାସଲ କରିଛି। ଏହା ସହ ଆଥଲେଟିକ୍ସରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହିତ ସଡ଼ିଶା ୬ ପଦକ ହାସଲ କରିଛି।

ଗୁରୁବାର ଓଡ଼ିଶା ପୁରୁଷ ହକି ଦଳ ଏହାର ପ୍ରଥମ ବିଜୟ ରେକର୍ଡ କରିଛି। ଅଭିଷେକ ରାଣା(୨୮, ୫୫ ମିନିଟ)ଙ୍କ ଡବଲ୍ ଗୋଲ ଓ କ୍ରିଷ୍ଣା ପନୱାର(୨୩ ମିନିଟ) ଗୋଟିଏ ଗୋଲ୍ ଦେଇଥିବା ବେଳେ ଦଳ ୩-୨ରେ ଦିଲ୍ଲୀକୁ ପରାସ୍ତ କରିଛି।ଆସନ୍ତା ୪ ତାରିଖରେ ଓଡ଼ିଶା ପଶ୍ଚିମବଙ୍ଗଙ୍କୁ ଭେଟିବ। ୬୨ତମ ଜାତୀୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅନିମେଶ ମିଟ୍ ରେକର୍ଡ କରିଥିବା ବେଳେ ସେ ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ ପ୍ରତିଭା ବୋଲି ଓଡ଼ିଶା ରିଲାଏନ୍ସ ଆଥଲେଟିକ୍ସ ହାଇ ପର୍ଫମାନ୍ସ ମୁଖ୍ୟ କୋଚ୍ ମାର୍ଟିନ୍ ଓଏନ୍ସ କହିଛନ୍ତି। ସାଇକ୍ଲିଂ ଦଳର କୋଚ୍ ସମ୍ପ୍ରିତି ମହାନ୍ତି ଉଭୟ ସାଇକ୍ଲିଷ୍ଟଙ୍କ ପ୍ରଦର୍ଶନକୁ ନେଇ ଖୁସି ଜାହିର କରିଥିବା ବେଳେ ଆମେ ଅଳ୍ପକେ ସ୍ୱର୍ଣ୍ଣ ଓ ରୌପ୍ୟରୁ ବଞ୍ଚିତ ହେଲୁ ବୋଲି କହିଛନ୍ତି। ଏହା ସହ ଆଗାମୀ ଦିନରେ ଦଳ ସଫଳତା ହାସଲ କରିବା ନେଇ ସେ ଆଶାବାଦୀ ବୋଲି କହିଛନ୍ତି।


ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଗୁରୁବାର ଓଡ଼ିଶାର ପଦକ ବିଜୟୀ ଶ୍ରାବଣୀ ନନ୍ଦ, ସ୍ୱସ୍ତି ସିଂ ଓ ଅନିମେଶ କୁଜୁର।

# ଭାରତ ସେମିରେ କୋରିଆକୁ ଭେଟିବ

**ରାଞ୍ଚି, ୨।୧୧ (ପି.ଟି.):** ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକି ଟୁର୍ନାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ଗୁରୁବାର ଦଳ ଏହାର ଶେଷ ଲିଗ୍ ମ୍ୟାଚରେ ସାଲିମା ଟେଟେଙ୍କ ଡବଲ ଗୋଲ୍ ସହାୟତାରେ ଦକ୍ଷିଣ କୋରିଆକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି। ସାଲିମା ୬ଷ୍ଠ ଓ ୩୬ତମ ମିନିଟରେ ଗୋଲ୍ ସ୍କୋର କରିଥିଲେ। ନଭନିତ କୌର ପେନାଲଟି କର୍ନରରୁ ଏକ ଗୋଲ୍ ଦେଇଥିବା ବେଳେ ଭାରତ ତରଫରୁ ଅନ୍ୟ ଗୋଲ୍ ବନ୍ଦନା କାଟାରିୟା (୪୯ତମ) ଓ ନେହା (୬୦ତମ) ସ୍କୋର କରିଥିଲେ। ଲିଗ୍ ପର୍ଯ୍ୟାୟର ସମସ୍ତ ମ୍ୟାଚ ଜିତି ୧୫ ପଏଣ୍ଟ ସହ ଭାରତ ୬ଟି ଦଳକୁ ନେଇ ଟେବୁଲରେ ପ୍ରଥମ ସ୍ଥାନ ଅଧିକାର କରିଛି। ଶନିବାର ସେମିଫାଇନାଲରେ ଭାରତ ପୁଣି ଦକ୍ଷିଣ କୋରିଆକୁ ଭେଟିବ। ଦକ୍ଷିଣ କୋରିଆ ୭ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। ଟୁର୍ନାମେଣ୍ଟ ଫର୍ମାଟ ଅନୁସାରେ ରାଉଣ୍ଡ ରବିନ ଲିଗ୍ ପରେ ଟେବୁଲର ଶୀର୍ଷ ଦଳ ଚତୁର୍ଥ ସ୍ଥାନରେ ରହିଥିବା ଦଳ ସହ ଗୋଟିଏ ସେମିଫାଇନାଲ ଖେଳିବ। ଅନ୍ୟ ସେମିଫାଇନାଲ ମ୍ୟାଚରେ ଦ୍ୱିତୀୟ ଓ ତୃତୀୟ ଦଳ ପରସ୍ପରକୁ ଭେଟିବେ।

# ଓଡ଼ିଶା ଏଫ୍‌ସି ସପକ୍ଷରେ ରେକର୍ଡ


ଖବରଦାତା ସମ୍ମିଳନୀ ଅବସରରେ ସର୍ଗିଓ ଲୋବେରା ଓ ଅନିକେତ ଯାଦବ। (ଫଟୋ: ବିକାଶ ନାୟକ)

**ଇଣ୍ଡିଆନ୍ ସୁପର୍ ଲିଗ୍**

**ଭୁବନେଶ୍ୱର,୨।୧୧**
**(ସରୋଜ ଜେନା)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ବିପକ୍ଷରେ ଶୁକ୍ରବାର ମ୍ୟାଚ୍ ଖେଳିବ ଓଡ଼ିଶା ଏଫ୍‌ସି। ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ୍‌ରେ ଚମତ୍କାର ବିଜୟ ହାସଲ ପରେ ଏହି ମ୍ୟାଚ୍ ପାଇଁ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ନର୍ଥଇଷ୍ଟ ସହିତ ଓଏଫ୍‌ସି ୧୮ ଥର ମୁହାଁମୁହିଁ ହୋଇଥିବା ବେଳେ ୮ ବିଜୟ ସହିତ ଓଡ଼ିଶା ଆଗୁଆ ରହିଛି। ଏହା ସହ ନର୍ଥଇଷ୍ଟ ୫ ମ୍ୟାଚ୍ ଜିତିଥିବା ବେଳେ ୩ ମ୍ୟାଚ୍ ଅମୀମାଂସିତ ରହିଛି। ଏହା ସହିତ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବାରୁ ଓଏଫ୍‌ସି ଏହି ମ୍ୟାଚ୍ ଜିତିବା ସମ୍ଭାବନା ଅଧିକ। ଶେଷ ମ୍ୟାଚ୍‌ରେ ୦-୨ରେ ପଛୁଆ ସ୍ଥିତିରୁ ଆସି ଦଳ ଯେଉଁଭଳି ପ୍ରତ୍ୟାବର୍ତ୍ତନ କରିଥିଲା ତାହା ପ୍ରଶଂସନୀୟ। ଡିଫେଣ୍ଡର ମୋର୍ଟାଡା ଫଲ୍ ଆହତ ଥିବାରୁ କ୍ରମାଗତ ଦ୍ୱିତୀୟ ମ୍ୟାଚରେ ନରେନ୍ଦର ଗେହଲୋଟ ତାଙ୍କ ସ୍ଥାନରେ ଖେଳିବେ। ଏହା ସହିତ କଳିଙ୍ଗ ଷ୍ଟାଡିୟମରେ ଏହା ନର୍ଥଇଷ୍ଟ ବିପକ୍ଷରେ କେବେ ହାରିନଥିବା ବେଳେ ରେକର୍ଡ ଦଳ ସପକ୍ଷରେ ରହିଛି।

ନର୍ଥଇଷ୍ଟ ଚଳିତ ସିଜନର ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ୪ ମ୍ୟାଚରେ ଦୁଇଟି ଲେଖାଏ ମ୍ୟାଚ୍ ବିଜୟୀ ହୋଇଛି ଓ ଅମୀମାଂସିତ ରଖିବାରେ ସଫଳ ହୋଇଛି। ଚଳିତ ସିଜନରେ ଓଏଫ୍‌ସି ଏହାର ଘରୋଇ ମ୍ୟାଚ୍‌ରେ ପରାଜିତ ହୋଇ ନ ଥିବା ବେଳେ ଏହି ଧାରା ବଜାୟ ରଖିବାକୁ ଉଦ୍ୟମ କରିବ ବୋଲି କହିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା। ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିବା ଖେଳାଳି ଅନିକେତ ଯାଦବ ପୂର୍ବ ମ୍ୟାଚ୍ ଭଳି ଅଧିକ ସଂଖ୍ୟାରେ ଦର୍ଶକ ଯୋଗ ଦେବା ପାଇଁ ଅନୁରୋଧ କରିଥିଲେ।






# ବିଶ୍ୱକପରେ ଭାରତର ସର୍ବବୃହତ୍ ବିଜୟ



ଶ୍ରୀଲଙ୍କାର ପଥୁମ ନିଶଙ୍କାଙ୍କ ଉଇକେଟ ନେବା ପରେ ଭାରତର ଯଶପ୍ରୀତ୍ ବୁମ୍ରା।

ମୁମ୍ବାଇ, ୨।୧୧

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚରେ ଭାରତ ୩୦୨ ରନରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୩୫୭ ରନ କରିଥିବାବେଳେ ଶ୍ରୀଲଙ୍କା ୧୯.୪ ଓଭରରେ ୫୫ ରନକରି ଅଲ୍ଆଉଟ ହୋଇ ଯାଇଛି। ବିଶ୍ୱକପରେ ଭାରତର ଏହା ସର୍ବବୃହତ୍ ଏବଂ ଓଭରଅଲ୍ ଦ୍ୱିତୀୟ ସର୍ବବୃହତ୍ ବିଜୟ। ଚଳିତ ବିଶ୍ୱକପର ନୂଆଦିଲ୍ଲୀରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ୩୦୯ ରନରେ ନେଦରଲାଣ୍ଡ୍ସକୁ ହରାଇ ସର୍ବବୃହତ୍ ବିଜୟ ରେକର୍ଡର ଅଧିକାରୀ ରହିଛି। ଏହା ବ୍ୟତୀତ ଦିନିକିଆ କ୍ରିକେଟରେ ମଧ୍ୟ ଭାରତର ଏହା ଦ୍ୱିତୀୟ ସର୍ବବୃହତ୍ ବିଜୟ। ଚଳିତ ବର୍ଷ ପ୍ରାରମ୍ଭରେ ତ୍ରିଭେନ୍ଦ୍ରମଠାରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୩୧୭ ରନରେ ବିଜୟୀ ହୋଇଥିଲା। ଏହା ଦିନିକିଆରେ ଭାରତର ସର୍ବବୃହତ୍ ବିଜୟ। ୫୫ ରନ ବିଶ୍ୱକପରେ ଭାରତ ବିପକ୍ଷରେ ଶ୍ରୀଲଙ୍କାର ସର୍ବନିମ୍ନ ଏବଂ ଓଭରଅଲ୍ ଦିନିକିଆରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର। ଚଳିତ ବର୍ଷ ପ୍ରାରମ୍ଭରେ କଲମ୍ବୋରେ ଏହି ଦଳ ୫୦ ରନରେ ଅଲ୍ଆଉଟ ହୋଇଥିଲା। ଏହା ଏପର୍ଯ୍ୟନ୍ତ ଦିନିକିଆରେ ଏହା ଭାରତ ବିପକ୍ଷରେ ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର ହୋଇ ରହିଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ**

**ସ୍ଥାନ: ଲକ୍ଷ୍ନୌ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ବିନା ଶତକରେ ସର୍ବାଧିକ ଦଳଗତ ସ୍କୋର

(ଦିନିକିଆ ବିଶ୍ୱକପ୍)

୩୫୭/୮: ଭାରତ ବନାମ ଶ୍ରୀଲଙ୍କା, ମୁମ୍ବାଇ, ୨୦୨୩
୩୪୮/୮: ପାକିସ୍ତାନ ବନାମ ଇଂଲଣ୍ଡ, ନଟିଂହାମ, ୨୦୧୯
୩୪୧/୬: ଦକ୍ଷିଣ ଆଫ୍ରିକା ବନାମ ୟୁଏଇ, ୱେଲିଂଟନ, ୨୦୧୫
୩୩୯/୬: ପାକିସ୍ତାନ ବନାମ ୟୁଏଇ, ନାପିଏର, ୨୦୧୫

**ଶ୍ରୀଲଙ୍କା ବିପକ୍ଷରେ ଭାରତର ଶ୍ରେଷ୍ଠ ଭାଗୀଦାରି**

୩୧୮: ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି, ଟନ୍ଟନ୍, ୧୯୯୯
୧୮୯: ଲୋକେଶ ରାହୁଲ ଓ ରୋହିତ ଶର୍ମା, ଲିଡ୍ସ, ୨୦୧୯
୧୮୯: ବିରାଟ କୋହଲି ଓ ଶୁବମନ ଗିଲ୍, ୱାଙ୍ଖଡେ, ୨୦୨୩

**ଦିନିକିଆରେ ମହଙ୍ଗା ୫ ଉଇକେଟ ସଫଳତା**

୫/୮୫: ଆଦିଲ ରଶିଦ ବନାମ ୱେଷ୍ଟଇଣ୍ଡିଜ, ସେଣ୍ଟ ଜର୍ଜ, ୨୦୧୯
୫/୮୦: ଦିଲସାନ ମଦୁଶଙ୍କା ବନାମ ଭାରତ, ମୁମ୍ବାଇ, ୨୦୨୩
୫/୭୯: ୱାନିନ୍ଦୁ ହସରଙ୍ଗା ବନାମ ଆୟର୍ଲାଣ୍ଡ, ବୁଲାୱାୟୋ, ୨୦୨୩



ଗୋଟିଏ ଓଭରରେ ୨ଟି ଉଇକେଟ ନେବା ପରେ ଉଲ୍ଲସିତ ମହମ୍ମଦ ସିରାଜ।

## ଦିନିକିଆରେ ସର୍ବନିମ୍ନ ସ୍କୋର

➪ଜିମ୍ବାୱେ-୩୫, ବନାମ ଶ୍ରୀଲଙ୍କା(୨୦୦୪), ହରାରେ।
➪ଆମେରିକା-୩୫, ବନାମ ନେପାଳ(୨୦୨୦) କୀର୍ତ୍ତିପୁର।
➪କାନାଡା-୩୬, ବନାମ ଶ୍ରୀଲଙ୍କା(୨୦୦୩), ପାର୍ଲ।
➪ଜିମ୍ବାୱେ-୩୮, ବନାମ ଶ୍ରୀଲଙ୍କା(୨୦୦୧), କଲମ୍ବୋ।
➪ଶ୍ରୀଲଙ୍କା-୪୩, ବନାମ ଦକ୍ଷିଣ ଆଫ୍ରିକା(୨୦୧୨) ପାର୍ଲ।

## କମ୍ ଇନିଂସରେ ୨୦୦୦ ରନ

(ଦିନିକିଆରେ ଭାରତୀୟ)

୩୮: ଶୁବମନ ଗିଲ୍
୪୮: ଶିଖର ଧାୱନ
୪୯: ଶ୍ରେୟସ ଆୟର
୫୨: ନବଜୋତ ସିଂ ସିଦ୍ଧୁ
୫୨: ସୌରଭ ଗାଙ୍ଗୁଲି

## ସ୍କୋରବୋର୍ଡ

**ଭାରତ ଇନିଂସ**

ରୋହିତ-ବୋ-ମଦୁଶନକା-୪
ଗିଲ୍-କ-ମେଣ୍ଡିସ-ବୋ-ମଦୁଶନକା-୯୨
କୋହଲି-କ-ନିସାଙ୍କା-ବୋ-ମଦୁଶନକା-୮୮
ଶ୍ରେୟସ-କ-ଥିକ୍ସାନା-ବୋ-ମଦୁଶନକା-୮୨
କେ.ଏଲ୍ ରାହୁଲ-କ-ହେମନ୍ଥା-ବୋ-ଚାମିରା-୨୧
ସୂର୍ଯ୍ୟକୁମାର-କ-ମେଣ୍ଡିସ-ବୋ-ମଦୁଶାନକା-୧୨
ଜାଡେଜା-ରନଆଉଟ-୩୫
ଶାମି-ରନଆଉଟ-୨
ଯଶପ୍ରୀତ ବୁମ୍ରା-ନଟଆଉଟ-୧
ଅତିରିକ୍ତ-୨୦
**ମୋଟ** (୫୦ଓଭର/୮ ଉଇକେଟ) ୩୫୭।
**ଉଇକେଟ ପତନ:** ୧/୪, ୨/୧୯୩, ୩/୧୯୬, ୪/୨୫୬, ୫/୨୭୬, ୬/୩୩୩, ୭/୩୫୫, ୮/୩୫୭।

**ବୋଲିଂ (ଶ୍ରୀଲଙ୍କା)**

ଦିଲଶାନ ମଦୁଶନକା ୧୦-୦-୮୦-୫
ଦୁଷ୍ମନ୍ତ ଚାମିରା ୧୦-୨-୭୧-୧
କାସୁନ ରଜିଥା ୯-୦-୬୫-୦
ଆଞ୍ଜେଲୋ ମାଥ୍ୟୁସ ୩-୦-୧୧-୦
ମାହିଶ ଥିକ୍ସାନା ୧୦-୦-୬୭-୦
ଦୁଶାନ ହେମନ୍ଥା ୮-୦-୫୨-୦

**ଶ୍ରୀଲଙ୍କା ଇନିଂସ**

ପାଥୁମ ନିସାଙ୍କା-ଏଲବିଡବ୍ଲ୍ୟୁ-ବୁମ୍ରା-୦
ଦିମୁଥ କରୁଣାରତ୍ନେ-ଏଲବିଡବ୍ଲ୍ୟୁ ସିରାଜ-୦
କୁସାଲ ମେଣ୍ଡିସ-ବୋ-ସିରାଜ-୧
ସଦିରା ସମରବିକ୍ରମା-କ-ଶ୍ରେୟସ-ବୋ-ସିରଜ-୦
ଚାରିଥ ଆସାଲଙ୍କା-କ-ଜାଡେଜା-ବୋ-ଶାମି-୧
ଆଞ୍ଜେଲୋ ମାଥ୍ୟୁସ-ବୋ-ଶାମି-୧୨
ଦୁଶାନ ହେମନ୍ଥା-କ-ରାହୁଲ-ବୋ-ଶାମି-୦
ଦୁଷ୍ମନ୍ତ ଚାମିରା-କ-ରାହୁଲ-ବୋ-ଶାମି-୦
ମାହିଶ ଥିକ୍ଶାନା-ନଟଆଉଟ-୧୨
କାସୁନ ରଜିଥା-କ-ଗିଲ୍-ବୋ-ଶାମି-୧୪
ଦିଲଶାନ ମଦୁଶନକା-କ-ଶ୍ରେୟସ-ବୋ-ଜାଡେଜା-୫
ଅତିରିକ୍ତ-୧୦
ମୋଟ: (୧୯.୪ ଓଭର/ଅଲଆଉଟ) ୫୫।
ଉଇକେଟ ପତନ: ୧/୦, ୨/୨, ୩/୪, ୫/୧୪, ୬/୧୪, ୭/୨୨, ୮/୨୯, ୯/୪୯,୧୦/୫୫।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍ରା ୫-୧-୮-୧
ମହମ୍ମଦ ସିରାଜ ୭-୨-୧୬-୩
ମହମ୍ମଦ ଶାମି ୫-୧-୧୮-୫
କୁଲଦୀପ ଯାଦବ ୨-୦-୩-୦
ରବୀନ୍ଦ୍ର ଜାଡେଜା ୦.୪-୦-୪-୧

## ବିଶ୍ୱକପ୍‌ରେ ସର୍ବନିମ୍ନ ସ୍କୋର

➤କାନାଡା-୩୬, ବନାମ ଶ୍ରୀଲଙ୍କା(୨୦୦୩), ପାର୍ଲ।
➤କାନାଡା-୪୫, ବନାମ ଇଂଲଣ୍ଡ(୧୯୭୯), ମାଞ୍ଚେଷ୍ଟର।
➤ନାମିବ୍ୟା-୪୫,ବନାମଅଷ୍ଟ୍ରେଲିଆ(୨୦୦୩),ପୋଟଶେଫଷ୍ଟ୍ରୁମ୍।
➤ଶ୍ରୀଲଙ୍କା-୫୫, ବନାମ ଭାରତ(୨୦୨୩), ମୁମ୍ବାଇ।
➤ବାଂଲାଦେଶ-୫୮, ବନାମ ୱେଷ୍ଟଇଣ୍ଡିଜ(୨୦୧୧), ମୀରପୁର।







ମୁମ୍ବାଇର ୱାଙ୍ଖଡ଼େ ଷ୍ଟାଡିୟମରେ ଗୁରୁବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ଭାରତୀୟ ଇନିଂସର ୩ ମହାରଥୀ ବିରାଟ କୋହଲି, ଶୁବମନ ଗିଲ୍ ଓ ଶ୍ରେୟସ ଆୟର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୩/୨୦୨୩ Bhubaneswar, Friday, November 3/ 2023

# ସ୍ୱର୍ଣ୍ଣ ସହ ଓଡ଼ିଶା ଜିତିଲା ୫ ପଦକ


ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

**ପୂର୍ବାଞ୍ଚଳ ଶକ୍ତିଉତ୍ତୋଳନ ପ୍ରତିଯୋଗିତା**

ଭୁବନେଶ୍ୱର, ୨।୧୧
(ବିଜୟ ରଣା)

ବିହାରର ନାଳନ୍ଦାଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ବଡ଼ ସଫଳତା ହାସଲ କରିଛନ୍ତି। ସେମାନେ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ ୫ ପଦକ ହାସଲ କରିଛନ୍ତି। ଅକ୍ଟୋବର ୨୯ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଚାମ୍ପିୟନଶିପ୍‌ରେ ନଗ୍‌ମା ଆରା ବେଗମ ୮୪ କିଗ୍ରାରୁ ଅଧିକ ଶ୍ରେଣୀରେ ୩୭୭.୫ କିଗ୍ରା ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏହି ବିଭାଗରେ ଅନୀତା ବେହେରା ୩୬୨.୫ କିଗ୍ରା ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରାବଣୀ ଜେନା ୬୯ କିଗ୍ରା ମହିଳା ଶ୍ରେଣୀରେ ୩୦୯.୫ କିଗ୍ରା ଓଜନ ଉଠାଇ ଏକ ରୌପ୍ୟ ପଦକ ପାଇଛନ୍ତି। ଏହି ଶ୍ରେଣୀରେ ଶ୍ରଦ୍ଧାଞ୍ଜଳି ବେହେରା ୨୮୦ କିଗ୍ରା ଉତ୍ତୋଳନ କରି ବ୍ରୋଞ୍ଜ ଏବଂ ପୁରୁଷ ୬୬ କିଗ୍ରା ବିଭାଗରେ ସଙ୍କେତ ନାୟକ ୪୭୦ କେଜି ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶା ଦଳ ସହିତ ଦେବାଶିଷ ମହାନ୍ତି କୋଚ୍ ଭାବେ ଗସ୍ତ କରିଥିଲେ। ଓଡ଼ିଶା ଦଳର ଏହି ସଫଳତା ପାଇଁ ପଦକ ବିଜେତାମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ଡ. ହରି ପ୍ରସାଦ ପଟ୍ଟନାୟକ, ଚିତ୍ତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ପ୍ରଦୀପ ପାତ୍ର ଓ ସମରେନ୍ଦ୍ର ରାଉତରାୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ଖୋ ଖୋ ଦଳରେ କିସ୍‌ର ୭ ଖେଳାଳି

ଭୁବନେଶ୍ୱର, ୨।୧୧
(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ଖୋ ଖୋ ଇଭେଣ୍ଟ ପାଇଁ ମନୋନୀତ ଓଡ଼ିଶା ଦଳରେ କିସ୍‌ର ୭ ଖେଳାଳି ସାମିଲ ହୋଇଛନ୍ତି। ଏହା ମଧ୍ୟରେ ୪ ମହିଳା ଓ ୩ ପୁରୁଷ ଖେଳାଳି ସାମିଲ। ମହିଳା ଖେଳାଳିମାନେ ହେଲେ ଅର୍ଚ୍ଚନା ମାଝି, ଶୁଭଶ୍ରୀ ସିଂ, ମାଗାଇ ମାଝି ଓ କାଦମ୍ବିନୀ ମାଝି। ସେହିପରି ୩ ପୁରୁଷ ଖେଳାଳି ଅର୍ଜୁନ ସିଂ, ଅଜୟ ମାଣ୍ଡ୍ରା ଓ ପବନି ସବର ଓଡ଼ିଶା ଦଳ ସହ ଗୁରୁବାର ଗୋଆ ଯାତ୍ରା କରିଛନ୍ତି। କିଟ୍ ଓ କିସର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ଖୋଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୩୭ତମ ଜାତୀୟ କ୍ରୀଡ଼ା ଅକ୍ଟୋବର ୨୫ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ଚଳିତମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଶ୍ରଦ୍ଧାଞ୍ଜଳି ଓଡ଼ିଶା ଦଳର ମେଣ୍ଟର

**ଜାତୀୟ କ୍ରୀଡ଼ା ମହିଳା ଫୁଟ୍‌ବଲ**

**ଓଡ଼ିଶା-ବେଙ୍ଗଲ ସେମିଫାଇନାଲ ଆଜି**

ଭୁବନେଶ୍ୱର, ୨।୧୧
(ତପନ ସ୍ୱାଇଁ)

ନିଜ ପ୍ରଦର୍ଶନ ମାଧ୍ୟମରେ ହେଉ କିମ୍ବା ପ୍ରଶିକ୍ଷଣରେ ଓଡ଼ିଶା ଦଳକୁ ଅନେକ ବିଜୟ ସ୍ୱାଦ ଚଖାଇଥିବା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ଫୁଟବଲ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଆଉ ଏକ ଗୁରୁଦାୟିତ୍ୱ ମିଳିଛି। ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଫୁଟ୍‌ବଲ ଦଳ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଶ୍ରଦ୍ଧାଞ୍ଜଳିଙ୍କୁ ଦଳର ମେଣ୍ଟର ଏବଂ ପର୍ଯ୍ୟବେକ୍ଷକ ଦାୟିତ୍ୱ ଅର୍ପଣ କରାଯାଇଛି। ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ। ଶ୍ରଦ୍ଧାଞ୍ଜଳି ଗୁରୁବାର ଗୋଆରେ ପହଞ୍ଚି ଦଳୀୟ ମ୍ୟାନେଜମେଣ୍ଟ ସହ ଆଲୋଚନା କରିଛନ୍ତି ଏବଂ ଖେଳାଳିଙ୍କୁ ଆଗାମୀ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ ପାଇଁ ବିଭିନ୍ନ ରଣକୌଶଳ ବତାଇଛନ୍ତି। ଓଡ଼ିଶା ଓ ବେଙ୍ଗଲ ଏହା ପୂର୍ବରୁ ଜାତୀୟ ସ୍ତରରେ ବହୁବାର ପରସ୍ପରକୁ ଭେଟିଛନ୍ତି। ଖେଳାଳି ହେଉ କିମ୍ବା କୋଚ୍ ଭାବେ ଦୀର୍ଘ ୩୨ ବର୍ଷର କ୍ୟାରିୟର ମଧ୍ୟରେ ଶ୍ରଦ୍ଧାଞ୍ଜଳି ବେଙ୍ଗଲ ବିପକ୍ଷ ମ୍ୟାଚରେ ଅନେକ ଅଭିଜ୍ଞତା ରଖିଛନ୍ତି। ତେଣୁ ତାଙ୍କ ଉପସ୍ଥିତିରେ ଓଡ଼ିଶା ଦଳକୁ ଫାଇଦା ମିଳିପାରେ ବୋଲି ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ବିଶ୍ୱାସ ରଖିଛି। ଆଗାମୀ ମ୍ୟାଚ ପାଇଁ ଖେଳାଳିମାନେ ବହୁତ ଉତ୍ସାହିତ ଅଛନ୍ତି ଏବଂ ବେଙ୍ଗଲକୁ କଡ଼ା ଟକ୍କର ଦେବାକୁ ଓଡ଼ିଶା ପ୍ରସ୍ତୁତ ବୋଲି ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଶୁକ୍ରବାର ଓଡ଼ିଶା ବେଙ୍ଗଲ ମ୍ୟାଚ ପୂର୍ବାହ୍ନ ୯ଟାରେ ଖେଳାଯିବ। ଅପରାହ୍ନ ୪ଟାରେ ହରିୟାଣା ଓ ମଣିପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଅନୁଷ୍ଠିତ ହେବ।


ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

# ଜାତୀୟ କ୍ରୀଡ଼ା: ଜିଏଚ୍‌ପିସି ଜିମ୍ନାଷ୍ଟଙ୍କୁ ୨୦ ପଦକ

ଭୁବନେଶ୍ୱର,୨।୧୧
(ସରୋଜ ଜେନା)

ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡାରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପର୍ଫମାନ୍ସ ସେଣ୍ଟର (ଜିଏଚ୍‌ପିସି)ର ପ୍ରତିଯୋଗୀଙ୍କୁ ମିଳିଛି ଅଭୂତପୂର୍ବ ସଫଳତା। ଏଚ୍‌ପିସିର ୧୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଏହା ମଧ୍ୟମରୁ ୧୧ ଜଣ ଖେଳାଳି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୯ସ୍ୱର୍ଣ୍ଣ ପଦକ ସାମିଲ ଥିବା ବେଳେ ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ରହିଛି। ଜିଏଚ୍‌ପିସିର ଖେଳାଳିଙ୍କ ମଧ୍ୟରେ ପ୍ରଣତି ନାୟକ ଚମତ୍କାର ପ୍ରଦର୍ଶନ କରି ୫ ପଦକ ହାସଲ କରିଥିଲେ। ଏଥି ମଧ୍ୟରେ ୪ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଥିଲା। ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକରେ ତପନ ମହାନ୍ତି ଦୁଇଟି ଓ ମହମ୍ମଦ ଅନସ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଆର୍ଟିଷ୍ଟିକ୍ସ ଜିମ୍ନାଷ୍ଟିକ୍ସରେ ଓଡ଼ିଶା ୮ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା। ପ୍ରଣତିଙ୍କୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୩ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ରାଜ୍ୟ ପକ୍ଷରୁ ଖେଳୁଥିବା ଜିଏଚ୍‌ପିସି ଆଥଲେଟଙ୍କ ମଧ୍ୟରେ ଯୋଗେଶ୍ୱର ସିଂ ୪ ପଦକ ହାସଲ କରିଛନ୍ତି। ହରିୟାଣା ପକ୍ଷରୁ ଖେଳୁଥିବା ଯୋଗେଶ୍ୱର ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାତେଇଥିଲେ। ସର୍ଭିସେସ ପକ୍ଷରୁ ଖେଳୁଥିବା ସୈଫ ତାମ୍ବୋଲି ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ରାକେଶ ପାତ୍ର, ଗୌରବ କୁମାର ଓ ଅଭିଜିତ କୁମାର ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଟିମ୍ ଚାମ୍ପିୟନଶିପ୍ ବର୍ଗରେ ସୈଫ ତାମ୍ବୋଲି, ରାକେଶ ପାତ୍ର, ଗୌରବ କୁମାର,ଅଭିଜିତ କୁମାର ଓ ତପେଶ୍ୱରନାଥ ଦାସ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଉତ୍ତର ପ୍ରଦେଶର ପ୍ରତିନିଧିତ୍ୱ କରୁଥିବା କରିଷ୍ମା ଓ ତନୁ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା ଏହା ସଫଳତାକୁ ନେଇ ଖୁସି ଜାହିର କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଶ୍ୱ ସ୍ତରୀୟ ପ୍ରଶିକ୍ଷଣର ଏହା ଉଦାହରଣ ବୋଲି ସେ କହିଛନ୍ତି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ ମାନବ ସମ୍ବଳ ବିଭାଗର ଉପ ନିର୍ଦ୍ଦେଶକ କେଇଜି କୁବୋଟା ମଧ୍ୟ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ଏହା ଆଗାମୀ ଦିନରେ ଓଡ଼ିଶାକୁ ଜିମ୍ନାଷ୍ଟିକ୍ସର ହବ୍‌ରେ ପରିଣତ କରିବ ବୋଲି ସେ କହିଛନ୍ତି।

# ନ୍ୟୁଜିଲାଣ୍ଡ ଦଳରେ ଜେମିସନ ସାମିଲ

ନୂଆଦିଲ୍ଲୀ, ୨।୧୧ (ପି.ଟି.)

ଆଘାତଜନିତ ସମସ୍ୟାରେ ରହିଥିବା ନ୍ୟୁଜିଲାଣ୍ଡ ମ୍ୟାଟ ହେନ୍‌ରୀଙ୍କ ସ୍ଥାନରେ ଫାଷ୍ଟ ବୋଲର କାଇଲ ଜେମିସନଙ୍କୁ ଦଳରେ ସାମିଲ କରିଛି। ଆଘାତପ୍ରାପ୍ତ ଥିବା ହେନ୍‌ରୀ ଶନିବାର ପାକିସ୍ତାନ ବିପକ୍ଷରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଉପଲବ୍ଧ ହେବେ କି ନା ସେ ନେଇ ସନ୍ଦେହ ରହିଛି। ୬.୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଜେମିସନ ଗୁରୁବାର ବେଙ୍ଗାଲୁରୁରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡର ଦୁଇ ପେସ୍ ବୋଲରଙ୍କ ସମେତ ୫ଜଣ ଖେଳାଳି ଆଘାତଜନିତ ସମସ୍ୟାରେ ରହିଛନ୍ତି। ନିୟମିତ ଅଧିନାୟକ କେନ୍ ୱିଲିୟମସନଙ୍କ ବୃଦ୍ଧାଙ୍ଗୁଳିରେ ସମସ୍ୟା ରହିଥିବା ବେଳେ ଲୋକି ଫର୍ଗୁସନଙ୍କ ପାଦରେ ଏବଂ ମାର୍କ ଚାପମ୍ୟାନଙ୍କ ପେଣ୍ଡାରେ ଆଘାତ ଲାଗିଛି। ବୁଧବାର ଇଞ୍ଜୁରି ତାଲିକାରେ ହେନ୍‌ରୀ ଓ ଜେମ୍ସ ନିଶାମ ଯୋଗ ଦେଇଛନ୍ତି। ହେନ୍‌ରୀଙ୍କ ଡାହାଣ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ହୋଇଛି। ତାଙ୍କର ସ୍କାନ ଟେଷ୍ଟ ଫଳାଫଳକୁ ଅପେକ୍ଷା କରାଯାଇଛି।



TANISHQ
presents
Dharohar
Modern Heirlooms
ଏହି ଦୀପାବଳିରେ, ଆସନ୍ତୁ, ଆଉ ଉତ୍‌ଫୁଲ୍ଲିତ ହୁଅନ୍ତୁ ଆଭାମୟ ବଂଶଗତ ସମ୍ପଦଙ୍କ ଯୋଗେ, ଯାହା ପ୍ରସ୍ତୁତ ହୋଇଛି ଖାସ୍ ଆପଣଙ୍କ ଲାଗି – ଉତ୍ତରାଧିକାରରେ ପ୍ରାପ୍ତର ତତ୍ତ୍ୱାବଧାରକ ଯେ ଆପଣ।

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟ ଉପରେ
ପାଆନ୍ତୁ 100%*
ଏକ୍ସଚେଞ୍ଜ ମୂଲ୍ୟ ଯେ କୌଣସି ଦୋକାନ ରୁ କିଣିଥିବା ନିଜର ପୁରୁଣା ସୁନା ଉପରେ
FLAT ₹4,000 INSTANT DISCOUNT# SBI card
#Min. Trxn.: ₹80,000. Valid on one transaction per card. Validity: 03 Nov - 12 Nov 2023. T&C Apply.
To locate your nearest store and know more on 6366920017. Buy online at tanishq.co.in or Download our App *Conditions apply, For T&C visit our website.
Showrooms at Jeypore: Ground Floor, S.R Central Mall, Ph: 06854-233227; Bhubaneswar: Master Canteen Square & Chandrashekharpur, Cuttack: Cantonment Road, Rourkela: Keshar Bhavan at Main Road, Brahmapur: City high School Road, Sambalpur: Buddharaja Road, Angul: Amalapada, Balasore: Vivekanand Marg, Jharsuguda: Beheremal Chowk, Puri: Grand Road, Jajpur Road: Chorda Road Bypass, Bargarh: Bhatli Chowk Road

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ